# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୦/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, October 10/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୩୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 316 | ମୂଲ୍ୟ ₹୭/-



DSPL - 275

ଓଡ଼ିଶା ସରକାର



ଆମ ଓଡ଼ିଶା
ନବୀନ ଓଡ଼ିଶା

କେନ୍ଦୁଝର ଜିଲ୍ଲା
୧୪୮ କୋଟି ୫୦ ଲକ୍ଷ ଟଙ୍କା
ବ୍ୟୟରେ
୩ ହଜାର ୫ ଶହ ୬୮ଟି
ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ

ଭଦ୍ରକ ଜିଲ୍ଲା
୧୦୯ କୋଟି ଟଙ୍କା
ବ୍ୟୟରେ
୩ ହଜାର ୩ ଶହ ୩୭ଟି
ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା
ଶୁଭାରମ୍ଭ
୧୦ ଅକ୍ଟୋବର ୨୦୨୩

ପ୍ରତି ଗାଁ ହେବ
ସଶକ୍ତ ଓଡ଼ିଶାର ପ୍ରତିଛବି

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ

OIPR-19001/13/0023/2324

**ସଂକ୍ଷେପରେ**

## ଆକ୍ରମଣରେ ୧୦ ନେପାଳୀ ଛାତ୍ର ନିହତ

**କାଠମାଣ୍ଡୁ,୯।୧୦:** ହମାସ୍‌ର ରକେଟ୍ ମାଡ଼ରେ ଇସ୍ରାଏଲ୍‌ରେ ଥିବା ୧୦ ଜଣ ନେପାଳୀ ଛାତ୍ର ନିହତ ହୋଇଥିବାବେଳେ ଅନ୍ୟ ୪ ଜଣ ଆହତ ହୋଇଛନ୍ତି। ଶନିବାରଠାରୁ ହମାସ୍ ବିଦ୍ରୋହୀ ଇସ୍ରାଏଲ୍ ଦକ୍ଷିଣ ଭାଗରେ ରକେଟ୍ ଆକ୍ରମଣ ଜାରି ରଖିଥିବାବେଳେ ଇତିମଧ୍ୟରେ ୭୦୦ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇବା ସହ ୧,୯୦୦ରୁ ଅଧିକ ଆହତ ହେଲେଣି। ଗାଜା ଷ୍ଟ୍ରିପ୍ ନିକଟବର୍ତ୍ତୀ କିବୁଜ୍ ଆଲୁମିମର ଏକ ଫାର୍ମରେ କାମ କରୁଥିବା ୧୭ ଜଣ ନେପାଳୀଙ୍କ ମଧ୍ୟରେ ୨ ଜଣ ନିରାପଦରେ ଖସିଆସିଥିବାବେଳେ ଜଣେ ନିଖୋଜ ଅଛନ୍ତି।

## ବାଣ କାରଖାନାରେ ନିଆଁଲାଗି ୯ ମୃତ

**ଆରିୟାଲୁର୍,୯।୧୦:** ତାମିଲନାଡୁର ଆରିୟାଲୁର ଜିଲା ଅନ୍ତର୍ଗତ ଭିରାଗାଲୁର ଗ୍ରାମରେ ଥିବା ଏକ ବାଣ କାରଖାନାରେ ସୋମବାର ଅଗ୍ନିକାଣ୍ଡ ଘଟି ୯ ଜଣଙ୍କ ମୃତ୍ୟୁ ହୋଇଛି। ଅଗ୍ନିକାଣ୍ଡରେ ୫ ଜଣ ଆହତ ହୋଇ ଥାଞ୍ଜାଭୁର ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ମୃତକମାନଙ୍କ ପାଇଁ ଦୁଃଖ ପ୍ରକାଶ କରିବା ସହ ସେମାନଙ୍କ ପରିବାରକୁ ୩ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ସେହିପରି ଅଗ୍ନିକାଣ୍ଡରେ ଆହତମାନଙ୍କ ଲାଗି ୧ ଲକ୍ଷ ଟଙ୍କା ଲେଖାଏ ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ମୁଖ୍ୟମନ୍ତ୍ରୀ ତାଙ୍କର ୨ କ୍ୟାବିନେଟ ସହକର୍ମୀ ଏସ୍.ଏସ୍. ଶିବଶଙ୍କର ଏବଂ ସି.ଭି. ଗଣେଶନ୍‌ଙ୍କୁ ପଠାଇଛନ୍ତି।

## ଶାହରୁଖ୍‌ଙ୍କୁ ୱାଇ ପ୍ଲସ୍ ସୁରକ୍ଷା

**ମୁମ୍ବାଇ ,୯।୧୦:** ବଲିଉଡ୍ ସୁପରଷ୍ଟାର ଶାହରୁଖ୍ ଖାନ୍‌ଙ୍କ 'ପଠାନ୍' ଏବଂ 'ଜୱାନ' ଚଳଚ୍ଚିତ୍ର ସଫଳ ହେବା ପରେ ତାଙ୍କୁ ହତ୍ୟା ଧମକ ମିଳିଥିଲା। ଏନେଇ ଅଭିନେତା ଅଭିଯୋଗ କରିବା ପରେ ତାଙ୍କୁ ୱାଇ ପ୍ଲସ୍ ସୁରକ୍ଷା ଯୋଗାଇଦେବାକୁ ନିଷ୍ପତ୍ତି ହୋଇଛି। ମୁମ୍ବାଇ ପୋଲିସ ତାଙ୍କୁ ସୁରକ୍ଷା ଯୋଗାଇଦେବ।



୬ ଜଣ ସଶସ୍ତ୍ର ସୁରକ୍ଷା ଯବାନ ତାଙ୍କୁ ୨୪ ଘଣ୍ଟା ଜଗି ରହିବେ। ପୂର୍ବରୁ ଶାହରୁଖଙ୍କ ସୁରକ୍ଷାରେ ୨ ଜଣ ସୁରକ୍ଷା କର୍ମୀ ନିୟୋଜିତ ଥିଲେ। ଶାହରୁଖଙ୍କ ଦୁଇଟି ଚଳଚ୍ଚିତ୍ର କ୍ରମାଗତ ବ୍ଲକବଷ୍ଟର ହେବା ପରେ ତାଙ୍କୁ ହତ୍ୟା ଧମକ ମିଳିଥିବା ସମ୍ପର୍କରେ ସେ ମହାରାଷ୍ଟ୍ର ସରକାରଙ୍କୁ ଜଣାଇଥିଲେ। ଫଳରେ ସରକାର ତାଙ୍କୁ ସୁରକ୍ଷା ବଢ଼ାଇବାକୁ ନିଷ୍ପତ୍ତି ନେଇଥିଲେ। ସୂଚନାଯୋଗ୍ୟ, ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗରୁ ଧମକ ମିଳିବା ପରେ ଅଭିନେତା ସଲ୍‌ମାନ ଖାନ୍‌ଙ୍କୁ ଗତବର୍ଷଠାରୁ ୱାଇ ପ୍ଲସ୍ ସୁରକ୍ଷା ଯୋଗାଇ ଦିଆଯାଉଛି।

## ରାଜସ୍ଥାନ: ୭ ଏମ୍‌ପିଙ୍କୁ ପ୍ରାର୍ଥୀ କଲା ଭାଜପା

**ନୂଆଦିଲ୍ଲୀ, ୯।୧୦:** ରାଜସ୍ଥାନ ବିଧାନସଭା ନିର୍ବାଚନ ପାଇଁ ନିର୍ବାଚନ କମିଶନ ସୋମବାର ତାରିଖ ଘୋଷଣା କରିଥିବାବେଳେ ଭାଜପା ପକ୍ଷରୁ ପ୍ରଥମ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ପ୍ରଥମ ପର୍ଯ୍ୟାୟରେ ଗୈରିକ ଦଳ ୪୧ ଜଣଙ୍କୁ ଟିକେଟ ଦେଇଥିବାବେଳେ ସେମାନଙ୍କ ମଧ୍ୟରେ ୭ ଏମ୍‌ପି ଅଛନ୍ତି। ଗତ ୧ ତାରିଖରେ ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଅଧ୍ୟକ୍ଷତାରେ ଦଳର କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ ବସି ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ ହୋଇଥିଲା। ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଭାଜପା ଏମ୍‌ପି ଥିବା ରାଜ୍ୟବର୍ଦ୍ଧନ ସିଂ ରାଠୋର ଏବଂ ଦିୟା କୁମାରୀଙ୍କୁ ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀ କରାଯାଇଛି। ସେହିପରି ବାବା ବାଲକନାଥ ତିଜାରା ଆସନରୁ ଲଢ଼ିବାକୁ ଥିବାବେଳେ କିରୋଡି ଲାଲ୍ ମୀନା ସାୱାଇ ମାଧୋପୁର ଆସନରୁ ଲଢ଼ିବେ।



ଇସ୍ରାଏଲ୍ ସେନାର ବୋମା ମାଡ଼ରେ ଗାଜା ଷ୍ଟ୍ରିପ୍‌ର ଏକ ଅଞ୍ଚଳ ଧ୍ୱଂସସ୍ତୂପରେ ପରିଣତ ହୋଇଛି।

# ଗାଜାକୁ ସମ୍ପୂର୍ଣ୍ଣ ଅବରୋଧ କରିବ ଇସ୍ରାଏଲ୍

## ଆକ୍ରମଣରେ ଗଲାଣି ୧,୨୦୦ ଜୀବନ

**ଜେରୁଜେଲମ୍,୯।୧୦**

ପାଲେଷ୍ଟାଇନ୍‌ର ହମାସ୍ ବିଦ୍ରୋହୀ ଏବଂ ଇସ୍ରାଏଲ୍ ସେନା ମଧ୍ୟରେ ସୋମବାର ତୃତୀୟ ଦିନ ପାଇଁ ଘମାଘୋଟ ଲଢ଼େଇ ଲାଗିରହିଥିବାବେଳେ ଗାଜା ଷ୍ଟ୍ରିପ୍‌କୁ ସମ୍ପୂର୍ଣ୍ଣ ଅବରୋଧ କରିବା ଲାଗି ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ୟୋଆଭ୍ ଗାଲାଣ୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨୩ ଲକ୍ଷ ଲୋକ ବସବାସ କରୁଥିବା ଉକ୍ତ ଅଞ୍ଚଳକୁ ବିଦ୍ୟୁତ୍, ପାଣି, ଖାଦ୍ୟ ଓ ଗ୍ୟାସ୍ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଗାଲାଣ୍ଟ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି। ପାଲେଷ୍ଟାଇନ୍‌ର ଉକ୍ତ ଅଞ୍ଚଳରେ ଇସ୍ରାଏଲ୍ ସେନା ଆକାଶ ମାର୍ଗରୁ ବୋମା ମାଡ଼ ଜାରି ରଖିଛି।

ହମାସ୍ ଆତଙ୍କବାଦୀମାନେ ଶନିବାର ସୀମା ଅତିକ୍ରମ କରି ଦକ୍ଷିଣ ଇସ୍ରାଏଲ୍ ଉପରେ ରକେଟ ମାଡ଼ କରିବା ସହ ଆକ୍ରମଣ ଚଳାଇଥିବାବେଳେ ଏହାର ଜବାବରେ ଇଜିପ୍ଟ ଯୁଦ୍ଧ ଘୋଷଣା କରିଥିଲା। ଇତିମଧ୍ୟରେ ଉଭୟ ପକ୍ଷରୁ ପାଖାପାଖି ୧,୨୦୦ ଲୋକ ପ୍ରାଣ ହରାଇଲେଣି। ହମାସ୍ ଆକ୍ରମଣରେ ୪୪ ସୈନ୍ୟଙ୍କ ସମେତ ୭୦୦ରୁ ଊର୍ଦ୍ଧ୍ୱ ଇସ୍ରାଏଲୀ ପ୍ରାଣ ହରାଇଥିବାବେଳେ ଗାଜା ଷ୍ଟ୍ରିପ୍ ଉପରେ ଇସ୍ରାଏଲ୍ ସେନାର ଜବାବୀ ଆକ୍ରମଣରେ ୪୯୩ରୁ ଅଧିକ ନିହତ ହେଲେଣି। ହମାସ୍‌ର ବନ୍ଧୁକଧାରୀମାନେ କିବୁଜ୍ ରେଇମ୍ ନିକଟରେ ଚାଲିଥିବା ଏକ ସଙ୍ଗୀତ ଉତ୍ସବରେ ପ୍ରବେଶ କରି ଆକ୍ରମଣ କରିବାରୁ ୨୫୦ ଲୋକଙ୍କ ମୃତ୍ୟୁ ଘଟିଛି। ହମାସ୍ ପକ୍ଷରୁ ରକେଟ ମାଡ଼ ଜାରି ରହିଥିବାବେଳେ ସେମାନେ ଅନ୍ୟୂନ ୧୦୦ ଜଣଙ୍କୁ ବନ୍ଦୀକରି ରଖିଛନ୍ତି। ଗାଜାକୁ ଅବରୋଧ ପାଇଁ ଇସ୍ରାଏଲ୍ ଏହାର ସେନାକୁ ନିର୍ଦ୍ଦେଶ ଦେଇଥିବାରୁ ସେଠାକୁ ବାହାରୁ କୌଣସି ଅତ୍ୟାବଶ୍ୟକ ସାମଗ୍ରୀ ଆସିପାରିବ ନାହିଁ। ସେଠାରୁ ବାହାରକୁ ମଧ୍ୟ କେହି ଯାଇପାରିବେ ନାହିଁ। ଜାହାଜ ଓ ବିମାନ ଚଳାଚଳଠାରୁ ଆରମ୍ଭ କରି ସମସ୍ତ ରାସ୍ତାଘାଟକୁ ବନ୍ଦ କରିଦିଆଯିବ।

ଗାଜାରୁ ହମାସ୍ ଆତଙ୍କବାଦୀମାନେ ଅତର୍କିତ ଆକ୍ରମଣ କରି ଇସ୍ରାଏଲ୍ ଦକ୍ଷିଣ ଭାଗର କେତେକ ଅଞ୍ଚଳ ଦଖଲ କରିଥିବାବେଳେ ଇସ୍ରାଏଲୀ ସେନା ଉକ୍ତ ଅଞ୍ଚଳଗୁଡ଼ିକୁ ପୁଣିଥରେ ନିଜ ନିୟନ୍ତ୍ରଣକୁ ନେଇଥିବା ସୋମବାର ଦାବି କରିଛି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ହମାସ୍ ଆତଙ୍କବାଦୀ ସଂଗଠନ ବିରୋଧରେ ଯୁଦ୍ଧ ଘୋଷଣା କରିଥିବାବେଳେ ସେମାନଙ୍କ ଆଡ୍ଡାସ୍ଥଳକୁ ସମ୍ପୂର୍ଣ୍ଣ ଧୂଳିସାତ୍ କରିଦେବାକୁ ସଂକଳ୍ପ କରିଛନ୍ତି।

## ଯୁଦ୍ଧଜାହାଜ ପଠାଇଲା ଆମେରିକା



**ୱାଶିଂଟନ,୯।୧୦**

ଇସ୍ରାଏଲ୍ ଉପରେ ହମାସ୍ ଆକ୍ରମଣ ପରେ ଆମେରିକା ପୂର୍ବ ଭୂମଧ୍ୟସାଗର ଅଞ୍ଚଳକୁ ବିମାନବାହୀ ଯୁଦ୍ଧଜାହାଜ ସାଙ୍ଗକୁ ଜାହାଜ ଓ ଜେଟ୍ ପଠାଇଛି। ଏଥିସହିତ ଇସ୍ରାଏଲ୍‌କୁ ଅଧିକ ଯୁଦ୍ଧ ଉପକରଣ ଓ ଗୁଳିଗୋଳା ଯୋଗାଇଦେବ ବୋଲି ଆମେରିକା କହିଛି। ହମାସ୍ ଆକ୍ରମଣରେ ପ୍ରାଣ ହରାଇଥିବା ଲୋକଙ୍କ ମଧ୍ୟରେ କେତେଜଣ ଆମେରିକା ନାଗରିକ ରହିଥିବା ଏହାର ଜାତୀୟ ସୁରକ୍ଷା ମୁଖପାତ୍ର କହିଛନ୍ତି। ଭୂମଧ୍ୟ ସାଗରୀୟ ଅଞ୍ଚଳକୁ ୟୁଏସ୍ଏସ୍ ଗେରାଲ୍ଡ ଆର୍. ଫୋର୍ଡ ବିମାନବାହୀ ଯୁଦ୍ଧଜାହାଜ ସାଙ୍ଗକୁ ଏକ ମିଶାଇଲ୍ କ୍ରୁଇଜର ଏବଂ ୪ଟି ମିଶାଇଲ୍ ଡେଷ୍ଟ୍ରୟର ପଠାଯାଇଥିବା ଆମେରିକା ପ୍ରତିରକ୍ଷା ସଚିବ ଲୟଡ୍ ଅଷ୍ଟିନ୍ କହିଛନ୍ତି। ଇସ୍ରାଏଲର ଶତ୍ରୁମାନେ ଯେପରି ବର୍ତ୍ତମାନର ସ୍ଥିତିରୁ ଫାଇଦା ଉଠାଇ ନ ପାରିବେ, ସେ ଦିଗରେ ଆମେରିକା କାର୍ଯ୍ୟ କରୁଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ବିଶେଷ କରି ଲେବାନନ୍‌ର ଶକ୍ତିଶାଳୀ ହେଜବୋଲ୍ଲା ଯେପରି ଆକ୍ରମଣରେ ସାମିଲ ନ ହୁଏ, ତାହାକୁ ରୋକିବା ପାଇଁ ଆମେରିକା ଆଗ୍ରହ ପ୍ରକାଶ କରିଛି। ଅନ୍ୟପକ୍ଷେ ହମାସ ଆକ୍ରମଣକୁ ଇରାନ ସମର୍ଥନ କରିବା ସହ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଉଥିବା ଜଣାପଡ଼ିଛି।

## ଯୁଦ୍ଧ ଭାରତ ପାଇଁ ଶକ୍ତି ସମସ୍ୟା ସୃଷ୍ଟି କରିବ ନାହିଁ

**ନୂଆଦିଲ୍ଲୀ,୯।୧୦**

ଇସ୍ରାଏଲ୍ ଏବଂ ପାଲେଷ୍ଟାଇନ୍ ମଧ୍ୟରେ ଯୁଦ୍ଧ ଭାରତ ପାଇଁ ଶକ୍ତିକ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବ ନାହିଁ ବୋଲି ସୋମବାର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ୍ ସିଂ ପୁରି କହିଛନ୍ତି। ଏଭଳି ସ୍ଥିତି ଦେଶଗୁଡ଼ିକୁ ସ୍ୱଚ୍ଛ ଇନ୍ଧନ ଆପଣାଇବା ପାଇଁ ପ୍ରୋତ୍ସାହିତ କରିବ ବୋଲି ସେ ମତ ଦେଇଛନ୍ତି। ଯେଉଁଠାରେ ଯୁଦ୍ଧ ହେଉଛି, ତାହା ବିଶ୍ୱ ଶକ୍ତିର କେନ୍ଦ୍ର। ଆମେ ଏହା ଉପରେ ତୀକ୍ଷ୍ଣ ନଜର ରଖିଛୁ। ତେବେ ଏହି ସଙ୍କଟକୁ ଆମେ ଅତିକ୍ରମ କରିଯିବୁ ବୋଲି ପେଟ୍ରୋଲିୟମ ମନ୍ତ୍ରୀ କହିଛନ୍ତି। ତେବେ ଯୁଦ୍ଧ ଅଧିକ ଦିନ ଲାଗିରହିଲେ, ଇନ୍ଧନ ଯୋଗାଣ ବାଧାପ୍ରାପ୍ତ ହେବ ବୋଲି ଶିଳ୍ପ ସଂସ୍ଥାଗୁଡ଼ିକ ଆଶଙ୍କା ବ୍ୟକ୍ତ କରିଛନ୍ତି। ଇସ୍ରାଏଲ୍ ଏବଂ ପାଲେଷ୍ଟାଇନ୍ ତୈଳ ଉତ୍ପାଦନକାରୀ ଅଞ୍ଚଳ ହୋଇ ନ ଥିଲେ ମଧ୍ୟ ଯୁଦ୍ଧର ଭୂରାଜନୈତିକ ପ୍ରଭାବ ତୈଳ ଉତ୍ପାଦନକାରୀ ଦେଶ ଉପରେ ପଡ଼ିବ ଏବଂ ତୈଳଦର ବୃଦ୍ଧି ପାଇବ ବୋଲି ଆଇସିଆର୍‌ଏର ଉପାଧ୍ୟକ୍ଷ ପ୍ରଶାନ୍ତ ବଶିଷ୍ଟ କହିଛନ୍ତି।

## ହମାସ୍ ଆକ୍ରମଣରେ କେରଳୀ ମହିଳା ଆହତ



ଶୀଜା ଆନନ୍ଦ

**କୋଟ୍ଟାୟାମ୍,୯।୧୦**

ଇସ୍ରାଏଲ୍‌ରେ କେୟାରଗିଭର ଭାବେ କାର୍ଯ୍ୟ କରୁଥିବା ଜଣେ କେରଳୀ ମହିଳା ହମାସ୍ ଆତଙ୍କବାଦୀଙ୍କ ଆକ୍ରମଣରେ ଆହତ ହୋଇଛନ୍ତି। ଶୀଜା ଆନନ୍ଦ ନାମ୍ନୀ ଏହି ମହିଳାଙ୍କ ଘର କନ୍ନୁର ଜିଲାର ପାୟାଭୁର୍ ଅଞ୍ଚଳରେ। ଇସ୍ରାଏଲ୍‌ର ଦକ୍ଷିଣ ଭାଗରେ ଥିବା ଉପକୂଳ ସହର ଆଶକେଲୋନ୍‌ରେ ଶନିବାର ହମାସ୍‌ର କ୍ଷେପଣାସ୍ତ୍ର ମାଡ଼ରେ ସେ ଆହତ ହୋଇଛନ୍ତି। ଶୀଜା ତାଙ୍କ ସ୍ୱାମୀଙ୍କ ସହ ଭିଡିଓ କଲ୍ କରୁଥିବାବେଳେ ମିସାଇଲ୍ ମାଡ଼ ହୋଇଥିଲା। ଇସ୍ରାଏଲ୍‌ରେ ଥିବା ଭାରତୀୟ ମିଶନ ତାଙ୍କ ପାଖରେ ପହଞ୍ଚି ସମସ୍ତ ସହାୟତା ଯୋଗାଇଦେବା ସହ କନ୍ନୁର ଜିଲାରେ ଥିବା ତାଙ୍କ ପରିବାର ସହ ଯୋଗାଯୋଗରେ ରହିଛନ୍ତି। ଶୀଜାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଦୂତାବାସ ପକ୍ଷରୁ କୁହାଯାଇଛି।



ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ତାଞ୍ଜାନିଆ ରାଷ୍ଟ୍ରପତି ସାମିଆ ସୁଲୁହୁ ହାସନ।

## ନୈନିତାଲରେ ଖାତକୁ ଖସିଲା ବସ୍: ୭ ମୃତ

**ନୈନିତାଲ,୯।୧୦**

ଉତ୍ତରାଖଣ୍ଡର ନୈନିତାଲ ଜିଲାରେ ଏକ ବସ୍ ଖାତକୁ ଖସିପଡ଼ି ୫ ମହିଳା ଓ ଜଣେ ଶିଶୁ ସମେତ ୭ ଜଣଙ୍କ ମୃତ୍ୟୁ ଘଟିଛି। ବସ୍‌ଟି ହରିୟାଣାରୁ ଆସିଥିଲା। ବସ୍‌ରୁ ୨୮ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିବା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍) ପକ୍ଷରୁ କୁହାଯାଇଛି। କାଲାଧୁଙ୍ଗି ରୋଡ୍‌ର ନାଲନିଠାରେ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଡ୍ରାଇଭର ଭାରସାମ୍ୟ ହରାଇବାରୁ ବସ୍‌ଟି ୨୦୦ ମିଟର ଗଭୀର ଖାତକୁ ଖସିପଡ଼ିଥିଲା।

## କଶ୍ମୀରରେ ଠିକ୍ ସମୟରେ ନିର୍ବାଚନ ହେବ: ଇସି

**ନୂଆଦିଲ୍ଲୀ/ଶ୍ରୀନଗର,୯।୧୦**

ସୁରକ୍ଷା ସ୍ଥିତିକୁ ଦୃଷ୍ଟିରେ ରଖି ଜମ୍ମୁ-କଶ୍ମୀରରେ ଠିକ୍ ସମୟରେ ନିର୍ବାଚନ କରାଯିବ ବୋଲି ସୋମବାର ନିର୍ବାଚନ କମିଶନ (ଇସି) କହିଛନ୍ତି। ୫ ରାଜ୍ୟ ବିଧାନସଭା ନିର୍ବାଚନ ଲାଗି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଖବରଦାତା ସମ୍ମିଳନୀରେ ତାରିଖ ଘୋଷଣା କରିବା ଅବସରରେ ଏହା ସ୍ପଷ୍ଟ କରିଛନ୍ତି। କମିଶନ ଯେତେବେଳେ ଅନୁଭବ କରିବେ କଶ୍ମୀରରେ ନିର୍ବାଚନ ପାଇଁ ସମୟ ଉପଯୁକ୍ତ, ସେତେବେଳେ ପଦକ୍ଷେପ ଗ୍ରହଣ କରାଯିବ। ନିର୍ବାଚନ ପୂର୍ବରୁ ବିଭିନ୍ନ ରାଜନୈତିକ ଦଳ ଭୋଟରମାନଙ୍କୁ ଆକୃଷ୍ଟ କରିବା ଲାଗି ମାଗଣା ସୁବିଧା ଓ ସହାୟତା ଘୋଷଣା କରୁଥିବାରୁ ମୁଖ୍ୟ ନିର୍ବାଚନ କମିଶନର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ମାଗଣା ସୁବିଧା କେଉଁଠୁ ଆସୁଛି, ତାହା ଜନସାଧାରଣ ଜାଣିବା ଆବଶ୍ୟକ ବୋଲି ସିଇସି କହିଛନ୍ତି।

### ଗଣତାନ୍ତ୍ରିକ ଅଧିକାର ପାଇଁ ରାସ୍ତାକୁ ଓହ୍ଲାଇବେ ଲୋକେ: ଓମାର

ଅନ୍ୟପକ୍ଷରେ ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ପାଇଁ ଇସି ତାରିଖ ଘୋଷଣା ନ କଲେ ଜନସାଧାରଣ ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ପାଇଁ ରାସ୍ତାକୁ ଓହ୍ଲାଇବେ ବୋଲି ନ୍ୟାଶନାଲ କନ୍‌ଫରେନ୍ସ ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା କହିଛନ୍ତି।

## ବୁଧନିରୁ ନିର୍ବାଚନ ଲଢ଼ିବେ ଶିବରାଜ

**ନୂଆଦିଲ୍ଲୀ,୯।୧୦**

ଭାଜପା ମଧ୍ୟପ୍ରଦେଶ ନିର୍ବାଚନ ପାଇଁ ସୋମବାର ଚତୁର୍ଥ ପର୍ଯ୍ୟାୟରେ ୫୭ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ବୁଧନି ଆସନରୁ ପ୍ରାର୍ଥୀ କରାଯାଇଛି। ପ୍ରଥମ ୩ଟି ତାଲିକାରେ ଶିବରାଜଙ୍କ ନାଁ ନ ଥିବାରୁ ତାଙ୍କୁ ଦଳ ନିର୍ବାଚନ ଲଢ଼ିବାକୁ ଟିକେଟ ଦେବ ନାହିଁ ବୋଲି ବିରୋଧୀ ମହଲରେ କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା। ରାଜ୍ୟ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ରାଙ୍କୁ ଦାଟିଆରୁ ପ୍ରାର୍ଥୀ କରାଯାଇଛି। ପ୍ରାର୍ଥୀ ତାଲିକାରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଧୁମନ ତୋମାର, ଗୋବିନ୍ଦ ରାଜପୁତ୍, ପ୍ରଭୁରାମ ଚୌଧରୀ, ହରଦୀପ୍ ସିଂ ଡାଙ୍ଗ, ବିସହୁଲାଲ ସିଂ ପ୍ରମୁଖ ରହିଛନ୍ତି। ଏହା ବ୍ୟତୀତ ପୂର୍ବ ନିର୍ବାଚନରେ ଯେଉଁମାନେ ଜିତିଥିଲେ, ସେମାନଙ୍କୁ ନିଜ ନିଜର ଆସନରୁ ପ୍ରାର୍ଥୀ କରାଯାଇଛି। ସେମାନଙ୍କ ମଧ୍ୟରେ ବିଶ୍ୱାସ ସାରଙ୍ଗ, ରାମେଶ୍ୱର ଶର୍ମା, କ୍ରିଷ୍ଣ ଗୌର, ବିଷ୍ଣୁ ଖତ୍ରି ପ୍ରମୁଖ ରହିଛନ୍ତି। ସୋମବାରର ତାଲିକାକୁ ମିଶାଇ ଭାଜପା ବର୍ତ୍ତମାନ ସୁଦ୍ଧା ୧୩୬ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି।



ଶିବରାଜ ସିଂ ଚୌହାନ

## ଦେଶବ୍ୟାପୀ ଜାତି ଜନଗଣନାକୁ ସିଡବ୍ଲ୍ୟୁସିର ସମର୍ଥନ

**ନୂଆଦିଲ୍ଲୀ,୯।୧୦**

ନୂଆଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟରେ ସୋମବାର କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କେ.ସି. ବେଣୁଗୋପାଳ ପ୍ରମୁଖ ବରିଷ୍ଠ ନେତାମାନେ ଯୋଗଦେଇଥିଲେ। ଦେଶବ୍ୟାପୀ ଜାତି ଜନଗଣନାକୁ ସିଡବ୍ଲ୍ୟୁସି ସର୍ବସମ୍ମତକ୍ରମେ ସମର୍ଥନ କରେ ବୋଲି ଏହି ଅବସରରେ ରାହୁଲ କହିଛନ୍ତି। ବିରୋଧୀ ଇଣ୍ଡିଆ ମେଣ୍ଟର ଅଧିକାଂଶ ଦଳ ଜାତିଗତ ସର୍ଭେକୁ ସମର୍ଥନ କରୁଛନ୍ତି। ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିବା ପାଇଁ ଏହା ଏକ ପ୍ରଗତିଶୀଳ ଓ ପ୍ରଭାବଶାଳୀ ପଦକ୍ଷେପ ବୋଲି ସିଡବ୍ଲ୍ୟୁସି ବୈଠକ ପରେ ରାହୁଲ ଖବରଦାତା ସମ୍ମିଳନୀକୁ କହିଛନ୍ତି। ସେହିପରି ଜାତି ଜନଗଣନାକୁ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ୧୦୦ ପ୍ରତିଶତ ସମର୍ଥନ କରୁଥିବା କହିବା ସହ ତୁରନ୍ତ ସର୍ଭେ କରାଯିବାକୁ ଆହ୍ୱାନ ଦେଇଛନ୍ତି।

୨୦୧୧ର ସାମାଜିକ ଆର୍ଥିକ ଏବଂ ଜାତି ଜନଗଣନା ତଥ୍ୟ ପ୍ରକାଶ ନ କରି ଭାଜପା ଦେଶର ଅବହେଳିତ ବର୍ଗଙ୍କୁ ଠକିଥିବା କଂଗ୍ରେସ ଅଭିଯୋଗ କରିଛି। ସାନି ଜନଗଣନା ନ କରି ସରକାର ସାମ୍ବିଧାନିକ କର୍ତ୍ତବ୍ୟ ପାଳନରେ ବିଫଳ ହୋଇଥିବା ସିଡବ୍ଲ୍ୟୁସି ପ୍ରସ୍ତାବରେ କୁହାଯାଇଛି।




ସିଡବ୍ଲ୍ୟୁସି ବୈଠକରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ରାହୁଲ ଗାନ୍ଧୀ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୦/୨୦୨୩ | Bhubaneswar, Tuesday, October 10/2023 | ପୃଷ୍ଠା-୧




**ସାଣ୍ଟନରଙ୍କ ଅଲରାଉଣ୍ଡ ପ୍ରଦର୍ଶନ**

ନେଦରଲାଣ୍ଡ୍ସ ବିପକ୍ଷ ଆଇସିସି ବିଶ୍ୱକପ୍ ମ୍ୟାଚରେ ମିଚେଲ ସାଣ୍ଟନରଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ନ୍ୟୁଜିଲାଣ୍ଡ ବିଜୟୀ ହୋଇଛି।

୧୨ ୦୮

**ବିଜୟ୍ ଦେବରକୋଣ୍ଡାଙ୍କ ସହ ରଶ୍ମିକାଙ୍କ ଡେଟିଂ ଚର୍ଚ୍ଚା**

ସାଉଥ୍ ଇଣ୍ଡଷ୍ଟ୍ରିର ଅଭିନେତ୍ରୀ ରଶ୍ମିକା ମାନ୍ଦାନାଙ୍କ ସହ ଅଭିନେତା ବିଜୟ ଦେବରକୋଣ୍ଡାଙ୍କ ଡେଟିଂ ଖବର ସହ ଦୁହେଁ ଏବେ ଏକାଠି ତୁର୍କୀରେ ସମୟ ବିତାଉଥିବା ଜଣାପଡ଼ିଛି।



# ୭ରୁ ୫ ରାଜ୍ୟରେ ଭୋଟ୍

**କେଉଁଠି କେବେ ନିର୍ବାଚନ**

**ଗଣତି: ୩ ଡିସେମ୍ବର**

| ମଧ୍ୟପ୍ରଦେଶ | ରାଜସ୍ଥାନ | ଛତିଶଗଡ଼ | ତେଲଙ୍ଗାନା | ମିଜୋରାମ |
|---|---|---|---|---|
| ନିର୍ବାଚନ ତାରିଖ | ନିର୍ବାଚନ ତାରିଖ | ନିର୍ବାଚନ ତାରିଖ | ନିର୍ବାଚନ ତାରିଖ | ନିର୍ବାଚନ ତାରିଖ |
| ୧୭ ନଭେମ୍ବର | ୨୩ ନଭେମ୍ବର | ୭, ୧୭ ନଭେମ୍ବର | ୩୦ ନଭେମ୍ବର | ୭ ନଭେମ୍ବର |
| ମୋଟ ଆସନ | ମୋଟ ଆସନ | ମୋଟ ଆସନ | ମୋଟ ଆସନ | ମୋଟ ଆସନ |
| ୨୩୦ | ୨୦୦ | ୯୦ | ୧୧୯ | ୪୦ |

ନୂଆଦିଲ୍ଲୀ,୯।୧୦

ଛତିଶଗଡ଼, ମଧ୍ୟପ୍ରଦେଶ, ରାଜସ୍ଥାନ, ତେଲଙ୍ଗାନା ଏବଂ ମିଜୋରାମ ବିଧାନସଭା ନିର୍ବାଚନ ନଭେମ୍ବର ୭ରୁ ୩୦ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ଡିସେମ୍ବର ୩ରେ ଭୋଟ ଗଣନା କରାଯାଇ ଫଳାଫଳ ପ୍ରକାଶ ପାଇବ। ନିର୍ବାଚନ କମିଶନ ସୋମବାର ନିର୍ବାଚନ ତାରିଖ ଘୋଷଣା କରିଛନ୍ତି। ଆସନ୍ତାବର୍ଷ ଲୋକ ସଭା ନିର୍ବାଚନ ପୂର୍ବରୁ ଏହା ଶେଷ ପର୍ଯ୍ୟାୟ ବିଧାନସଭା ନିର୍ବାଚନ। କେବଳ ଛତିଶଗଡ଼ରେ ନଭେମ୍ବର ୭ ଓ ୧୭ ତାରିଖ ଦୁଇଟି ପର୍ଯ୍ୟାୟରେ ଭୋଟ ହେବାକୁ ଥିବାବେଳେ ଅନ୍ୟ ୪ ରାଜ୍ୟରେ ଗୋଟିଏ ପର୍ଯ୍ୟାୟରେ ମତଦାନ ହେବ। ୪୦ ଆସନ ବିଶିଷ୍ଟ ମିଜୋରାମରେ ନଭେମ୍ବର ୭ରେ ଭୋଟ ଗ୍ରହଣ କରାଯିବାକୁ ଥିବାବେଳେ ୨୩୦ ଆସନ ବିଶିଷ୍ଟ ମଧ୍ୟପ୍ରଦେଶରେ ନଭେମ୍ବର ୧୭, ୨୦୦ ଆସନ ବିଶିଷ୍ଟ ରାଜସ୍ଥାନରେ ନଭେମ୍ବର ୨୩ ଏବଂ ୧୧୯ ଆସନ ବିଶିଷ୍ଟ ତେଲଙ୍ଗାନାରେ ନଭେମ୍ବର ୩୦ରେ ମତଦାନ ହେବ। ଛତିଶଗଡ଼ର ୯୦ ଆସନ ମଧ୍ୟରୁ ନଭେମ୍ବର ୭ରେ ପ୍ରଥମ ପର୍ଯ୍ୟାୟରେ ୨୦ ଆସନ ପାଇଁ ଏବଂ ୧୭ରେ ଅବଶିଷ୍ଟ ୭୦ ଆସନ ପାଇଁ ଭୋଟ ହେବ ବୋଲି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର କହିଛନ୍ତି।

୫ ରାଜ୍ୟରେ ମୋଟ ୧୬.୧ କୋଟି ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ଉପରୋକ୍ତ ରାଜ୍ୟ ବିଧାନସଭା ନିର୍ବାଚନକୁ ସେମିଫାଇନାଲ ବୋଲି କୁହାଯାଉଛି। ନିର୍ବାଚନକୁ ମୁକ୍ତ ଓ ଅବାଧ କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିବା ସିଇସି ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ କହିଛନ୍ତି। ୫ ରାଜ୍ୟ ମଧ୍ୟରୁ ରାଜସ୍ଥାନ ଏବଂ ଛତିଶଗଡ଼ରେ କଂଗ୍ରେସ କ୍ଷମତାରେ ରହିଥିବାବେଳେ ତେଲଙ୍ଗାନାରେ ଭାରତ ରାଷ୍ଟ୍ର ସମିତି (ବିଆର୍ଏସ୍) ଶାସନରେ ରହିଛି। ମଧ୍ୟପ୍ରଦେଶ ଭାଜପା ଶାସନାଧୀନ ରହିଥିବାବେଳେ ମିଜୋରାମରେ ମିଜୋ ନ୍ୟାଶନାଲ ଫ୍ରଣ୍ଟ (ଏମ୍ଏନ୍ଏଫ୍) କ୍ଷମତାରେ ରହିଛି। ୫ ରାଜ୍ୟରେ ମତଦାନରେ ସୁବିଧା ଲାଗି ମୋଟ ୧.୭୭ ଲକ୍ଷ ଭୋଟ କେନ୍ଦ୍ର ଖୋଲାଯିବ। ସେଥିରୁ ୧.୦୧ ଲକ୍ଷ କେନ୍ଦ୍ରରେ ୱେବ୍‌କାଷ୍ଟିଂ ସୁବିଧା ରହିବ। ୮,୦୦୦ରୁ ଊର୍ଦ୍ଧ୍ୱ ଭୋଟ କେନ୍ଦ୍ରକୁ ମହିଳାମାନେ ପରିଚାଳନା କରିବେ ବୋଲି ସିଇସି କହିଛନ୍ତି। ନିର୍ବାଚନ ପ୍ରସ୍ତୁତି ଲାଗି ନିର୍ବାଚନ କମିଶନ ବିଭିନ୍ନ ରାଜନୈତିକ ଦଳ, ପ୍ରବର୍ତ୍ତନ ସଂସ୍ଥା ସମେତ ସମସ୍ତ ଷ୍ଟେକ୍‌ହୋଲ୍ଡରଙ୍କୁ ଭେଟି ଆଲୋଚନା କରିଥିଲେ। ସମସ୍ତେ ଯେପରି ନିର୍ବାଚନ ପ୍ରକ୍ରିୟାରେ ଭାଗ ନେଇପାରିବେ, ତାହା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଏଥର ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ପ୍ରଥମ ଥର ପାଇଁ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବାକୁ ଯାଉଥିବା ରାଜୀବ କୁମାର କହିଛନ୍ତି। ନିର୍ବାଚନକୁ ମୁକ୍ତ ଓ ଅବାଧ ସୁନିଶ୍ଚିତ କରାଇବା ଲାଗି ନିର୍ବାଚନ କମିଶନ ଏକ ନୂଆ ଇଲେକ୍ସନ ସିଜର ମ୍ୟାନେଜ୍‌ମେଣ୍ଟ ସିଷ୍ଟମ (ଇଏସ୍ଏମ୍ଏସ୍) ପ୍ରଚଳନ କରାଇଛନ୍ତି। ବିଭିନ୍ନ କ୍ଷେତ୍ରରୁ ଭିନ୍ନ ଭିନ୍ନ ରାଜ୍ୟ ଓ କେନ୍ଦ୍ରୀୟ ପ୍ରବର୍ତ୍ତନ ସଂସ୍ଥା ଦ୍ୱାରା ଜବତ ସମ୍ପର୍କିତ ସବିଶେଷ ବିବରଣୀର ରିଅଲ-ଟାଇମ୍ ଅପ୍‌ଡେଟ୍ ଉକ୍ତ ପ୍ଲାଟ୍‌ଫର୍ମରେ ହେବ। ଇଏସ୍ଏମ୍ଏସ୍ ବିଭିନ୍ନ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ଓ ଗୋଇନ୍ଦା ତଥ୍ୟ ଆଦାନ ପ୍ରଦାନ କରିବ ବୋଲି ସିଇସି କହିଛନ୍ତି। ଆନ୍ତଃରାଜ୍ୟ ସୀମା ଉପରେ କଡ଼ା ନଜର ରଖିବା ଏବଂ ବେଆଇନ ମଦ, ନଗଦ ଅର୍ଥ, ମାଗଣା ଉପହାର ଓ ନିଶାଦ୍ରବ୍ୟ ଚାଲାଣକୁ ରୋକିବା ଲାଗି ୯୪୦ ଚେକ୍ ପୋଷ୍ଟ ସ୍ଥାପନ କରାଯିବ। ନିର୍ବାଚନକୁ ପ୍ରଭାବିତ କରିବା ଲାଗି ଅର୍ଥବଳ ପ୍ରୟୋଗକୁ ଆଦୌ ବରଦାସ୍ତ କରାଯିବ ନାହିଁ। ୱାଲେଟ୍ ଜରିଆରେ ସନ୍ଦେହଜନକ ଅନ୍‌ଲାଇନ କ୍ୟାଶ୍ କାରବାର ଉପରେ ମଧ୍ୟ କଡ଼ା ନଜର ରହିବ ବୋଲି ସିଇସି କହିଛନ୍ତି।

# ଅକ୍ଟୋବର ୩୧ ଯାଏ ବସ୍ ଧର୍ମଘଟ ସ୍ଥଗିତ

## ବ୍ଲକ୍‌ରୁ ଜିଲା ମୁଖ୍ୟାଳୟକୁ ଏବେ ଚାଲିବନି ଲକ୍ଷ୍ମୀ ବସ୍

ଭୁବନେଶ୍ୱର,୯।୧୦(ଅନିଲ ଦାସ)

ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଅକ୍ଟୋବର ୧୦ରେ ଦିଆଯାଇଥିବା ରାଜ୍ୟବ୍ୟାପୀ ବସ୍ ଧର୍ମଘଟ ଡାକରା ସ୍ଥଗିତ ହୋଇଛି। ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ବସ୍ ଧର୍ମଘଟ ସ୍ଥଗିତ ରଖିବା ପାଇଁ ସଂଘ ନିଷ୍ପତ୍ତି ନେଇଛି। ଅକ୍ଟୋବର ୩୧ ପର୍ଯ୍ୟନ୍ତ ଧର୍ମଘଟ ସ୍ଥଗିତ ରଖିବାକୁ ନିଷ୍ପତ୍ତି ହୋଇଥିବା ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି।

ବିଭିନ୍ନ ଦାବି ପୂରଣ ନେଇ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଧର୍ମଘଟ ଡାକରା ଦିଆଯାଇଥିଲା। ସୋମବାର ସମସ୍ୟାର ସମାଧାନ ପାଇଁ ସଂଘର କର୍ମକର୍ତ୍ତାମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଲୋଚନା ନିମନ୍ତେ ଡକାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ. ପାଣ୍ଡିଆନ ସଂଘର ଦାବିଗୁଡ଼ିକୁ ଶୁଣିଥିଲେ। ରାଜ୍ୟ ସରକାର ଲକ୍ଷ୍ମୀ ଯୋଜନାରେ ସାରା ରାଜ୍ୟରେ ୧୬୦୦ ବସ୍ ଚଳାଇବେ। ୧୬୦୦ରୁ ୧୦୦୦ ବସ୍ ପଞ୍ଚାୟତରୁ ବ୍ଲକ୍ ଓ ୬୦୦ ବ୍ଲକ୍‌ରୁ ଜିଲା ମୁଖ୍ୟାଳୟ ମଧ୍ୟରେ ଚଳାଚଳ କରିବ। ଏହି ୬୦୦ ବସ ମଧ୍ୟରେ ଘରୋଇ ବସକୁ ସାମିଲ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ସରକାର ଏହାକୁ ବିଚାରକୁ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**କେହି ନାହିଁ**

# ଶାଳୀନ ପୋଷାକ ବିନା ଶ୍ରୀମନ୍ଦିର ମନା

■ ଜାନୁୟାରୀ ୧ରୁ ଲାଗୁ ହେବ ନିୟମ

■ ଆଜିଠୁ ଭକ୍ତଙ୍କୁ ସଚେତନ କରାଯିବ

ପୁରୀ, ୯।୧୦(ଅଜିତ ମହାନ୍ତି)



ଏଣିକି ଶ୍ରୀମନ୍ଦିରକୁ ଯିବାକୁ ହେଲେ ଭକ୍ତଙ୍କୁ ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ କରିବାକୁ ପଡ଼ିବ। ନଚେତ ଭକ୍ତଙ୍କୁ ଶ୍ରୀମନ୍ଦିରରେ ପ୍ରବେଶ ଅନୁମତି ମିଳିବ ନାହିଁ। ସୋମବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ନୀତି ସବ୍‌କମିଟି ବୈଠକରେ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି ଶ୍ରୀମନ୍ଦିର ପ୍ରଶାସନ। ପୂର୍ବରୁ ସେବାୟତ ଓ ବୁଦ୍ଧିଜୀବୀଙ୍କ ତରଫରୁ ଭକ୍ତମାନେ ଶାଳୀନତାପୂର୍ଣ୍ଣ ପୋଷାକ ପିନ୍ଧି ଶ୍ରୀମନ୍ଦିର ଯିବାକୁ ଦାବି ହୋଇ ଆସୁଥିବାବେଳେ ଏବେ ଶ୍ରୀମନ୍ଦିର ପ୍ରଶାସନ ତାହାକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛି। ତେବେ ଏହି ନିଷ୍ପତ୍ତି ଆଗାମୀ ନୂଆବର୍ଷ ଅର୍ଥାତ୍ ୨୦୨୪ ଜାନୁୟାରୀ ୧ରୁ କାର୍ଯ୍ୟକାରୀ କରାଯିବ। ନିୟମ ଲାଗୁହେବା ପୂର୍ବରୁ ମଙ୍ଗଳବାରଠାରୁ ଭକ୍ତଙ୍କୁ ଶ୍ରୀମନ୍ଦିର ପକ୍ଷରୁ ସଚେତନ କରାଯିବ। ଜାନୁୟାରୀ ୧ତାରିଖରୁ ସିଂହଦ୍ୱାରରେ ମୁତୟନ ଥିବା ଜେଟିପି ଏବଂ ଶ୍ରୀମନ୍ଦିର ଭିତରେ ରହୁଥିବା ପ୍ରତିହାରୀ ସେବକମାନେ ଭକ୍ତଙ୍କ ପୋଷାକ ତଦାରଖ କରିବେ। ଯେଉଁ ଭକ୍ତ ଶାଳୀନତା ଭାବେ ପୋଷାକ ନ ପିନ୍ଧି ଶ୍ରୀମନ୍ଦିର ଯିବେ ସେମାନଙ୍କ ପ୍ରବେଶ ଉପରେ କଟକଣା ଲଗାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ତରଫରୁ କୁହାଯାଇଛି। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ସୂଚନା ଦେଇ କହିଛନ୍ତି ଯେ, ସୋମବାର ଶ୍ରୀମନ୍ଦିର ନୀତି ସବକମିଟି ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଛି। ତେବେ ଭକ୍ତଙ୍କ ଶାଳୀନତା ପୋଷାକ ଉପରେ ବିଶେଷ ଆଲୋଚନା ହୋଇଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତମାନଙ୍କ ପୋଷାକରେ ଶାଳୀନତା ରହିବା ଉଚିତ। ଏହାଦ୍ୱାରା ଭକ୍ତିଭାବନା ସୃଷ୍ଟି ହେବ। ଅନେକ ଭକ୍ତ ମନଇଚ୍ଛା ବିଭିନ୍ନ ପ୍ରକାର ଡ୍ରେସ୍ ପିନ୍ଧି ଆସୁଛନ୍ତି। ଫଳରେ ଧାର୍ମିକ ଭାବନା ଉପରେ କୁଠାରାଘାତ ହେଉଛି। ତେଣୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତମାନଙ୍କୁ ଶାଳୀନତାପୂର୍ଣ୍ଣ ପୋଷାକ ପିନ୍ଧି ଶ୍ରୀମନ୍ଦିର ଆସିବାକୁ ଅନୁରୋଧ କରାଯାଉଛି। ଏ ନେଇ ଆସନ୍ତା ଜାନୁୟାରୀ ୧ରୁ ନିୟମ ଲାଗୁହେବ। ତା' ପୂର୍ବରୁ ଭକ୍ତଙ୍କୁ ସଚେତନ କରାଯିବ। ତେବେ ଛୋଟପିଲା ଅର୍ଥାତ୍ ୧୨ ବର୍ଷ ବୟସରୁ କମ୍ ପିଲାଙ୍କ କ୍ଷେତ୍ରରେ ଏହି ନିୟମ ଲାଗୁହେବ ନାହିଁ। ୧୨ ବର୍ଷରୁ ଅଧିକ ବୟସର ଭକ୍ତମାନେ ଶାଳୀନତାପୂର୍ଣ୍ଣ ପୋଷାକ ପିନ୍ଧି ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ।

# 'ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ମିଶନ'କୁ ପୂରିଲା ୩ ବର୍ଷ

## ଜଳସାଥୀଙ୍କ ସଫଳତା ଅନ୍ୟମାନଙ୍କ ପାଇଁ ପ୍ରେରଣା: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୯।୧୦(ଅନିଲ ଦାସ)

■ ୫ ସହରରେ ସମ୍ପୂର୍ଣ୍ଣ, ୧୩ ସହରର ୧୪୯ ୱାର୍ଡରେ ଶୁଭାରମ୍ଭ

■ ୧୨.୩୦ ଲକ୍ଷ ଲୋକ ଉପକୃତ

'ଡ୍ରିଙ୍କ ଫ୍ରମ୍ ଟ୍ୟାପ୍' ମିଶନକୁ ସୋମବାର ୩ ବର୍ଷ ପୂରଣ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ରାଜ୍ୟର ୫ ସହର ସମେତ ଅନ୍ୟ ୧୩ ସହରର ୧୪୯ ୱାର୍ଡରେ ୨୪ ଘଣ୍ଟିଆ ଜଳ ଯୋଗାଣ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଲୋକସେବା ଭବନ କନ୍‌ଭେନସନ ସେଣ୍ଟରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜଳ ଅମୂଲ୍ୟ। ପ୍ରତିଟି ଜଳବିନ୍ଦୁରେ ରହିଛି ଜୀବନ। ସମସ୍ତଙ୍କୁ ଭଲ ପିଇବା ପାଣି ଯୋଗାଇବା ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯୋଜନାର ଲକ୍ଷ୍ୟ। ଓଡ଼ିଶା ଆଜି ରୂପାନ୍ତର ପଥରେ ସଫଳତାର ସହ ଆଗେଇ ଚାଲିଛି। ୫-ଟି ଉପକ୍ରମ ପ୍ରୟୋଗରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯୋଜନା ସାରା ଦେଶ ପାଇଁ ଓଡ଼ିଶା ଏକ ମଡେଲ ହୋଇଛି। ଜଳସାଥୀ ମା'ମାନଙ୍କ ସଫଳତା ଅନ୍ୟମାନଙ୍କ ପାଇଁ ମଡେଲ ହୋଇଛି। ପ୍ରେରଣାଦାୟୀ ସଫଳ କାହାଣୀ ହୋଇଛି। ସହରାଞ୍ଚଳ ଜଳଯୋଗାଣ କ୍ଷେତ୍ରରେ ଆମ ମିଶନ ଶକ୍ତି ମା'ମାନେ, ଜଳସାଥୀମାନେ ବହୁତ ଭଲ କାମ କରୁଛନ୍ତି। ୱାଟ୍‌କୋ ତା'ର ଉତ୍ସର୍ଗୀକୃତ ଉଦ୍ୟମ ବଳରେ ଓଡ଼ିଶାର ଜଳଯୋଗାଣ କ୍ଷେତ୍ରରେ ବ୍ୟାପକ ରୂପାନ୍ତର ଆଣି ସମଗ୍ର ଦେଶରେ ରାଜ୍ୟକୁ ଗୌରବାନ୍ୱିତ କରୁଥିବାରୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ ୫ ସହର ଯଥା- ରାଇରଙ୍ଗପୁର, ଚମ୍ପୁଆ, ବୀରମିତ୍ରପୁର, ☞ପୃଷ୍ଠା-୨

# ଗୋଲ୍ଡିନ୍‌ଙ୍କୁ ଅର୍ଥନୀତିରେ ନୋବେଲ

## କାର୍ଯ୍ୟସ୍ଥଳରେ ଲିଙ୍ଗଗତ ପାର୍ଥକ୍ୟ ଉପରେ ଗବେଷଣା କେନ୍ଦ୍ରିତ

ଷ୍ଟକ୍‌ହୋମ୍, ୯।୧୦

ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ପ୍ରଫେସର କ୍ଲାଉଡିଆ ଗୋଲ୍ଡିନ୍ ଅର୍ଥନୀତି ପାଇଁ ଚଳିତ ବର୍ଷର ନୋବେଲ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସୋମବାର ଏହା ଘୋଷଣା କରାଯାଇଛି। ଶ୍ରମ ବଜାରରେ ଲିଙ୍ଗଗତ ପାର୍ଥକ୍ୟ ଉପରେ ଗବେଷଣା ଲାଗି ତାଙ୍କୁ ଏହି ପୁରସ୍କାର ମିଳିବ। ଅର୍ଥନୀତିରେ ଅଦ୍ୟାବଧି ପାଇଥିବା ୯୩ ବିଜେତାଙ୍କ ମଧ୍ୟରେ ୭୭ ବର୍ଷୀୟା ଆମେରିକୀୟ ଅର୍ଥନୀତିଜ୍ଞ ଗୋଲ୍ଡିନ୍ ୩ୟ ମହିଳା ହେବାକୁ ଯାଉଛନ୍ତି। ନୋବେଲ କମିଟି ମହିଳା ଚୟନରେ ଲିଙ୍ଗଗତ ପାର୍ଥକ୍ୟ ସୃଷ୍ଟି କରିଛି ବୋଲି ମଧ୍ୟ କୁହାଯାଉଛି।



କ୍ଲାଉଡିଆ ଗୋଲ୍ଡିନ୍

ଗୋଲ୍ଡିନ୍ ୨୦୦ ବର୍ଷମଧ୍ୟରେ କାର୍ଯ୍ୟସ୍ଥଳୀରେ ମହିଳାଙ୍କ ଯୋଗଦାନ ଉପରେ ବିସ୍ତୃତ ଅଧ୍ୟୟନ କରିଛନ୍ତି। ଅର୍ଥନୈତିକ ଅଭିବୃଦ୍ଧି ଘଟିଥିଲେ ମଧ୍ୟ ମହିଳା କର୍ମଚାରୀମାନେ ପୁରୁଷଙ୍କ ଦରମା ସହିତ ସମକକ୍ଷ ହୋଇପାରିନାହାନ୍ତି। ଏପରି କି ପୁରୁଷଙ୍କ ତୁଳନାରେ ଅନେକ ମହିଳା ଉଚ୍ଚଶିକ୍ଷିତ ହୋଇଥିଲେ ମଧ୍ୟ ସେମାନଙ୍କୁ ନ୍ୟୂନ କରି ଦେଖାଯାଇଛି ବୋଲି ଗୋଲ୍ଡିନ୍ ତାଙ୍କ ଗବେଷଣା ସନ୍ଦର୍ଭରେ ଉଲ୍ଲେଖ କରିଛନ୍ତି। ତଥାପି ସେ ସର୍ବଦା ଆଶାବାଦୀ ଥିବା କହିଛନ୍ତି। ଆମେରିକାରେ ୧୯୯୦ ଦଶକରେ କାର୍ଯ୍ୟସ୍ଥଳୀରେ ମହିଳା ଶ୍ରମଶକ୍ତିର ଯୋଗଦାନ ବିଶ୍ୱରେ ସର୍ବାଧିକ ଥିଲା ବୋଲି ସେ ଗଣମାଧ୍ୟମକୁ କହିଛନ୍ତି। ହେଲେ ଏବେ ଆମେରିକା ତାହା ବଜାୟ ରଖିପାରି ନାହିଁ। ଗୋଲ୍ଡିନ୍‌ଙ୍କ ଗବେଷଣା ସମାଧାନର ସୂତ୍ର ଦେଇ ନ ଥିଲେ ମଧ୍ୟ ଏହା ☞ପୃଷ୍ଠା-୨




## ଜ୍ଞାନେନ୍ଦ୍ର ଗିରି ଗୋସ୍ୱାମୀ ବିଜେଡି ସମ୍ପାଦକ

ଭୁବନେଶ୍ୱର,୯।୧୦(ଅନିଲ ଦାସ): ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଜ୍ଞାନେନ୍ଦ୍ର ଗିରି ଗୋସ୍ୱାମୀଙ୍କୁ ବିଜେଡି ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ସୋମବାର ବିଜେଡି ପକ୍ଷରୁ ଏକ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠକଙ୍କ ଗୁରୁ**
**ଉପରେ ଚିକ୍କଣ ଭିତରେ ମାରୁ।**

ଦୁନିଆରେ ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ନିଜକୁ ସାଧୁ ବା ସଚ୍ଚୋଟ ବ୍ୟକ୍ତି ଭାବେ ଚିତ୍ରଣ କରୁଥିବା ବେଳେ ନିଜ ଭିତରେ ଠକିବାର ସମସ୍ତ ବୁଦ୍ଧି ଠୁଳ କରି ରଖିଥିବାର ଦେଖିବାକୁ ମିଳିଥାଏ। ଏପରି ଠକ ବ୍ୟକ୍ତିଙ୍କୁ ଆମ ସମାଜରେ ନିନ୍ଦା ଅପବାଦ ମିଳୁଥିବା ବେଳେ ଏମାନଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଠାପୁଆ ବଳଦ ରକ୍ଷା ପାଏ,**
**ଠାପୁଆ ମଣିଷ ନାଶ ଯାଏ।**

ବଳଦ ଠାପୁଆ ହେଲେ ମାଲିକର କୋପ ଦୃଷ୍ଟିରୁ ବର୍ତ୍ତିବାର ସମ୍ଭାବନା ଥାଏ। ପରନ୍ତୁ ମଣିଷ ଠାପୁଆ ହେଲେ ନିଷ୍କର୍ମା ଯୋଗୁ ରୋଗ ତାକୁ ଗ୍ରାସିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁ ମାର୍ଗଦର୍ଶକ ସାଜିବେ। ଆବଶ୍ୟକତା ପୂରଣ କରିବା ସକାଶେ ଧାରକରଜ କରି କାମ ଚଳାଇନେବା ସକାଶେ ଚେଷ୍ଟା କରିପାରନ୍ତି। ପରିବହନ, ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ବନ୍ଧୁ ଗହଣରେ ସାଧାରଣ ଘଟଣାକୁ ନେଇ ମନସ୍ତାପ କରିବାକୁ ପଡ଼ିପାରେ।

**ବୃଷ**
ପ୍ରତ୍ୟେକ କ୍ଷେତ୍ରରେ ମାପିଚୁପି ଚଳିବା ଭଲ ନଚେତ୍ ନତୁବା କଳହ ଲାଗିପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ମନୋବଳ ଟାଣ ରହିବ ଓ ଅଟକି ରହିଥିବା କାମ ଶେଷ କରିପାରିବେ। ପରିବାର ଭିତରେ ସମସ୍ୟା ଭିତରେ ଗତିକଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ।

**ମିଥୁନ**
ପାରିବାରିକ ସମସ୍ୟା ଥିଲେ ମଧ୍ୟ କାମଗୁଡ଼ିକୁ ସଫଳତାର ସହ ସମ୍ପନ୍ନ କରିବେ। ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ବ୍ୟବସାୟରେ ସମସ୍ୟା ବଢ଼ି ବଡ଼ ଆକାର ଧାରଣ କରିବା ସମ୍ଭାବନା ରହିଛି। ନିକଟ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କର୍କଟ**
ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ବିନୟ ବଚନ ପ୍ରଭାବରୁ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ। ଅଫିସରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ପାରିବାରିକ କଳହକୁ କେନ୍ଦ୍ରକରି ଭାବପ୍ରବଣ ହୋଇପାରନ୍ତି।

**ସିଂହ**
କୌଣସି ବ୍ୟକ୍ତିଙ୍କୁ ଦୀର୍ଘ ସମୟ ଅପେକ୍ଷାକରି ବ୍ୟସ୍ତତା ଅନୁଭବ କରିବେ। କର୍ମକ୍ଷେତ୍ରରେ ରହିଥିବା ବ୍ୟତିକ୍ରମ ବିଷୟ ଚିନ୍ତାକରି ମନ ବିଚଳିତ ରହିବ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ। ଆତ୍ମୀୟମାନଙ୍କ ସହ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**କନ୍ୟା**
ଆଜି ଧର୍ମଚର୍ଚ୍ଚା, କଳା, ସାହିତ୍ୟ ଓ ସଭାସମିତିରେ ପ୍ରଶଂସିତ ହେବେ। ସମସ୍ୟା ସମାଧାନର ରାସ୍ତା ଖୋଜି ବାହାରକରିବେ। ବନ୍ଧୁମାନଙ୍କ ସହ ଆଲୋଚନା କରିବାର ସୁଯୋଗ ଲାଭକରି ଆଜିର ସନ୍ଧ୍ୟା ସମୟଟି ପ୍ରାୟତଃ ଭଲ ରହିବ। ଅଫିସରୁ ଆସିବା ବେଳକୁ ନିଜ ମନପସନ୍ଦର ଜିନିଷଟି କିଣିବାରେ ସମର୍ଥ ହେବେ।

**ତୁଳା**
ପରିବାରରେ ସୁଖଶାନ୍ତି ଫେରାଇ ଆଣିବା ଦିଗରେ ପ୍ରଯତ୍ନ କଲେ ବିଫଳ ହେବନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ଅବଶ୍ୟ ମିଳିବ। ସାଧାରଣ କଥାରେ ତର୍କ କାରଣରୁ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେଇପାରେ। ରଚନାତ୍ମକ କାମରେ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ, ଚୁକ୍ତିପତ୍ର କରିବାରେ ସଫଳ ହେବେ।

**ବିଛା**
କଥାରେ ରୁକ୍ଷତା ହେତୁ ଅନ୍ୟମାନଙ୍କ ସହ ସୁସମ୍ପର୍କ ହ୍ରାସ ପାଇବ। ଗତକାଲିଠାରୁ ଯେଉଁ ବିଷୟ ସକାଶେ ଚିନ୍ତିତ ରହିଛନ୍ତି ସେଥିରେ କିଛି ଅସୁବିଧା ହେବନାହିଁ। କର୍ମକ୍ଷେତ୍ରରେ ଅପୂର୍ବ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇପାରନ୍ତି। ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ।

**ଧନୁ**
ଅନ୍ୟମନସ୍କତା ଓ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ, ଆଲୋଚନା ପରିସରରେ, ସଭାରୁ ପ୍ରଶଂସିତ ହେବେ। ତର୍କ ଓ ବିବାଦରେ, ଆଇନ ଅଦାଲତରେ ସ୍ଥଗିତ କାମକୁ ପୂରା କରିବେ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସକଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ମକର**
ଆପଣ ଯେତେ ଚେଷ୍ଟାକଲେ ମଧ୍ୟ ସବୁ କାମ ବିଳମ୍ବିତ ସମୟରେ ହିଁ ସମ୍ପନ୍ନ ହେବ। କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିରକରି ସାମୟିକ ଅସୁବିଧାର ସମ୍ମୁଖୀନ ହେବେ। ବନ୍ଧୁ ଠିକ୍ ସମୟରେ ନ ଫେରିବା କାରଣରୁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପରିବାର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ**
ବନ୍ଧୁଙ୍କ ସାହାଯ୍ୟରୁ ଫେରନ୍ତା ବାଟରେ ହଠାତ୍ ମୂଲ୍ୟବାନ୍ ଦ୍ରବ୍ୟ ଲାଭ ହୋଇପାରେ। ପାଖ ପଡ଼ୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ପରିବାର ଆନୁଷ୍ଠାନିକ କାର୍ଯ୍ୟ, କଚେରି ମାମଲାରେ, ଜମିଜମା ବିବାଦରେ ଉପକୃତ ହେବେ।

**ମୀନ**
ବିଭିନ୍ନ ସମସ୍ୟା ସାମ୍ନା କରି ନ ପାରି ବିବ୍ରତ ବୋଧ କରିପାରନ୍ତି। ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବନାହିଁ। ପାରସ୍ପରିକ ଭୁଲ୍ ବୁଝାମଣାରୁ ଅତି ଭଲ ସମ୍ପର୍କ ରହିଥିବା ବନ୍ଧୁଙ୍କ ନିକଟରୁ ଅନାଦର ପାଇପାରନ୍ତି। ଦୋକାନ, ନିର୍ମାଣ, ଯାତ୍ରା, ବିବାଦ, ସଭାସମିତି ପ୍ରଭୃତିରୁ ଆଶ୍ୱସ୍ତି ଲାଭ କରିବେ।

ଆଜି ଆଶ୍ୱିନ କୃଷ୍ଣ ଏକାଦଶୀଯୁକ୍ତ ଦ୍ୱାଦଶୀ ମଙ୍ଗଳବାର, ଅକ୍ଟୋବର ୧୦ ତାରିଖ, ଅଦ୍ୟ ସର୍ବସମ୍ମତ ଇନ୍ଦିରା ଏକାଦଶୀ, ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ, ଚରଖା ଦିବସ। ରାଶିନକ୍ଷତ୍ର-ମଘା/ସିଂହ, ଏକାଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ। ଦିବା ଘ.୦୫।୪୩ ଗତେ, ଘ.୦୬।୨୯ ମଧ୍ୟେ, ଘ.୦୮।୩୮ ଗତେ, ଘ.୧୧।୧୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୨୮ ଗତେ, ଘ.୦୩।୫୬ ମଧ୍ୟେ ରାହୁକାଳ।

# ସ୍କୁଲରେ ପିଲା ଶୁଣିଲେ ହକିର ଜୟଗାଥା



ଭୁବନେଶ୍ୱର, ୯।୧୦(ଅସମାପିକା ସାହୁ)

ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ସୋମବାର ଛାତ୍ରୀଛାତ୍ରଙ୍କୁ ହକିର ସଫଳତା ସମ୍ବନ୍ଧରେ ଏକ ପ୍ରେରଣାଦାୟୀ ବକ୍ତବ୍ୟ ଦିଆଯାଇଛି। ପ୍ରାର୍ଥନା ସଭାରେ ସମସ୍ତ ଶିକ୍ଷକଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ରଙ୍କୁ ଭାରତୀୟ ହକି ଦଳର ସଫଳତାର କାହାଣୀ କୁହାଯାଇଛି। ଛାତ୍ରୀଛାତ୍ର ଭାରତୀୟ ହକି ଦଳର ପରାକାଷ୍ଠା ଓ ବିଜୟ କାହାଣୀକୁ ଉତ୍ସାହର ସହ ଶୁଣିଥିଲେ। ଚାଇନାରେ ଅନୁଷ୍ଠିତ ଏସୀୟ କ୍ରୀଡ଼ାରେ ଭାରତୀୟ ପୁରୁଷ ହକି ଦଳ ସ୍ୱର୍ଣ୍ଣ ପଦକ ଜିତି ୨୦୨୪ ଅଲିମ୍ପିକ୍ସ ପାଇଁ ଯୋଗ୍ୟ ବିବେଚିତ ହୋଇଛି। ଏସୀୟ କ୍ରୀଡ଼ାରେ ଭାରତୀୟ ପୁରୁଷ ହକି ଦଳର ଏହା ଚତୁର୍ଥ ସ୍ୱର୍ଣ୍ଣ ପଦକ। ଭାରତ ଦଳରେ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ଅମିତ ରୋହିଦାସ୍ ପ୍ରତିନିଧିତ୍ୱ କରିଥିଲେ। ଏହି ଜୟଗାଥାର କାହାଣୀ ପ୍ରତ୍ୟେକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚାଇବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ପୂର୍ବ ନିର୍ଦ୍ଦେଶାନୁସାରେ ଶିକ୍ଷକମାନେ ସୋମବାର ପ୍ରାର୍ଥନା ସଭାରେ ଭାରତୀୟ ହକିର ଏହି ସଫଳତାରେ ଓଡ଼ିଶାର ଅବଦାନ ସମ୍ପର୍କରେ ପିଲାମାନଙ୍କୁ ବିସ୍ତୃତ ଭାବରେ କହିଥିଲେ। ଆମ ରାଜ୍ୟର ହକି ତାରକା ଦିଲୀପ ତିର୍କୀ, ବୀରେନ୍ଦ୍ର ଲାକ୍ରା, ଅମିତ୍ ରୋହିଦାସ୍, ନୀଲମ୍ ସଞ୍ଜୀବ୍ ଖେସ୍, ସୁଭଦ୍ରା ପ୍ରଧାନ, ନମିତା ଟପ୍ପୋ, ଲିଲିମା ମିଞ୍ଜଙ୍କ ପରି ଅନେକ ହକି କ୍ରୀଡ଼ାବିତ୍‌ଙ୍କ ସମ୍ପର୍କରେ ସୂଚନା ଦିଆଯାଇ ଛାତ୍ରୀଛାତ୍ରଙ୍କ ମନରେ ହକି ପ୍ରତି ଆଗ୍ରହ ସୃଷ୍ଟି କରାଯାଇଥିଲା। ଫଳରେ ସେମାନଙ୍କ ଉତ୍ସାହ ଓ ଆତ୍ମବିଶ୍ୱାସ ବଢ଼ିଥିବା ବିଭାଗ ପକ୍ଷରୁ କୁହାଯାଇଛି।

ଉଲ୍ଲେଖଯୋଗ୍ୟ, ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ ସହ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ସ୍କୁଲ ଶିକ୍ଷାରେ କ୍ରୀଡ଼ାର ଗୁରୁତ୍ୱକୁ ଉପଲବ୍ଧି କରି ଓଡ଼ିଶାରେ ୫-ଟି ହାଇସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ମାଧ୍ୟମରେ କ୍ରୀଡ଼ାକୁ ପ୍ରାଥମିକତା ଦିଆଯାଉଛି। ରୂପାନ୍ତରିତ ହୋଇଥିବା ସମସ୍ତ ସ୍କୁଲରେ ହକି, ଟେନିସ୍, ଫୁଟବଲ୍, ବାସ୍କେଟ୍ ବଲ୍ ସହ ପାରମ୍ପରିକ କ୍ରୀଡ଼ା ପାଇଁ ଆବଶ୍ୟକ ଭିତ୍ତିଭୂମି ଓ ଉପକରଣ ଯୋଗାଇ ଦିଆଯାଇଛି। ଆକର୍ଷଣୀୟ ଖେଳପଡ଼ିଆ ସହ ଇନ୍‌ଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଓ କ୍ରୀଡ଼ା ଉପକରଣ ମଧ୍ୟ ଯୋଗାଇ ଦିଆଯାଇଛି। ହକିକୁ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକରେ 'ମୋ ସ୍କୁଲ ହକି କ୍ଲବ୍' କାର୍ଯ୍ୟ କରୁଛି। ସ୍କୁଲସ୍ତରରୁ ପ୍ରତିଭା ଚିହ୍ନଟ ଓ ସେମାନଙ୍କୁ ଦକ୍ଷ କ୍ରୀଡ଼ାବିତ୍ କରି ଗଢ଼ି ତୋଳିବାରେ ଏହି କ୍ଲବ୍ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଷଷ୍ଠରୁ ଊର୍ଦ୍ଧ୍ୱ ଶ୍ରେଣୀର ଛାତ୍ରୀଛାତ୍ର ଏହି କ୍ଲବ୍‌ରେ ଅଂଶଗ୍ରହଣ କରି ହକି ଖେଳୁଛନ୍ତି।

## ଏଏସ୍‌ଓ ପରୀକ୍ଷା ଅନିୟମିତତା ମାମଲା

# ରହିତାଦେଶ ବଳବତ୍ତର

କଟକ,୯।୧୦(କାର୍ତ୍ତିକ ସାହୁ)

ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ପଦବୀର ଚୟନ ପରୀକ୍ଷା ଅନିୟମିତତା ମାମଲାରେ ଜଣିକିଆ ବିଚାରପତିଙ୍କ ରାୟ ଉପରେ ଜାରି ହୋଇଥିବା ରହିତାଦେଶକୁ ସୋମବାର ହାଇକୋର୍ଟ ବଳବତ୍ତର ରଖିଛନ୍ତି। ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ଏମ୍.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସମ୍ପର୍କିତ ସମସ୍ତ ମାମଲାର ଏକତ୍ର ଶୁଣାଣି ଦୁର୍ଗାପୂଜା ଛୁଟି ପରେ ହେବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)କୁ ପୂର୍ବ ପ୍ରକାଶିତ ମେଧା ତାଲିକା ରଦ୍ଦ କରି ନୂଆ ମେଧା ତାଲିକା ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାର ପୁନର୍ବିଚାର ନିମନ୍ତେ କେତେଜଣ ପରୀକ୍ଷାର୍ଥୀ ଡିଭିଜନ ବେଞ୍ଚରେ ଆବେଦନ କରିଥିଲେ। ଆବେଦନକାରୀ କବିତା ଜେନା ଏବଂ ଅନ୍ୟ ଜଣଙ୍କ ପକ୍ଷରୁ ଏହି ମାମଲାରେ ଜଣିକିଆ ବିଚାରପତିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ନିର୍ଦ୍ଦେଶ ବିରୋଧରେ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଡିଭିଜନ ବେଞ୍ଚ ଏହାକୁ ଗ୍ରହଣ କରି ପ୍ରାଥମିକ ପର୍ଯ୍ୟାୟରେ ସ୍ଥଗିତାଦେଶ ଜାରି କରିଥିଲେ।

ସୂଚନା ଅନୁସାରେ, ୨୦୨୨ ଅଗଷ୍ଟ ୨୭ ତାରିଖରେ ୭୯୬ଟି ଏଏସ୍‌ଓ ପଦ ଲାଗି ଓପିଏସ୍‌ସି ପକ୍ଷରୁ ଲିଖିତ ପରୀକ୍ଷା କରାଯାଇଥିଲା। ମୋଟ ୧ ଲକ୍ଷ ୪୮ ହଜାର ୮୮୮ ଜଣ ଆବେଦନକାରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୧୦୪ ଜଣ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ନେଇ ୨୦୨୨ ନଭେମ୍ବର ୭ରେ ଓପିଏସ୍‌ସି ବିଜ୍ଞପ୍ତି ପ୍ରକାଶ କରିଥିଲା। ଏହି ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀଙ୍କୁ ସାର୍ଟିଫିକେଟ୍ ଯାଞ୍ଚ ଓ କମ୍ପ୍ୟୁଟର (ପ୍ରାକ୍ଟିକାଲ) ସ୍କିଲ ଟେଷ୍ଟ ପାଇଁ ଡକାଯାଇଥିଲା। ଆରମ୍ଭରୁ ବିବାଦରେ ରହିଥିବା ଏଏସ୍‌ଓ ପରୀକ୍ଷାକୁ ନେଇ କେତେଜଣ ପ୍ରାର୍ଥୀ ଧାରଣା ଦେଇଥିଲେ। ଏନେଇ ହାଇକୋର୍ଟରେ ଏକାଧିକ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ପୂର୍ବ ମେଧା ତାଲିକା ଖାରଜ କରି ନୂତନ ମେଧା ତାଲିକା ପ୍ରସ୍ତୁତ କରିବାକୁ ଓପିଏସ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପୁଣି କେତେଜଣ ପରୀକ୍ଷାର୍ଥୀ ଏକ ରିଟ୍ ପିଟିଶନ୍ ଦାଖଲ କରି ଦର୍ଶାଇଥିଲେ ଯେ, ଏଏସ୍‌ଓ ପରୀକ୍ଷାରେ ଅନିୟମିତତା ଯୋଗୁ ସେମାନେ ପ୍ରଭାବିତ ହୋଇଛନ୍ତି। ହାଇକୋର୍ଟ ଉକ୍ତ ମାମଲାରେ ସେମାନଙ୍କ ଆବେଦନର ଶୁଣାଣି ନ କରି ରାୟ ପ୍ରକାଶ କରିଥିବାରୁ ସେମାନଙ୍କୁ ଏହି ମାମଲାରେ ପକ୍ଷଭୁକ୍ତ ହେବା ପାଇଁ ଅନୁମତି ଦିଆଯାଉ ବୋଲି ପ୍ରାର୍ଥନା କରିଥିଲେ। ଦୁଇଟିଯାକ ମାମଲାର ଏକତ୍ର ଶୁଣାଣି ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଗତ ଜୁଲାଇ ୩୧ରେ ହାଇକୋର୍ଟରେ ଉଭୟ ରିଟ୍ ପିଟିଶନ୍ ଓ ରିଭ୍ୟୁ ପିଟିଶନ୍‌ର ଏକତ୍ର ଶୁଣାଣି କରାଯାଇଥିଲା। ହାଇକୋର୍ଟ ପୂର୍ବ ନିର୍ଦ୍ଦେଶକୁ କାଏମ ରଖିବା ସହ ଦୁଇଟି ଯାକ ପିଟିଶନ୍‌କୁ ଖାରଜ କରିଦେଇଥିଲେ। ଏଏସ୍‌ଓ ନିଯୁକ୍ତି ନିମନ୍ତେ ଅନୁଷ୍ଠିତ ପରୀକ୍ଷା ଫଳ ପ୍ରକାଶରେ ଅନିୟମିତତା ହୋଇଥିବା ମାମଲାର ଶୁଣାଣି ଗତ ମେ ୧୯ ତାରିଖରେ ହୋଇଥିଲା। ସେହି ଶୁଣାଣିରେ ହାଇକୋର୍ଟ ଏଏସ୍‌ଓ ନିଯୁକ୍ତି ନେଇ ଓପିଏସ୍‌ସି ଦ୍ୱାରା ପ୍ରକାଶିତ ମେଧା ତାଲିକାକୁ ଖାରଜ କରିଥିଲେ। ଏଥିସହ ଆଗାମୀ ୨ ମାସ ମଧ୍ୟରେ ସାନି ମେଧା ତାଲିକା ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଓପିଏସ୍‌ସି ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ନ କରିବାରୁ କେତେଜଣ ପରୀକ୍ଷାର୍ଥୀ ଓପିଏସ୍‌ସି ବିରୋଧରେ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ।

# ଆନ୍ଧ୍ରର ଜଳ ସଂରକ୍ଷଣ ବନ୍ଧ ନିର୍ମାଣ ଯୋଜନା ପଣ୍ଡ କଲା ଓଡ଼ିଶା

ପଟ୍ଟାଙ୍ଗି,୯।୧୦(ଶରତ ଧଳ)

ପଡ଼ୋଶୀ ରାଜ୍ୟ ଆନ୍ଧ୍ରର ସରକାରୀ କର୍ମଚାରୀ ଓଡ଼ିଶାର ସୀମାନ୍ତ ଗ୍ରାମରେ ଅନୁପ୍ରବେଶ କରି ନିଜ ରାଜ୍ୟର ଚାଷୀଙ୍କ ପାଇଁ ଜଳ ସଂରକ୍ଷଣ ବନ୍ଧ ନିର୍ମାଣ ଯୋଜନାକୁ ଓଡ଼ିଶା ପଣ୍ଡ କରିଦେଇଛି। ଏ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନ ସୋମବାର ଘଟଣା ସ୍ଥଳରେ ପହଞ୍ଚି ଆନ୍ଧ୍ରର ସର୍ଭେରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଜବତ କରିଛି। ଏଥିରେ ନିୟୋଜିତ କର୍ମଚାରୀଙ୍କୁ ଦୀର୍ଘ ସମୟ ଧରି ଅଟକ ରଖି ପରେ ସେମାନଙ୍କଠାରୁ ଲିଖିତ ରୂପେ ଲେଖି ରଖିବା ପରେ ଅଧିକାରୀମାନେ ସେମାନଙ୍କୁ ଛାଡ଼ିଛନ୍ତି। ଖବରରୁ ଜଣାପଡ଼ିଛି, ବ୍ଲକ୍‌ର ସୁଙ୍କି, ରାଲେଗଡା ଓ ମାଡାୱାଲସା ପଞ୍ଚାୟତର ୧୪ଟି ଗ୍ରାମର ଗ୍ରାମବାସୀ ଗ୍ରାମ ନିକଟରେ ପ୍ରବାହିତ ପାହାଡି ନଦୀ ଉପରେ ନିର୍ଭର କରି ଚଳନ୍ତି। ଏହି ନଦୀ ଜଳରେ ସେମାନେ ଚାଷକରି ଜୀବିକା ନିର୍ବାହ କରନ୍ତି। ତେବେ ଆନ୍ଧ୍ର ନିଜ ରାଜ୍ୟ ଏବଂ ସୀମାନ୍ତ ଗ୍ରାମର ଚାଷୀଙ୍କ ପାଇଁ ମୁଙ୍ଗାରଗୁମି ଗ୍ରାମରେ ଏକ ଜଳସେଚନ ପ୍ରକଳ୍ପ ନେଇ ବନ୍ଧ ନିର୍ମାଣ କରିବାକୁ ଯୋଜନା କରି ଗତ ୨୬ରେ ଜମି ଚିହ୍ନଟ ସହ ସର୍ଭେ କାର୍ଯ୍ୟ ଆରମ୍ଭ କରିଥିଲା। ଏ ସମ୍ପର୍କରେ କେବଳ ଧରିତ୍ରୀରେ ଖବର ପ୍ରକାଶ ପରେ ସୋମବାର ବ୍ଲକ୍ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ ଓ ରାଜସ୍ୱ ସୁପରଭାଇଜର ଗୋଲକ ପରିଡ଼ା ସୁଙ୍କି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ପହଞ୍ଚି ଉପସ୍ଥିତ କର୍ମଚାରୀଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ତୁମ ରାଜସ୍ୱ ଅଞ୍ଚଳରେ ଆନ୍ଧ୍ର ଘଟାଉଥିବା ଘଟଣା ଉପରେ କାହିଁକି ସୂଚନା ରଖୁନାହଁ ବୋଲି ପଚାରିଥିଲେ। ପରେ ଏଠାରୁ ସୁଙ୍କି ପୋଲିସକୁ ନେଇ ତହସିଲଦାର ଧାରୁଆ ଓ ସୁପରଭାଇଜର ପରିଡା ଆନ୍ଧ୍ର ବନ୍ଧ ନିର୍ମାଣ ନେଇ ଯୋଜନା ପ୍ରସ୍ତୁତ କରୁଥିବା ମୁଙ୍ଗାରଗୁମି ଗ୍ରାମରେ ପହଞ୍ଚି ଆନ୍ଧ୍ରର ଚାଲିଥିବା ସର୍ଭେ କାର୍ଯ୍ୟ ବନ୍ଦ କରିଥିଲେ। ସର୍ଭେ କାର୍ଯ୍ୟରେ ବ୍ୟବହୃତ ସମସ୍ତ ସାମଗ୍ରୀ ଜବତ କରି ଏଥିରେ ନିୟୋଜିତ ତିନି କର୍ମଚାରୀ ମଧୁ ପାଟେଲ୍, ପୋରିକା ରାକେଶ ଏବଂ ରବି ଲାଲ୍ ବିଶ୍ୱକର୍ମାଙ୍କୁ ସୁଙ୍କି ଥାନାକୁ ଆଣି ଦୀର୍ଘ ସମୟ ଧରି ଅଟକ ରଖିଲେ। ପରେ ଅଟକ କର୍ମଚାରୀମାନେ ଲିଖିତ ପ୍ରତିଶ୍ରୁତି ଦେବାରୁ ସେମାନଙ୍କୁ ଛାଡ଼ିଥିଲେ।




ପୋଲିସ ଓ ତହସିଲଦାରଙ୍କ ଗହଣରେ ସୁଙ୍କି ଥାନାରେ ଅଟକ ଥିବା ଆନ୍ଧ୍ରର ୩ କର୍ମଚାରୀ।

- **ଖବର ପ୍ରକାଶ ପରେ ପ୍ରଶାସନର ତତ୍ପରତା**
- **ଘଟଣାସ୍ଥଳ ପରିଦର୍ଶନ କରି ସର୍ଭେ ସାମଗ୍ରୀ ଜବତ କଲେ ତହସିଲଦାର**

# ନଦୀ ଘାଟ ହେବ ସୁରକ୍ଷିତ

ଭୁବନେଶ୍ୱର,୯।୧୦(ଅନିଲ ଦାସ)

ରାଜ୍ୟରେ ନଦୀରେ ବୁଡ଼ି ଲୋକମାନେ ପ୍ରାଣ ହରାଉଥିବା ମାମଲା ବୃଦ୍ଧି ପାଉଥିବାରୁ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୧୦୦ଟି ନଦୀ ଘାଟକୁ ଚିହ୍ନଟ କରି ସେଠାରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ମହାନଦୀ, କାଠଯୋଡ଼ି, ବୈତରଣୀ, ବ୍ରାହ୍ମଣୀ ଭଳି ପ୍ରମୁଖ ନଦୀ ସମେତ ଏହାର ଶାଖା ନଦୀଗୁଡ଼ିକରେ ଥିବା ଘାଟଗୁଡ଼ିକୁ ଅଧିକ ସୁରକ୍ଷିତ କରାଯିବ। ଏଥିପାଇଁ ସ୍ୱତନ୍ତ୍ର ରିଲିଫ କମିଶନର(ଏସଆରସି)ଙ୍କ ପରାମର୍ଶ କ୍ରମେ ଜଳସମ୍ପଦ ବିଭାଗ ପକ୍ଷରୁ ନଦୀଘାଟଗୁଡ଼ିକର ଚିହ୍ନଟ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ରାଜ୍ୟରେ ନଦୀରେ ବୁଡ଼ି ପ୍ରାଣ ହରାଉଥିବା ଘଟଣାକୁ ନେଇ ଏସ୍‌ଆର୍‌ସି ଉଦ୍‌ବେଗ ପ୍ରକାଶ କରିବା ସହ ଅଧିକ ବୁଡ଼ି ଘଟଣା ହେଉଥିବା ନଦୀ ଘାଟଗୁଡ଼ିକର ଚାରିପାର୍ଶ୍ୱକୁ ସୁରକ୍ଷିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏସବୁ ସମ୍ବେଦନଶୀଳ ନଦୀଘାଟଗୁଡ଼ିକୁ ଚିହ୍ନଟ କରିବା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି।

# ୫ ଓଇଏସ୍ ଅଧିକାରୀଙ୍କ ବଦଳି

ଭୁବନେଶ୍ୱର,୯।୧୦(ଅସମାପିକା ସାହୁ)

ରାଜ୍ୟ ସରକାର ୫ଜଣ ଓଡ଼ିଶା ଶିକ୍ଷା ସେବା(ଓଇଏସ୍) ଅଧିକାରୀଙ୍କ ବଦଳି କରିଛନ୍ତି। ସେମାନେ ହେଲେ ବିଜେବି କଲେଜର ରାଜନୀତି ବିଜ୍ଞାନ ପ୍ରଫେସର ସୁମନ ଦାସ, ସମ୍ବଲପୁର ଆର୍‌ଡିଇର ଉପନିର୍ଦ୍ଦେଶକ ଡ. ଜିତେନ୍ଦ୍ର ସାହୁ, ଭୁବନେଶ୍ୱର ଆର୍‌ଡିଇର ଉପନିର୍ଦ୍ଦେଶକ ଡ. ଦେବେନ୍ଦ୍ର ଶତପଥୀ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରିନ୍ସପାଲ ଇନ୍‌ଚାର୍ଜ ତଥା ଇଂଲିଶ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ରଞ୍ଜିତ କୁମାର ପ୍ରଧାନ ଏବଂ ସମ୍ବଲପୁର ସରକାରୀ ମହିଳା କଲେଜର ଇକୋନୋମିକ୍ସ ବିଭାଗର ଆସୋସିଏଟ ପ୍ରଫେସର ଡ. ଉମାଶଙ୍କର ଦାଶ। ଏ ନେଇ ସୋମବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ପ୍ରଥମ ପୃଷ୍ଠାରୁ...

## 'ଡ୍ରିଙ୍କ ଫ୍ରମ୍ ଟ୍ୟାପ୍...

ରାଜଗାଙ୍ଗପୁର ଓ ନିମାପଡ଼ାକୁ ୨୪ ଘଣ୍ଟିଆ ପାନୀୟ ଜଳଯୋଗାଣ ସୁବିଧାର ଶୁଭାରମ୍ଭ କରିଛନ୍ତି। ଏସବୁ ସହରଗୁଡ଼ିକର ପ୍ରାୟ ୩୦ ହଜାର ପରିବାରର ୧.୮୦ ଲକ୍ଷ ଲୋକ ଏହା ଦ୍ୱାରା ଉପକୃତ ହେବେ। ସେହିପରି ୧୩ ପୌରାଞ୍ଚଳ ଯଥା- ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା, ସୁନ୍ଦରଗଡ଼, କେନ୍ଦୁଝର, ବ୍ୟାସନଗର, ଖୋର୍ଦ୍ଧା, ଜଟଣୀ, ଆନନ୍ଦପୁର, ଯୋଡ଼ା, ବଡବିଲ ଏବଂ ହିଞ୍ଜିଳିକାଟୁର ୧୪୯ଟି ୱାର୍ଡ ପାଇଁ ଏହି ସୁବିଧା ଆରମ୍ଭ କରାଯାଇଛି। ଏସବୁ ୱାର୍ଡର ପ୍ରାୟ ୧୦.୫୦ ଲକ୍ଷ ଜନସାଧାରଣ ଏହାଦ୍ୱାରା ଉପକୃତ ହେବେ। ୨ ଲକ୍ଷରୁ ଊର୍ଦ୍ଧ୍ୱ ପରିବାରଙ୍କୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ସୁବିଧା ମିଳିବ। ଏହି ୧୩ଟି ପୌରାଞ୍ଚଳର ଅବଶିଷ୍ଟ ୱାର୍ଡକୁ ଜଳଯୋଗାଣ ପାଇଁ କାର୍ଯ୍ୟ ଜାରି ରହିଛି ଏବଂ ଖୁବ୍‌ଶୀଘ୍ର ଏସବୁ ୱାର୍ଡବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ସୁବିଧା ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ କହିଛନ୍ତି, ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳଯୋଗାଣ ଦ୍ୱାରା ଗରିବ ଓ ଦୁର୍ବଳ ଅର୍ଥନୈତିକ ବର୍ଗର ଲୋକମାନେ ବିଶେଷ ଉପକୃତ ହେବେ। ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁ ଓଡ଼ିଶା ଆଜି ଅନ୍ୟ ରାଜ୍ୟ ଓ ଦେଶ ପାଇଁ ଆଦର୍ଶ ହୋଇପାରିଛି।

ଇଂଲଣ୍ଡର ଆନ୍ତର୍ଜାତିକ ଜଳସଂଘର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡ. କଳାନିଧି ଭୈରାଭମୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ଓଡ଼ିଶାରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ କାର୍ଯ୍ୟକ୍ରମ ଏକ ଅନନ୍ୟ ଉଦାହରଣ। ତାଙ୍କ ଜୀବନକାଳ ମଧ୍ୟରେ ଭାରତରେ ଏଭଳି ବ୍ୟବସ୍ଥା ହୋଇପାରିବ ବୋଲି ସେ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲେ। ଏହାକେବଳ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ରାଜନୈତିକ ଓ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଯୋଗୁ ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି। ଟେକ୍ନୋଲୋଜିର ପ୍ରୟୋଗ ଯୋଗୁ ଏହା ଅଧିକ ସଫଳ ହୋଇପାରିଛି। ଓଡ଼ିଶାର ସଫଳତା କାହାଣୀ ବିଷୟରେ ଅନ୍ୟ ରାଜ୍ୟର, ଅନ୍ୟ ଦେଶର ଲୋକ ଜାଣିବାର ବହୁତ ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

ମୟୂରଭଞ୍ଜର ରାଇରଙ୍ଗପୁର ଓ ସୁନ୍ଦରଗଡ଼ର ବୀରମିତ୍ରପୁର ସହରର ଜଳସାଥୀ ଇନ୍ଦୁମତୀ ମହାନ୍ତ ଓ ରଶ୍ମିତା ସାହୁ ପ୍ରମୁଖ ଭିଡିଓ କନ୍‌ଫରେନ୍ସ ଜରିଆରେ କାର୍ଯ୍ୟକ୍ରମରେ ଯୋଗଦେଇ ସେମାନଙ୍କର ଅନୁଭୂତି ବର୍ଣ୍ଣନା କରିଥିଲେ। ସେମାନେ କହିଛନ୍ତି, ପୂର୍ବରୁ ଦିନକୁ ମାତ୍ର ୨ଥର ପାଣି ଆସୁଥିବା ବେଳେ ବର୍ତ୍ତମାନ ୨୪ ଘଣ୍ଟିଆ ବିଶୁଦ୍ଧ ପାଣି ସମସ୍ତଙ୍କ ମୁହଁରେ ହସ ଆଣି ଦେଇଛି। କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ସଚିବ ଜି. ମାଥିଭାଥନନ୍ ସ୍ୱାଗତ ଭାଷଣ ଦେଇଥିଲେ। ୱାଟ୍‌କୋର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ଜିଲାରେ ମନ୍ତ୍ରୀ, ଏମ୍‌ପି, ବିଧାୟକ ତଥା ଜିଲାପାଳମାନେ ଭିଡିଓ କନ୍‌ଫରେନ୍ସରେ ଯୋଗଦେଇଥିଲେ।

## ଗୋଲ୍ଡିନ୍‌ଙ୍କୁ ଅର୍ଥନୀତିରେ...

ନୀତି ନିର୍ଦ୍ଧାରକମାନଙ୍କୁ ଏହି ଅସଙ୍ଗତି ବିଷୟକୁ କୌଶଳ କ୍ରମେ ଦୂର କରିବା ସକାଶେ ସୁଯୋଗ ଦେଇଛି ବୋଲି ନୋବେଲ କମିଟିର ସଦସ୍ୟ ଅର୍ଥନୀତିଜ୍ଞ ରଣ୍ଡି ଜାଲ୍‌ମାରସୋନ୍ କହିଛନ୍ତି। ଗୋଲ୍ଡିନ୍ କହିଛନ୍ତି ଯେ, ମହିଳାଙ୍କୁ ନେଇ ଘରେ ଯାହା ଘଟିଥାଏ ତାହା କାର୍ଯ୍ୟସ୍ଥଳୀରେ ପ୍ରତିଫଳିତ ହୋଇଥାଏ। ଅର୍ଥାତ୍ ମହିଳାଙ୍କ ଦକ୍ଷତା ଥିବା ସତ୍ତ୍ୱେ ସେମାନଙ୍କୁ କମ୍ ଦରମା ଦିଆଯାଏ। ତାଙ୍କ ବିଶ୍ଳେଷଣ କହିଥାଏ ଯେ, ବ୍ୟାପକ ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ସତ୍ତ୍ୱେ ନିଯୁକ୍ତି ବଜାରରେ ମହିଳାଙ୍କ ଭୂମିକା ଓ ସେମାନେ ପାଉଥିବା ଦରମାରେ ପରିବର୍ତ୍ତନ ଘଟି ନ ଥାଏ।

ଅର୍ଥନୀତି ପାଇଁ ନୋବେଲ ପାଇବେ ବୋଲି ଘୋଷଣା ହେବା ପରେ ଗୋଲ୍ଡିନ୍ ଆଶ୍ଚର୍ଯ୍ୟ ହେବା ସହ ଖୁସିବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ସପ୍ତାହରେ ମେଡିସିନ୍, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ସାହିତ୍ୟ ଓ ଶାନ୍ତି ପାଇଁ ବିଜେତାଙ୍କ ନାମ ଘୋଷଣା ପରେ ସୋମବାର ଅର୍ଥନୀତିରେ ନୋବେଲ ବିଜେତାଙ୍କ ନାମ ପ୍ରକାଶ କରାଯାଇଛି। ଉଲ୍ଲେଖ କରାଯାଇପାରେ ଯେ, ୧୯୬୮ରେ ସୁଇଡେନ୍‌ର ସେଣ୍ଟ୍ରାଲ ବ୍ୟାଙ୍କ ଆଲଫ୍ରେଡ୍ ନୋବେଲଙ୍କ ସ୍ମୃତିରେ ଅର୍ଥନୀତି ବିଜ୍ଞାନ କ୍ଷେତ୍ରକୁ ପୁରସ୍କୃତ କରିଆସୁଛି।

## ଅକ୍ଟୋବର ୩୧ ଯାଏ...

ସଂଘର ସାଧାରଣ ସମ୍ପାଦକ କହିଛନ୍ତି। ତେବେ ଅକ୍ଟୋବର ୩୧ ଯାଏ ବ୍ଲକ୍‌ରୁ ଜିଲା ସଦର ମହକୁମାକୁ ଲକ୍ଷ୍ମୀ ବସ ଚଳାଚଳ କରିବ ନାହିଁ। ଏହି ସମୟ ମଧ୍ୟରେ ଦାବି ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ। ଏଥିସହିତ ମୋ ବସ୍ ପାଇଁ ଗଠନ କରାଯାଇଥିବା କମିଟିର ପ୍ରଥମ ବୈଠକ ଆସନ୍ତା ୧୩ ତାରିଖରେ ଅନୁଷ୍ଠିତ ହୋଇ ନିଷ୍ପତ୍ତି ଗ୍ରହଣ କରାଯିବ। ୨୦୨୩ ଜାନୁୟାରୀ ସୁଦ୍ଧା ହୋଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ ହୋଇ ନ ଥିବାରୁ ୫-ଟି ସଚିବ ଅସନ୍ତୋଷ ପ୍ରକାଶ କରିଥିଲେ। ପରମିଟ୍ ଓ ମାଲିକାନା ପରିବର୍ତ୍ତନ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଘରୋଇ ବସ ମାଲିକଙ୍କଠାରୁ ଆସିଥିବା ସମସ୍ତ ଦରଖାସ୍ତକୁ ଆସନ୍ତା ଡିସେମ୍ବର ୩୧ ସୁଦ୍ଧା ବିଚାରକୁ ନେବାକୁ ପରିବହନ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୧୫ ବର୍ଷ ପରମିଟ୍ ସମୟକୁ ୨୦ ବର୍ଷକୁ ବୃଦ୍ଧି କରାଯାଇଥିବା ବସ୍‌ଗୁଡ଼ିକୁ ଅସ୍ଥାୟୀ ପରମିଟ୍ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଭିଏଲ୍‌ଟିଡି ଓ ପାନିକ ବଟନ ବ୍ୟବସ୍ଥା କାର୍ଯ୍ୟକାରୀ ଉପରେ ୨୦୨୪ ଡିସେମ୍ବର ଯାଏ ସମୟସୀମା ବୃଦ୍ଧି କରିବାକୁ ନିଷ୍ପତ୍ତି ହୋଇଛି।

ଏହି ବୈଠକରେ ପରିବହନ କମିଶନର ଅମିତାଭ ଠାକୁର, କ୍ରୁଟ୍‌ର ନିର୍ଦ୍ଦେଶକ ଅରୁଣ ବୋଥ୍ରା, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଓ ସଂଘ ସଭାପତି ଲୋକନାଥ ପାଣିଙ୍କ ସମେତ ସଂଘର ଅନ୍ୟାନ୍ୟ କର୍ମକର୍ତ୍ତା ବୈଠକରେ ଉପସ୍ଥିତ ଥିଲେ।

# ୧୨ରୁ ୬ ଜିଲାରେ 'ଲକ୍ଷ୍ମୀ' ବସ୍ ଚଳାଚଳ



ଲୋକସେବା ଭବନ କନ୍‌ଭେନ୍‌ଶନ ସେଣ୍ଟରରେ 'ଲକ୍ଷ୍ମୀ' ଯୋଜନାର ବସ୍ କର୍ମଚାରୀମାନଙ୍କ ସହିତ ଆଲୋଚନା କରୁଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

■ ମାଲକାନଗିରିରୁ ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ

■ ୬୫୦ କର୍ମଚାରୀଙ୍କ ସହ ଆଲୋଚନା କଲେ ୫-ଟି ସଚିବ

**ଭୁବନେଶ୍ୱର, ୯।୧୦(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ (୫-ଟି) ଭି.କେ. ପାଣ୍ଡିଆନ ସୋମବାର 'ଲକ୍ଷ୍ମୀ' ଯୋଜନାର ବସ୍ କର୍ମଚାରୀମାନଙ୍କ ସହିତ ଆଲୋଚନା କରି ସେମାନଙ୍କୁ ନିଃସ୍ୱାର୍ଥପର ସେବା ଯୋଗାଇ ଦେବାକୁ ପରାମର୍ଶ ଦେଇଛନ୍ତି। ଲୋକସେବା ଭବନ କନ୍‌ଭେନ୍‌ଶନ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ବସ୍ ଡ୍ରାଇଭର, କଣ୍ଡକ୍ଟର ଓ ମ୍ୟାନେଜରମାନଙ୍କୁ ମିଶାଇ ୬୫୦ କର୍ମଚାରୀ ଯୋଗ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ପ୍ରଥମ ପର୍ଯ୍ୟାୟରେ ଦକ୍ଷିଣାଞ୍ଚଳର ୬ ଜିଲାରେ ଲକ୍ଷ୍ମୀ ବସ୍ ଯୋଜନାରେ ବସ୍ ଚଳାଚଳ ଆରମ୍ଭ କରିବ। ଏହି ଜିଲାଗୁଡ଼ିକ ମାଲକାନଗିରି, ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ଗଜପତି ଓ କନ୍ଧମାଳ। ଆସନ୍ତା ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଲକାନଗିରି ଜିଲା ପାଇଁ ଏହି ଯୋଜନାର ଶୁଭାରମ୍ଭ କରିବେ। ଲକ୍ଷ୍ମୀ ଯୋଜନାରେ ବସ୍‌ଗୁଡ଼ିକ ପଞ୍ଚାୟତରୁ ବ୍ଲକ୍ ଓ ବ୍ଲକ୍‌ଠାରୁ ଜିଲା ମୁଖ୍ୟାଳୟ ପର୍ଯ୍ୟନ୍ତ ଚାଲିବା ପାଇଁ ଯୋଜନା ରହିଛି।

କର୍ମଚାରୀମାନଙ୍କୁ ସମ୍ବୋଧନ କରି ୫-ଟି ସଚିବ କହିଛନ୍ତି ଯେ, ଯୋଗାଯୋଗ ହେଉଛି ଅର୍ଥନୈତିକ ଓ ସାମାଜିକ ଉନ୍ନତିର ମୌଳିକ ଆଧାର। ତେଣୁ ଲୋକଙ୍କୁ ଉଚ୍ଚମାନର ସେବା ଯୋଗାଇଦେବା ଆମର ପ୍ରଥମ ଦାୟିତ୍ୱ ହେବା ଉଚିତ। ଏହି ବସ୍ ଯୋଜନାରେ ଛୋଟ ପିଲାଙ୍କଠାରୁ ଆରମ୍ଭକରି ଚାଷୀ, ବ୍ୟବସାୟୀ, ମିଶନ୍ ଶକ୍ତିର ମହିଳା ସମସ୍ତେ ଉପକୃତ ହେବେ। ସ୍କୁଲ, କଲେଜର ପିଲାମାନେ ସେମାନଙ୍କ ଶିକ୍ଷାନୁଷ୍ଠାନକୁ ଯାଇପାରିବେ। ଚାଷୀ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟକୁ ନେଇ ବଜାରରେ ସହଜରେ ବିକ୍ରିବଟା କରିପାରିବେ। ବ୍ୟବସାୟୀମାନେ ସୁରୁଖୁରୁରେ ବ୍ୟବସାୟ କରିପାରିବେ। ରୋଗୀମାନେ ଡାକ୍ତରଖାନାରେ ସୁବିଧାରେ ପହଞ୍ଚିପାରିବେ। ମିଶନ୍ ଶକ୍ତି ମହିଳାମାନେ ମଧ୍ୟ ସେମାନଙ୍କ କାର୍ଯ୍ୟ ପାଇଁ ଯାତାୟାତ କରିବା ସହଜ ହେବ ବୋଲି ସେ କହିଛନ୍ତି। ପାଣ୍ଡିଆନ ଆହୁରି କହିଛନ୍ତି, ଲକ୍ଷ୍ମୀ ସମୃଦ୍ଧିର ପ୍ରତୀକ। ତେଣୁ ଏହି ପରିବହନ ସେବା ଗାଁ ଗଣ୍ଡାରେ ସମୃଦ୍ଧି ଆଣିପାରିବ। ଅର୍ଥନୈତିକ ବିକାଶକୁ ମଧ୍ୟ ସୁନିଶ୍ଚିତ କରିବ। ଗ୍ରାମାଞ୍ଚଳ କ୍ଷେତ୍ରକୁ ରୂପାନ୍ତରିତ କରିବ। ତେଣୁ ବସ୍ କର୍ମଚାରୀମାନେ ଯାତ୍ରୀମାନଙ୍କୁ ସେମାନଙ୍କ ନିଜ ପରିବାରର ସଦସ୍ୟ ଭାବେ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଛନ୍ତି। ସେ ୩-ଏସ୍ ଯଥା ସୁରକ୍ଷା, ସୁବିଧା ଓ ସମ୍ମାନକୁ ଗୁରୁତ୍ୱ ଦେଇଛନ୍ତି। ସମସ୍ତଙ୍କ ସୁରକ୍ଷା, ଯାତ୍ରୀଙ୍କ ସୁବିଧା ଓ ପ୍ରତ୍ୟେକେ ଯେପରି ସମ୍ମାନର ସହିତ ଯାତାୟାତ କରିବେ, ସେଥିପ୍ରତି ଧ୍ୟାନ ଦେବା ହେଉଛି କର୍ମଚାରୀମାନଙ୍କ କର୍ତ୍ତବ୍ୟ ବୋଲି ପାଣ୍ଡିଆନ କହିଛନ୍ତି।

## ବେଗୁନିଆରେ ଖୋଲିବ ଉପଖଣ୍ଡ ହସ୍ପିଟାଲ

**ଭୁବନେଶ୍ୱର, ୯।୧୦(ଅସମାପିକା ସାହୁ):** ଖୋର୍ଦ୍ଧା ଜିଲା ବେଗୁନିଆଠାରେ ଉପଖଣ୍ଡ ହସ୍ପିଟାଲ(ଏସ୍‌ଡିଏଚ୍) ଖୋଲିବ। ୧୦୦ ଶଯ୍ୟା ବିଶିଷ୍ଟ ଏହି ଏସ୍‌ଡିଏଚ୍ ଖୋଲିବା ପାଇଁ ରାଜ୍ୟ ସରକାର ଅନୁମୋଦନ ଦେଇଛନ୍ତି। ଏ ନେଇ ସୋବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଗାଇଡ୍‌ଲାଇନ ଅନୁସାରେ ସମସ୍ତ ପ୍ରକାର ଭିତ୍ତିଭୂମି, ମାନବ ସମ୍ବଳ ଏବଂ ଆବଶ୍ୟକ ଲଜିଷ୍ଟିକର ବ୍ୟବସ୍ଥା ହେବା ପରେ ଏହି ଏସ୍‌ଡିଏଚ୍ କାର୍ଯ୍ୟକ୍ଷମ ହେବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।




# ସ୍ୱାଭାବିକଠାରୁ ୫ ଡିଗ୍ରୀ ଉପରେ ପାରଦ

■ ଅସ୍ତବ୍ୟସ୍ତ କରୁଛି ଗରମ

■ ୨୨ରେ ବଦଳିବ ପାଗ, ସୃଷ୍ଟି ହୋଇପାରେ ବାତ୍ୟା

**ଭୁବନେଶ୍ୱର,୯।୧୦(ଅନିଲ ଦାସ)**

ଗତ କିଛିଦିନ ହେବ ରାଜ୍ୟରେ ପ୍ରଚଣ୍ଡ ଖରା ଓ ଗରମ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ତାପମାତ୍ରା ୩୬ ଡିଗ୍ରୀ ସେଲସିୟସ ଉପରକୁ ଉଠି ଯାଉଛି। ଅକ୍ଟୋବର ଦ୍ୱିତୀୟ ସପ୍ତାହରେ ତାପମାତ୍ରା ସ୍ୱାଭାବିକ ଭାବେ ୩୦ରୁ ୩୨ ଡିଗ୍ରୀ ସେଲସିୟସ ରହିଥାଏ। ମାତ୍ର ଚଳିତବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ପାରଦ ୪ରୁ ୫ ଡିଗ୍ରୀ ସେଲସିୟସ ଅଧିକ ରହୁଛି। ସୋମବାର ରାଜ୍ୟର ଅଧିକାଂଶ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୩୪ରୁ ୩୫ ଡିଗ୍ରୀ ସେଲସିୟସ ଉପରେ ରହିଥିବା ବେଳେ ଝାରସୁଗୁଡାରେ ସର୍ବାଧିକ ୩୬.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆକାଶ ମେଘମୁକ୍ତ ରହିବା ସହ ଉତ୍ତର ଦିଗରୁ ବାୟୁ ପ୍ରବାହ ହେଉଛି। ଏଥିସହିତ ବାୟୁମଣ୍ଡଳରେ ଜଳୀୟକଣା ରହୁଥିବାରୁ ପରିବେଶ ଉଷ୍ମ ରହୁଛି। ଆସନ୍ତା ୨୦ ତାରିଖ ଯାଏ ଏଭଳି ପାଗ ଲାଗି ରହିବ। ୨୨ ତାରିଖରୁ ପାଗରେ ପରିବର୍ତ୍ତନ ହୋଇପାରେ। ଆସନ୍ତା ୧୫ କିମ୍ବା ୧୬ ତାରିଖ ବେଳକୁ ଦକ୍ଷିଣ ଚାଇନା ସାଗରରେ ଏକ ଘୂର୍ଣ୍ଣିବଳୟ ଦାନା ବାନ୍ଧିବା ସମ୍ଭାବନା ରହିଛି। ୧୮ ତାରିଖ ବେଳକୁ ଏହା ଲଘୁଚାପରେ ପରିଣତ ହୋଇ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଆଡ଼କୁ ମୁହାଁଇପାରେ। ଏହା ୨ରୁ ୪ ଦିନ ସମୁଦ୍ରରେ ରହି ଆହୁରି ଘନୀଭୂତ ହୋଇ ସାମୁଦ୍ରିକ ଝଡ଼ରେ ପରିଣତ ହୋଇପାରେ। ୨୪ ତାରିଖ ବେଳକୁ ଏହା ସିଭିୟର ସାଇକ୍ଲୋନିକ ଷ୍ଟର୍ମରେ ପରିଣତ ହେବ ବୋଲି କେତେକ ପାଣିପାଗ ମଡେଲ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ବାତ୍ୟାର ବେଗ ଓ ଏହା କେଉଁ ଦିଗକୁ ଗତି କରିବ ସେ ନେଇ କୌଣସି ସୂଚନା ଦିଆଯାଇ ନାହିଁ। ଆସନ୍ତା ୧୮ରୁ ୨୦ ତାରିଖ ବେଳକୁ ଏହା ସ୍ପଷ୍ଟ ହେବ ବୋଲି ଅନୁମାନ କରାଯାଉଛି। ଏହାର ପ୍ରଭାବରେ ରାଜ୍ୟରେ ପାଗରେ ପରିବର୍ତ୍ତନ ହୋଇପାରେ। ଅକ୍ଟୋବରରେ ରାଜ୍ୟକୁ ବାତ୍ୟା ଭୟ ରହିଛି। ପରିବେଶ ଉତ୍ତପ୍ତ ରହୁଥିବାରୁ ଆସନ୍ତା ୧୫ ଦିନ ରାଜ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ବଙ୍ଗୋପସାଗରରେ ବାତ୍ୟା ସୃଷ୍ଟି ଆଶଙ୍କା ଅଧିକ ରହିଛି ବୋଲି ପାଣିପାଗ ବିଶେଷଜ୍ଞ ମତ ଦେଉଛନ୍ତି।



"ନ୍ୟାୟ ଓ ସଦାଚାରର ପୂର୍ଣ୍ଣତା ନିମିତ୍ତ ଜଣେ ସନ୍ଥର ପବିତ୍ରତା ଯେତିକି ଆବଶ୍ୟକ – ଜଣେ ଯୋଦ୍ଧାର ଖଣ୍ଡା ମଧ୍ୟ ସେତିକି ଆବଶ୍ୟକ। ଶିବାଜୀଙ୍କ ବ୍ୟତୀତ ତାଙ୍କର ସନ୍ଥଗୁରୁ ରାମଦାସ ପୂର୍ଣ୍ଣ ହୋଇପାରନ୍ତି ନାହିଁ। ନ୍ୟାୟକୁ ରକ୍ଷା କରିବା ପାଇଁ ଓ ଦୁର୍ବଳଙ୍କୁ ବଳବାନର ଅତ୍ୟାଚାରରୁ ରକ୍ଷାକରିବା ପାଇଁ କ୍ଷତ୍ରିୟ ବୃତ୍ତିର ସୃଷ୍ଟି ହୋଇଛି। –ଶ୍ରୀଅରବିନ୍ଦ



# କେହି ନାହିଁ

ଜାତୀୟ କିମ୍ବା ଅନ୍ତର୍ଜାତୀୟ ସ୍ତରରେ ସୀମା ବିବାଦର ପରିଣାମ ସବୁବେଳେ ନକାରାତ୍ମକ ରହିଆସିଛି। ଏବେ ଭାରତ ଭିତରେ ନଦୀଜଳଠାରୁ ଆରମ୍ଭ କରି ସୀମାବିବାଦ ଭଳି ସମସ୍ୟା ଅନେକ ରାଜ୍ୟକୁ ହନ୍ତସନ୍ତ କରିରଖିଛି। ସଦ୍ୟ ପ୍ରକାଶିତ ଏକ ଖବରରୁ ଜଣାପଡ଼ିଛି ଯେ, ନିକଟରେ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ଏବେ ଓଡ଼ିଶାର କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ସୁଙ୍କି ପଞ୍ଚାୟତର ମୁଙ୍ଗାରଗୁମି ଗ୍ରାମ ନିକଟରେ ପ୍ରବାହିତ ପାହାଡ଼ୀ ନଈରେ ଜଳ ସଂରକ୍ଷଣ ବନ୍ଧ କରିବାକୁ ଯୋଜନା କରୁଛି। ଏଥିପାଇଁ ଆନ୍ଧ୍ର ସରକାର ସର୍ଭେ ଆରମ୍ଭ କରିଥିବା କୁହାଯାଇଛି। ସୂଚିତ କରାଯାଇପାରେ, ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ୧୯୬୦ ଦଶକରୁ ସୃଷ୍ଟି କୋଟିଆ ବିବାଦ ସମୟାନ୍ତରରେ ସାମ୍ନାକୁ ଆସିବାରେ ଲାଗିଛି। ନେରେଡି ଓ ପୋଲାଭରମ ଜଳ ପ୍ରକଳ୍ପ ଲାଗି ଓଡ଼ିଶା ସୀମାକୁ ଆନ୍ଧ୍ର ଦଖଲ କରିସାରିଲାଣି। ତେବେ ସୁଙ୍କି ପଞ୍ଚାୟତରେ ଆନ୍ଧ୍ରର ଏବକାର କାର୍ଯ୍ୟକଳାପ ପୁନର୍ବାର ଏକ ନୂଆ ବିବାଦ ସୃଷ୍ଟି କରାଉଛି। ଏ ସମ୍ପର୍କରେ ଧରିତ୍ରୀର ପ୍ରଥମ ପୃଷ୍ଠାରେ ଖବର ପ୍ରକାଶ ପାଇବା ପରେ ପଟ୍ଟାଙ୍ଗି ତହସିଲଦାର ଅକ୍ଟୋବର ୯ତାରିଖରେ ଘଟଣାସ୍ଥଳକୁ ଯାଇ ସର୍ଭେ କରୁଥିବା ୩ ଜଣ ବ୍ୟକ୍ତିଙ୍କୁ ଅଟକ ରଖିବା ସହ ସେମାନଙ୍କଠାରୁ ସାମଗ୍ରୀସବୁ ଜବତ କରିଛନ୍ତି। ଅନେକ ସମୟରେ ପ୍ରଶାସନ ସଚେତନ ରହି ମଧ୍ୟ ଓଡ଼ିଶା ସୀମାରେ ଥିବା ଗାଁକୁ ନିଜର କହି ସେଠାରେ ଆନ୍ଧ୍ର ତା' ଯୋଜନା କାର୍ଯ୍ୟକାରୀ କରିଛି ; ଏହାର ଅନ୍ୟ ଏକ ପୂର୍ବ ଦୃଷ୍ଟାନ୍ତ ହେଉଛି କୋଟିଆ। ଏଠାରେ ଦୁଇ ରାଜ୍ୟର ଅଧିକାରୀମାନେ ମଧ୍ୟ ମୁହାଁମୁହିଁ ହେଉଛନ୍ତି। ତେବେ ସୁଙ୍କି ପଞ୍ଚାୟତରେ ଆନ୍ଧ୍ରର କାର୍ଯ୍ୟକଳାପ ସୂଚାଉଛି ଯେ, ପୂର୍ବରୁ ଥିବା ସୀମା ବିବାଦ ତୁଟାଇବା ପରିବର୍ତ୍ତେ ଆନ୍ଧ୍ର ଏହାକୁ ବଢ଼ାଉଛି। ସୀମାକୁ ନେଇ ଓଡ଼ିଶା ସହ ଛତିଶଗଡ଼ ଓ ପଶ୍ଚିମବଙ୍ଗର ବିବାଦ ବି ଲାଗି ରହିଛି। ଏହା ବ୍ୟତୀତ କର୍ଣ୍ଣାଟକ–ମହାରାଷ୍ଟ୍ର, ଆସାମ ସହ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ଯଥା ମିଜୋରାମ, ନାଗାଲାଣ୍ଡ ଓ ମେଘାଳୟ ଏବଂ ହିମାଚଳ–ଲଦାଖ ମଧ୍ୟରେ ଆନ୍ତଃ ରାଜ୍ୟ ସୀମା ସମସ୍ୟାର ଗମ୍ଭୀରତା ପ୍ରକାଶ ପାଉଛି। ଜୁଲାଇ ୨୦୨୧ରେ ମିଜୋରାମ ଓ ଆସାମ ସୀମାରେ ସଂଘର୍ଷ ଘଟି ଆସାମର ୫ ପୋଲିସଙ୍କ ମୃତ୍ୟୁ ଓ ୫୦ରୁ ଅଧିକ ଆହତ ହେବା ଘଟଣା ଆନ୍ତଃରାଜ୍ୟ କଳିର ମାରାତ୍ମକ ରୂପକୁ ପ୍ରମାଣ କରିଦେଇଥିଲା। ଭାରତରେ ଆନ୍ତଃରାଜ୍ୟ ସୀମାବିବାଦ ରାଜନୈତିକ, ପ୍ରଶାସନିକ ଓ ନ୍ୟାୟିକ କ୍ଷେତ୍ରକୁ ପ୍ରଭାବିତ କରିଆସିଛି। ଏହା ଭାରତୀୟ ସଂଘୀୟ ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟିକରୁଛି। ଉଦାହରଣ ସ୍ୱରୂପ ଅତୀତକୁ ଦେଖିଲେ ଆସାମ ଓ ନାଗାଲାଣ୍ଡ ମଧ୍ୟରେ ସୀମାବିବାଦକୁ ନେଇ ଏକ ଯୁଦ୍ଧର ଆକାର ଧାରଣ କରିଥିଲା। ୧୯୮୫ରେ ଏହି ଦୁଇ ରାଜ୍ୟର ପୋଲିସଙ୍କ ମଧ୍ୟରେ ଦୁଇ ଦେଶର ସେନା ଭଳି ଗୁଳି ବିନିମୟ ହୋଇଥିଲା ; ଯେଉଁଥିରେ ୪୧ଜଣଙ୍କ ମୃତ୍ୟୁ ଘଟିଥିଲା। ଭାରତରେ ସଂଘୀୟ ବ୍ୟବସ୍ଥା ସହଯୋଗ ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭର କରେ। ସମ୍ବିଧାନରେ ସଂଘୀୟ ବ୍ୟବସ୍ଥା ସମ୍ପର୍କରେ ଉଲ୍ଲେଖ ଥିଲେ ମଧ୍ୟ ଜଳ ଏବଂ ଜମି ବିବାଦ ସମ୍ପର୍କରେ ସ୍ପଷ୍ଟ ନୀତି ଉଲ୍ଲେଖ କରାଯାଇନାହିଁ। ଭାରତରେ ରାଜ୍ୟଗୁଡ଼ିକର ବିକାଶ ଲାଗି ସଂଘୀୟବାଦ ବିଚାରରେ ଏକାଠି ହୋଇ ରହିବା ଯେତିକି ଗୁରୁତ୍ୱପୂର୍ଣ୍ଣ ତାହାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ହେଉଛି ଏହାକୁ ଧରିରଖିବା। ହେଲେ ରାଜ୍ୟଗୁଡ଼ିକ ମଧ୍ୟରେ ବଢୁଥିବା ସୀମାବିବାଦ ଏହା ପ୍ରତି ବିପଦ ଡାକିଆଣୁଛି। ଓଡ଼ିଶାରେ ସୀମା ବିବାଦ ଅନ୍ୟ ରାଜ୍ୟର ବିବାଦଠାରୁ ଭିନ୍ନତା ରହୁଛି। ସାଧାରଣରେ ଦେଖାଯାଉଛି ଯେ, ସୀମାନ୍ତ ଜିଲାଗୁଡ଼ିକରେ ପ୍ରଶାସକ ଅର୍ଥାତ୍ ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ଭଳି ପଦବୀରେ ଅଧିକ ଅଣଓଡ଼ିଆ ରହୁଥିବାରୁ ସେମାନଙ୍କର ରାଜ୍ୟ ପ୍ରତି ସତର୍କ ଦୃଷ୍ଟି ରହୁନାହିଁ। ଏହା ବ୍ୟତୀତ ସେହିସବୁ ଅଞ୍ଚଳର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଅନ୍ୟ ଅଧିକାରୀମାନଙ୍କୁ ବିଶେଷଭାବରେ ଏବଂ ବାରମ୍ବାର ସତର୍କ କରାଯାଉ ନ ଥିବା ଫଳରେ ସେମାନେ ଶିଥିଳ ପଡ଼ିଯାଉଛନ୍ତି। ଅପରପକ୍ଷରେ ଆନ୍ଧ୍ର ଏବଂ ବଙ୍ଗଳା ଭଳି ରାଜ୍ୟର ସରକାରୀ କର୍ମଚାରୀ ଓଡ଼ିଶାର ସୀମା ପାଖାପାଖି ଗ୍ରାମଗୁଡ଼ିକରେ ଉନ୍ନତିମୂଳକ କାର୍ଯ୍ୟକ୍ରମ କରାଉଥିବାରୁ ତାହା ବିଶେଷ ପ୍ରଭାବ ପକାଉଛି। ଏହା ବ୍ୟତୀତ ଓଡ଼ିଆ ଭାଷା ପ୍ରତି କାହାରି ଆନ୍ତରିକତା ରହୁ ନ ଥିବାରୁ ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକ ଏହି ଅଞ୍ଚଳରେ ତେଲୁଗୁ କିମ୍ବା ବଙ୍ଗଳା ଭାଷାଭାଷୀ ଲୋକଙ୍କୁ ଶିକ୍ଷୟିତ୍ରୀଶିକ୍ଷକ ଭାବେ ନିଯୁକ୍ତି ଦେଉଛନ୍ତି। ଗମନାଗମନ ଏବଂ ସ୍ୱାସ୍ଥ୍ୟସେବାରେ ଓଡ଼ିଶାର ସୀମା ଅଞ୍ଚଳରେ କୌଣସି ଉପସ୍ଥିତି ନ ଥିବାରୁ ସମସ୍ୟା ଅଧିକ ଜଟିଳ ହେଉଛି। ଏହି ସମସ୍ୟାର ସମାଧାନ ଅତି ସହଜ, କିନ୍ତୁ ସେଥିପାଇଁ ଦୃଷ୍ଟି ଦେବାକୁ କେହି ନାହିଁ।

> **ଗମନାଗମନ ଏବଂ ସ୍ୱାସ୍ଥ୍ୟସେବାରେ ଓଡ଼ିଶାର ସୀମା ଅଞ୍ଚଳରେ କୌଣସି ଉପସ୍ଥିତି ନ ଥିବାରୁ ସମସ୍ୟା ଅଧିକ ଜଟିଳ ହେଉଛି। ଏହି ସମସ୍ୟାର ସମାଧାନ ଅତି ସହଜ, କିନ୍ତୁ ସେଥିପାଇଁ ଦୃଷ୍ଟି ଦେବାକୁ କେହି ନାହିଁ।**

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | 3 | | | | 6 | | | 1 |
| 2 | | | 1 | | | 8 | | |
| | | | | 9 | | | 3 | |
| | 6 | | 4 | | | | | |
| | | 9 | | | | 1 | | |
| | | 2 | | | 9 | | | 8 |
| | | | | 5 | | | 4 | |
| 6 | 1 | | | | | | | |
| | | 7 | 2 | 8 | | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 4 | 5 | 2 | 1 | 6 | 9 | 7 |
| 9 | 2 | 7 | 8 | 4 | 6 | 1 | 3 | 5 |
| 6 | 1 | 5 | 9 | 3 | 7 | 4 | 8 | 2 |
| 1 | 4 | 6 | 2 | 9 | 3 | 7 | 5 | 8 |
| 5 | 8 | 9 | 7 | 6 | 4 | 3 | 2 | 1 |
| 3 | 7 | 2 | 1 | 5 | 8 | 9 | 6 | 4 |
| 7 | 9 | 1 | 6 | 8 | 2 | 5 | 4 | 3 |
| 2 | 6 | 3 | 4 | 7 | 5 | 8 | 1 | 9 |
| 4 | 5 | 8 | 3 | 1 | 9 | 2 | 7 | 6 |

ଗତକାଲିର ଉତ୍ତର

# ସୁଶାସନ ଓ କ୍ଷମତାର ବିକେନ୍ଦ୍ରୀକରଣ



ଇପ୍ସିତା ମହାନ୍ତି

ଶାସନ ଏବଂ କ୍ଷମତା ଦୁନିଆରେ ସୁଶାସନର ପ୍ରଥମ ସର୍ତ୍ତ ହେଉଛି ଜନସହଭାଗିତା। ଜନତାଙ୍କ ଭାଗୀଦାରିକୁ ସୁନିଶ୍ଚିତ କରିବା ପାଇଁ ବିକେନ୍ଦ୍ରୀକରଣ ଏକ ଅତ୍ୟାବଶ୍ୟକ କାରକ। ବିକେନ୍ଦ୍ରୀକରଣକୁ ବିଶ୍ୱାସ, ପାରଦର୍ଶିତା ଏବଂ ଦାୟିତ୍ୱବୋଧତା ନିର୍ମାଣକାରୀ ସରକାରର ଏକ ବିକଳ୍ପ ନମୁନା ରୂପେ ଗ୍ରହଣ କରାଯାଇଛି। ମୂଳକଥା ହେଉଛି ସାଧାରଣ ଜନତାଙ୍କ ସହଭାଗିତା ବିନା ତୃଣମୂଳ ସ୍ତରୀୟ ବିକାଶ ବିଷୟରେ ପରିକଳ୍ପନା କରାଯାଇ ନ ପାରେ। ବିକେନ୍ଦ୍ରିତ ଶାସନ ବ୍ୟବସ୍ଥା ସୁଶାସନର ପାରସ୍ପରିକ ସମ୍ପର୍କକୁ କେବଳ ପ୍ରତିଫଳିତ କରି ନ ଥାଏ ବରଂ ତାହାକୁ ବ୍ୟାଖ୍ୟା କରିଥାଏ। ଏଠାରେ ସୂଚିତ ନୀତିନିୟମର ଅନୁପାଳନ ସ୍ୱଚ୍ଛତା, ସ୍ପଷ୍ଟତା ଏବଂ ନ୍ୟାୟ ନିହିତ ଥାଏ।

ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ଅଧୀନରେ ସ୍ଥାନୀୟ ସ୍ତରରେ କ୍ଷମତାର ସହଭାଗିତାକୁ ସୁନିଶ୍ଚିତ କରିବା ସହ ସ୍ୱୟଂର ବିକାଶ ଏବଂ ନ୍ୟାୟ ପାଇଁ ଯେଉଁ ବ୍ୟବସ୍ଥା ଗ୍ରହଣ କରାଯାଇଛି ; ତାହା ହେଉଛି ପଞ୍ଚାୟତିରାଜ ବ୍ୟବସ୍ଥା। ଏହା ମାଧ୍ୟମରେ ସମାଜର ତଳସ୍ତରର ଜନତାଟିଏ ଶାସନ କ୍ଷମତାରେ ଅଂଶଗ୍ରହଣ ପାଇଁ ଅଧିକାର ପାଇଛି। ଏହି ବ୍ୟବସ୍ଥାରେ କ୍ଷମତାର ବିକେନ୍ଦ୍ରୀକରଣ ହୋଇଥାଏ। ଏହା ଗଣତନ୍ତ୍ରର ଏକ ମହତ୍ତ୍ୱପୂର୍ଣ୍ଣ ସୋପାନ। ବିଶ୍ୱବ୍ୟାଙ୍କ ଅନୁସାରେ, "ସୁଶାସନ ଏପରି ଏକ ସେବା ସହ ଜଡ଼ିତ, ଯିଏ ସୁଦକ୍ଷ। ଏହା ଏପରି ଏକ ନ୍ୟାୟିକ ସେବା ସହ ଅନୁବନ୍ଧିତ, ଯିଏ ବିଶ୍ୱାସଯୋଗ୍ୟ। ଏହା ଏପରି ଏକ ପ୍ରଶାସନିକ ବ୍ୟବସ୍ଥା ସହ ସମ୍ବୋଧିତ, ଯିଏ ଜନସାଧାରଣଙ୍କ ପ୍ରତି ଉତ୍ତରଦାୟୀ''। କେବଳ ବିକେନ୍ଦ୍ରୀକରଣ ଏବଂ ସୁଶାସନ ଦ୍ୱାରା ହିଁ ଆମେ ସାମାଜିକ ଆତ୍ମନିର୍ଭରଶୀଳତାଠାରୁ ଆରମ୍ଭ କରି ସାମାଜିକ ସମସ୍ୟା ଏବଂ ତାହାର ସମାଧାନ ପର୍ଯ୍ୟନ୍ତ ପହଞ୍ଚି ପାରିବା। ଆତ୍ମନିର୍ଭର ଭାରତ ପାଇଁ ଏହି ଉପକରଣ ଦ୍ୱୟ ଅତି ମୂଲ୍ୟବାନ ହତିଆର।

ବିକେନ୍ଦ୍ରୀକରଣ, ଗଣତନ୍ତ୍ରର ଏକ ପ୍ରମୁଖ ଉପକରଣ। ଆମ ଦେଶର ୭୩ତମ ଏବଂ ୭୪ତମ ସାମ୍ବିଧାନିକ ସଂଶୋଧନ ଏହାର ଏକ ବଡ଼ ଉଦାହରଣ। ସେହିଭଳି ନାଗରିକ ଘୋଷଣାପତ୍ର, ସୂଚନା ଅଧିକାର, ସୂଚନା ଓ ପ୍ରଦ୍ୟୋଗିକ ବିପ୍ଳବ ଅର୍ଥାତ୍ ଇ–ଶାସନ ଆଦି କାର୍ଯ୍ୟକ୍ରମ ନାଗରିକ ସଶକ୍ତୀକରଣକୁ ପ୍ରୋତ୍ସାହିତ କରିଥାଏ। ପ୍ରଶାସନ ଏବଂ ନାଗରିକଙ୍କ ପାରସ୍ପରିକ ସମ୍ପର୍କ ବୃଦ୍ଧିରେ ଏହା ସହାୟକ ହେଉଛି ; ଯାହା ପ୍ରଶାସନକୁ ଅଧିକ ପ୍ରଭାବଶାଳୀ ଏବଂ ଜନମଙ୍ଗଳକାରୀ ଭାବେ ଗଢ଼ି ତୋଳୁଛି। କିନ୍ତୁ ଅନେକ କ୍ଷେତ୍ରରେ ଆନ୍ତରିକତାର ଅଭାବ ଯୋଗୁ ପ୍ରଶାସନ ଯଥେଷ୍ଟ ପ୍ରଭାବଶାଳୀ ହୋଇପାରୁନାହିଁ। ବାସ୍ତବିକ ବିକେନ୍ଦ୍ରୀକରଣର ଅଭିପ୍ରାୟ ଅଧିକାରକୁ ବିତରିତ କରିଥାଏ। ସମ୍ବିଧାନର ସପ୍ତମ ଅଧିସୂଚୀରେ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ନିହିତ କାର୍ଯ୍ୟର ବଣ୍ଟନ ବିଷୟରେ ଆଲୋଚିତ ହୋଇଛି ; ଯାହା ବିକେନ୍ଦ୍ରିତ ଭାବନା ସହ ସୁଶାସନର



ପରିପାଟୀକୁ ଏକ ସମୁଚିତ ଅର୍ଥ ପ୍ରଦାନ କରିଥାଏ।

କରୋନା କାଳରେ ବିପର୍ଯ୍ୟୟର ଭୟଙ୍କର ସ୍ୱରୂପକୁ ଦୃଷ୍ଟିରେ ରଖି କେଉଁଠାରୁ କେତେ ପରିମାଣର ନିଷ୍ପତ୍ତି ନିଆଯିବା ଉଚିତ ; ତାହାର ଏକ ସଂଘର୍ଷ ଦେଖିବାକୁ ମିଳିଥିଲା। କରୋନାର ପ୍ରଥମ ଲହର ବେଳେ ସାରାଦେଶ ସମ୍ପୂର୍ଣ୍ଣ ତାଲାବନ୍ଦ ନିୟମକୁ କଡ଼ାକଡ଼ି ପାଳନ କରିଥିଲା। ଏହା ଥିଲା ଏକ କେନ୍ଦ୍ରୀୟ ନିଷ୍ପତ୍ତି। ଦ୍ୱିତୀୟ ତରଙ୍ଗ ସମୟରେ ଏଭଳି ନିଷ୍ପତ୍ତିକୁ ରାଜ୍ୟଗୁଡ଼ିକ ମାଧ୍ୟମରେ କାର୍ଯ୍ୟକାରୀ କରାଇ ବିକେନ୍ଦ୍ରୀକରଣର ପରିଚୟ ଦିଆଗଲା। ବିଭିନ୍ନ ପରିଯୋଜନା ଓ ନୀତିନିୟମକୁ ତୃଣମୂଳ ସ୍ତରରେ ବ୍ୟବସ୍ଥିତ ଢଙ୍ଗରେ କାର୍ଯ୍ୟକାରୀ କରିବା ପାଇଁ ତଥା ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମକୁ ସମ୍ବେଦନଶୀଳତା ସହକାରେ ସମ୍ପାଦନା କରିବା ଲାଗି ସୁଶାସନ ସର୍ବଦା ଲକ୍ଷ୍ୟ ରଖିଥାଏ। ସାରାଦେଶ ପାଇଁ ବିଭିନ୍ନ ଜନହିତକର ପରିଯୋଜନା ପ୍ରସ୍ତୁତ କରିବା ସହ ସେସବୁର କାର୍ଯ୍ୟକାରିତାକୁ ନିରୀକ୍ଷଣ କରି କେନ୍ଦ୍ର ସରକାର ନିଜ ପକ୍ଷକୁ ସୁଦୃଢ଼ ରଖିଥାଏ। କିନ୍ତୁ ରାଜ୍ୟ ସରକାର ହେଉଛନ୍ତି ସେହି ବାହୁ, ଯିଏ ଆବଶ୍ୟକ ଜିନିଷଗୁଡ଼ିକୁ ସମସ୍ତ ହିତାଧିକାରୀଙ୍କ ମଧ୍ୟରେ ସୁଷମ ଭାବେ ବଣ୍ଟନ କରେ। ଏହି ବାହୁ ସ୍ୱଚ୍ଛ ଓ ସୁଦୃଢ଼ ହେବା ଆବଶ୍ୟକ। ଏହା ବିକେନ୍ଦ୍ରୀକରଣ ଏବଂ ସୁଶାସନର ଏକ ଉତ୍ତମ ଲକ୍ଷଣ।

ବାସ୍ତବରେ ସୁଶାସନ ହେଉଛି ଏକ ଗତିଶୀଳ ଅବଧାରଣା ; ଯାହାର ଅଧୀନରେ ସଭିଙ୍କ ହିତ ପାଇଁ କାର୍ଯ୍ୟ ଚାଲେ। ଅର୍ଥଶାସ୍ତ୍ରରେ କୌଟିଲ୍ୟଙ୍କ ଶାସକୀୟ ବିଚାର ସୁଶାସନର ଏକ ଧାରା ; ଯେଉଁଥିରେ ବିକେନ୍ଦ୍ରୀକରଣର ପ୍ରକୃତ ଅର୍ଥ ନିହିତ। ସେତେବେଳେ କ୍ଷମତା କେନ୍ଦ୍ରୀଭୂତ ଥିଲା। କିନ୍ତୁ ସେହି କେନ୍ଦ୍ରୀଭୂତ କ୍ଷମତାର ଦୃଷ୍ଟିକୋଣ ଜନସାଧାରଣଙ୍କ ସ୍ୱାର୍ଥ ଦିଗକୁ ଢଳି ରହିଥିଲା। ପ୍ରକୃତରେ ବିକେନ୍ଦ୍ରୀକରଣ ଦ୍ୱାରା କେନ୍ଦ୍ର ନିଜର ଅସ୍ତିତ୍ୱ ହରାଏ ନାହିଁ ବରଂ ରାଜ୍ୟମାନଙ୍କ ସହ ମିଳିମିଶି ସେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲାଏ। କରୋନା ବିପର୍ଯ୍ୟୟର ମୁକାବିଲା ପାଇଁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ରାଜନୈତିକ ଅଭିସନ୍ଧିରୁ ଊର୍ଦ୍ଧ୍ୱରେ ରହି କେବଳ ସୁଶାସନ ପ୍ରତିଷ୍ଠା ଦିଗରେ ଧ୍ୟାନ ଦେଇଥିଲେ। ସେହିଭଳି ବିଦ୍ୟମାନ ସାଂସ୍କୃତିକ ତତ୍ତ୍ୱରେ ବିକେନ୍ଦ୍ରୀକରଣ ଏକ ପ୍ରସଙ୍ଗ ହେବା ଉଚିତ। ବଦଳୁଥିବା ସମ୍ପର୍କ ପ୍ରତି ତାକୁ ସମ୍ବେଦନଶୀଳ ରହିବାକୁ ପଡ଼ିବ। କର୍ତ୍ତବ୍ୟ ସହିତ ନିଷ୍ପତ୍ତି ଏବଂ ଅଧିକାର ଗୋଟିଏ ଏକକ ଭାବେ ବଣ୍ଟିତ ହେଲେ ଶାସନ ବ୍ୟବସ୍ଥାରେ ସ୍ଥିରତା ଆସିବ।

ସମସ୍ତଙ୍କ ପାଇଁ ବିକେନ୍ଦ୍ରୀକରଣ ହୋଇପାରିବ ନାହିଁ। କିନ୍ତୁ ସମସାମୟିକ ବିକାଶକୁ ଦେଖି ଜାଣିପାରିବା ଯେ ସାରାବିଶ୍ୱରେ ଜଗତୀକରଣ ଶାସନ ବ୍ୟବସ୍ଥାକୁ କେବଳ ରୂପାନ୍ତରିତ କରେନାହିଁ ବରଂ ଏହି ରୂପାନ୍ତରଣର ମାତ୍ରା କେତେ ବୋଲି ପ୍ରଶ୍ନ ଉଠେ। ବର୍ତ୍ତମାନ ସୁଦ୍ଧା ଏହାର ଠିକ୍ ଯାଞ୍ଚ ହୋଇନାହିଁ। ବୈଶ୍ୱିକ ସମ୍ବିଧାନବାଦ ଏବଂ ନାଗରିକ ସମାଜର ଜଗତୀକରଣ ହେଉଛି ଜଗତୀକରଣ ପ୍ରକ୍ରିୟାର ଅନ୍ୟ ଏକ ବିଶେଷତ୍ୱ। ଶିଶୁ ବିକାଶ, ମହିଳା ବିକାଶ, ମାନବିକ ଅଧିକାର, ଜଳବାୟୁ ପରିବର୍ତ୍ତନ ଭଳି କ୍ଷେତ୍ରର ଅନ୍ତର୍ଜାତୀୟ ଆଇନରେ ସ୍ୱାକ୍ଷର କରିଥିବା ଦେଶଗୁଡ଼ିକ ସୁଶାସନ ପାଇଁ ଏକ ଢାଞ୍ଚା ଆବଶ୍ୟକ କରନ୍ତି। କେବଳ କେନ୍ଦ୍ରୀୟ ବ୍ୟବସ୍ଥା ମାଧ୍ୟମରେ ଏସବୁ ଆବଶ୍ୟକତା ପ୍ରତିଷ୍ଠା କରାଯାଇ ନ ପାରେ। ଏଭଳି ସ୍ଥିତିରେ ବିକେନ୍ଦ୍ରୀକରଣ ଆଜି ସମୟର ଆବଶ୍ୟକତା ପାଲଟିଛି।

୧୯୯୧ରେ ଉଦାରୀକରଣ ପରେ ସୁଶାସନର ଧାରଣା ଉତ୍ପନ୍ନ ହୋଇଥିଲା। ସେବେଠାରୁ ଅନେକ ସରକାର ଆସିଛନ୍ତି ଓ ଯାଇଛନ୍ତି। ଉଦାରୀକରଣ ନାମକ ବୃକ୍ଷଟି ମହାଦ୍ରୁମରେ ପରିଣତ ହୋଇଛି ସତ, କିନ୍ତୁ ସୁଶାସନ ଆଜି ପଛରେ ରହିଯାଇଛି। ୧୯୫୨ର ସାମୂହିକ ବିକାଶ କାର୍ଯ୍ୟକ୍ରମ ଥିଲା ବିକେନ୍ଦ୍ରିତ ଆଧାରିତ ; ଯାହା ଗ୍ରାମୀଣ ବିକାଶର ଧାରଣା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଥିଲା। କିନ୍ତୁ ମୌଳିକ ବିକାଶର ଅଭାବ ହେତୁ ସେତେବେଳେ ତାହା ଗାଁରେ ପହଞ୍ଚି ପାରିଲା ନାହିଁ; ଯେଉଁଥିପାଇଁ ୧୯୫୩ରେ ରାଷ୍ଟ୍ରୀୟ ପ୍ରସାର ସେବା ଆରମ୍ଭ କରାଗଲା। କିନ୍ତୁ ତାହା ଧରାଶାୟୀ ହେଲା। ଏହି ବିଫଳତାର ଅନୁସନ୍ଧାନ ପାଇଁ ଗଠିତ ହୋଇଥିଲା ବଲୱନ୍ତ ରାୟ ମେହେଟ୍ଟା କମିଟି। ଉକ୍ତ କମିଟିର ସୁପାରିସରୁ ଏହା ସ୍ପଷ୍ଟ ହୋଇଥିଲା ଯେ ଯେଉଁମାନଙ୍କର ବିକାଶ କରିବାକୁ ଚାହୁଁଛ, ସେମାନଙ୍କ ଉପରେ ଏହି ଦାୟିତ୍ୱ ନ୍ୟସ୍ତ କରିଦେବା ଉଚିତ ହେବ। ସ୍ୱାଧୀନ ଭାରତରେ ଏହିଠାରୁ ହିଁ ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣର ମୂଳଦୁଆ ପଡ଼ିଥିଲା । ଫଳସ୍ୱରୂପ ରାଜସ୍ଥାନର ନାଗୌରରେ ପଞ୍ଚାୟତିରାଜ ବ୍ୟବସ୍ଥାର ଶୁଭାରମ୍ଭ ହୋଇଥିଲା। ଦୀର୍ଘ ଦଶନ୍ଧିର ଜୟଯାତ୍ରା ସହ ଏହି ବ୍ୟବସ୍ଥା ଉଦାରୀକରଣ ପରେ ୧୯୯୨ର ୭୩ତମ ଏବଂ ୭୪ତମ ସମ୍ବିଧାନ ସଂଶୋଧନ ଅବସରରେ ଏକ ମାଇଲଖୁଣ୍ଟ ରୂପେ ପରିଗଣିତ ହୋଇଥିଲା। ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ବ୍ୟବସ୍ଥାରେ ଗାଁକୁ ଏକକ ରୂପେ ଗ୍ରହଣ କରି ସେହି କ୍ଷୁଦ୍ର ଅଞ୍ଚଳରେ ଏକ ବଡ଼ ସରକାର ସ୍ଥାପିତ କରାଗଲା ; ଯିଏ ସୁଶାସନର ନୂତନ ଦିଗ ଦେଖାଇ ଚାଲିଛି। ସ୍ଥାୟୀ ସରକାର ଏବଂ ସୁଶାସନ ପରସ୍ପର ପରିପୂରକ। କିନ୍ତୁ ଏହି ସତ୍ୟତା ସହିତ ସୁଶାସନ କେବଳ ଚିନ୍ତାଧାରାରେ ଚାଲିପାରିବ ନାହିଁ। ଏଥିପାଇଁ ବିକେନ୍ଦ୍ରୀକରଣ ବ୍ୟବସ୍ଥା ସଶକ୍ତ ହେବା ଆବଶ୍ୟକ। **ବୈପାରୀଗୁଡ଼ା, କୋରାପୁଟ**

**ମୋ : ୬୩୭୦୬୭୯୪୦୫**

# ବଜ୍ରପାତ ବଢୁଛି



ଇଂ. ମାୟାଧର ସ୍ୱାଇଁ

ବଜ୍ରପାତ ହେଉଛି ଏକ ପ୍ରାକୃତିକ ଘଟଣା। ଏହା ବୁଝି ନ ଥିଲେ ସୁଦ୍ଧା ମନୁଷ୍ୟ ଆବହମାନ କାଳରୁ ଏହାକୁ ଦେଖି ଆସୁଛି। ବାସ୍ତବରେ ଏହା ହେଉଛି ଗୋଟିଏ ଅତ୍ୟୁଚ୍ଚ ଭୋଲ୍‌ଟେଜ୍‌ର ବିଦ୍ୟୁତ୍ ସ୍ଫୁଲିଙ୍ଗ। ଘରେ ବ୍ୟବହାର ହେଉଥିବା ବିଦ୍ୟୁତ୍ ଭୋଲ୍‌ଟେଜ୍‌ର ଏହା ହେଉଛି ହଜାର ହଜାର ଗୁଣ। ଏଣୁ ଏହାର ଧ୍ୱଂସକାରୀ ଶକ୍ତି ହେଉଛି ଅଧିକ।

ପୃଥିବୀରେ ଯେକୌଣସି ସମୟରେ ପ୍ରାୟ ୨୦୦୦ଟି ବଜ୍ରପାତ ଘଟୁଛି। କିନ୍ତୁ ଦେଖାଯାଇଛି ଯେ ଗତ କେତେବର୍ଷ ଧରି ବଜ୍ରପାତର ସଂଖ୍ୟା ବୃଦ୍ଧି ପାଉଛି। ବିଶେଷଭାବେ ଓଡ଼ିଶା ସମେତ ପୂର୍ବ ଭାରତ ରାଜ୍ୟଗୁଡ଼ିକରେ ଏହା ଅଧିକ ଭାବରେ ଦେଖାଯାଉଛି। ଗତ ସେପ୍ଟେମ୍ବର ୨ରେ ଓଡ଼ିଶାରେ ବଜ୍ରପାତରେ ୧୨ ଜଣଙ୍କ ମୃତ୍ୟୁ ହୋଇଛି। ସବୁଠାରୁ ଆଶ୍ଚର୍ଯ୍ୟ ଯେ ଏହି ଦିନ ୨ ଘଣ୍ଟା ମଧ୍ୟରେ ୬୧,୦୦୦ ବଜ୍ରପାତ ହୋଇଛି। ଓଡ଼ିଶାରେ ଏହା ଅଧିକ ଭାବେ ଦେଖାଦେଉଥିବାରୁ ଏହାକୁ ଜାତୀୟ ବିପତ୍ତି ଭାବେ ଘୋଷଣା କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଓଡ଼ିଶା ସରକାର ପ୍ରସ୍ତାବ ଦେଇଛନ୍ତି। ଓଡ଼ିଶା ସରକାରଙ୍କ ସୂଚନା ଅନୁଯାୟୀ ବଜ୍ରପାତ ଯୋଗୁ ଗତ ୨୦ ବର୍ଷରେ ଓଡ଼ିଶାରେ ୪ ହଜାରରୁ ଅଧିକ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି କୃଷକ। ଜମିରେ କାମ କରୁଥିବା ବେଳେ ସେମାନେ ଏହାର ଶିକାର ହୋଇଛନ୍ତି।

ଭାରତର ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ପ୍ରକାଶ କରିଛି, ଦେଶରେ ବର୍ଷକୁ ପ୍ରାୟ ୨୫୦୦ ଲୋକ ବଜ୍ରପାତରେ ମୃତ୍ୟୁବରଣ କରୁଛନ୍ତି। ପୁଣେରେ ଥିବା ଭାରତୀୟ କ୍ରାନ୍ତୀୟ ପାଣିପାଗ ଅନୁଷ୍ଠାନର ବଜ୍ରପାତ ଚିହ୍ନଟ ନେଟ୍‌ୱର୍କ ତଥ୍ୟରୁ ଜଣାପଡ଼ିଛି, ୨୦୧୯ରୁ ୨୦୨୩ ମସିହା ମଧ୍ୟରେ ଦେଶରେ ବଜ୍ରପାତର ସଂଖ୍ୟା ୫୩ ପ୍ରତିଶତ ବୃଦ୍ଧି ପାଇଛି ଏବଂ କେତେକ ରାଜ୍ୟରେ ଏହି ବୃଦ୍ଧି ହେଉଛି ୩୦୦ ପ୍ରତିଶତ। ୨୦୧୯–୨୦ ମସିହାରେ ଦେଶରେ ୫୧.୬ ଲକ୍ଷ ବଜ୍ରପାତ ହୋଇଥିବା ବେଳେ ୨୦୨୨–୨୩ ମସିହାରେ ଏହାର ସଂଖ୍ୟା ହେଉଛି ୭୨.୬ ଲକ୍ଷ। ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଛତିଶଗଡ଼, ଓଡ଼ିଶା, ବିହାର ଓ ଉତ୍ତର ପ୍ରଦେଶରେ ଅଧିକ ବଜ୍ରପାତ ହେଉଛି।

ବୈଜ୍ଞାନିକମାନେ ବଜ୍ରପାତ ବୃଦ୍ଧି ପାଇଁ ଜଳବାୟୁ ପରିବର୍ତ୍ତନକୁ ଦାୟୀ କରୁଛନ୍ତି। ବଜ୍ରପାତ ସୃଷ୍ଟି ପାଇଁ ଆକାଶରେ ଜଳବିନ୍ଦୁ ଓ ଉତ୍ତାପ ଆବଶ୍ୟକ। ବାୟୁ ଉତ୍ତପ୍ତ ହେଲେ ଏହା ଉପରକୁ ଉଠିଥାଏ ଏବଂ ଏହା ଉପରକୁ ଯିବାବେଳେ ଆକାଶରେ ଥିବା ଥଣ୍ଡା ବାୟୁ ସହ ସଂଘର୍ଷ ହୋଇଥାଏ। ଗରମ ବାୟୁରେ ଥିବା ଜଳବିନ୍ଦୁ ସହ ଥଣ୍ଡା ବାୟୁରେ ଥିବା ବରଫ ସ୍ଫଟିକର ସଂଘାତ ଯୋଗୁ ବାୟୁମଣ୍ଡଳରେ ସ୍ଥିର ବିଦ୍ୟୁତ୍ ଚାର୍ଜ ସୃଷ୍ଟି ହୁଏ। ଫଳରେ ବାଦଲର



ଉପର ଭାଗରେ ଧନାତ୍ମକ ଚାର୍ଜ ଓ ନିମ୍ନଭାଗରେ ଋଣାତ୍ମକ ଚାର୍ଜ ଜମା ହୋଇରହେ। ଫଳରେ ଉଭୟ ମଧ୍ୟରେ ଏକ ବୈଦ୍ୟୁତିକ କ୍ଷେତ୍ର ସୃଷ୍ଟି ହୁଏ। ବାଦଲର ନିମ୍ନ ଭାଗର ଋଣାତ୍ମକ ଚାର୍ଜ ଯୋଗୁ ଭୂପୃଷ୍ଠରେ ଧନାତ୍ମକ ଚାର୍ଜ ସୃଷ୍ଟି ହୁଏ। ବିପରୀତ ଚାର୍ଜ ପରସ୍ପରକୁ ଆକର୍ଷଣ କରନ୍ତି ଏବଂ ଫଳରେ ବାଦଲରୁ ଭୂପୃଷ୍ଠକୁ ବଜ୍ରପାତ ହୋଇଥାଏ। ଏଥିପାଇଁ ଜଳକଣା ଓ ଉତ୍ତାପ ଆବଶ୍ୟକ ହେଉଥିବାରୁ ଏହା ସାଧାରଣତଃ ଖରାଦିନେ ଏବଂ ବିଶେଷ ଭାବେ ଆର୍ଦ୍ର ଅଞ୍ଚଳରେ ଘଟିଥାଏ। ଏହା ପ୍ରାୟ ଅପରାହ୍ନ ଓ ସନ୍ଧ୍ୟା ସମୟରେ ହୋଇଥାଏ।

ପୃଥିବୀର ଉଷ୍ମତା ବୃଦ୍ଧି ହେତୁ ସମୁଦ୍ର ପୃଷ୍ଠରେ ତାପମାତ୍ରା ବୃଦ୍ଧି ପାଉଛି ଏବଂ ଉତ୍ତପ୍ତ ବାୟୁର ଜଳଧାରଣ କ୍ଷମତା ଅଧିକ ହୋଇଥିବାରୁ ବାୟୁମଣ୍ଡଳରେ ଜଳକଣା ବୃଦ୍ଧି ପାଉଛି। ଆକଳନ କରାଯାଇଛି ଯେ ପୃଥିବୀର ଉଷ୍ମତା ୧ ଡିଗ୍ରୀ ସେଲ୍‌ସିୟସ ବଢ଼ିଲେ ବାୟୁର ୭ ପ୍ରତିଶତ ଅଧିକ ଜଳକଣା ଧାରଣ କରିବାର ଶକ୍ତି ହୋଇଥାଏ। ଏହିପରି ବାୟୁମଣ୍ଡଳରେ ଉଭୟ ତାପମାତ୍ରା ଓ ଜଳକଣା ବୃଦ୍ଧି ଯୋଗୁ ଗତ କେତେବର୍ଷ ଧରି ବଜ୍ରପାତ ସଂଖ୍ୟା ବଢୁଛି। ଏଥିରୁ ଜଳବାୟୁ ପରିବର୍ତ୍ତନ ସହ ବଜ୍ରପାତ ବୃଦ୍ଧିର ସିଧାସଳଖ ସମ୍ପର୍କ ଜଣାପଡୁଛି।

ବୈଜ୍ଞାନିକମାନେ କୁହନ୍ତି, ବଜ୍ରପାତ ଯୋଗୁ ମୃତ୍ୟୁକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇପାରିବ। ପାଣିପାଗ ବିଭାଗ ପାଖରେ ଥିବା ବଜ୍ରପାତ ସୂଚକ ଯନ୍ତ୍ର ଡପ୍‌ଲର ରାଡାର ଦ୍ୱାରା ଅତିକମ୍‌ରେ ଗୋଟିଏ ଦିନ ପୂର୍ବରୁ କେଉଁ ଅଞ୍ଚଳରେ ବଜ୍ରପାତ ସମ୍ଭାବନା ଅଛି ତାହା ଜଣାପଡୁଛି ଏବଂ ଲୋକମାନଙ୍କୁ ଏଥିପାଇଁ ଗଣମାଧ୍ୟମ ଜରିଆରେ ସତର୍କ କରିଦିଆଯାଉଛି। ଏହାର 'ଦାମିନି' ଆପ୍ ବ୍ୟବହାରକରି ଏହି ସୂଚନା ମଧ୍ୟ ପାଇ ହେଉଛି।

ଏହା ବ୍ୟତୀତ ବଜ୍ରପାତରୁ ରକ୍ଷା ପାଇବାର ସାଧାରଣ ସାବଧାନତା ଅବଲମ୍ବନ କରିବା ଉଚିତ। ଏହି ସମୟରେ ଗଛ ତଳେ ରହିବା ଅନୁଚିତ। ବଜ୍ରପାତ ସାଧାରଣତଃ ଡେଙ୍ଗା ଗଛ, ଉଚ୍ଚ କୋଠା ଆଦିରେ ଅଧିକ ହୋଇଥାଏ। ଅବଶ୍ୟ ଏହାର ଅର୍ଥ ନୁହେଁ ଯେ ଖୋଲା ସ୍ଥାନରେ ବଜ୍ରପାତ ହୁଏ ନାହିଁ। ଏଣୁ ସର୍ବଦା ବଜ୍ରପାତର ଆଗୁଆ ସୂଚନା ଅନୁଯାୟୀ ବାହାରକୁ ବାହାରିବା ଆବଶ୍ୟକ। ଉଚ୍ଚ ମନ୍ଦିର, କୋଠା ଆଦିରେ ଜଡ଼ିତ ରକ୍ଷକ (ଲାଇଟିଂ ଆରେଷ୍ଟର) ଖଞ୍ଜିବା ଉଚିତ ଯାହା ବିଜୁଳିକୁ ସିଧା ଭୂଇଁକୁ ନେଇଯାଏ। ଜଳବାୟୁ ପରିବର୍ତ୍ତନ ଯେପରି କ୍ରମଶଃ ଖରାପ ଆଡ଼କୁ ଯାଉଛି, ଭବିଷ୍ୟତରେ ବଜ୍ରପାତ ସଂଖ୍ୟା ଆହୁରି ବଢ଼ିପାରେ।

**ଲକ୍ଷ୍ମୀବିହାର, ଭୁବନେଶ୍ୱର,**
**ମୋ–୯୪୩୮୬୯୩୭୨୪**

## ପାଠକ ଶ୍ରେଷ୍ଠ ବିଚାରକ

### ଡିଜେ ଯଥାଶୀଘ୍ର ବନ୍ଦ ହେଉ

ମହାଶୟ,

ରାଜ୍ୟ ସରକାର ଏବଂ ପୁରୀ ପ୍ରଶାସନକୁ ମୁଁ ଗାଁରୁ ଥାଇ ବିନମ୍ର ଅନୁରୋଧ କରୁଛି ମରମତୁଲ୍ୟ ଯନ୍ତ୍ରଣା ଦେଉଥିବା ଡିଜେ ବାଜା ବନ୍ଦ କରନ୍ତୁ। ରୋଗୀ ଏବଂ ଅସୁସ୍ଥ ଲୋକମାନଙ୍କର ଜୀବନ ରକ୍ଷା କରନ୍ତୁ। ଭୂମିକମ୍ପର ଗର୍ଜନ ହୃଦୟକୁ ଯେତେ କଷ୍ଟ ଦେବନି ବେଶି କଷ୍ଟ ହେଉଛି ଡିଜେ ବାଜା ବଜାଇବା । ଆଧୁନିକ ଯୁବପିଢ଼ିମାନଙ୍କର ଏହା ଏକ କୁତ୍ସିତ ମାନସିକ ବିଳାସ ହୋଇଗଲାଣି। ଏହାର ନକାରାତ୍ମକ ପ୍ରଭାବ ବିଷୟରେ ଜାଣି ଏହି ଡିଜେ ମୋହକୁ ଯୁବସମାଜ ନିଜକୁ ମୁକ୍ତ କରିପାରୁନାହାନ୍ତି। ଅତୀତରେ ଖବରକାଗଜରେ ପଢ଼ିଥିଲି ଡିଜେର କାଳଭୈରବ ଗର୍ଜନରେ କେତେଜଣ ଆରପାରିକୁ ଯାତ୍ରା କରିଛନ୍ତି। ଉଚ୍ଚ ରକ୍ତଚାପ ରୋଗୀ, ହୃଦ୍‌ଘାତ ରୋଗୀମାନଙ୍କ ପାଇଁ ଡିଜେର କାଳଭୈରବ ରଡ଼ି ଆଗକୁ ଶୁଭଙ୍କର ନୁହେଁ। ସଚେତନଶୀଳ ଗଣମାଧ୍ୟମ ଏ ବିଷୟରେ ସଚେତନମୂଳକ ଲେଖା ନିଶ୍ଚିତ ଭାବରେ ପ୍ରକାଶ କରିବା ଉଚିତ। ନ ହେଲେ ଆଗକୁ ଭୟଙ୍କର ବିପଦ ମାଡ଼ିଆସିବ। ପୁଣିଥରେ ସରକାର ଏବଂ କର୍ତ୍ତବ୍ୟନିଷ୍ଠ ପୋଲିସ ପ୍ରଶାସନ ଡିଜେ ଉପରେ ନିଷେଧାଜ୍ଞା ଜାରି କରନ୍ତୁ ଓ ଲୋକମାନଙ୍କ ଜୀବନ ରକ୍ଷା କରନ୍ତୁ।

**ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ପରିବା ବିକ୍ରି କରି ପରିବାର ଚଳାଉଥିବା ମା'ଙ୍କ ସ୍ୱପ୍ନ ପୂରଣ କରିବା ଲାଗି ଗାଁରେ ଏକ ହସ୍ପିଟାଲ ପ୍ରତିଷ୍ଠା କରି ୩୦ବର୍ଷରୁ ଊର୍ଦ୍ଧ୍ୱ ହେବ ସେବା ଯୋଗାଇ ଆସୁଛନ୍ତି ଡା. ଅଜୟ ମିଶ୍ର। କୋଲକାତାର ହସପୁକୁର ଅଞ୍ଚଳରେ ରହୁଛନ୍ତି ଅଜୟ ଏବଂ ତାଙ୍କ ମା'। ୧୯୭୧ରେ ତାଙ୍କୁ ମାତ୍ର ୪ ବର୍ଷ ବୟସ ହୋଇଥିବାବେଳେ ତାଙ୍କ ପିତାଙ୍କ ମୃତ୍ୟୁ ଘଟିଥିଲା। ଚିକିତ୍ସାରୁ ବଞ୍ଚିତ ହେବା ଯୋଗୁ ତାଙ୍କର ଏଭଳି ମୃତ୍ୟୁ ଘଟିଥିଲା। ପରେ ତାଙ୍କ ମା' ଶୁଭାସିନୀ ମିଶ୍ରା ପରିବା ଦୋକାନ କରି ପରିବାର ପ୍ରତିପୋଷଣ କରିବା ସହ ଅଜୟଙ୍କୁ ଡାକ୍ତରୀ ପଢ଼ାଇଥିଲେ। ଚିକିତ୍ସା ଅଭାବରୁ ଅଜୟଙ୍କ ପିତାଙ୍କ ମୃତ୍ୟୁ ଘଟିଥିବାରୁ ଗାଁର ଗରିବ ଲୋକେ କେମିତି ସୁବିଧାରେ ଚିକିତ୍ସା ସେବା ପାଇବେ ସେଥିପାଇଁ ଏକ ହସ୍ପିଟାଲ କରିବା ଥିଲା ଶୁଭାସିନୀଙ୍କ ଲକ୍ଷ୍ୟ। ତେବେ ଅଜୟ ଡାକ୍ତରୀ ପାଠ ଶେଷ କରିବା ପରେ ଚାକିରି ନ କରି ମାଟି ଛପରଘରେ ପ୍ରଥମେ ଚିକିତ୍ସା ଆରମ୍ଭ କରିଥିଲେ। ୧୯୯୩ରେ ୮୦୦୦ ଟଙ୍କା ପାଣ୍ଠି ଯୋଗାଡ କରି ପକ୍କା ଘର କରିବା ସହ ହସ୍ପିଟାଲର ନାମ ରଖିଥିଲେ 'ହ୍ୟୁମାନିଟି ହସ୍ପିଟାଲ'। ୩୦ ବର୍ଷ ହେଲା ଅଜୟ ଏହି ହସ୍ପିଟାଲ କେବେ ବନ୍ଦ କରିନାହାନ୍ତି। କେବଳ ତାଙ୍କ ଗାଁ ନୁହେଁ, ବରଂ ଆଖପାଖର ଗରିବ ଲୋକମାନଙ୍କୁ ମଧ୍ୟ ମାଗଣାରେ ଚିକିତ୍ସା କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଅକ୍ଟୋବର ୧୯୯୮

- ଜଣାଶୁଣା ବିପ୍ଳବୀ, ନକ୍ସଲବାଦୀ ଆନ୍ଦୋଳନ (ସିପିଆଇଏମ୍‌ଏଲ୍)ର ଆଦ୍ୟ ନେତା ନାଗଭୂଷଣ ପଟ୍ଟନାୟକଙ୍କ ୬୪ ବର୍ଷ ବୟସରେ ପରଲୋକ।
- ଭାରତ ଓ ପାକିସ୍ତାନ ବିରୁଦ୍ଧରେ ଜାରି କରାଯାଇଥିବା କଟକଣାକୁ ପ୍ରତ୍ୟାହାର କରିନେବା ଲାଗି ଆମେରିକାର କଂଗ୍ରେସ ସଭାରେ ଗୃହୀତ ବିଲ୍ ଉପରେ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ଭେଟୋ ପ୍ରୟୋଗ।

## ଚିରନ୍ତନୀ

''ଭାଙ୍ଗି ବନ୍ଧ ନଦୀ ଯେବେ
ଭୀମ ବେଗେ ପ୍ଲାବଇ ଧରଣୀ
''ଆସଇ କି ଫେରି ତାହା
ଖୋଜି ନିଜ ସାଗର ସାରଣୀ ?
–(ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ସାଇବର ସଚେତନତା କାର୍ଯ୍ୟକ୍ରମ

ପାଇକମାଳ,୮।୧୦(ବଡ ଶତପଥୀ): ବରଗଡ ପୋଲିସ ପକ୍ଷରୁ ପାଇକମାଳ ମୁଖ୍ୟଛକରେ ସୋମବାର ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ ସାଇବର ସେଲ ମୁଖ୍ୟ ମଙ୍ଗଳ କିସ୍କୋ, ପାଇକମାଳ ଥାନାଧିକାରୀ ସୁଶାନ୍ତ ବଢେଇ, ପାଇକମାଳ ତହସିଲଦାର ଅକ୍ଷୟ ବାଘ, ବିଡିଓ ସୁରେନ୍ଦ୍ର ନାଥ ସାହୁ, ନାଗରିକ କମିଟି ସଭାପତି ମନୋଜ ତ୍ରିବେଦୀ, ଆଇନଜୀବୀ ରାମରତନ ପୁରୋହିତ, ଯୁବନେତା ରବି ନାରାୟଣ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଜନସାଧାରଣ କିଭଳି ସାଇବର ଠକେଇର ଶିକାର ହେଉଛନ୍ତି ଏବଂ କିଭଳି ଏଥିରୁ ସୁରକ୍ଷିତ ରହିପାରିବା ସେ ନେଇ ବୁଝାଇଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେଇ ଅନଲାଇନ ଠକେଇ ସମ୍ବନ୍ଧରେ ସଚେତନ ହୋଇଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

ସରଣ୍ଡା,୯।୧୦(ଯୁଧିଷ୍ଠିର ମହାପାତ୍ର): ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଚକୁଲିଫାର୍ମର ଧର୍ମପରାୟଣା ମହିଳା



ଶରତ ଭୋଇଙ୍କ ସୋମବାର ପରଲୋକ ହୋଇଛି । ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। ସୋମବାର ପ୍ରାତଃ ଭ୍ରମଣ ସାରିବା ପରେ ସେ ନିଜକୁ ଅସୁସ୍ଥ ଅନୁଭବ କରିଥିଲେ। ତୁରନ୍ତ ତାଙ୍କୁ ବରଗଡ଼ର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚକୁଲିଫାର୍ମ ସ୍ଥିତ ବାସଭବନକୁ ମୃତଦେହ ଅଣାଯିବା ପରେ ଶୋକାକୁଳ ପରିବେଶରେ ଆତ୍ମୀୟସ୍ୱଜନ ଏବଂ ଅଞ୍ଚଳବାସୀ ତାଙ୍କର ଶେଷ ଦର୍ଶନ କରିଥିଲେ। ମଧ୍ୟାହ୍ନରେ ସତୀଜୋର ନାଳ ପାଖରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ ପୁଅ ପ୍ରକାଶ ଭୋଇ ମୁଖାଗ୍ନି ଦେଇଥିଲେ। ସେ ତାଙ୍କ ପଛରେ ଡାକ୍ତର ପୁତ୍ର ପ୍ରଶାନ୍ତ ଭୋଇ, ବିବାହିତା ଝିଅ ଅନିମା ଓ ପ୍ରତିମାଙ୍କ ସହ ପରିବାର ପରିଜନଙ୍କୁ ଛାଡ଼ିଯାଇଛନ୍ତି ।

### ପାଇକମାଳ କେନ୍ଦ୍ର କୁଲତା ସମାଜ କର୍ମକର୍ତ୍ତା ଚୟନ

ପାଇକମାଳ,୯।୧୦(ବଡ ଶତପଥୀ) ବରଗଡ ଜିଲା ପାଇକମାଳ କେନ୍ଦ୍ର କୁଲତା ସମାଜର ନୂତନ କର୍ମକର୍ତ୍ତା ଚୟନ ହୋଇଛି। ଏ ନେଇ ନୃସିଂହନାଥ ନିକଟ ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପାଇକମାଳ କେନ୍ଦ୍ର ଅଧୀନ ୩୦ଖଣ୍ଡ ଗ୍ରାମରୁ ଜାତି ଭାଇମାନେ ଯୋଗଦେଇ ନୂତନ କର୍ମକର୍ତ୍ତା ଚୟନ କରିଥିଲେ। ସଭାପତି ଭାବେ ମାଣ୍ଡୋସିଲର ନିତ୍ୟାନନ୍ଦ ପ୍ରଧାନ, ଉପସଭାପତି ଭାବେ ଚେରେଙ୍ଗାଝାଞ୍ଜି ଧନିରାମ ଭୋଇ, ସମ୍ପାଦକ ଭାବେ ପାଇକମାଳର ପୁରୁଷୋତ୍ତମ ପ୍ରଧାନ ଓ କୋଷାଧ୍ୟକ୍ଷ ଭାବେ କର୍ମୁ ବିଶ୍ୱାଳଙ୍କୁ ମନୋନୀତ କରାଯାଇଥିଲା।

### ଆଞ୍ଚଳିକ ରାଜପୁତ କ୍ଷତ୍ରିୟ ସମାଜର ନୂଆଁଖାଇ ଭେଟ୍‌ଘାଟ୍

ପାଇକମାଳ,୯।୧୦(ବଡ ଶତପଥୀ) ବରଗଡ ଜିଲା ପାଇକମାଳ ବ୍ଲକ ଟେମରୀ ଗ୍ରାମରେ ରାଜପୁତ କ୍ଷତ୍ରୀୟ ସମାଜର ନୂଆଁଖାଇ ଭେଟ୍‌ଘାଟ୍ ସୋମବାର ଅନୁଷ୍ଠିତ ହୋଇଯାଇଛି। ମା' ଦୁର୍ଗାଙ୍କ ପୂଜାର୍ଚ୍ଚନା ପରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ରାଜପୁତ ସମାଜର କର୍ମକର୍ତ୍ତାମାନେ ଗ୍ରାମ ପରିକ୍ରମା କରିଥିଲେ। ବିପିନ ବିହାରୀ ଠାକୁରଙ୍କ ସଭାପତିତ୍ୱରେ କ୍ଷତ୍ରୀୟ ସମାଜ ସଭାପତି ବିପିନ ବିହାରୀ ଠାକୁର, ସାଧାରଣ ସମ୍ପାଦକ ହରିଶଙ୍କର ସିଂ, ସହ ସମ୍ପାଦକ ସନ୍ତୋଷ ସିଂ ଠାକୁର ଓ ପ୍ରଫୁଲ୍ଲ ଠାକୁର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ନୀତିକା ଠାକୁର, ସ୍ନେହା ଠାକୁର, ମିଷ୍ଟି ଠାକୁର, କାଜଲ ସିଂ ଠାକୁର, ଛଟୁ ସିଂ ଠାକୁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବରଗଡ଼, ସୋହେଲା, ଗାଇସିଲେଟ, ପଦ୍ମପୁର ଓ ପାଇକମାଳ ବ୍ଲକର ଶତାଧିକ ରାଜପୁତ ମହିଳାପୁରୁଷ ଯୋଗ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଦୀପ ଠାକୁର, ବୁଲୁ ଠାକୁର, ଶରତ ସିଂ ଠାକୁର, ଭେଙ୍କଟେଶ ଠାକୁର, ସରୋଜ ଠାକୁର ପ୍ରମୁଖ ସହଯୋଗ କରିଥିଲେ।



ଜୟନ୍ତୀ ସମାରୋହରେ ଉପସ୍ଥିତ ଛାତ୍ରୀ ଏବଂ ଶିକ୍ଷୟିତ୍ରୀ ଶିକ୍ଷକ।

# ଦୁଃଖୀ ଦରିଦ୍ରଙ୍କ ବନ୍ଧୁ ଥିଲେ ଗୋପବନ୍ଧୁ

ବରଗଡ଼,୯।୧୦(ପ୍ରେମାନନ୍ଦ ଖମାରୀ)

ମାନବ ସେବାକୁ ମାଧବ ସେବା ଭାବେ ଗ୍ରହଣ କରି ଦୁଃଖୀ, ଦରିଦ୍ର ଓ ଅସହାୟଙ୍କ ପାଇଁ ଉତ୍କଳମଣି ଗୋପବନ୍ଧୁ ଦାସ ଉତ୍ସର୍ଗୀକୃତ ବ୍ୟକ୍ତିତ୍ୱ ଥିଲେ ବୋଲି ବରଗଡ଼ ରାଣା ପ୍ରତାପ ସ୍କୁଲଠାରେ ପାଳିତ ୧୪୬ତମ ଜୟନ୍ତୀ ସମାରୋହରେ ମତପ୍ରକାଶ ପାଇଛି। ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ସଂକୀର୍ତ୍ତନ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ନୀତି, ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ମାନବ ସେବାକୁ ମାଧବ ସେବା ଭାବେ ଗ୍ରହଣ କରିବା ଉଚିତ ବୋଲି ଉଲ୍ଲେଖ କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ମ୍ୟାନେଜର, ସବ୍‌ଜେଲ ୱାର୍ଡେନ ଗିରଫ

ପଦ୍ମପୁର,୯।୧୦(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର କଲେଜ ରୋଡ୍ ସ୍ଥିତ ହୋଟେଲ ରିଜେନ୍ସିରେ ଦେହ ବ୍ୟବସାୟ ଚାଲିଥିବା ବେଳେ ପୋଲିସ ରବିବାର ରାତିରେ ଚଢାଉ କରିଥିଲା। ଚଢାଉ ବେଳେ ପଦ୍ମପୁର ସବ୍‌ଜେଲ ୱାର୍ଡେନଙ୍କ ସମେତ ୨ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସମ୍ପୃକ୍ତ ହୋଟେଲ ମ୍ୟାନେଜର ରାହୁଲ ତାଣ୍ଡି ଓ ୱାର୍ଡେନ ଜୟଦେବ ସାହୁ। ସେମାନଙ୍କ ବିରୋଧରେ ପଦ୍ମପୁର ଥାନାରେ ଏକ ମାମଲା (ନଂ.୨୬୩/୨୩) ରୁଜୁ ହୋଇଛି। ସେହିପରି ସମ୍ପୃକ୍ତ ଦେହଜୀବୀଙ୍କୁ ପୋଲିସ ପଚରାଉଚରା କରିଛି। ସୋମବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ ସୂଚନା ଦେଇଛନ୍ତି।



ଗିରଫ ୨ ଅଭିଯୁକ୍ତ।

ଏସ୍‌ଡିପିଓ ଭୋଇ ସୂଚନା ଦେଇ କହିଥିଲେ, ଉକ୍ତ ହୋଟେଲରେ ଦେହ

**ହୋଟେଲରେ ଦେହ ବ୍ୟବସାୟ**

ବ୍ୟବସାୟ ଚାଲିଥିବା ନେଇ ସୂଚନା ପାଇ ରବିବାର ରାତିରେ ପଦ୍ମପୁର ଥାନା ପୋଲିସ ଅତର୍କିତ ଚଢାଉ କରିଥିଲା। ହୋଟେଲର ରୁମ୍ ନଂ.୧୧୩ରେ ଅଭିଯୁକ୍ତ ଜୟଦେବ ଏବଂ ଜଣେ ଦେହଜୀବୀଙ୍କୁ ଆପତ୍ତିଜନକ ଅବସ୍ଥାରେ ପୋଲିସ ଧରିଥିଲା। ଏହାପରେ ପୋଲିସ ଜୟଦେବ ଏବଂ ହୋଟେଲ ମ୍ୟାନେଜର ତାଣ୍ଡିଙ୍କୁ ଗିରଫ କରିଥିଲା। ତାଙ୍କ ପାଖରୁ ଏକ କାର୍ (ଓଡି୧୩କ୍ୟୁ/୯୯୫୨), ମୋବାଇଲ, ହୋଟେଲ ରେଜିଷ୍ଟର ମଧ୍ୟ ଜବତ ହୋଇଥିବା ପଦ୍ମପୁର ଏସଡିପିଓ ବିଭୂତି ଭୂଷଣ ଭୋଇ ସୂଚନା ଦେଇଛନ୍ତି।

# ୧୨୪୦ ବୋତଲ କଫ୍ ସିରପ୍ ଜବତ, ଜଣେ ଗିରଫ



ଜବତ ସାମଗ୍ରୀ ସହ ଗିରଫ ଅଭିଯୁକ୍ତ।

ବରଗଡ଼,୯।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରରୁ ସ୍ଥାନୀୟ ଟାଉନ ଥାନା ପୋଲିସ ବିପୁଳ ପରିମାଣରେ କଫ ସିରପ୍ ଜବତ କରିଛି। ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୭ ନିବାସୀ ଆଶିକ୍ ଓରଫ୍ ଜଗତୁ ସୁନା(୧୯)। ତାଙ୍କ ପାଖରୁ ୧୨୪୦ ବୋତଲ କଫ୍ ସାର୍, ଏକ ସ୍କୁଟି (ନଂ.ଓଡି୧୭ଜେ/୬୦୦୧), ୮ଲିଟର ଅପମିଶ୍ରିତ ନିଶା, ୨ଷ୍ଟ୍ରିପ୍ ନିଶା ବଟିକା, ୧୦ଟି ପ୍ଲାଷ୍ଟିକ ଗ୍ଲାସ ଜବତ ହୋଇଛି। ବରଗଡ଼ ଏସ୍‌ଡିପିଓଙ୍କ ଅଫିସ୍ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି ଏ ନେଇ ସୂଚନା ଦେଇଛନ୍ତି। ସେ କହିଥିଲେ, ରବିବାର ସନ୍ଧ୍ୟାରେ ବରଗଡ଼ ସହର ଲମ୍ବା ବିଲ୍‌ଡିଂ-ଭଟଲି ଛକ ରାସ୍ତା ଦେଇ ଜବତ ଉକ୍ତ ସ୍କୁଟିରେ କଫ ସିରପ ଚାଲାଣ ହେଉଥିବା ପୋଲିସକୁ ସୂଚନା ମିଳିଥିଲା। ସେହି ସୂଚନାକୁ ଆଧାର କରି ଉକ୍ତ ରାସ୍ତାର ବିଶିପଡା ନିକଟରେ ଟାଉନ ଥାନା ପୋଲିସ ସମ୍ପୃକ୍ତ ସ୍କୁଟିକୁ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ନିଶା ସାମଗ୍ରୀ ଜବତସହ ଅଭିଯୁକ୍ତ ଆଶିକଙ୍କୁ ଗିରଫ କରାଯାଇଥିଲା। ତେବେ କୌଶଳକ୍ରମେ ଅନ୍ୟ ଅଭିଯୁକ୍ତ ଫେରାର୍ ହୋଇଯାଇଥିଲେ। ସେମାନଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି ବୋଲି ଅତିରିକ୍ତ ଏସ୍‌ପି ମହାନ୍ତି କହିଥିଲେ।

# ଲଖମରା କଲେଜରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ପଦ୍ମପୁର, ୯।୧୦ (ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଖଣ୍ଡ ଲଖମରା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବିଜୟ କୁମାର ମିଶ୍ର ପ୍ରାରମ୍ଭିକ ସୂଚନା ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଉପଖଣ୍ଡ ପୋଲିସ ଅଧିକାରୀ ବିଭୂତି ଭୂଷଣ ଭୋଇ ଯୋଗଦାନ କରି ସାଇବର କ୍ରାଇମ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ସାଇବର ସେଲ୍‌ର ମଙ୍ଗଳ କିସ୍କୋ ସାଇବର ଠକେଇ, ମୋବାଇଲ ପରିଚାଳନା, ଚାକିରି କ୍ଷେତ୍ରରେ ଠକାମୀର ଶିକାର ଓ ସତର୍କତା ସମ୍ପର୍କରେ ବିଶଦ ଭାବେ ବୁଝାଇଥିଲେ। ଜଗଦଲପୁର ଥାନାଧିକାରୀ ବିପିନ ବାଗ, ଏଏସ୍‌ଆଇ ଶରତ ପଧାନ, ଜଗବନ୍ଧୁ ନାୟକ, ଶାନ୍ତନୁ ନାୟକ, ସବ୍‌ଡିଭିଜନାଲ ସାମ୍ବାଦିକ ସଂଘ ସମ୍ପାଦକ ରମେଶ ବାରିକ, ଅଭୟ ରଣା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ହରିଶ ଦାଶ ଗୀତ ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲେ। ପରେ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଲଖମରା ଓ ଜଗଦଲପୁର ଉଚ୍ଚ ବିଦ୍ୟାଳୟରେ ସଚେତନତା ସଭା କରାଯାଇଥିଲା। ସେହିପରି ଏ ନେଇ କୁଇଜ ଓ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା।




ଲଖମରା କଲେଜରେ ଏସ୍‌ଡିପିଓ ଉଦ୍‌ବୋଧନ ଦେଉଛନ୍ତି।

### ସଂକୀର୍ତ୍ତନ କର୍ମଶାଳା, ନୂଆଁଖାଇ ଭେଟ୍‌ଘାଟ୍ ପ୍ରସ୍ତୁତି

ବରଗଡ଼, ୯।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ସଂକୀର୍ତ୍ତନ ପରିଷଦ ଆନୁକୂଲ୍ୟରେ ଆସନ୍ତା ୧୧ ତାରିଖରେ ବରଗଡ଼ ଖଜୁରଟିକ୍ରା ପାତ୍ର କଲ୍ୟାଣ ମଣ୍ଡପରେ ଜିଲାସ୍ତରୀୟ ଏକ ଦିବସୀୟ ସଂକୀର୍ତ୍ତନ କର୍ମଶାଳା ଓ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ରବିବାର ଖଜୁରଟିକ୍ରା ନେତାଜୀ କ୍ଲବ ପରିସରରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ପରିଷଦ ସଭାପତି ଗୋପାଳ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ସମ୍ପାଦକ ପଣ୍ଡିତ ଜୟଦେବ ପଣ୍ଡା କର୍ମଶାଳା ଓ ଶୋଭାଯାତ୍ରା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ୧୨ବ୍ଲକରୁ ୨୦ରୁ ଊର୍ଦ୍ଧ୍ୱସଂକୀର୍ତ୍ତନ ଦଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସଂକୀର୍ତ୍ତନ ସଂସ୍କୃତି ସଚେତନତା ପାଇଁ ସହରରେ ଏକ ଶୋଭାଯାତ୍ରା ହେବ ବୋଲି ସୂଚନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ସଦସ୍ୟ ରାମଚନ୍ଦ୍ର ସାହୁ, ସୁରେଶ ଗନ୍ତାୟତ, ସୁଶୀଲ ଠାକୁର, ପଞ୍ଚାନନ ବାଗ, ଭରତ ପ୍ରଧାନ, ନିବାସ ବାଗ, ଶେଷ ସାହୁ, ଭୀମସେନ ମହାପାତ୍ର, ଗୋପାଳ ମଟାରି, ଦଶରଥ ଷଣ୍ଢ ପ୍ରମୁଖ ଉପସ୍ଥିତ ଥିଲେ।

# ଉପକାରାଗାରରେ ସ୍ୱାସ୍ଥ୍ୟ ଶିବିର




ପଦ୍ମପୁର ସବ୍‌ଜେଲରେ ଡାକ୍ତର, ସ୍ୱାସ୍ଥ୍ୟ କର୍ମୀ ଏବଂ ସ୍ୱେଚ୍ଛାସେବୀ।

ପଦ୍ମପୁର,୯।୧୦(ପ୍ରଦୀପ୍ତ ଦାଶ)

ବରଗଡ଼ଜିଲା ପଦ୍ମପୁର ଉପକାରାଗାରରେ ସହଯୋଗ ଅନୁଷ୍ଠାନ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଦଶମୀ ବାଗ, ଜେଲ ଡାକ୍ତର କୈଳାସ ଚନ୍ଦ୍ର ମେହେର ଅତିଥି ଭାବେ ଯୋଗ ଦେଇଥିଲେ। ଜମଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପ୍ରଫୁଲ୍ଲ କୁମାର ମେହେର, ଚକ୍ଷୁ ବିଶେଷଜ୍ଞ ଡ. ତନୁଜା ପାତ୍ର, ଡ. ଶର୍ମିଷ୍ଠା ସାହୁ ପ୍ରମୁଖ ଯୋଗଦେଇ ୭୬ ଜଣ ଅନ୍ତେବାସୀଙ୍କ ମଧ୍ୟରୁ ୩୧ ଜଣଙ୍କ ଚକ୍ଷୁ, ରକ୍ତଚାପ ଓ ମଧୁମେହ ପରୀକ୍ଷା କରିଥିଲେ। ଜେଲ ଫାର୍ମାସିଷ୍ଟ ପ୍ରକାଶ ଡାଲୁଆ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲାଜୀ ସପ୍ଲାୟର୍ସରେ ଜିଏସ୍‌ଟି ଚଢ଼ାଉ



ବାଲାଜୀ ସପ୍ଲାୟର୍ସରେ ଜିଏସ୍‌ଟି ଚଢାଉ ଚାଲିଛି।

ବରଗଡ଼,୯।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପାଣିଛତ୍ର ଓଭରବ୍ରିଜ୍ ରାସ୍ତାରେ ଥିବା ବାଲାଜୀ ସପ୍ଲାୟର୍ସ ଉପରେ ସୋମବାର ଜିଏସ୍‌ଟି ଚଢାଉ ହୋଇଥିଲା। ଜିଏସ୍‌ଟି ବିଭାଗର ପୃଥକ୍ ୩ ଟିମ୍ ଉକ୍ତ ବ୍ୟବସାୟିକ ପ୍ରତିଷ୍ଠାନର ୩ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲେ। ଉକ୍ତ ପ୍ରତିଷ୍ଠାନର ମାଲିକଙ୍କ ଘର, ଗୋଦାମ ଓ ଦୋକାନରେ ଚଢ଼ାଉ ଚାଲିଥିଲା। ଜିଏସଟି ଫାଙ୍କିଥିବା ସୂଚନା ପାଇ ଏହି ଚଢାଉ ହୋଇଥିଲା। ତେବେ ଯାଞ୍ଚ ସରି ନ ଥିବାରୁ ଏପର୍ଯ୍ୟନ୍ତ କୌଣସି ସବିଶେଷ ତଥ୍ୟ ସାମ୍ନାକୁ ଆସିପାରିନାହିଁ। ଯାଞ୍ଚ ସରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ଦିଆଯିବ ବୋଲି ବରଗଡ଼ ଜିଏସଟି ବିଭାଗର ଡେପୁଟି କମିଶନର ଏନ. ନାୟକ କହିଛନ୍ତି।

# ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚାର ରାଜ୍ୟ ଅଧିବେଶନ

ବରଗଡ଼, ୯।୧୦(ପ୍ରେମାନନ୍ଦ ଖମାରୀ)

ଜାତିଭିତ୍ତିକ ଜନଗଣନା ହିସାବରେ ପଛୁଆବର୍ଗ (ଓବିସି) ମାନଙ୍କୁ ପ୍ରତି କ୍ଷେତ୍ରରେ ପ୍ରତିନିଧିତ୍ୱ ଦେବା ସହ ଶିକ୍ଷା, ଚାକିରୀ, ରାଜନୀତି କ୍ଷେତ୍ରରେ ସଂରକ୍ଷଣ ଲାଗୁ କରିବା ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚାର ତୃତୀୟ ଓଡିଶା ରାଜ୍ୟ ଅଧିବେଶନ ରବିବାର ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଓବିସିମାନଙ୍କୁ ଜାଗ୍ରତ, ସଙ୍ଗଠିତ କରିବା, ଓବିସି ସମାଜର ଅଧିକାର ପାଇଁ ଲଢ଼ିବା ଓ ସାମ୍ବିଧାନିକ ଅଧିକାର ହାସଲ କରିବା ଲକ୍ଷ୍ୟ ରହିଥିବା ସୂଚନା ଦିଆଯାଇଥିଲା। ଏଥିରେ ବରଗଡ ଓକିଲ ସଂଘ ସଭାପତି ଭୀଷ୍ମ ସରାଫ ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ଆଗାମୀ ଦିନରେ ଓବିସି ଏକଜୁଟ ହୋଇ ନିଜର ହକ୍ ପାଇଁ ଲଢେଇ କରିବାକୁ ଆହ୍ୱାନ ଦେଇଥିଲେ। ଭବାନୀପାଟଣା ଡିଗ୍ରୀ କଲେଜ ଅଧ୍ୟକ୍ଷ ଛବିଲାଲ ସାହୁ ଅଧିବେଶନକୁ ଉଦ୍‌ଘାଟନ କରିଥିଲେ। ପ୍ରଦେଶ ଅଧ୍ୟକ୍ଷ ଜଗଦୀଶ ଯାଦବ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଡ୍‌ଭୋକେଟ ହରିହର ପ୍ରଧାନ ଶିକ୍ଷା, ସ୍ୱାସ୍ଥ୍ୟର ଘରୋଇକରଣ ହେଉଥିବାରୁ ଅଧିକ ସଂଖ୍ୟାରେ ଓବିସି ଶୋଷିତ ହେଉଛନ୍ତି। ତେଣୁ ଗୁଣାତ୍ମକ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ବିନା ମୂଲ୍ୟରେ ସରକାର କରନ୍ତୁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦାନନ୍ଦ ଭୋଇ, ରାମ ନାରାୟଣ ଭୋଇ, ଭବାନୀ ସାହୁ, ବିରବଲ ମହାକୁଡ଼, ପରେଶ ବିଶି, ପ୍ରଦୀପ ଥପା, ଅସିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ଜିଲାରୁ ପ୍ରତିନିଧିମାନେ ଉପସ୍ଥିତ ରହି ନିଜ ନିଜ ମନ୍ତବ୍ୟ ରଖିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ଜାତୀୟ ରାଜପଥ ଶୋଚନୀୟ, ତାତିଲା ବଣିକ ସଂଘ

**ଲୋଇସିଂହା, ୯।୧୦(ସୁଶାନ୍ତ ବାରିକ)**


ଧୂଳିଗୁଣ୍ଡ ଉଡୁଥିବା ଲୋଇସିଂହା ଚାରିଛକ ରାସ୍ତା।

ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ପ୍ରଶସ୍ତିକରଣ କାମ ମନ୍ଥର ଗତିରେ ଚାଲିଛି। ଲୋଇସିଂହାର କଲେଜ ଛକରୁ ଚାରିଛକ ଯାଏ ରାସ୍ତା କାମ ଆରମ୍ଭ ହୋଇନାହିଁ। ଖାଲଖମ୍ପା ରାସ୍ତା ମରାମତି ପାଇଁ କ୍ରଶରଗୁଣ୍ଡ ବ୍ୟବହାର କରାଯାଉଛି। ଖରା ହେଲେ ଧୂଳିଗୁଣ୍ଡ ଉଡୁଛି। ବ୍ୟବସାୟୀ ଓ ରାଜପଥ ଯାତ୍ରୀ ଅଣନିଶ୍ୱାସୀ ହୋଇ ପଡୁଛନ୍ତି। ଏଭଳି ପରିବେଶ ଯୋଗୁ ବ୍ୟବସାୟରେ ପ୍ରଭାବ ପଡୁଛି। ଏହାକୁ ନେଇ ଲୋଇସିଂହା ବଣିକ ସଂଘ ଅସନ୍ତୋଷ ପ୍ରକାଶ କରିଛି। ସୋମବାର ରାସ୍ତା ମରାମତି ଦାବିରେ ସେମାନେ ଜାତୀୟ ରାଜପଥ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ବଲାଙ୍ଗୀର କାର୍ଯ୍ୟାଳୟରେ ଭେଟି ଫେରାଦ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ପ୍ରାୟ ଦୁଇବର୍ଷ ହେବ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ପ୍ରଶସ୍ତିକରଣ କାମ ଚାଲିଛି। ବିଭାଗୀୟ ଅବହେଳାରୁ ବ୍ୟସ୍ତବହୁଳ ଲୋଇସିଂହା କଲେଜ ଛକରୁ ଚାରିଛକରୁ ଲାଇନଜୁରୀ ପୋଲ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ କାମ ବାକି ରହିଛି। ଡ୍ରେନ ଓ ରାସ୍ତା ନିର୍ମାଣ ଦିଗରେ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉନାହିଁ। ପୁରୁଣା ପିଚୁ ରାସ୍ତା ଶୋଚନୀୟ ହୋଇ ପଡିଛି। ବର୍ଷା ଯୋଗୁ ପିଚୁ ଉଠି ରାସ୍ତା ଖାଲଖମ୍ପାରେ ଭରି ରହିଛି। ବିଭାଗ ପକ୍ଷରୁ ସ୍ଥାୟୀ ମାରାମତି ଦିଗରେ ପଦକ୍ଷେପ ନନେଇ ସେଠାରେ କ୍ରଶର ଗୁଣ୍ଡ ପକାଇ କାମ ସାରି ଦିଆଯାଉଛି। ଖରା ହେଲେ ଯାନବାହାନ ଚଳାଚଳ କଲେ ପ୍ରଚୁର ପରିମାଣରେ ଧୂଳିଗୁଣ୍ଡ ଉଡୁଛି। ଏହି ରାସ୍ତାରେ ଯାତାୟତ କରୁଥିବା ସ୍କୁଲ,କଲେଜ ଛାତ୍ରୀଛାତ୍ର ସମେତ ଜନସାଧାରଣ ଅସ୍ତବ୍ୟସ୍ତ ହୋଇପଡୁଛି। କଲେଜ ଛକରୁ ଚାରିଛକ ଭାରତୀୟ ଷ୍ଟେଟବ୍ୟାଙ୍କ ପର୍ଯ୍ୟନ୍ତ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ଧୂଳି ଗୁଣ୍ଡ ଯୋଗୁ ବ୍ୟବସାୟ ପ୍ରତିଷ୍ଠାନ ଆଗରେ ଗ୍ରାହକମାନେ ଛିଡା ହେବାକୁ ନାରାଜ। ରାସ୍ତା କାମ ଅଗ୍ରଗତି କରାଯାଉନାହିଁ। ତେବେ କେଉଁ ସ୍ୱାର୍ଥରେ ରାସ୍ତା ପାର୍ଶ୍ୱ ବଡବଡ ଗଛକୁ ବର୍ଷକ ପୂର୍ବରୁ କଟା ଗାଲା ବୋଲି ବ୍ୟବସାୟୀମାନେ ପ୍ରଶ୍ନ କରିଛନ୍ତି। ସ୍ଥାୟୀ ରାସ୍ତା ନିର୍ମାଣ ନହେବା ଯାଏ ମରାମତି କରିବା ସହ ଦିନକୁ ୨ରୁ ୩ଥର ପାଣି ସିଞ୍ଚନ କରିବାକୁ ବଣିକ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।

# ଶ୍ରେଣୀଗୃହ ନାହିଁ, ସ୍କୁଲରେ ଅଭିଭାବକଙ୍କ ଧାରଣା



ସ୍କୁଲ ସମ୍ମୁଖରେ ଅଭିଭାବକମାନେ ଧାରଣା ଦେଇଛନ୍ତି।

**ପାଟଣାଗଡ, ୯।୧୦(ପ୍ରହଲ୍ଲାଦ ପାଢ଼ୀ)**

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଠକପଡା ପ୍ରାଥମିକ ସ୍କୁଲର ଆବଶ୍ୟକ ଶ୍ରେଣୀଗୃହ ନାହିଁ। ଏଥିଯୋଗୁ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନରେ ଅସୁବିଧା ସୃଷ୍ଟି ହୋଇଛି। ଏହାକୁ ନେଇ ଗତ ସପ୍ତାହରେ ଗ୍ରାମବାସୀ ଉପଜଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟି କଲେକ୍ଟରଙ୍କୁ ଏକ ଦାବିପତ୍ର ଦେଇଥିଲେ। ପାଞ୍ଚ ଦିନ ମଧ୍ୟରେ ଶ୍ରେଣୀଗୃହ ନିର୍ମାଣ କରା ନ ଗଲେ ସ୍କୁଲରେ ତାଲା ପକାଇ ଧାରଣା ଦେବୁ ବୋଲି ଜଣାଇଥିଲେ। ଧାର୍ଯ୍ୟ ସମୟରେ ଦାବି ପୂରଣ ନ ହେବାରୁ ସୋମବାର ପୂର୍ବାହ୍ନ ୧୨ଟାରୁ ସ୍କୁଲରେ ତାଲା ପକାଇ ଅଭିଭାବକ, ଛାତ୍ରୀଛାତ୍ର ଧାରଣା ଦେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଶଙ୍କର ମାଝିଙ୍କ ସହ ବ୍ଲକ ଜେଇ ଧାରଣାସ୍ଥଳକୁ ଆସି ଆସନ୍ତା ୭ ଦିନ ମଧ୍ୟରେ ଶ୍ରେଣୀ ଗୃହ ନିର୍ମାଣ କରାଯିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ସଂକ୍ଷେପରେ

### ଚଉକାଠ ସହ ପିକ୍‌ଅପ ଜବତ

**ଟିଟିଲାଗଡ଼, ୯।୧୦(ଶରତ ମିଶ୍ର)**

ଟିଟିଲାଗଡ଼ ସହର ଦେଇ ଚୋରା ଚାଲାଣ ହେଉଥିବା ଚଉକଠ ସହ ଏକ ପିକ୍‌ଅପ ଗାଡିକୁ ଜବତ କରିଛି ବନବିଭାଗ। କଳାହାଣ୍ଡି ଜିଲା କେସିଙ୍ଗା ଅଞ୍ଚଳରୁ ପିକ୍‌ଅପ ଓଡି ୦୮ ଏମ ୭୬୫୫ ଯୋଗେ ଟିଟିଲାଗଡ଼କୁ ଚୋରାରେ ଚଉକଠ ଚାଲାଣ ହେଉଥିବା ଖବର ପାଇ ଟିଟିଲାଗଡ଼ ବନାଞ୍ଚଳ ଅଧିକାରୀ ଲିଙ୍ଗରାଜ ଭୋଇଙ୍କ ନେତୃତ୍ୱରେ ବନ ବିଭାଗ ଟିମ ଛକି ରହିଥିଲେ। ଟିଟିଲାଗଡ଼ ବାଳକ ହାଇସ୍କୁଲ ସମ୍ମୁଖରେ ଉକ୍ତ ଗାଡିକୁ ବନ ବିଭାଗ ଅଧିକାରୀ ଅଟକାଇ ଯାଞ୍ଚ କରିଥିଲେ। ରେଙ୍ଗାଲ କାଠ ୨୦୦ ଖଣ୍ଡ (୭୨ ସିଏଫଟି ) ଚଉକଠ ଥିବା ଦେଖାଯାଇଥିଲା। ଏନେଇ ଗାଡିଟିକୁ ବନ ବିଭାଗ ଅଧିକାରୀ ଜବତ ସହ ଡ୍ରାଇଭର କୁଶ ବାଗଙ୍କୁ ଗିରଫ କରିଛି। ରାୟଗଡା ଅଞ୍ଚଳରୁ ଟିଟିଲାଗଡ଼କୁ ଏହା ଚାଲାଣ ହେଉଥିବା ଡ୍ରାଇଭର କହିଛନ୍ତି।

### ଯୁବକଙ୍କ ପଥର ମାଡ଼ରେ ବୃଦ୍ଧା ମୃତ

**ଦେଓଗାଁ, ୯।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ କୁଠୁର୍ଲାରେ ରବିବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ଯୁବକଙ୍କ ପଥର ମାଡରେ ଜନୈକ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତା ବେଦମତି ସାହୁ(୬୫)। ଉକ୍ତ ଘଟଣାରେ ଉକ୍ତ ଗାଁର କିଶୋର ତରିଆଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଥିବା ଥାନାଧିକାରୀ ତାରାବତୀ ପ୍ରଧାନ ସୂଚନା ଦେଇଛନ୍ତି। ସୂଚନାନୁସାରେ ନୂଆଁଖାଇ ସମୟରେ ମାଂସ ଧାରନେଇଥିବା ଯୁବକଙ୍କ ପାଖକୁ ରବିବାର ସନ୍ଧ୍ୟାରେ ଦୁଇଜଣ ଯୁବକ ଟଙ୍କା ମାଗିବା ପାଇଁ ଆସିଥିଲେ। ଏହି ସମୟରେ ଜଣେ ଯୁବକ ମାତାଲ ଅବସ୍ଥାରେ ଆସି ସେମାନଙ୍କୁ ଗାଳିଗୁଲଜ କରିଥିଲା। ବେଦମତିଙ୍କ ପୁଅ ଏପରି କରିବାକୁ ମନା କରିବାରୁ ପାଟିତୁଣ୍ଡ ହୋଇଥିଲା। ଏଥିରେ ରାଗି ଯାଇ ସମ୍ପୃକ୍ତ ଯୁବକ ପାଖରେ ପଡିଥିବା ଏକ ପଥର ବେଦମତିଙ୍କ ପୁଅ ଉପରକୁ ଫିଙ୍ଗିଥିଲେ। ହେଲେ ଏହା ତାଙ୍କ ଦେହରେ ନ ବାଜି ବେଦମତିଙ୍କ ମୁହଁରେ ବାଜିଥିଲା। ସେ ତଳେ ପଡି ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବଲାଙ୍ଗୀର ଓ ପରେ ବୁର୍ଲା ସ୍ଥାନାନ୍ତ କରାଯାଇଥିଲା। ସୋମବାର ସେଠାରେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି।

### ଯୁବ ପତ୍ରକାର ସଂଘର ନୂଆଁଖାଇ ଭେଟ୍‌ଘାଟ

**ଖପ୍ରାଖୋଲ, ୯।୧୦(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ପାଟଣାଗଡ଼ ଉପଖଣ୍ଡ ଯୁବ ପତ୍ରକାର ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ ଖପ୍ରାଖୋଲ ବ୍ଲକ କୁସୁମକାନୀ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ସଭାପତି କରୁଣାକର ବୁଡେକଙ୍କ ଅଧ୍ୟକ୍ଷତା, ଚନ୍ଦ୍ରଶେଖର ବରିହାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଭେଟ୍‌ଘାଟ୍‌ରେ ପରସ୍ପର ମଧ୍ୟରେ ଭାବ ଆଦାନ ପ୍ରଦାନ ସହ ଜୁହାର ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଘର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ବିଭିନ୍ନ ସମସ୍ୟା ଭିତ୍ତିକ ଖବର ସଂଗ୍ରହ କରିବାକୁ ଗୁରୁତ୍ୱ ଦେବାକୁ ସମସ୍ତ ସଦସ୍ୟଙ୍କୁ ତତ୍ପର ହେବାପାଇଁ ସଭାପତି ପରାମର୍ଶ ଦେଇଥିଲେ। ଏହି ଅବସରରେ ଜଗଦୀଶ ଭୋଇ, କୋଷାଧ୍ୟକ୍ଷ ଘନ ଭୋଇ, ଭୋଜରାଜ ବରିହା, ଲଳିତ ମଲ୍ଲିକ, ଗୁଣନିଧି ପୁଟେଲ, ଭଜଶଙ୍କର ଦୀପ, ଗୌରୀଶଙ୍କର ବରିହା ପ୍ରମୁଖ ଉପସ୍ଥିତ ଥିଲେ।

### ମନମୋହନଙ୍କୁ ରାଜଖମାରରେ ସମ୍ବର୍ଦ୍ଧନା

**ପାଟଣାଗଡ, ୯।୧୦(ପ୍ରହଲ୍ଲାଦ ପାଢ଼ୀ)**

ବଲାଙ୍ଗୀର ଜିଲା ଗସ୍ତରେ ଥିବା ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ସୋମବାର ପାଟଣାଗଡ ନିର୍ବାଚନ ମଣ୍ଡଳୀରେ ପହଞ୍ଚିବା ପରେ ଦଳ ପକ୍ଷରୁ ସ୍ୱାଗତ କରାଯାଇଥିଲା। ବେଲପଡା ବ୍ଲକର ବାଗଉ ଗାଁର ସହିଦ ପ୍ରତାପ ନିଆଲଙ୍କ ଘରକୁ ଯାଇ ରାଜ୍ୟ ସଭାପତି ଓ ଅନ୍ୟମାନେ ମାଟି ଆଣିଥିଲେ। ସ୍ଥାନୀୟ ବର୍ଥଲା ଛକରୁ ସାମଲଙ୍କୁ ଏକ ବାଇକ ଶୋଭାଯାତ୍ରାରେ ନେଇ ରାଜଖମାରରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ଶିବାଜୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଜିଲା ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରା ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ସାମଲ, ଏମ୍‌ପି ସଙ୍ଗୀତା ସିଂଦେଓ, ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଲୋଇସିଂହା ବିଧାୟକ ଡା. ମୁକେଶ ମହାଲିଙ୍ଗ ଉପସ୍ଥିତ ଥିଲେ। ରାଜ୍ୟରେ ଏଥର ଭାଜପା ସରକାର କରିବାକୁ ସିଂଦେଓ ଆହ୍ୱାନ ଦେଇଥିଲେ। ପାଟଣାଗଡ ନଗର ସଭାପତି ସୁଶାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ ।

# ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

## ଶହୀଦ ଥବୀର ବୁଡେକଙ୍କ ନାମରେ ରାସ୍ତା ନାମକରଣ କର


ଶହୀଦଙ୍କ ସ୍ତ୍ରୀ ରୀନା ବୁଡେକଙ୍କୁ ସମ୍ମାନିତ କରାଯାଉଛି।

**ସଇଁତଳା, ୯।୧୦ (ରାଖାଲ ପ୍ରସାଦ ଶତପଥି)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କରମତଲା ପଞ୍ଚାୟତ ଅନ୍ତଗତ ଗୁରମୁନୀ ଗ୍ରାମରେ ଭାଜପା ତରଫରୁ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ସାଧାରଣ ସମ୍ପାଦକ ମୁକେଶ ଜୈନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, ଏମ୍‌ପି ସଙ୍ଗୀତା କୁମାରୀ ସିଂ ଦେଓ, ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ଜିଲା ସଭାପତି ଶିବାଜୀ ମହାନ୍ତି, ବରିଷ୍ଠ ନେତା ମହେନ୍ଦ୍ର ଠାକୁର ଯୋଗଦେଇଥିଲେ। ପ୍ରଥମେ ଶହୀଦ ଯବାନ ଥବୀର ବୁଡେକଙ୍କ ଘରକୁ ଯାଇ ତାଙ୍କ ପତ୍ନୀ ରୀନା ବୁଡେକଙ୍କୁ ସମ୍ମାନୀତ କରିବା ସହ ତାଙ୍କ ଘରୁ ମାଟି ସଂଗ୍ରହ କରିଥିଲେ। ଉକ୍ତ ସଭାରେ ଶହୀଦଙ୍କ ପତ୍ନୀ ରୀନା ତାଙ୍କ ସ୍ୱାମୀଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବା ସହ ତୁଷ୍ଟାପାଲିଠାରୁ ତାଙ୍କ ଗ୍ରାମକୁ ଯାଇଥିବା ରାସ୍ତାର ନାମକରଣ ଶହୀଦଙ୍କ ନାମରେ ନାମିତ କରିବାକୁ ଦାବି କରିଥିଲେ । ରାଜ୍ୟ ସଭାପତି ସାମଲ ଏମ୍‌ପିଙ୍କ ଅଧ୍ୟକ୍ଷତାରେ ଏକ କମିଟି କରି ଉକ୍ତ ରାସ୍ତାକୁ ଶହୀଦଙ୍କ ନାମରେ ନାମିତ କରିବାକୁ ଦଳ ତରଫରୁ ଚେଷ୍ଟା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପରେ ବଡ଼ମାଳ ଗୋଳାବାରୁଦ କାରଖାନାକୁ ଯାଇ ସେଠାରେ ୱାର୍କର୍ସ ୟୁନିୟନ ତରଫରୁ ହୋଇଥିବା ସଭାରେ ଯୋଗଦେଇଥିଲେ।

# ରାଜ୍ୟ ସଭା ସାଂସଦଙ୍କ ଜନସମ୍ପର୍କ ପଦଯାତ୍ରା

**ପାଟଣାଗଡ଼, ୯।୧୦(ପ୍ରହଲ୍ଲାଦ ପାଢ଼ୀ)**

ପାଟଣାଗଡ ବ୍ଲକ ସାଲେପାଲି ପଞ୍ଚାୟତ ରହେନମାଲ ଗାଁରେ ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶିଙ୍କ ଜନ ସମ୍ପର୍କ ପଦଯାତ୍ରା କରିଥିଲେ। ଏହି ଅବସରରେ ପଲ୍ଲୀ ବିକାଶ ଉଚ୍ଚ ବିଦ୍ୟାପୀଠ ପରିଦର୍ଶନ କରିଥିଲେ। ସ୍କୁଲ ଛାତ୍ରୀଛାତ୍ରୀଙ୍କ ପାଇଁ ସାଇକେଲ ଷ୍ଟାଣ୍ଡ, ଶୌଚାଳୟ, ପାନୀୟ ଜଳଯୋଗାଣ, ପାଚେରି ନିର୍ମାଣ ପାଇଁ ସ୍କୁଲ କମିଟି ତରଫରୁ ସାଂସଦ ବିଶିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସରକାରୀ ହାଇସ୍କୁଲରେ ପଢୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଓଡିଶା ସରକାରଙ୍କ ସଂରକ୍ଷଣ ଯୋଜନା, ରୂପାନ୍ତରୀକରଣ, ଷ୍ଟାଇପେଣ୍ଡ, ସାଇକେଲ, ଲାପଟପ ପ୍ରଦାନ ବିଷୟରେ ସୂଚନା ଦେଇଥିଲେ । ପରେ ଗାଁରେ ବିଜେଡି ରଜନ ସମ୍ପର୍କ ଯାତ୍ରାରେ ସାଂସଦ ବିଶି ନବୀନ ପଟ୍ଟନାୟକ ସରକାରର ବିଭିନ୍ନ ଲୋକାଭିମୁଖୀ ବିଷୟରେ ସେ ଆଲୋକପାତ କରିଥିଲେ। ପରେ ବୁଢାଦେଓ କମ୍ୟୁନିଟି ସେଣ୍ଟରର ଭୂମିପୂଜନ କରାଯାଇଥିଲା। ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଜିଲା ସଭାପତି ଭୁବନେଶ୍ୱର କୁଅଁର, ବିଜେଡି ମହିଳା ନେତ୍ରୀ ସନ୍ତୋଷିନୀ ବିଶି, ବିଜେଡି ନେତା ହୃଷୀକେଶ ଭୋଇ, ଗିରିଧାରୀ ଭୋଇ, ମିନିକେତନ ଧରୁଆ, ଚୂଡ଼ାମଣି ଧରୁଆ (କ)ଚୂଡ଼ାମଣି ଧରୁଆ(ଖ) ପ୍ରମୁଖ ଉପସ୍ଥିତ ଥିଲେ ।

# ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ



ଦେଓଗାଁ ଯୁକ୍ତ ଦୁଇ କଲେଜରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

**ଦେଓଗାଁ, ୯।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ଯୁକ୍ତ ୨ କଲେଜ ଓ ବଙ୍ଗଳା ଛକଠାରେ ଦେଓଗାଁ ଥାନା ପକ୍ଷରୁ ସାଇବର ଠକେଇ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ତାରାବତୀ ପ୍ରଧାନଙ୍କ ପରିଚାଳନାରେ ଯୁକ୍ତ ୨ କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କଲେଜ ଅଧ୍ୟକ୍ଷ ଉପମନ୍ୟୁ ବାଗ ଯୋଗଦେଇ ସାଧାରଣ ଜନତା କିପରି ସାଇବର ଠକେଇର ଶିକାର ହେଉଛନ୍ତି ଓ କେମିତି ଏଦିଗରେ ସଜାଗ ରହିବେ ସେ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ବଙ୍ଗଳା ଛକରେ ପଥପ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ ଯୋଗଦେଇଥିଲେ। ଏ ଅବସରରେ ବଲାଙ୍ଗୀର ପୋଲିସ ମୁଖ୍ୟାଳୟରୁ ଜ୍ୟୋତ୍ସ୍ନାରାଣୀ ବେହେରା, ଥାନାଧିକାରୀ ପ୍ରଧାନ, ଏସଆଇ ଜଗଜ୍ଜିବନ ସା, ମନୋଜ କୁମାର ମୁଣ୍ଡା ଯୋଗଦେଇଥିଲେ। ଭୁବନେଶ୍ୱରରୁ ଏକ ସଚେତନତା ରଥ ଆସି ଲୋକଙ୍କୁ ସଚେତନ କରିଥିଲା।

# ଜ୍ୟୋତିରଞ୍ଜନଙ୍କୁ ବନ୍ୟପ୍ରାଣୀ ସୁରକ୍ଷା ସମ୍ମାନ



ଜ୍ୟୋତିରଞ୍ଜନ ପଣ୍ଡାଙ୍କୁ ବନଖଣ୍ଡ ଅଧିକାରୀ ପୁରସ୍କୃତ କରୁଛନ୍ତି।

**ଖପ୍ରାଖୋଲ, ୯।୧୦(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ତୁର୍ଲା ଗାଁର ଜ୍ୟୋତିରଞ୍ଜନ ପଣ୍ଡାଙ୍କୁ ଉପଖଣ୍ଡସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସୁରକ୍ଷା ସମ୍ମାନ ମିଳିଛି। ଏନେଇ ଜିଲାସ୍ତରୀୟ ବନ୍ୟପ୍ରାଣୀ ସଂରକ୍ଷଣ ସପ୍ତାହ ପାଳନ ଅବସରରେ ବଲାଙ୍ଗୀର ବନଖଣ୍ଡ ଅଧିକାରୀ ନୀତିନ କୁମାର ମାନପତ୍ର ସହ ୫ ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ। କୋଭିଡ ସମୟରେ ମାଙ୍କଡଙ୍କୁ ଖାଦ୍ୟ ଦେବା ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ସଚେତନ କରିବାକୁ ଏହି ସମ୍ମାନ ମିଳିଛି।

# ଏକଜୁଟ ହୋଇ କାମ କରିବାକୁ ଆହ୍ୱାନ



ଭେଟ୍‌ଘାଟରେ ମନ୍ତ୍ରୀ ଟୁକୁନୀ ସାହୁ ବକ୍ତବ୍ୟ ରଖୁଛନ୍ତି।

**ଟିଟିଲାଗଡ଼, ୯।୧୦ (ଶରତ ମିଶ୍ର)**

ନିଖିଳ ଉତ୍କଳ ସୁବର୍ଣ୍ଣଗ୍ରାହୀ ଶୁଣ୍ଢି ସମାଜର ନୂଆଁଖାଇ ଭେଟ୍‌ଘାଟ ରବିବାର ସ୍ଥାନୀୟ ଅଭିମନ୍ୟୁ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ବଲାଙ୍ଗୀର, କଳାହାଣ୍ଡି, ନୂଆପଡା ଆଦିଜିଲାର ଶୁଣ୍ଢିସମାଜ ସଦସ୍ୟ ସାମିଲ ହୋଇଥିଲେ। ସମାଜର ବରିଷ୍ଠ ସଦସ୍ୟ ବିଶିକେଶନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାର ପ୍ରତ୍ୟେକ ବର୍ଗଙ୍କ ପାଇଁ ସର୍ବଦା କାର୍ଯ୍ୟ କରିଆସିଥିବା କହିଥିଲେ। ସଭିଏଁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ମନ୍ତ୍ରୀ ସାହୁ ଆହ୍ୱାନ ଦେଇଥିଲେ। ଶିକ୍ଷାବିତ୍ ଡ. ଦୋଲଗୋବିନ୍ଦ ବିଶି ମୁଖ୍ୟବକ୍ତା ଭାବେ ଯୋଗଦେଇ ନୂଆଁଖାଇର ମହତ୍ତ୍ୱ ଉପରେ ମତ ରଖିଥିଲେ। ସମାଜର ସମ୍ପାଦକ ଯୁଧିଷ୍ଠିର ବେହେରା, ସୁରେଶ ବେହେରା, ଶ୍ରୀପତି ବେହେରା, ହରପ୍ରସାଦ ନାଏକ, ଅଶୋକ ନାଏକ, ସଦାଶିବ ବେହେରା, କୃଷ୍ଣଚନ୍ଦ୍ର ବେହେରା, ଦଶମୁ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ବଜରଙ୍ଗ ଦଳର ନୂତନ କମିଟି ଗଠନ

**ଦେଓଗାଁ, ୯।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲିରେ ବଜରଙ୍ଗ ଦଳର ନୂତନ କମିଟି ଗଠିତ ହୋଇଯାଇଛି । ଶୁଭେନ୍ଦୁ ପ୍ରସାଦ ଷାଣ୍ଢଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅନୁଷ୍ଠିତ ବୈଠକରେ ପୁରାତନ କମିଟିକୁ ପରିବର୍ତ୍ତନ କରି ନୂତନ କମିଟି ଗଠନ ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ସର୍ବସମ୍ମତିକ୍ରମେ ନୂତନ ସଭାପତି ଭାବେ ଅବିନାଶ ସାମଲ, ସମ୍ପାଦକ ଶକ୍ତି ସାହୁ, ସଭ୍ୟଭାବେ କେଦାର ବିଶି, ଜଗା ସାମଲ, ଦୁଷ୍ମନ୍ତ ଷାଣ୍ଢ, ଶ୍ରୀତମ ଷାଣ୍ଢ, ମୁନୁ ବିଶି ପ୍ରମୁଖ ମନୋନୀତ ହୋଇଛନ୍ତି।

# ଶିଶୁ ମନ୍ଦିରରେ ଗୋପବନ୍ଧୁ ଜୟନ୍ତୀ

**ଟିଟିଲାଗଡ, ୯।୧୦(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସୋମବାର ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ଶ୍ୟାମ ସୁନ୍ଦର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ତଥା ସୁସାହିତ୍ୟିକ ଡକ୍ଟର ଘନଶ୍ୟାମ ଜୈନ ଯୋଗଦେଇ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୀବନର ସ୍ମୃତିଚାରଣ କରିଥିଲେ। ଏଥିସହ ସମାଜରେ ଉନ୍ନତିରେ ଗୋପବନ୍ଧୁଙ୍କ ଜୀବନ କିପରି ସମର୍ପିତ ରହିଥିଲା ଉପସ୍ଥିତ ଶିଶୁ ଭଉଣୀଭାଇଙ୍କୁ ମାର୍ଗଦର୍ଶନ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜ୍ୟୋତି ପ୍ରକାଶ ଗଡ଼ତ୍ୟା ଉତ୍କଳମଣିଙ୍କ ଜୀବନୀକୁ ଆଧାର କରି ପ୍ରଶ୍ନମଞ୍ଚ ଆୟୋଜନ କରି କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥିଙ୍କଦ୍ୱାରା ପୁରସ୍କୃତ କରିଥିଲେ। ପରିଚାଳନା କମିଟିର ସଦସ୍ୟା ଅହଲ୍ୟା ନାଗ ମଞ୍ଚରେ ଉପସ୍ଥିତ ଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ନୃପରାଜ ସେଠ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ଗୁରୁଜୀ ଅମିତ କୁମାର ତ୍ରିପାଠୀଙ୍କ ସଂଯୋଜନାରେ ବାଳ ଭାରତୀର ଛାତ୍ର ଅଂଶ ତ୍ରିପାଠୀ ଓ ଶୁଭଙ୍କର ଯୋଷୀ ମଞ୍ଚ ପରିଚାଳନା କରିଥିଲେ। ଗୋପବନ୍ଧୁ ଦାସଙ୍କ ବେଶରେ ସଜ୍ଜିତ ହୋଇଥିଲେ ଶିଶୁ ବାଟିକା ବିଭାଗ ଛାତ୍ରମାନେ। ଏହା ସହିତ ପ୍ରଥମଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଯାନ୍ତ୍ରିକ ତ୍ରୁଟିରୁ ଅଟକିଲା ଟ୍ରେନ, ୭୩ ମିନିଟ ଫାଟକ ବନ୍ଦ

**ଲାଠୋର, ୯।୧୦(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ହରିଶଙ୍କର ରୋଡ଼ ରେଳ ଫାଟକ ସୋମବାର ଦୀର୍ଘ ସମୟ ଧରି ବନ୍ଦ ବନ୍ଦ ରହିଲା। ଏଥିଯୋଗୁ ଫାଟକ ନିକଟରେ ଦୀର୍ଘ ସମୟ ଧରି ଗାଡିମୋଟର ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ସକାଳ ୫ଟା୧୫ରୁ ୬ଟା ୨୮ପର୍ଯ୍ୟନ୍ତ ଫାଟକ ନ ଉଠିବାରୁ ରାସ୍ତା ପାର ହେବା ପାଇଁ ଲୋକେ ହଟହଟାର ସମ୍ମୁଖୀନ ହୋଇଥିଲେ। ସୋମବାର ସକାଳେ ଡ଼ବଲ ଡ଼ାଇମଣ୍ଡ ମାଲବାହୀ ରେଳ ବିଶାଖାପାଟଣା ପଟୁ ରାୟପୁର ପଟକୁ ଆସୁଥିବା ବେଳେ ହରିଶଙ୍କର ରୋଡ଼ ଷ୍ଟେଶନ ଆଉଟରକୁ ପ୍ରବେଶ କଲା ପରେ ଗାଡ଼ିର କପଲିନରେ ତ୍ରୁଟି ଦେଖାଯାଇଥିଲା। ଫଳରେ ଟ୍ରେନ ଦୀର୍ଘ ସମୟ ଧରି ଅଟକି ରହିଥିଲା। ଏଥିଯୋଗୁ ଫାଟକ ମଧ୍ୟ ଲକ୍ ହୋଇ ରହିଥିଲା। ୭୩ମିନିଟ ଫାଟକ ବନ୍ଦ ରହିବାରେ ବିଭିନ୍ନ ବିଦ୍ୟାଳୟର ବସ୍ ସହ ଅନ୍ୟାନ୍ୟ ଯାନବାହାନ ଅଟକି ରହିଥିଲା। ମାଲବାହୀ ଟ୍ରେନର କପଲିନ ଠିକ୍ ପରେ ଟ୍ରେନ ପାସ୍ କରିଥିଲା ଏବଂ ଫାଟକ ଖୋଲିଥିଲା। ଏ ନେଇ ହରିଶଙ୍କର ରୋଡ ଷ୍ଟେଶନ ମାଷ୍ଟର ବିକାଶ ଘିବେଲାଙ୍କୁ ପଚାରିବାରେ ୧୪୯୦୧ ଖୁଣ୍ଟ ପାଖରେ ଟ୍ରେନ ଅନକପଲିନ ହୋଇଥିବାରୁ ଏହି ସମସ୍ୟା ଦେଖାଦେଇଥିବା କହିଛନ୍ତି। ଦୀର୍ଘ ଦିନରୁ ଫାଟକଠାରେ ଓଭର ବ୍ରିଜ ନିର୍ମାଣ ପାଇଁ ଦାବି ହୋଇ ଆସୁଛି।

# ସାଇବର ସଚେତନତା କାର୍ଯ୍ୟକ୍ରମ

**ସଇଁତଳା, ୯।୧୦ (ରାଖାଲ ପ୍ରସାଦ ଶତପଥି)**

ବଲାଙ୍ଗୀର ଜିଲା ସଇଁତଳା ଥାନା ପରିସରରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ଼ ଏସ୍‌ଡ଼ିପିଓ ଅଙ୍କିତା କୁମ୍ଭାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସଇଁତଳା ପୋଲିସ, ଅଗ୍ନିଶମ, ଅଙ୍ଗନୱାଡ଼ି, ଏମବିକେ, ଜନସାଧାରଣ ଉପସ୍ଥିତ ଥିଲେ। ବର୍ତ୍ତମାନ ସାଇବର ଠକେଇ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସାରା ରାଜ୍ୟରେ ସାଇବର ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଜିଲା ସାଇବର ଥାନା ଅଧିକାରୀ ଜ୍ୟୋସ୍ନାରାଣୀ ବେହେରା ଉପସ୍ଥିତ ଜନସାଧାରଣଙ୍କୁ ସାଇବର କ୍ରାଇମ ବିଷୟରେ ସଚେତନ କରିଥିଲେ। ପରେ ଗୀତିନାଟ୍ୟ ମାଧ୍ୟମରେ ସମସ୍ତଙ୍କୁ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝି, ଜଲା ପରିଷଦ ସଭ୍ୟ ପ୍ରମୋଦ ଭୋଇ, ହିମାଂଚଳ ବୁଡେକ, ବିଡ଼ିଓ ଚନ୍ଦ୍ରମଣୀ ନାଗ, ତହସିଲଦାର ମନସଫିଲ କେରକେଟା, ସିଡ଼ିପିଓ ସବିତା ନନ୍ଦ, ଡ଼ା. ନମିତା ବିଶି, ବ୍ଲକ ଶିକ୍ଷାଧିକାରୀ ଗୋବର୍ଦ୍ଧନ ଭୋଇଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

# ସାର ଦୋକାନରେ ଚଢ଼ାଉ

**ଟିଟଲାଗଡ, ୯।୧୦(ଶରତ ମିଶ୍ର)**


ଏକ ସାର ଦୋକାନରେ ଅଧିକାରୀମାନେ ଚଢାଉ କରୁଛନ୍ତି।

ବଲାଙ୍ଗୀର ଜିଲା ଟିଟିଲାଗଡ ଉପଖଣ୍ଡରେ ସରକାର କଟକଣା ଜାରି କରିଥିବା କୀଟନାଶକ ପାରାକାଟ ଜୋରଦାର ବିକ୍ରି ହେଉଛି। ରୋଗ ପୋକ ନିୟନ୍ତ୍ରଣ ଏବଂ ଜମି ଉର୍ବର ନିମନ୍ତେ ଚାଷୀମାନେ ବ୍ୟବହୃତ କରୁଥିବା ପାରାକାଟ ବିକ୍ରି ରୋକିବା ନିମନ୍ତେ ଉପଜିଲାପାଳ ଦୟାମୟ ପାଢିଙ୍କ ଅଧ୍ୟକ୍ଷତାରେ ଗତ ୫ତାରିଖ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଟିଟିଲାଗଡ ଉପଖଣ୍ଡର ସମସ୍ତ ତହସିଲଦାର, ବ୍ଲକର ସହ କୃଷି ଅଧିକାରୀ ଏବଂ ବିଭିନ୍ନ ଥାନାର ଅଧିକାରୀଙ୍କୁ ନେଇ ଏକ ଏନଫୋର୍ସମେଣ୍ଟ ସ୍କ୍ୱାଡ ଗଠନ କରାଯାଇଥିଲା। ସୋମବାର ଏହି ସ୍କ୍ୱାଡ ଟିଟିଲାଗଡ ବ୍ଲକର ୧୬ ସାର ଦୋକାନରୁ ୫ଟିରୁ ୧୦ ଲିଟର ଏବଂ ବଙ୍ଗୋମୁଣ୍ଡା ବ୍ଲକର ୩୧ସାର ଦୋକାନରୁ ୩ଟି ସାର ଦୋକାନରୁ କଟକଣା ହୋଇଥିବା କୀଟନାଶକ ପାରାକାଟ ୧ ଲିଟର ଜବତ କରିଥିଲା। ସେହିପରି ସ୍କ୍ୱାଡ ସଇଁତଳା ବ୍ଲକର ୫, ମୁରିବାହଲର ୩, ତୁରେକେଲାର ୫ସାର ଦୋକାନ ଓ ଗୋଦାମଗୁଡିକ ଉପରେ ଚଢାଉ କରାଯାଇ ବିକ୍ରୟ ବିବରଣୀ ଓ ଗୋଚ୍ଛିତ ଥିବା ସାରର କାଗଜପତ୍ର ଯାଞ୍ଚ କରିଥିଲେ। ଉପଖଣ୍ଡର ସଦର ମହକୁମାସ୍ଥିତ ବିଭିନ୍ନ ସାର ଦୋକାନ ଓ ଗୋଦାମ ଉପରେ ଆଗମୀ ଦିନରେ ଏଭଳି ଚଢାଉ ଜାରି ରହିବ ଏବଂ ଟିଟିଲାଗଡ ଉପଖଣ୍ଡର ଅନ୍ତର୍ଗତ ସମସ୍ତ ବ୍ଲକ ପ୍ରଶାସନଙ୍କୁ ମଧ୍ୟ ଏଥିପ୍ରତି ନଜର ରଖିବାକୁ ଦୟାମୟ ପାଢି, ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ସଂକ୍ଷେପରେ

### ବେଆଇନ ପାର୍କିଂ ନେଇ ଯାଞ୍ଚ

**ରାଉରକେଲା,୯।୧୦(ସଙ୍ଗୀତା ଜେନା):** ଝିରପାଣି ଥାନା ଅନ୍ତର୍ଗତ କୋଏଲନଗର, ଜଗଦା ଓ ଅନ୍ୟ ଅଞ୍ଚଳରେ ସୋମବାର ଅପରାହ୍ନରେ ବେଆଇନ ଯାନବାହାନ ପାର୍କିଂକୁ ନେଇ ପୋଲିସ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଏଥିରେ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଧରପଗଡ଼ ସହ ସେମାନଙ୍କଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏ ନେଇ ଥାନା ଏସଆଇ ମନୋହର ପ୍ରଧାନ ସୂଚନା ଦେଇଛନ୍ତି।

### ଅଚିହ୍ନା ମହିଳା ମୃତ

**ରାଉରକେଲା,୯।୧୦(ସଙ୍ଗୀତା ଜେନା):** ସେକ୍ଟର-୩ ଥାନା ଅନ୍ତର୍ଗତ ସେକ୍ଟର-୨ ଖରିଆବାହାଲ ବସ୍ତିରେ ଗତ ୨ଦିନ ତଳେ ଜଣେ ଅଚିହ୍ନା ମହିଳା ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଆରଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେ ସୋମବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ଏ ନେଇ ପୋଲିସ ଅପମୃତ୍ୟୁ ମାମଲା (ନଂ.୨୦/୨୩) ରୁଜୁ କରିଛି।

### ଚୋରି ଅଭିଯୋଗରେ ଗିରଫ

**ରାଉରକେଲା,୯।୧୦(ସଙ୍ଗୀତା ଜେନା):** ଉଦିତନଗର ଥାନା ଅଧୀନ ବାସନ୍ତୀ କଲୋନୀ ସ୍ଥିତ ଜଗନ୍ନାଥ ମନ୍ଦିର ନିକଟରେ ଥିବା ୱାଟର ଫାଉଣ୍ଟେନ୍‌ରୁ ଗତ ୭ ତାରିଖରେ ୧୨ଟି ନୋଜଲ୍ ଚୋରି ଅଭିଯୋଗ ହୋଇଥିଲା। ପୋଲିସ ଏହାର ତଦନ୍ତ କରି ପୋଲିସ ବାସନ୍ତୀ କଲୋନୀର ପ୍ରଦୀପ ଡୁଙ୍ଗଡୁଙ୍ଗଙ୍କୁ ଗିରଫ କରିଛି। ତାଙ୍କଠାରୁ ୫ଟି ନୋଜଲ୍ ଜବତ ହୋଇଛି। ପୋଲିସ ଏକ ମାମଲା (ନଂ.୩୧୬/୨୩) ରୁଜୁ କରି ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରିଥିବା ଥାନାଧିକାରୀ ରାମପ୍ରସାଦ ନାଗ ସୂଚନା ଦେଇଛନ୍ତି।

### ସ୍କୁଲ ବସ୍‌କୁ ଧକ୍କାଦେଲା କାର୍

**ରାଉରକେଲା,୯।୧୦(ସଙ୍ଗୀତା ଜେନା):** ବନ୍ଧମୁଣ୍ଡା ଫଟାପାଇପ ଅଞ୍ଚଳରେ ସୋମବାର ମଧ୍ୟାହ୍ନରେ ରାଉରକେଲାରୁ ବନ୍ଧମୁଣ୍ଡା ଯାଉଥିବା ଏକ କାର (ନଂ.ଓଡ଼ି୧୪ଆର/୦୯୬୪)ର ବାମ ଟାୟାର ଫାଟିଯାଇଥିଲା। ଫଳରେ ବନ୍ଧମୁଣ୍ଡାରୁ ରାଉରକେଲାକୁ ଆସୁଥିବା ସିଆଇଏସ୍‌ଏଫ୍ ସ୍କୁଲ ବସ (ନଂ.ଓଡ଼ି୧୪ଡି/୩୦୭୪)କୁ ଉକ୍ତ କାର୍ ଧକ୍କା ଦେଇଥିଲା। ବସ ଖାଲି ଥିବାବେଳେ ଏଥିରେ ଚାଳକ ଓ ହେଲପର ଥିଲେ। ସୌଭାଗ୍ୟବଶତଃ କାହାର କୌଣସି ଜୀବନହାନି ହୋଇ ନ ଥିବା ଜଣାପଡ଼ିଛି। ତେବେ ବସ ଓ କାର କ୍ଷତିଗ୍ରସ୍ତ ହୋଇଛି।

### ସୁନା ଦୋକାନରୁ ଲୁଟ ଉଦ୍ୟମ କରି ଗିରଫ

**ରାଉରକେଲା,୯।୧୦(ସଙ୍ଗୀତା ଜେନା):** ପ୍ଲାଣ୍ଟସାଇଟ୍ ଥାନା ଅଧୀନ ଆନନ୍ଦଭବନ ଲେନ୍‌ରେ ଥିବା ନିର୍ମଳା ଜୁଏଲର୍ସରେ କିଛି ଦୁର୍ବୃତ୍ତ ରବିବାର ସନ୍ଧ୍ୟାରେ ପଶି ଲୁଟ୍ ଉଦ୍ୟମ କରୁଥିବା ବେଳେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନାଲାରୋଡ ନିବାସୀ ଏମ୍‌ଡି. ରାଜା। ଏ ନେଇ ପୋଲିସ ଏକ ମାମଲା (ନଂ.୩୪୯/୨୩) ରୁଜୁ କରି ଅଭିଯୁକ୍ତ ରାଜାଙ୍କୁ କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ରାଜା ଉକ୍ତ ସୁନା ଦୋକାନରେ ପଶି ମାଲିକ ଅବଧେଶ ପ୍ରସାଦଙ୍କୁ ଧମକଚମକ ଦେଇ ଟଙ୍କା ମାଗିବା ସହ ଲୁଟ୍ ଉଦ୍ୟମ କରିଥିଲେ। ଏପରିକି ସୁନାଦୋକାନୀ କର୍ମଚାରୀଙ୍କୁ ମାଡ଼ ମଧ୍ୟ ମାରିଥିବା ଅଭିଯୋଗ ହୋଇଥିଲା।



ବ୍ରିଜ୍ ନିର୍ମାଣ କାମ ତୁରନ୍ତ ଶେଷ କରିବା ଦାବିରେ ପଶ୍ଚିମ ଓଡ଼ିଶା ବିକାଶ ସେନା କର୍ମକର୍ତ୍ତାମାନେ ସୋମବାର ଦେଓ ନଦୀରେ ଜାତୀୟ ପତାକା ଧରି ଜଳ ସତ୍ୟାଗ୍ରହ କରୁଛନ୍ତି।

# ପ୍ରତିବାଦରେ ଜଳ ସତ୍ୟାଗ୍ରହ

**ରାଉରକେଲା,୯।୧୦(ସଙ୍ଗୀତା ଜେନା)**

ରାଉରକେଲା ନିକଟ ଦେଓ ନଦୀ ଉପରେ ନିର୍ମାଣାଧୀନ ବ୍ରିଜ୍ କାମ ତୁରନ୍ତ ଶେଷ କରିବାକୁ ଦାବି ଜୋର ଧରିଛି। ଏହି ପରିପ୍ରେକ୍ଷୀରେ ପୂର୍ବରୁ ଏ ନେଇ ଆନ୍ଦୋଳନ କରାଯାଇଥିବାବେଳେ ୨ ତାରିଖରୁ ରାଉରକେଲାର ସାମାଜିକ କର୍ମୀ ମୁକ୍ତିକାନ୍ତ ବିଶ୍ୱାଳ ଗତ ୨ ତାରିଖରୁ ଧାରଣାରେ ବସିଛନ୍ତି। ତେବେ ଏହି ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ବଳ ଦେବା ପାଇଁ ପଶ୍ଚିମ ଓଡ଼ିଶା ବିକାଶ ସେନା ଅଣ୍ଟା ଭିଡ଼ିଛି। ଉକ୍ତ ବ୍ରିଜ୍ କାମ ଶୀଘ୍ର ଶେଷ କରିବା ଦାବିରେ ସଙ୍ଗଠନର କର୍ମକର୍ତ୍ତାମାନେ ସୋମବାର ଜାତୀୟ ପତାକା ଧରି ଦେଓ ନଦୀରେ ଜଳ ସତ୍ୟାଗ୍ରହ କରିଛନ୍ତି।

ସୂଚନାନୁସାରେ, ୨୦୧୮ ଜୁନ୍ ମାସରେ ବିଶ୍ରା ବ୍ଲକ ଅଧୀନ ତଥା ରାଉରକେଲା ସ୍ମାର୍ଟ ସିଟିରୁ ୪ କିମି ଦୂରରେ ଥିବା ଦେଓ ନଦୀ ଉପରେ ୬ଟି ସ୍ତମ୍ଭ ବିଶିଷ୍ଟ ଏକ ପୋଲ ନିର୍ମାଣ କାମ ଆରମ୍ଭ କରାଯାଇଥିଲା। ୨୦୨୦ ଯାଏ ନିର୍ମାଣ କାମ ସାରିବାକୁ ଧାର୍ଯ୍ୟ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ସମ୍ପୂର୍ଣ୍ଣ ହୋଇପାରିଲାନାହିଁ। ଶୀତ ଓ ଖରାଦିନେ ନଦୀରେ ଜଳସ୍ରୋତ କମିଗଲେ ବାଉଁଶପୋଲରେ ୧୨ଟି ପଞ୍ଚାୟତର ଲୋକେ ରାଉରକେଲା ସହରକୁ ଯାଆସ କରୁଛନ୍ତି। ହେଲେ ବର୍ଷା ମାସରେ ଜୀବନକୁ ବାଜି ଲଗାଇ ଗ୍ରାମବାସୀ ପୋଲ ନିକଟରେ ପ୍ରାୟ ୩୦ ଫୁଟ୍‌ର ଶିଡ଼ି ବାନ୍ଧି ଅସମ୍ପୂର୍ଣ୍ଣ ପୋଲ ଚଢ଼ି ସହରକୁ ଆସିବା ଲାଗି ବାଧ୍ୟ ହେଉଛନ୍ତି। ବ୍ରିଜ୍ କାମ ସମ୍ପୂର୍ଣ୍ଣ କରିବାକୁ ବିଭିନ୍ନ ସମୟରେ ଦାବି ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ।

**ସରୁନି ଦେଓ ନଦୀ ବ୍ରିଜ୍ ନିର୍ମାଣ କାମ**

ଏ ସମ୍ପର୍କରେ ପ୍ରାକ୍ତନ ସୈନିକ ତଥା ପୂର୍ବତନ ସୈନିକ ସଂଘର ସାଧାରଣ ସମ୍ପାଦକ ଧନେଶ୍ୱର ଦାସ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ପ୍ରତ୍ୟେକ ଦିନ ନଦୀ ପାର୍ଶ୍ୱବର୍ତ୍ତୀ ଗ୍ରାମର ଶିଶୁମାନେ ଶିଡ଼ି ଚଢ଼ୁଛନ୍ତି। ଅନୁରୂପ ଭାବେ ମହିଳାମାନେ ବିପଦଜନକ ଭାବେ ଏହି ଶିଡ଼ି ଚଢ଼ି ବ୍ରିଜ ଅତିକ୍ରମ କରିବା ଦୁଃଖଦାୟକ। ଏହାଦ୍ୱାରା ମୌଳିକ ଅଧିକାର କ୍ଷୁର୍ଣ୍ଣ ହେଉଛି। ଅନ୍ୟପକ୍ଷେ ସରକାର ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ହଜାର ହଜାର କୋଟି ଟଙ୍କାର ପ୍ରକଳ୍ପ ଅଳ୍ପ ସମୟରେ ଶେଷ ହେଉଥିବା ବେଳେ ସରକାର ୨ ଶହ ମିଟର ବ୍ରିଜକୁ ପୂର୍ଣ୍ଣ କରିବାରେ ଅସଫଳ ବୋଲି ଦାସ କହିଥିଲେ। ସେହିପରି ଏହି ଜଳସତ୍ୟାଗ୍ରହରେ ଯୋଗ ଦେଇଥିବା କେନ୍ଦ୍ରୀୟ ମାନବ ଅଧିକାର ସୁରକ୍ଷା ସଙ୍ଗଠନ ଜିଲା ସଭାପତି ତଥା ପୂର୍ବତନ ସୈନିକ ଚକ୍ରାନ୍ତ ଜେନା କହିଛନ୍ତି, ୭ ଦିନରେ ରାଜ୍ୟର ସମସ୍ତ ସମସ୍ୟା ସମାଧାନ ହୋଇ ଯାଉଥିବା ବେଳେ ଦୀର୍ଘ ୫ବର୍ଷରୁ ଏହି ବ୍ରିଜ୍ ଅସମ୍ପୂର୍ଣ୍ଣ ରହିବା ଉଦ୍‌ବେଗଜନକ। ପ୍ରଶାସନର ଭୁଲ ନିଷ୍ପତ୍ତି ପାଇଁ ଆସି ଏଭଳି ସମସ୍ୟା ଦେଖାଦେଇଛି। ଦୈନିକ ହଜାର ହଜାର ଲୋକ ଜୀବନକୁ ପାଣି ଛଡ଼ାଇ ବ୍ରିଜ୍ ପାର କରୁଛନ୍ତି। ଏଥିପ୍ରତି ପ୍ରଶାସନ ସଜାଗ ହେବା ଦରକାର ବୋଲି ଜେନା କହିଥିଲେ। ଜଳ ସତ୍ୟାଗ୍ରହ ସ୍ଥାନରେ ବିରମିତ୍ରପୁର ବିଧାୟକ ଶଙ୍କର ଓରାମ, କେନ୍ଦ୍ରୀୟ ମାନାବଧିକାର ସଙ୍ଗଠନର ରାଜ୍ୟ ସଭାପତି ଲଳିତା ପ୍ରେମଶୀଳା ଲାକ୍ରା, ସୁନୀତା ଲାକ୍ରା, ଜର୍ଜ ସେନାର ଲକ୍ଷ୍ମୀ ଦାସ, ପଶ୍ଚିମ ଓଡ଼ିଶା ଯବାନ ବିକାଶ ପରିଷଦ ସଦସ୍ୟ ବାମଦେବ ବଳ, ମୁକ୍ତିକାନ୍ତ ବିଶ୍ୱାଳ, ଗୋପାଳ ଜେନା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ, ଏହି ବ୍ରିଜ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୯୫୯.୦୮ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହାର ଆପ୍ରୋଚ ରୋଡ ପାଇଁ ଜମି ନ ଥିବାରୁ କାର୍ଯ୍ୟ ବନ୍ଦ ହୋଇ ରହିଛି।

## ଦିବ୍ୟାଙ୍ଗ ଦେଖାଇଲେ ମଣିଷପଣିଆ

**ରାଉରକେଲା,୯।୧୦(ଦିନେଶ ମିଶ୍ର)**

ଆଜିବି ବଞ୍ଚିଛି ମଣିଷପଣିଆ। ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ହଜିଯାଇଥିବା ଜଣଙ୍କ ମୋବାଇଲକୁ ପାଇବା ପରେ ତାଙ୍କୁ ଫୋନ ଯୋଗେ ଡକାଇ ତାହା ଫେରାଇଛନ୍ତି। ଏଭଳି ଘଟଣା ବାସନ୍ତୀ କଲୋନୀ ସ୍ଥିତ ଡିଏଭି ଛକ ନିକଟ ବସ୍‌ଷ୍ଟାଣ୍ଡରେ ଦେଖିବାକୁ ମିଳିଛି।

ସୂଚନା ଅନୁସାରେ, ଲେବର ଟେନାମେଣ୍ଟ ଅଞ୍ଚଳରେ ଏ. ସି. ପଣ୍ଡା ରବିବାର ରାତିରେ ଡିଏଭି ବସ୍‌ଷ୍ଟାଣ୍ଡକୁ ଯାଇଥିବା ବେଳେ ତାଙ୍କ ମୋବାଇଲକୁ ସେଠାରେ ଛାଡି ଚାଲିଆସିଥିଲେ। ପରେ ସେ ବସଷ୍ଟାଣ୍ଡକୁ ଆସି ମୋବାଇଲକୁ ବହୁ ଖୋଜାଖୋଜି କରି ନ ପାଇ ନିରୁତ୍ସାହିତ ହୋଇ ଘରକୁ ଫେରିଥିଲେ। ସକାଳ ହେବାରୁ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଡିଏଭି ବସ୍ତିରେ ବାସ କରୁଥିବା ଦିବ୍ୟାଙ୍ଗ କହରା ଜେନା ସୋମବାର ପ୍ରାତଃ ଭ୍ରମଣ କରୁଥିବାବେଳେ ତାରିଣୀ ମନ୍ଦିର ପରିସରରେ ଏକ ମୋବାଇଲ ପଡିଥିବା ଦେଖି ତାକୁ ନେଇଥିଲେ। ପରେ ମୋବାଇଲରେ ଥିବା ବିଭିନ୍ନ ନମ୍ବରରେ ଉକ୍ତ ପଣ୍ଡାଙ୍କ ପରିବାର ଲୋକଙ୍କୁ ମୋବାଇଲ ତାଙ୍କ ପାଖରେ ଥିବା ନେଇ ଜଣାଇଥିଲେ। ଦିନ ସାଢେ ୧୦ଟାରେ ହଜିଯାଇଥିବା ମୋବାଇଲକୁ କହରା ଉକ୍ତ ଜଣଙ୍କୁ ହସ୍ତାନ୍ତର କରିଥିଲେ। ତାଙ୍କର ଏଭଳି ସାଧୁତା ଦେଖି ବସ୍‌ଷ୍ଟାଣ୍ଡରେ ଥିବା ଲୋକେ ପ୍ରଶଂସା କରିଥିଲେ।



ଦିବ୍ୟାଙ୍ଗ କହରା ଜେନା।

## ଶାରଦୀୟ ଦୁର୍ଗାପୂଜା ଆଲୋଚନା

**ରାଉରକେଲା,୯।୧୦(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସେକ୍ଟର-୧୯ ଥାନାରେ ଆମ ପୋଲିସ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜୋନାଲ ଡିଏସ୍‌ପି ପୁଷ୍ପାଞ୍ଜଳି ନେଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆମ ପୋଲିସ ମୁଖ୍ୟ ଡ. ସୁମନ ଦତ୍ତଙ୍କ ନେତୃତ୍ୱରେ ଇସ୍ପାତ ମାର୍କେଟ, ସେକ୍ଟର-୨୦ ମାର୍କେଟ ଓ ହମିରପୁର ନେହେରୁପଲ୍ଲୀ ଅଞ୍ଚଳର କର୍ମକର୍ତ୍ତା ଯୋଗଦେଇ ଆସନ୍ତା ଦୁର୍ଗାପୂଜାକୁ କିଭଳି ସୁରକ୍ଷିତ ଓ ନିରାପତ୍ତା ସହ ପାଳନ କରାଯିବ ସେ ସମସ୍ତ ଦିଗ ଉପରେ ଆଲୋଚନା କରିଥିଲେ। ବୈଠକରେ ଥାନା ଆଇଆଇସି ସାଇପ୍ରଭା ରାଉତ, ଏସ୍‌ଆଇ ରିତ ପଧାନ, ଏଏସ୍‌ଆଇ ସୁଷମା ସାହୁ ଓ ବିଶ୍ୱନାଥ ସାହୁଙ୍କ ସମେତ ଆମ ପୋଲିସ କମିଟିର ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ। ବିଶ୍ୱନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ବୈଠକରେ ଉପସ୍ଥିତ ପୋଲିସ ଏବଂ ଅନ୍ୟମାନେ।

## ୧୪୭ତମ ଗୋପବନ୍ଧୁ ଜୟନ୍ତୀ

**ରାଉରକେଲା,୯।୧୦(ସଙ୍ଗୀତା ଜେନା)**

ଉତ୍କଳମଣି ଗୋପବନ୍ଧୁଙ୍କ ୧୪୭ତମ ଜୟନ୍ତୀ ବିଭିନ୍ନ ସ୍ଥାନରେ ସାମାଜିକ ଅନୁଷ୍ଠାନ ପକ୍ଷରୁ ପାଳନ କରାଯାଇଛି। ଏହି କ୍ରମରେ ଦି ମିରର ସୋସିଆଲ ଫାଉଣ୍ଡେଶନ୍ ତରଫରୁ ଛେଣ୍ଡ ଗୋପବନ୍ଧୁ ପାଠାଗାରସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଳି ଜ୍ଞାପନ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ବିଶ୍ୱଜିତ ରାଉତ, ଟୁଲୁ ରାୟ, ଗିରିଜା ଶଙ୍କର ଗୋସ୍ୱାମୀ ଶ୍ରଦ୍ଧାଳି ଅର୍ପଣ କରିଥିଲେ। ସେହିପରି ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ସିଟୁ ସର୍ବଭାରତୀୟ ଉପସଭାପତି ବିଷ୍ଣୁ ମହାନ୍ତିଙ୍କ ନେତୃତ୍ୱରେ ଜିଲା ଉପସଭାପତି ଶ୍ରୀମନ୍ତ ବେହେରା, ସାଧାରଣ ସମ୍ପାଦକ ବିମାନ ମାଇତି, ରାଜ୍ୟ ସମ୍ପାଦକ ବସନ୍ତ ନାୟକ, ରାଉରକେଲା ଆଞ୍ଚଳିକ କମିଟି ସମ୍ପାଦକ ରାଜକିଶୋର ପ୍ରଧାନ, ବିଶ୍ୱଜିତ୍ ମାଝି, ଚନ୍ଦ୍ରଭାନୁ ଦାସ ସମେତ ଅନ୍ୟ ମାନେ ଆମ୍ବାଗାନ ସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରିଥିଲେ। ଅନୁରୂପ ଭାବେ ଦକ୍ଷିଣ ରାଉରକେଲା ପାଣିଟାଙ୍କି ମାର୍କେଟ ଛକରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟପଣ କରି ମାନବିକତା ପକ୍ଷରୁ ଆବାହକ ପ୍ରଶାନ୍ତ ସେଠୀ ଅନ୍ୟ ମାନେ ସ୍ମୃତିଚାରଣ କରିଥିଲେ।

## ୨୮ରେ ଭଞ୍ଜ ପ୍ରେକ୍ଷାଳୟରେ କୁମାର ଉତ୍ସବ

**ରାଉରକେଲା,୯।୧୦(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଆଦର୍ଶ ପାଠାଗାର ଏବଂ ଭଞ୍ଜ ସାଂସ୍କୃତିକ ନ୍ୟାସର ମିଳିତ ଆନୁକୂଲ୍ୟରେ ଆସନ୍ତା ୨୮ତାରିଖରେ ଭଞ୍ଜ ପ୍ରେକ୍ଷାଳୟରେ କୁମାର ଉତ୍ସବ-୨୦୨୩ ପାଳିତ ହେବ। ଏହି ସମାରୋହରେ ଓଡିଶାର ବିଶିଷ୍ଟ ସିନେ କଳାକାର ଡ. ତ୍ରିପୁରା ମିଶ୍ର ଓ ସଙ୍ଗୀତ ନିର୍ଦ୍ଦେଶକ ଭାସ୍କର ଚନ୍ଦ୍ର ପୁହାଣଙ୍କୁ କୁମାର ଉତ୍ସବରେ ସମ୍ମାନୀତ କରାଯିବ। ଭୁବନେଶ୍ୱରରୁ ବିଶିଷ୍ଟ କଣ୍ଠଶିଳ୍ପୀ ଯୋଗଦେବା ସହ ସଙ୍ଗୀତ ବିଚିତ୍ରା କାର୍ଯ୍ୟକ୍ରମ ପରିବେଷଣ କରିବେ। ଭଞ୍ଜ ସାଂସ୍କୃତିକ ନ୍ୟାସର ଟ୍ରଷ୍ଟି ଇଂ. ଅଭୟ କୁମାର ଦାସ, ବିଷ୍ଣୁ ଚରଣ ମହାନ୍ତି, ଚନ୍ଦ୍ରଶେଖର ଶତପଥୀ, ରାଧାକାନ୍ତ ମିଶ୍ର, ବାଉରିବନ୍ଧୁ ସାହୁ, ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ ଓ ଆଦର୍ଶ ପାଠାଗାରର ଡାକ୍ତର ବସନ୍ତ କୁମାର ଦାସ, ଅଶୋକ ବଳ, ବିଜୟ ପାତ୍ର ପ୍ରମୁଖ ଏ ନେଇ ସୋମବାର ସୂଚନା ଦେଇଛନ୍ତି।



ସଙ୍ଗଠନ କର୍ମକର୍ତ୍ତା କୁମାର ଉତ୍ସବ ଉପରେ ସୂଚନା ଦେଉଛନ୍ତି।

## ଜିଏସ୍‌ଟି ଠକେଇ, ଜଣେ ଗିରଫ

**ରାଉରକେଲା,୯।୧୦(ସଙ୍ଗୀତା ଜେନା):** ଝାଡ଼ଖଣ୍ଡ ଜିଏସ୍‌ଟି ବିଭାଗର ୪ଜଣିଆ ଟିମ୍ ରାଉରକେଲା ପହଞ୍ଚି ଜଣେ ଜିଏସଟି ଠକେଇ ୱାରେଣ୍ଟିଙ୍କୁ ସୋମବାର ଅପରାହ୍ନରେ ଗିରଫ କରିନେଇଥିବା ସୂଚନା ମିଳିଛି। ଗିରଫ ଅଭିଯୁକ୍ତ ହେଲେ ସେକ୍ଟର-୮ରେ ରହୁଥିବା ରଜତ ଦଲେଇ। ସେ ସେକ୍ଟର-୮ କ୍ୱାର୍ଟର ନଂ. ଇ-୬୧ରେ ଭଡ଼ାରେ ରହୁଥିଲେ। ଜିଏସ୍‌ଟି ଟିମ୍ ସେକ୍ଟର-୭ ଥାନା ପୋଲିସ ସହଯୋଗରେ ଦଲେଇଙ୍କୁ ଗିରଫ କରିଥିଲେ।

## ନାବାଳକଙ୍କ ସମେତ ୪ ଗିରଫ

**ରାଉରକେଲା,୯।୧୦(ଦିନେଶ ମିଶ୍ର)**

ଟାଙ୍ଗରପାଲି ଥାନା ଅଧୀନ ନବକୃଷ୍ଣନଗର ଅଞ୍ଚଳର ୨ଜଣ ଯୁବକଙ୍କୁ ଭୁଜାଲିରେ ଆକ୍ରମଣ କରି ଫେରାର ଥିବା ୪ ଅଭିଯୁକ୍ତଙ୍କୁ ପୋଲିସ ସୋମବାର ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମଡେନ ଇଣ୍ଡିଆର ରିତିକ ସାହୁ(୨୦), ଦୀପକ ରଜକ(୨୩), ସମାଧାନ ମହାନ୍ତି(୧୯) ଏବଂ ଅନ୍ୟ ଜଣେ ନାବାଳକ। ପୋଲିସ ସେମାନଙ୍କଠାରୁ ଏକ ଭୁଜାଲି ଓ ଲୁହାକଡା ଜବତ କରିଛି। ଏ ନେଇ ଏକ ମାମଲା (ନଂ.୧୪୮।୨୩) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ, ରବିବାର ନବକୃଷ୍ଣନଗରରେ ଥିବା ଏକ ଦୋକାନକୁ ଦୀପକ ତାଙ୍କ ସ୍ତ୍ରୀଙ୍କ ସହ ମାର୍କେଟିଂ ପାଇଁ ଯାଇଥିଲେ। ଏହି ସମୟରେ ବିକାଶ ଏକ୍କା ନାମକ ଜଣେ ଯୁବକ ତାଙ୍କ ସ୍ତ୍ରୀଙ୍କୁ କମେଣ୍ଟ ମାରିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଦୀପକ ରାଗିଯାଇ ମଡେନ ଇଣ୍ଡିଆର ତାଙ୍କର ଚିହ୍ନା କିଛି ଯୁବକଙ୍କୁ ଡାକି ବିକାଶଙ୍କୁ ନିସ୍ତୁକ ମାଡ ମାରିଥିଲେ। ଏହା ଦେଖି ବିକାଶଙ୍କ ସାଙ୍ଗ ମାନୁଏଲ ଟପ୍ପୋ ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ସେମାନେ ଏକ ଭୁଜାଲି ଓ ଛୁରିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ୨ ଯୁବକଙ୍କୁ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରିଥିଲା। ସୋମବାର ସକାଳେ ବିକାଶ ଏ ନେଇ ଥାନା ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରି ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଥିଲା।




ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଉଛି।

**ଯୁବକଙ୍କୁ ଭୁଜାଲି ମାଡ଼ ଘଟଣା**

## ଭେଣ୍ଡିଂ ଜୋନ ବ୍ୟବସାୟୀଙ୍କ ବିକ୍ଷୋଭ ପ୍ରଦର୍ଶନ

**ରାଉରକେଲା,୯।୧୦(ଦିନେଶ ମିଶ୍ର)**

ରାଉରକେଲା ଜେଲ ରୋଡ୍ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ଭେଣ୍ଡିଂ ଜୋନ ବ୍ୟବସାୟୀମାନେ ଆରଏମ୍‌ସି ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମାର୍କେଟ ଭିତରେ କୌଣସି ମୌଳିକ ସୁବିଧା ପ୍ରଦାନ କରା ନ ଯାଇ ଭଡା ଆଦାୟକୁ ସେମାନେ ବିରୋଧ କରିଥିଲେ।

ସୂଚନା ଅନୁସାରେ, ଏହି ଭେଣ୍ଡିଂ ଜୋନ ଗତ ଜୁଲାଇ ମାସରେ ଆର୍‌ଏମ୍‌ସି ପକ୍ଷରୁ ଖୋଲାଯାଇଥିଲା। ଏଥିରେ ସମୁଦାୟ ୧୩୦ଟି ବ୍ୟବସାୟୀଙ୍କ ପାଇଁ ଦୋକାନ ତିଆରି କରାଯାଇଥିଲା। ଆରଏମସି ପକ୍ଷରୁ ଦୋକାନୀଙ୍କୁ ସ୍ୱତନ୍ତ୍ର ବିଦ୍ୟୁତ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ଡଷ୍ଟବିନ ବ୍ୟବସ୍ଥା ସାଙ୍ଗକୁ ପାର୍କିଂ ଓ ଶୌଚାଳୟ ସୁବିଧା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଆରଏମ୍‌ସି କର୍ତ୍ତୃପକ୍ଷ ବ୍ୟବସାୟୀମାନଙ୍କୁ ଏହିସବୁ ସୁବିଧା ନ ପ୍ରଦାନ କରି ନ ଥିଲା। ଫଳରେ ବ୍ୟବସାୟୀ ଦୋକାନ ପାଇବା ପରେ ଏକ କମିଟି ଗଠନ କରି ନିଜ ଅର୍ଥରେ ବିଦ୍ୟୁତ ବିଭାଗ ସହ କଥା ହୋଇ ବିଦ୍ୟୁତ ସମସ୍ୟାକୁ ଦୂର କରିଥିଲେ। କିନ୍ତୁ ମାର୍କେଟ କମ୍ପ୍ଲେକ୍ସ ଭିତରେ ପାନୀୟ ଜଳ ସମସ୍ୟା ଦୂର ହୋଇ ନ ଥିବାବେଳେ ଶୌଚାଳୟ ବ୍ୟବହାର ଉପଯୋଗୀ ନ କରି ଆର୍‌ଏମ୍‌ସି ତାଲା ପକାଇ ରଖିଛି। ମାର୍କେଟ କମ୍ପଲେକ୍ସରେ ସୁବିଧା ପ୍ରଦାନ କରାଯାଇ ନ ଥିବାରୁ ବ୍ୟବସାୟୀମାନେ ସମ୍ପୂର୍ଣ୍ଣ ଭାବେ ଦୋକାନ ଖୋଲିନାହାନ୍ତି। କିନ୍ତୁ ବର୍ତ୍ତମାନ ଆରଏମ୍‌ସିର କିଛି କର୍ମଚାରୀ ଦୋକାନ ବାବଦକୁ ଭଡା ମାଗିବା ଆରମ୍ଭ କରିଦେଇଛନ୍ତି। ଯାହାକୁ ନେଇ ବ୍ୟବସାୟୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ବ୍ୟବସାୟୀ ଆରଏମ୍‌ସି ଉପ ଆୟୁକ୍ତଙ୍କୁ ଭେଟି ସୋମବାର ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଘଟଣାକୁ ନେଇ ଆରଏମ୍‌ସି ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇଙ୍କୁ ପଚାରିବାରୁ ସେ କହିଥିଲେ, ଉତ୍କଳମଣି ଗୋପବନ୍ଧୁ ମାର୍କେଟରେ ଥିବା ମୌଳିକ ସୁବିଧାକୁ ଆଗାମୀ ୭ ଦିନ ମଧ୍ୟରେ ଦୂର କରାଯିବ। ଏଥିସହ ବନ୍ଦ ପଡିଥିବା ଦୋକାନଗୁଡିକୁ ଆଲଟ ହୋଇଥିବା ବ୍ୟବସାୟୀଙ୍କୁ ତୁରନ୍ତ ଖୋଲିବାକୁ ନିର୍ଦ୍ଦେଶ ଦିଆଯିବ। ଏହି ବିକ୍ଷୋଭରେ ମାର୍କେଟ କମ୍ପ୍ଲେକ୍ସ ସଭାପତି ଦେବବ୍ରତ ସିଂ, ସୁବାଷ ନାୟକ, କହରା ଜେନା, ଶୁକାନ୍ତି ମଲ୍ଲିକ, ଶୁଶାନ୍ତ ବାରିକ, ପୂର୍ଣ୍ଣମ ମହାପାତ୍ର, ରାଜେନ୍ଦ୍ର ମହାରଣା, ବୈଷ୍ଣବ ପରିଜା ପ୍ରମୁଖ ଉପସ୍ଥିତ ଥିଲେ।



ଆର୍‌ଏମ୍‌ସି ଅଫିସ ସମ୍ମୁଖରେ ଗୋପବନ୍ଧୁ ମାର୍କେଟ ବ୍ୟବସାୟୀ।

**ମୌଳିକ ସୁବିଧା ନ ଦେଇ ଭଡା ଆଦାୟ**

## ସଂକ୍ଷେପରେ

### ଦେଶୀ ମଦ ଜବତ, ୩ ମହିଳା ଗିରଫ

**ସମ୍ବଲପୁର,୯।୧୦(ବି.ଶଙ୍କର):** ସମ୍ବଲପୁର ଜିଲା ଅବକାରୀ କାର୍ଯ୍ୟାଳୟର ଜିଲା ମୋବାଇଲ ୟୁନିଟ ପକ୍ଷରୁ ସୋମବାର ହୀରାକୁଦ ଅଞ୍ଚଳରେ ଚଢ଼ାଉ କରାଯାଇ ୫୦ ଲିଟର ଦେଶୀ ମଦ ଜବତ ସହ ୩ଜଣ ମହିଳାଙ୍କୁ ଗିରଫ କରାଯାଇଛି। ଏ ନେଇ ସୋମବାର ସମ୍ବଲପୁର ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅବକାରୀ ମୋବାଇଲ ୟୁନିଟ ହୀରାକୁଦ ଚମ୍ପାପଡା ବାସିନ୍ଦା ସରୋଜିନୀ ଓରାମଙ୍କଠାରୁ ୧୮ ଲିଟର, ଡେଙ୍ଗିମଚାର ଜୟନ୍ତୀ ଓରାମଙ୍କଠାରୁ ୧୮ ଲିଟର ଓ ଅରୁଣା ଗାରଡିଆଙ୍କଠାରୁ ୧୪ ଲିଟର ଦେଶୀମଦ ଜବତ କରିଥିଲା। ଗିରଫ ୩ ମହିଳାଙ୍କୁ କୋର୍ଟଚାଲାଣ କରାଯାଇଥିବା ସୂଚନା ଦିଆଯାଇଛି।

### ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ବଣ୍ଟନ

**ନାକଟିଦେଉଳ,୯।୧୦(ବୈକୁଣ୍ଠ ନାଥ ସାହୁ):** ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଅବସରରେ ୩୨ଜଣ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଅତିଥି ଭାବେ ଯୋଗଦେଇ ବ୍ଲକର ବିଭିନ୍ନ ଗ୍ରା.ପ.ର ୨୪ଜଣଙ୍କୁ ବିଧବା ଭତ୍ତା ଓ ୮ଜଣଙ୍କୁ ଭିନ୍ନକ୍ଷମ ଭତ୍ତା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଥବୀର ମହନନ୍ଦ, ନାକଟିଦେଉଳ ବିଡିଓ ବିବେକାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉଦିତ ଶେଖର ସାହୁ ପରିଚାଳନା କରିଥିଲେ।

### ରେଙ୍ଗାଲି ଆଦର୍ଶ ବିଦ୍ୟାଳୟକୁ ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା ପତ୍ର

**ରେଙ୍ଗାଲି,୯।୧୦(ଦେବବ୍ରତ ପଣ୍ଡା):** ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟକୁ ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା ପତ୍ର ପ୍ରଦାନ କରାଯାଇଛି। ପରୀକ୍ଷା ପେ ଚର୍ଚ୍ଚା କର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପ୍ରେରଣାଦାୟକ ମାର୍ଗଦର୍ଶନ କରିଥିବାରୁ ବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ୧୦୦ ଛାତ୍ରୀଛାତ୍ରଙ୍କୁ ପ୍ରଧାନମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି। ଆସନ୍ତା ୨୫ ବର୍ଷର ଅମୃତ କାଳ ଯାତ୍ରା ନିମନ୍ତେ ବିକଶିତ ଭାରତ ପାଇଁ ସଂକଳ୍ପ, କ୍ରୀତଦାସ ମାନସିକତାରୁ ମୁକ୍ତି, ନିଜ ଐତିହ୍ୟକୁ ନେଇ ଗର୍ବ କରିବା, ଏକତାକୁ ସୁଦୃଢ଼ କରିବା ଓ କର୍ତ୍ତବ୍ୟକୁ ସର୍ବାଧିକ ପ୍ରାଥମିକତା ଦେବା ଭଳି ୫ଟି ନୀତିକୁ ଅନୁସରଣ କରିବାକୁ ପ୍ରଧାନମନ୍ତ୍ରୀ ଏକ ସ୍ୱତନ୍ତ୍ର ଚିଠିରେ ପରାମର୍ଶ ଦେଇଛନ୍ତ। ପ୍ରଧାନମନ୍ତ୍ରୀଙ୍କ ଚିଠି ବିଦ୍ୟାଳୟରେ ପହଞ୍ଚିବା ପରେ ଖୁସିର ଲହରି ଖେଳିଯାଇଛି।

### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

**କୁଚିଣ୍ଡା,୯।୧୦(ବିରଞ୍ଚି ଦର୍ଶା):** କୁଚିଣ୍ଡା ବ୍ଲକର କୁ. ଜମନକିରାଠାରେ ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା ବିଡିଓ ଅରୁଗୁଲା ସ୍ନେହା (ଆଇଏଏସ୍), ଏବିଡିଓ ସହଦେବ ନନ୍ଦ, ବିଏସ୍ଏସ୍ଓ ଇଉତି ଭୋଇ, ଯୋଗାଣ ନିରୀକ୍ଷକ ପ୍ରସନ୍ନ କୁମାର ଦେହୁରି, ବିପିଏମ୍ ଟିପେନ୍ସନ ବେହେରା, କୁ. ଜମନକିରା ସରପଞ୍ଚ ପବିତ୍ର କିଷାନଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। କୁସୁମୀ, କୁନ୍ତରା, କୁ.ଜମନକିରା, ସାଲେଭା ତେଲିତିଲେଇମାଲ ପଞ୍ଚାୟତରୁ ୧୨୬ ଗୋଟି ଅଭିଯୋଗ ଆସିଥିଲା। ବିଡିଓ ସ୍ନେହା ଏହା ଉପରେ ଶୁଣାଣି କରିଥିଲେ।

### ହୀରାକୁଦ ମହାବିଦ୍ୟାଳୟରେ ମୋ କଲେଜ ଅଭିଯାନ

**ସମ୍ବଲପୁର,୯।୧୦(ବି.ଶଙ୍କର):** ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦ ମହାବିଦ୍ୟାଳୟରେ ମୋ କଲେଜ ଅଭିଯାନ ପକ୍ଷରୁ ସୋମବାର ଏକ ସଭା ଅନୁଷ୍ଠିତ ହୋଇଯାଇଛି। ସୁରେନ୍ଦ୍ର ଗୋଣ୍ଡ ଓ ସ୍ୱଦୀପ ମହାନ୍ତି ଅତିଥି ଭାବେ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ମୋ କଲେଜ ଅଭିଯାନର ଅଧ୍ୟକ୍ଷା ସୁମିତ୍ରା ପଣ୍ଡା, ସଂଯୋଜକ ଡ. ସିଦ୍ଧାନ୍ତ ମହାନ୍ତି, ପୂର୍ବତନ ଅଧ୍ୟକ୍ଷ ଡ. ଅଶ୍ୱିନୀ କୁମାର ସୁପକାର, ଡ. ପୁଷ୍ପା ରାଣୀ ନାଥ, ଏମ୍ ନୟନା ପଣ୍ଡା ଉପସ୍ଥିତ ଥିଲେ। ଶେଷରେ ଡ. ଅକ୍ଷୟ କୁମାର ସୁତାର ଧନ୍ୟବାଦ ଦେଇଥିଲେ। ଫଟୋ:ମୋ କଲେଜ ଅଭିଯାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ।

# ୮ ବର୍ଷେ ହେଲା ଅନ୍ଧାରରେ ଗ୍ରାମବାସୀ

**ଜମନକିରା,୯।୧୦(ରବୀନ୍ଦ୍ର ପ୍ରସାଦ ଦାନି)**

ଜମନକିରା ବ୍ଲକ କଟଙ୍ଗପାଣି ପଞ୍ଚାୟତ ମୟୁରନାଚେନ ଜୁନାପଡ଼ାରେ ବାସ କରୁଥିବା ଲୋକେ ଗତ ଏକବର୍ଷରୁ ଅଧିକ ହେବ ବିଦ୍ୟୁତ୍‌ସେବାରୁ ବଞ୍ଚିତ ହୋଇ ଅନ୍ଧାରରେ ରହୁଛନ୍ତି। ତେବେ ୭ଦିନ ମଧ୍ୟରେ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ କରିବେ ବୋଲି ସୋମବାର ବୈଠକ କରି ନିଷ୍ପତ୍ତି ନେଇଛନ୍ତି।

ସୂଚନା ଅନୁସାରେ, ଉକ୍ତ ପଡ଼ାରେ ୧୭ ଜଣ ବିପିଏଲ୍ ପରିବାରର ଲୋକେ ରହୁଛନ୍ତି। ସେଠାରେ ଥିବା ଏକମାତ୍ର ଟ୍ରାନ୍ସଫର୍ମରରୁ ସମସ୍ତ ପରିବାରକୁ ବିଦ୍ୟୁତ୍ ସଂଯୋଗୀକରଣ କରାଯାଇ ଲୋକେ ଉପକୃତ ହେଉଥିଲେ। ମାତ୍ର କୌଣସି କାରଣରୁ ଟ୍ରାନ୍ସଫର୍ମରଟି ଗତ ୨୦୨୨ ଜୁଲାଇ ୮ରେ ପୋଡିଯାଇଥିଲା। ଏ ନେଇ


ଗାଁ ମୁଣ୍ଡରେ ଥିବା ଅଚଳ ଟ୍ରାନ୍ସଫର୍ମର।

ଗ୍ରାମବାସୀ କନିଷ୍ଠ ଯନ୍ତ୍ରୀ ବିଦ୍ୟୁତ୍ ବିଭାଗ ଜମନକିରାଙ୍କୁ ଦରଖାସ୍ତ ମାଧ୍ୟମରେ ଗତ ଜୁନ ମାସରେ ଲିଖିତ ଅଭିଯୋଗ କରିଥିଲେ। ବିଭାଗ ପକ୍ଷରୁ ନୂତନ ଟ୍ରାନ୍ସଫର୍ମର

**ସମାଧାନ ନ ହେଲେ ଆନ୍ଦୋଳନ**

ଲଗାଯାଇଥିଲା। ହେଲେ ପାଞ୍ଚଦିନ ଜଳିବା ପରେ ବର୍ଷା ସାଙ୍ଗକୁ ଘଡଘଡି ମାରିବାରୁ ଏହା ପୁନର୍ବାର ପୋଡ଼ିଯାଇଥିଲା। ଏ ନେଇ ଗ୍ରାମବାସୀ କନିଷ୍ଠଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ୩ମାସ ହେବ ବିଭାଗ ପକ୍ଷରୁ କିଛି ପ୍ରତିକାର କରାଗଲା ନାହିଁ। ଫଳରେ ପଡ଼ାବାସୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେବେ ୭ଦିନ ଭିତରେ ଟ୍ରାନ୍ସଫର୍ମର ଲଗା ନ ଗଲେ ଜମନକିରା ବିଦ୍ୟୁତ୍ ଅଫିସ ସମ୍ମୁଖରେ ଆସନ୍ତା ୨୦ ତାରିଖଠାରୁ ଧାରଣାରେ ବସିବା ପାଇଁ ଗ୍ରାମବାସୀ ବୈଠକରେ ନିଷ୍ପତ୍ତି ନେଇଥିବା କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ କୁଚିଣ୍ଡା ଏସ୍‌ଡିଓ ସୁବ୍ରତ ପଣ୍ଡାଙ୍କୁ ପଚାରିବାରୁ ଯଥାଶୀଘ୍ର ଉକ୍ତ ପଡ଼ାରେ ଟ୍ରାନ୍ସଫର୍ମର ଲଗାଯିବ ବୋଲି କହିଥିଲେ।

# ମୁମ୍ବାଇରେ ନୂଆଁଖାଇ ଭେଟ୍‌ଘାଟ


ସାବରକର ପ୍ରେକ୍ଷାଳୟରେ ନୂଆଁଖାଇ ଭେଟ୍‌ଘାଟରେ ନୃତ୍ୟ ପରିବେଷଣ।

**ସମ୍ବଲପୁର,୯।୧୦(ବି.ଶଙ୍କର):** ମୁମ୍ବାଇରେ ପଶ୍ଚିମ ଓଡିଶା ପରିବାର ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦାଦରସ୍ଥିତ ବୀର ସାବରକର ପ୍ରେକ୍ଷାଳୟରେ ଆୟୋଜିତ ଉତ୍ସବରେ ମୁମ୍ବାଇ ଆୟକର କମିଶନର ନରେଶ ବାଲୋଡିଆ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଲିଉଡ ଅଭିନେତ୍ରୀ ରେହା ଖାନ ପଠାନ, ଅପର୍ଣ୍ଣା ଗିରି, ଦିଲୀପ ଧନୱାନୀ ସମ୍ମାନିତ ଅତିଥି ଥିଲେ। ଏହି ଅବସରରେ ଲୋକକବିରତ୍ନ ପଦ୍ମଶ୍ରୀ ହଳଧର ନାଗଙ୍କୁ ସମ୍ମାନିତ କରାଯାଇଥିଲା। ଅତିଥିମାନେ ସ୍ମରଣିକା ଜୁହାର ଉନ୍ମୋଚନ କରିଥିଲେ। ସେହିପରି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବରଗଡ଼ ଜିଲାର କଳାଜୀବୀ ସଂସ୍ଥା ସମ୍ବଲପୁରୀ ନୃତ୍ୟ ଓ ଗୀତ ପରିବେଷଣ କରିଥିଲେ।

# ରାଷ୍ଟ୍ର ଗଠନରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର

**ସମ୍ବଲପୁର,୯।୧୦(ବି.ଶଙ୍କର):** ରାଷ୍ଟ୍ର ଗଠନରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ସମ୍ବଲପୁର ପବ୍ଲିକ ଲାଇବ୍ରେରି ସଭାକକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ବୁଢ଼ାରଜା ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁମିତା ପତ୍ରୀ ପ୍ରଶିକ୍ଷିକା ଭାବେ ଯୋଗଦେଇ ବୈଜ୍ଞାନିକ ସାର୍ ଆଇଜାକ ନିଉଟନଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ନିଉଟନଙ୍କ ଅବଦାନ ଓ ବିଭିନ୍ନ ଗବେଷଣା ମୂଳକ ତଥ୍ୟ ଉପରେ ବୁଝାଇଥିଲେ। ଦ୍ୱିତୀୟ ଅଧିବେଶନରେ ପ୍ରଫେସର ଶଙ୍କର ପ୍ରସାଦ ପତି ବିଜ୍ଞାନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଶିକ୍ଷାବିତ୍ ରାଜେନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ପ୍ରଫେସର ରବିନାରାୟଣ ମିଶ୍ର, ସମ୍ପାଦକ ରଘୁନାଥ ମିଶ୍ର, ଖବରଦାତା ଅର୍ଜୁନ ରଞ୍ଜନ ପଣ୍ଡା, ଉଦିତ ଚନ୍ଦ୍ର ପାଟଜୋଷୀ, ଜିତେନ୍ଦ୍ରିୟ ପ୍ରଧାନ, ଡ. ଗିରିଧାରୀ ହୋତା, ଡ. ଦେବେନ୍ଦ୍ର ପଣ୍ଡା, ଅନନ୍ତ ବେହେରା, ପ୍ରଦୀପ ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଜୟ ସାହୁ ଓ ସୁନନ୍ଦା ପ୍ରଧାନ ବୈଷୟିକ ସହାୟତା ପ୍ରଦାନ କରିଥିଲେ। ଶିବିରରେ ମୋଟ ୧୦ ହାଇସ୍କୁଲରୁ ମନୋନୀତ ୧୮ ଛାତ୍ରୀଛାତ୍ର ଯୋଗଦେଇଥିଲେ।

### ମହିଳା ମହାବିଦ୍ୟାଳୟରେ ହକି ସଚେତନତା କର୍ମଶାଳା

**ସମ୍ବଲପୁର,୯।୧୦(ବି.ଶଙ୍କର):** ଏସିଆନ କ୍ରୀଡ଼ା ମହୋତ୍ସବରେ ଭାରତୀୟ ହକି ଦଳ ସ୍ୱର୍ଣ୍ଣପଦକ ହାସଲ କରିଛି। ଏଥିସହ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଭାରତୀୟ ଦଳକୁ ଉତ୍ସାହିତ କରିବା ପାଇଁ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ସଭାକକ୍ଷରେ ସୋମବାର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଭାରତୀୟ ମହିଳା ହକି ଟିମ୍‌ର ପୂର୍ବତନ ପରିଚାଳକ ଲକ୍ଷ୍ମୀଧର ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗଦେଇ ଭାରତୀୟ ହକିର ବିକାଶରେ ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷା ପ୍ରଫେସର ବରାଳ କଲେଜରେ ଏକ ହକି ଟିମ୍ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର ଉମାଶଙ୍କର ଦାଶ ଓ ଖେଳ ଶିକ୍ଷୟିତ୍ରୀ ସରିତା ନାୟକ ଛାତ୍ରୀଙ୍କୁ କ୍ରୀଡା ପ୍ରତି ସମର୍ପିତ ହେବାପାଇଁ ଉଦ୍‌ବୋଧନ ଦେଇଥିଲେ।

### ଯାଜ୍ଞସେନୀ ଶାଖା ପକ୍ଷରୁ କବି ସମ୍ମିଳନୀ



ଅତିଥିଙ୍କ ଗହଣରେ ଜଣେ କବୟିତ୍ରୀ କବିତା ପାଠ କରୁଛନ୍ତି।

**ସମ୍ବଲପୁର,୯।୧୦(ବି.ଶଙ୍କର):** କଲମ ପରିବାର ଯାଜ୍ଞସେନୀ ଶାଖା ପକ୍ଷରୁ ସମ୍ବଲପୁର ସମ୍ବାଦିକ ଭବନରେ ମହିଳା କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ସମତେ ବରଗଡ଼ ଓ ଝାରସୁଗୁଡ଼ାରୁ କବୟିତ୍ରୀ, କବି ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସଭାପତି ଜୟକୃଷ୍ଣ ବେହେରାଙ୍କ ସଭାପତିତ୍ୱରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳସଚିବ ଯୁଗଳେଶ୍ୱରୀ ଦାଶ ମୁଖ୍ୟଅତିଥି, ସାହିତ୍ୟିକ ଡ. ଗୌରୀ ଦାସ ପ୍ରଧାନ ମୁଖ୍ୟବକ୍ତା, ବରଗଡ଼ର କବୟିତ୍ରୀ ସଂଗୀତା ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କବିତା ପାଠ କାର୍ଯ୍ୟକ୍ରମକୁ ପଙ୍କଜିନୀ ନାୟକ ଓ ଅନନ୍ୟା ବେହେରା ସଂଯୋଜନା କରିଥିଲେ। କବିତା ରାଣୀ ସିଂଦେଓ, ସରସ୍ୱତୀ ସାଲିମା, ମୋହିନୀ ହୋତା, ସବିତା ଷଡ଼ଙ୍ଗୀ, ମିନାକ୍ଷୀ ଷଣ୍ଢ, ଡ. ସ୍ୱର୍ଣ୍ଣମଞ୍ଜରୀ ଜେନା ଖୁଣ୍ଟିଆ, ଆଲୋକ କୁମାର ଦାସ, ପ୍ରଦୀପ ରଞ୍ଜନ ପାଣିଗ୍ରାହୀ, ରମେଶ ଚନ୍ଦ୍ର ମିଶ୍ର, କାହ୍ନୁ କେଶବ ବହିଦାର, ବିଭୁତି ମିଶ୍ର, ସୂର୍ଯ୍ୟ ପାଣିଗ୍ରାହୀ, ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ, ଲଳିତ ମୋହନ ବେବର୍ତ୍ତା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

# କଦଳୀଗଡ଼ରେ ବିଜେଡିର ପଦଯାତ୍ରା



ପଦଯାତ୍ରାରେ ସାମିଲ ହୋଇଥିବା ବିଧାୟକଙ୍କ ସହ କର୍ମକର୍ତ୍ତାମାନେ।

**ରେଢ଼ାଖୋଲ,୯।୧୦(ଅଚ୍ୟୁତାନନ୍ଦ ପୁରୋହିତ):** ବିଜୁ ଜନତା ଦଳ ରାଜ୍ୟ ସଭାପତିଙ୍କ ଆହ୍ୱାନକ୍ରମେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ପଦଯାତ୍ରା ଆରମ୍ଭ ହୋଇଛି। ରେଢାଖୋଲ ବ୍ଲକ କଦଳୀଗଡଠାରେ ସୋମବାର ବ୍ଲକ କମିଟି ପକ୍ଷରୁ ପଦଯାତ୍ରା ହୋଇଥିଲା। ଦଳୀୟ ନେତା ଓ କର୍ମୀ ବିଶିପାଲି ଛକରୁ କଦଳିଗଡ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। କଦଳିଗଡଠାରେ ଆୟୋଜିତ ସଭାରେ ବହୁ ବିଜେଡି କର୍ମୀଙ୍କ ସହିତ ଜନସାଧାରଣ ଯୋଗଦେଇଥିଲେ। ବ୍ଲକ ସଭାପତି ଉଦିତ. ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ରୋହିତ ପୂଜାରୀ ଯୋଗଦେଇ ସରକାରଙ୍କ ବିଭିନ୍ନ ଲୋକାଭିମୁଖି ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବା ସହ ନିର୍ବାଚନ ମଣ୍ଡଳୀରେ ତାଙ୍କ ପ୍ରଚେଷ୍ଟାରେ ହୋଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପସଭାପତି ଅନାଦି ଚରଣ ସାହୁ, ସମ୍ପାଦକ ଲକ୍ଷ୍ମଣ ପ୍ରଧାନ, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ନଗର ସଭାପତି ସିଦ୍ଧାର୍ଥ ଶଙ୍କର ପ୍ରଧାନ, ଜିଲାପରିଷଦ ସଭ୍ୟ ଶ୍ରାବଣୀ ଭୋଇ, ବୁର୍ଡା ସମିତିସଭ୍ୟ ସଞ୍ଜୟ ବେହେରା, ଯୁବ ବିଜେଡି ସଭାପତି ସୂର୍ଯ୍ୟକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ବାଳିକା ଦିବସରେ ବ୍ଲକସ୍ତରୀୟ ପ୍ରତିଯୋଗିତା

**ରେଢ଼ାଖୋଲ,୯।୧୦(ଅଚ୍ୟୁତାନନ୍ଦ ପୁରୋହିତ):** ରେଢାଖୋଲ ସହରସ୍ଥିତ ରାଣୀ ଅନ୍ନପୂର୍ଣ୍ଣା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ବାଳିକା ଦିବସ ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବ୍ଲକସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଲିଙ୍ଗଗତ ସମାନତା ସାଂପ୍ରତିକ ସମୟର ଏକ ଆହ୍ୱାନ, ରାଷ୍ଟ୍ର ଗଠନରେ ନାରୀମାନଙ୍କ ଭୂମିକା ଓ ବହ୍ନିକନ୍ୟା ବିଷୟବସ୍ତୁ ଉପରେ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଭିମସେନ ପ୍ରଧାନ, ନେତ୍ରାନନ୍ଦ ଗୁରୁ, ନରେନ୍ଦ୍ର ଦେହୁରି ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ବରିଷ୍ଠ ବିଭାଗରେ ଧରିତ୍ରୀ ସାହୁ, ପଦ୍ମିନୀ ପ୍ରଧାନ, ଜୟନ୍ତି କିଷାନ ଯଥାକ୍ରମେ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନରେ ପ୍ରଥମସ୍ଥାନ ଅଧିକାର କରିଥିଲେ। ସେହିପରି ମୌସୁମୀ ନାୟକ, ଝୁମ୍‌କି ଜାଲ ଓ କାଜଲ ବେହେରା ପ୍ରଥମସ୍ଥାନ ଅଧିକାର କରି ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ଶିକ୍ଷକ ବିଜୟାନନ୍ଦ ପ୍ରଧାନ, ଈଶ୍ୱରଚନ୍ଦ୍ର ବେହେରା, ଦୟାନିଧି ସାହୁ, ମୋହିନି ମୋହନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ ଶିକ୍ଷାଧିକାରୀ ସୁଦୀପ୍ତ ନାୟକ ଓ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନିରଞ୍ଜନ ପାତ୍ର ଯୋଗଦେଇ କାର୍ଯ୍ୟକ୍ରମ ତଦାରଖ କରିଥିଲେ।

### ନିର୍ଗୁଣପଡ଼ା ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ

**ସମ୍ବଲପୁର,୯।୧୦(ବି.ଶଙ୍କର):** ଶିକ୍ଷା ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ସୁରଭି–୨୦୨୩ ସୋମବାର କାଇଶିରସ୍ଥିତ ନିର୍ଗୁଣପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଶିକ୍ଷକ ଅଶୋକ କୁମାର ପ୍ରଧାନ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପ୍ରଧାନ ଶିକ୍ଷକ ବାବୁବାହନ ଭୋଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଆଇନଜୀବୀ ଚିତ୍ତରଞ୍ଜନ ପଣ୍ଡା, ସିଆର୍‌ସିସି ମନିସ ବେହୁରିଆ, ଶିକ୍ଷକ ରଜତ ପୂଜାରୀ, ଅଶୋକ ମିଶ୍ର, ରାଜେନ୍ଦ୍ର ଓରାମ, ମଧୁ ଓରାମ, ଦୁଲାଲ ଚନ୍ଦ୍ର ରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଚନା, ବକ୍ତୃତା, ଚିତ୍ରାଙ୍କନ, କୁଇଜ୍, ସୃଜନାତ୍ମକ ଲିଖନ, ଗୀତ, ନୃତ୍ୟ ପ୍ରଭୃତି ପ୍ରତିଯୋଗିତା ହୋଇଥିଲା।

# ସେତୁର ରୌପ୍ୟ ଜୟନ୍ତୀ ଉପଲକ୍ଷେ ବିବିଧ ପ୍ରତିଯୋଗିତା

**ସମ୍ବଲପୁର,୯।୧୦(ବି.ଶଙ୍କର)**

ସେତୁର ରୌପ୍ୟ ଜୟନ୍ତୀ ଉପଲକ୍ଷେ ବୁଢ଼ାରଜା ସରକାରୀ ହାଇସ୍କୁଲରେ ବିବିଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସିନିୟର ଓ ଜୁନିୟର ବିଭାଗରେ ବକ୍ତୃତା, କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୧୫ ତାରିଖରେ ହେବାକୁ ଥିବା ଉତ୍ସବରେ ପୁରସ୍କୃତ କରାଯିବ। ବକ୍ତୃତା ସିନିୟର ଗ୍ରୁପରେ ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ବିଦାଳୟର ରୋଜି ରୋଜାଲିନ ପାତ୍ର ପ୍ରଥମ, ସେହି ଅନୁଷ୍ଠାନର ପ୍ରଗତି ଯୋଶୀ ଦ୍ୱିତୀୟ ଓ ବିକାଶ ଉଚ୍ଚ ମାଧ୍ୟମିକ ବିଦାଳୟର ମନସ୍ୱିନୀ ରଥ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବକ୍ତୃତା ଜୁନିୟରରେ ସେଣ୍ଟ ଯୋଶେଫ କନ୍‌ଭେଣ୍ଟ ହାୟର ସେକେଣ୍ଡାରୀ ସ୍କୁଲର ଶ୍ରେୟା ଶେଫାଳିକା ପାତ୍ର ପ୍ରଥମ, ବାଲିବନ୍ଧା ସରକାରୀ ବାଳିକା ହାଇସ୍କୁଲର ମିତୁ ଗଡ଼ନାୟକ ଦ୍ୱିତୀୟ ଓ ଲେଡିଲୁଇସ ଗାର୍ଲସ ହାଇସ୍କୁଲର ଅଂଶିକା ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଚିତ୍ରାଙ୍କନ ସିନିୟରରେ ସେଣ୍ଟ ଯୋଶେଫ କନଭେଣ୍ଟ ହାୟର ସେକେଣ୍ଡାରୀ ସ୍କୁଲର ଖୁସି ସାହା ପ୍ରଥମ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ହର୍ଷିତ ଷଡ଼ଙ୍ଗୀ ଦ୍ୱିତୀୟ ଏବଂ ବୁଢ଼ାରଜା ସରକାରୀ ହାଇସ୍କୁଲର କୃଷ୍ଣ ମହାରଣା ଓ କ୍ଷେତରାଜପୁରର ବାଳିକା ବିଦ୍ୟାଳୟ ସଲୋନୀ ଶର୍ମା ଯୁଗ୍ମ ତୃତୀୟ ହୋଇଛନ୍ତି। ଚିତ୍ରାଙ୍କନ ଜୁନିୟରରେ ସେଣ୍ଟ ଯୋଶେଫ କନଭେଣ୍ଟ ହାୟର ସେକେଣ୍ଡାରୀ ସ୍କୁଲର ନିରାଳି ନିବେଦିତା ପ୍ରଥମ ଓ ସାଇମା ଆୟେଶା ଖାନ ଦ୍ୱିତୀୟ, କ୍ଷେତରାଜପୁରର ବାଳିକା ବିଦ୍ୟାଳୟର ଅଭୟ ସେନାପତି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କୁଇଜ୍ ସିନିୟରରେ ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ବିଦାଳୟର ରିମା ଗୌଡ଼ ପ୍ରଥମ, ସେଣ୍ଟ ଯୋଶେଫ କନଭେଣ୍ଟ ହାୟର ସେକେଣ୍ଡାରୀ ସ୍କୁଲର ସୀମା ଲତିକା ରାଣୀ ମୁଣ୍ଡା ଦ୍ୱିତୀୟ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଉଚ୍ଚ ମାଧ୍ୟମିକ ବିଦାଳୟର ଆକାଶ ମହାନ୍ତି ତୃତୀୟ ହୋଇଛନ୍ତି। କୁଇଜ୍ ଜୁନିୟରରେ ସେଣ୍ଟ ଯୋଶେଫ କନଭେଣ୍ଟ ହାୟର ସେକେଣ୍ଡାରୀ ସ୍କୁଲର ଆର୍ଯ୍ୟନ ନାଏକ ପ୍ରଥମ, ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ସିଦ୍ଧେଶ୍ୱରବେର୍ଣ୍ଣାର ମଧୁସ୍ମିତା ଜେନା ଦ୍ୱିତୀୟ ଓ ଶ୍ରୀଗଣେଶ ସରକାରୀ ହାଇସ୍କୁଲର ଦେବାଂଶୁ ଦେବତା ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେତୁ ସଭାପତି ଡ. ମୀନକେତନ ପାଠୀ, ସମ୍ପାଦକ ସୁକାନ୍ତ କୁମାର କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବାମରା ଡିଭିଜନ ସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ

**ଜମନକିରା,୯।୧୦(ରବୀନ୍ଦ୍ର ପ୍ରସାଦ ଦାନି):** ବାମରା ବନଖଣ୍ଡ ପକ୍ଷରୁ ବାମରା ଡିଭିଜନ ସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ସୋମବାର ଡିଭିଜନ କାର୍ଯ୍ୟାଳୟ ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଡିଏଫ୍‌ଓ ସମୀର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବାମରା ବିଡିଓ ପୁଷ୍ପକ ପ୍ରଧାନ ମୁଖ୍ୟଅତିଥି, ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ପ୍ରକୃତିବନ୍ଧୁ ସୁବାସ ଚନ୍ଦ୍ର ନାୟକ, ବାମରା ଟିଏଫ୍ କଲେଜ ଅଧ୍ୟକ୍ଷ ଅଶୋକ ମେହେର, ପ୍ରଧାନ ଶିକ୍ଷକ ରତନ ଲାଲ ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଜଙ୍ଗଲ ସୁରକ୍ଷା ଓ ବ୍ୟାପକ ବୃକ୍ଷ ରୋପଣ ମାଧ୍ୟମରେ ପ୍ରକୃତି ସଂରକ୍ଷଣ ସାଙ୍ଗକୁ ବନ୍ୟପ୍ରାଣୀଙ୍କ ସୁରକ୍ଷା କରାଯାଇପାରିବ ବୋଲି ମତ ପ୍ରକାଶ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଏସିଏଫ୍ ଜିତେନ୍ଦ୍ର ବେହେରା ପରିଚାଳନା କରିଥିବା ବେଳେ ଅନ୍ୟତମ ଏସିଏଫ୍ ଅଶୋକ ମେହେର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବାମରା ସମେତ କୁଚିଣ୍ଡା, ଜମନକିରା, ବଡ଼ରମା ଓ ଖଳାସୁଣି ରେଞ୍ଜର କର୍ମଚାରୀ ଓ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ।

# ଦ୍ୱିଦିବସୀୟ ଫୁଟ୍‌ବଲ: ଗହ୍ଣାପାଲି ଚାମ୍ପିୟନ


ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି ଅତିଥି।

**କୁଚିଣ୍ଡା,୯।୧୦(ବିରଞ୍ଚି ଦର୍ଶା):** କୁଚିଣ୍ଡା ବ୍ଲକ ଅନ୍ତର୍ଗତ କ କୁଡାପଡା ଗ୍ରାମରେ ବୁଢା ରାଜା କ୍ଲବ ପକ୍ଷରୁ ଦୁଇଦିନ ଧରି ଚାଲିଥିବା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ଗହ୍ଣାପାଲି ଦଳ ଚାମ୍ପିୟନ ଓ ପଣ୍ଡକମାଲ ରନର୍ସଅପ ହୋଇଛି। ରେଫରି ଭାବେ ଯଶୋବନ୍ତ ବାଘ, ପରେଶ କିଷାନ, ରାଜ ପୂଜାରୀ ଖେଳ ପରିଚାଳନା କରିଥିଲେ। ପ୍ରବୀଣ ପେଣ୍ଟେଇଙ୍କ ସଭାପତିତ୍ୱରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ ବିଧାୟକ ରବିନାରାୟଣ ନାଏକ ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ନୃପଲାଲ ପଟେଲ, ମନୋଜ କୁମାର ପଟେଲ, ୱାର୍ଡସଭ୍ୟ ସରୋଜ ମେହେର, ପୂର୍ବତନ ସମିତି ସଭ୍ୟ ଶୋଭାରାମ କିଷାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ନଗଦ ଅର୍ଥରାଶି ସହ ସିଲ୍ଡ କପ ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ ବିଷ ମହାନନ୍ଦ, ସୁଧିର ଷଣ୍ଢ, ହର କିଷାନ, ସମ୍ରାଟ ପଟେଲ, କୁଶଳେଶ୍ୱର ଷଣ୍ଢ ପରିଚାଳନା କରିଥିଲେ।

# ଶିବିରରେ ୭୭ ଅଭିଯୋଗ ପଞ୍ଜୀକୃତ

**ନାକଟିଦେଉଳ,୯।୧୦(ବୈକୁଣ୍ଠ ନାଥ ସାହୁ)**

ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୭୭ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିମଧ୍ୟରେ ୧୭ ଗୋଷ୍ଠୀଗତ ଓ ୬୦ ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଶିବିରକୁ ଏଥର ମଧ୍ୟ ଜିଲାପାଳ ନ ଆସିବାରୁ ବହୁ ଅଭିଯୋଗକାରୀ ଅଭିଯୋଗ ଦାଖଲ ନ କରି ଫେରିଯାଇଥିବା ଦେଖିବାକୁ ମିଳିଥିଲା। ଆବାସ ଯୋଜନା, ରାଶନକାର୍ଡ଼ ସମ୍ପର୍କରେ ସର୍ବାଧିକ ଅଭିଯୋଗ ହୋଇଥିଲା। ସାମୂହିକ ଅଭିଯୋଗ ଭିତରେ କିସିଣ୍ଡା ପଞ୍ଚାୟତ ମାଛୁଡ଼ିହ ଉଚ୍ଚପ୍ରାଥମିକ ବିଦ୍ୟାଳୟରୁ ଡେପୁଟେଶନରେ ନିଆଯାଇଥିବା ଶିକ୍ଷକଙ୍କୁ

**ଆସିଲେନି ଜିଲାପାଳ, ନିରାଶ ହେଲେ ଅଭିଯୋଗକାରୀ**



ଶିବିରରେ ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି ଅଧିକାରୀ।

ଫେରାଇ ଆଣିବା, ଘୋଷରାମାଳ ଓ ପଥୁରିଆ ଗ୍ରାମରେ କଂକ୍ରିଟ ରାସ୍ତା ନିର୍ମାଣ, ବଳମ ପଞ୍ଚାୟତ ଉପରମୁଣ୍ଡା ଗ୍ରାମରେ ଭଗବତ ଟୁଙ୍ଗି ପୁନରୁଦ୍ଧାର, ଗଦାଧରପୁର–କଣ୍ଢେଇ ରାସ୍ତାର ଟିକିରା ନଦୀ ଉପରେ ସେତୁ ନିର୍ମାଣ, ସାହେବୀ ପଞ୍ଚାୟତ ରେଙ୍ଗାଲି–ପଞ୍ଚୁ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ପୁନଃ କାର୍ଯ୍ୟକ୍ଷମ କରାଯିବା, ବଳମ ପଞ୍ଚାୟତ ତାସଭରଡ଼ି ଗ୍ରାମରେ ଉଠାଜଳସେଚନ ପ୍ରକଳ୍ପ ସ୍ଥାପନ ଆଦି ରହିଥିଲା। ଶିବିରରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଯୋଗଦେଇ ଅଭିଯୋଗ ଗୁଡ଼ିକର ଶୁଣାଣି କରିବା ସହ ତୁରନ୍ତ ସମାଧାନ କରିବାକୁ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଧର୍ମେନ୍ଦ୍ର ମଲ୍ଲିକ, ରେଢାଖୋଲ ଉପଜିଲାପାଳ ପବିତ୍ର ବେହେରା, ଅତିରିକ୍ତ ଏସ୍‌ପି ଆଲବିନୋସ କେର୍କେଟା, ଏସ୍‌ଡ଼ିପିଓ ପ୍ରଶାନ୍ତ କୁମାର ମେହେରା, ବ୍ଲକ ଅଧ୍ୟକ୍ଷା ସ୍ୱରୁପାରାଣୀ ସାହୁ, ବିଡିଓ ବିବେକାନନ୍ଦ ସାହୁ, ତହସିଲଦାର ଅମର ଡୁଙ୍ଗଡୁଙ୍ଗ ପ୍ରମୁଖ ଯୋଗଦେଇଥବା ବେଳେ ସମସ୍ତ ଲାଇନ ବିଭାଗର ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦର୍ଲିପଡ଼ାଠାରେ ଗୋପବନ୍ଧୁ ଜୟନ୍ତୀ ପାଳିତ

ନୂଆପଡ଼ା,୯।୧୦(ମକାରୁ ବେମାଲ)
ନୂଆପଡା ଜିଲା କୋମନା ବ୍ଲକ ଦରଲିପଡାଠାରେ ମଦର ଟେରେସା ସେବା ସଙ୍ଗଠନ ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବୁଢ଼ୀମା ଦିବ୍ୟାଙ୍ଗ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଲକ୍ଷ୍ମୀନାରାୟଣୀ ଦିବ୍ୟାଙ୍ଗ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମା' ପରଦେସେନ ଦିବ୍ୟାଙ୍ଗ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ରକ୍ତମ୍ବରୀ ଦିବ୍ୟାଙ୍ଗ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟ ସଭ୍ୟାମାନେ ଯୋଗଦାନ କରି ଗୋପବନ୍ଧୁ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ମଦର ଟେରେସା ସଙ୍ଗଠନ ସମ୍ପାଦକ ଶେଷଦେବ ପ୍ରଧାନୀ ପରିଚାଳନା କରିଥିବା ବେଳେ ତେଜୁରାମ ନାଏକ, ଡୋଲାମନୀ ମାଝି, ସରମତୀ ମାଝି, ତ୍ରିଲୋଚନ ସାହୁ, ମାନୁଲାଲ ସାହୁ, ରାଜେନ୍ଦ୍ର ମାଝି ସହଯୋଗ କରିଥିଲେ।

### ବିଜେଡିର ଜନସମ୍ପର୍କ ପଦଯାତ୍ରା

ମଦନପୁର,୯।୧୦(ସନ୍ତୋଷ କୁମାର ଦଣ୍ଡସେନା)
କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମଦନପୁରଠାରୁ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ କରାଯାଇଛି। ଗୋଛାଡେଙ୍ଗେନ ଓ ଅଲାତରା ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ସରକାରଙ୍କ ଲୋକାଭିମୁଖି ଯୋଜନା ସମ୍ପର୍କରେ ଲୋକମାନଙ୍କୁ ବୁଝାଇଥିଲେ। ଏଥିରେ ନର୍ଲା ବିଧାୟକ ଭୂପିନ୍ଦ୍ର ସିଂହ, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ, ସାମାଜିକ କର୍ମୀ ବିକାଶ ରନ ସିଂଦେଓ, ଜିଲା ପରିଷଦ ସଭ୍ୟ ମୁଲତା ଧରୁଆ ଓ ମ.ରାମପୁର ବ୍ଲକ ବିଜେଡି ସଭାପତି ଗୋବିନ୍ଦ ଶତପଥୀଙ୍କ ସମେତ ଶହ ଶହ ମହିଳା ଓ ପୁରୁଷ କର୍ମୀ ଯୋଗଦାନ କରିଥିଲେ।

### ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ, କମିଟି ଗଠିତ

ନୂଆପଡ଼ା,୯।୧୦(ମକାରୁ ବେମାଲ)
ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଶିଆଳଲଟି ପଞ୍ଚାୟତ ବାଗମୁଣ୍ଡା ଗ୍ରାମର ଯଜ୍ଞ ମଣ୍ଡପଠାରେ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ ଓ ନୂତନ କମିଟି ଚୟନ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚଳିତବର୍ଷ ୨୯ତମ ଗଜଲକ୍ଷ୍ମୀ ପୂଜା ଗ୍ରାମରେ ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ଥିବାବେଳେ ପୂଜା ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିଭଳି ପ୍ରତ୍ୟେକ ବର୍ଷ ପୂଜା ବହୁ ଆଡମ୍ବର ସହିତ ଅନୁଷ୍ଠିତ ହୋଇଥାଏ। ଚଳିତବର୍ଷ ମଧ୍ୟ ସୁସଜ୍ଜିତ ମଣ୍ଡପ ଓ ଆଲୋକମାଳ ରୂପେ ମହାଆଡମ୍ବର ସହ ଆୟୋଜନ କରାଯିବ ବୈଠକରେ ନିଷ୍ପତ୍ତି ହୋଇଥିଲା। ସେହିଭଳି ଲୋକଙ୍କ ମନୋରଞ୍ଜନ ପାଇଁ ମେଲୋଡି, ଦଣ୍ଡନୃତ୍ୟ, ଛତିଶଗଡି ନାଚ, ଡ୍ୟାନ୍ସ ପ୍ରତିଯୋଗିତା ପାଇଁ ମଧ୍ୟ ଆଲୋଚନା ହୋଇଥିଲା। ପୂଜାକୁ ସୁଚାରୁ ରୂପେ ପରିଚାଳନା ପାଇଁ ଏକ ଦଶ ଜଣିଆ ଗଜଲକ୍ଷ୍ମୀ ପୂଜା କମିଟି ଗଠନ କରାଯାଇଥିଲା। ସର୍ବସମ୍ମତିରେ ରବିଶଙ୍କର ସାହୁଙ୍କୁ ସଭାପତି ଭାବେ ମନୋନୀତ ହୋଇଥିବା ବେଳେ ବାବାରାମ ସାହୁ ସମ୍ପାଦକ, ଦୁବେପ୍ରସାଦ ସାହୁ କୋଷାଧକ୍ଷ ଭାବେ ଚୟନ କରାଯାଇଥିଲା। କମିଟିରେ ନାରାୟଣ ସାହୁ, ଗୋଲାପ ସାହୁ, ହାଡୁ ମଟାରୀ, ଡିକମ ମଟାରୀ, ବିଶ୍ୱମିତ୍ର ବାଗ, ରାମ ବରିହା, କୃଷ୍ଣ ବରିହା ପ୍ରମୁଖ ଉପସ୍ଥିତ ଥିଲେ।

### ସାଇବର ସୁରକ୍ଷା ସଚେତନତା

ଖଡ଼ିଆଳ,୯।୧୦(ସୁଜିତ୍ କୁମାର ପ୍ରଧାନ)
ସାଇବର ସେଫଟି କେମ୍ପେନ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୂଆପଡା ଜିଲା ଖଡ଼ିଆଳ ପୋଲିସ ମିଳିତ ଭାବେ ସାଇବର ଠକେଇରୁ ମୁକ୍ତି ପାଇବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଖଡ଼ିଆଳ ଏସ୍‌ଡିପିଓ ଅରୁପ ଅଭିଷେକ ବେହେରା, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ଖିଲୋ, ଖଡ଼ିଆଳ ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆ ନେତୃତ୍ୱ ନେଇଥିବା ବେଳେ ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା, ଖଡ଼ିଆଳ ଇଭିନିଂ ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ଚନ୍ଦନ ମିଶ୍ର, ଖଡ଼ିଆଳ ବିଡିଓ ବିରସେନ ବେହେରା ଏବଂ ବହୁ ସଂଖ୍ୟାରେ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ବର୍ତ୍ତମାନ ସାଇବର ଠକେଇ ବହୁଳ ପରିମାଣରେ ହେଉଥିବାରୁ କୌଣସି ବ୍ୟକ୍ତି ନିଜ ଆକାଉଣ୍ଟ ନମ୍ବର, ଓଟିପି ନ ଦେବାକୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଖଡ଼ିଆଳ ସମସ୍ତ ପୋଲିସ ସହାୟତା କରିଥିଲେ। ଏହି ଅସରରେ ନୃତ୍ୟ ଓ ଡ୍ୟାନ୍ସ ଧର୍ମେସ ଗ୍ରୁପରୁ ଡାନ୍ସ ମାଧ୍ୟମରେ ସଚେତନତା କରାଯାଇଥିଲା।

# ଗଛତଳେ ଛାତ୍ରୀଛାତ୍ର, ଅଭିଭାବକଙ୍କ ଧାରଣା


ଛାତ୍ରୀଛାତ୍ରମାନେ ଗଛ ତଳେ ବସି ପାଠ ପଢୁଛନ୍ତି।

## ନୂତନ ସ୍କୁଲ ଗୃହ ନିର୍ମାଣ ଦାବିରେ ତାଲା

କୋକସରା,୯।୧୦
(ଦୁଷ୍ମନ୍ତ କୁମାର ପାଟଯୋଶୀ)
କଳାହାଣ୍ଡି ଜିଲା କୋକସରା ଗୋଷ୍ଠି ଶିକ୍ଷା ବିଭାଗ ଅଧୀନ ବଡ଼ପୋଡ଼ାଗୁଡ଼ା ପ୍ରାଥମିକ ଉଚ୍ଚ ବିଦ୍ୟାଳୟରେ ଦୀର୍ଘବର୍ଷ ହେବ ଅସୁରକ୍ଷିତ ସ୍କୁଲ ଶ୍ରେଣୀ ଗୃହରେ ବିଦ୍ୟାଳୟର ଛାତ୍ରୀଛାତ୍ର ପଢୁଛନ୍ତି। ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ୧୭୫ଜଣ ଛାତ୍ରୀଛାତ୍ର ୨ଟି ଶ୍ରେଣୀ କୋଠରିରେ କେମିତି ପଢୁଥିବେ ତାହା ସହଜେ ଅନୁମେୟ। ପୂର୍ବରୁ ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀ ଅନେକ ସମୟରେ ନୂତନ ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ଦାବି କରି ଆସୁଛନ୍ତି। ହେଲେ ଶିକ୍ଷା ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ଅନୁଦାନ ନ ମିଳିବାରୁ ଶେଷରେ ପ୍ରଶାସନର ଆଖି ଖୋଲିବାକୁ ଓ ନୂତନ ସ୍କୁଲ ନିର୍ମାଣ ଦାବି କରି ସ୍କୁଲ ଓ କାର୍ଯ୍ୟାଳୟରେ ତାଲା ପକାଇ ଛାତ୍ରୀଛାତ୍ରମାନେ ସ୍କୁଲ ସମ୍ମୁଖରେ ଥିବା ଗଛ ତଳେ ବସି ପାଠ ପଢିବା ସହ ଧାରଣାରେ ବସିଛନ୍ତି। ଏହାକୁ ସମର୍ଥନ କରି ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକମାନେ ସ୍କୁଲ ଆଗରେ ଧାରଣା ଦେଇଛନ୍ତି। ଫଳରେ ସ୍କୁଲରେ ଶିକ୍ଷା ଦାନ ବାଧାପ୍ରାପ୍ତ ହୋଇଛି। ସ୍କୁଲ ପ୍ରଧାନ ଶିକ୍ଷକ ଜୟସିଂ ପୂଝାରୀ ଏ ନେଇ ବିଇଓ ଓ ଏବିଇଓଙ୍କୁ ଅବଗତ କରିଥିଲେ। ସିଆରସି ସୁମନ୍ତ କୁମାର ଠାକୁର ପହଞ୍ଚି ଧାରଣାରେ ବସିଥିବା ଅଭିଭାବକ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଅଭିଭାବକ ଓ ଗ୍ରାମବାସୀ ମଧ୍ୟ ନିଜ ଜିଦରେ ଅଡ଼ି ବସିଛନ୍ତି। ଘଟଣାସ୍ଥଳରେ କୌଣସି ଶିକ୍ଷା ଅଧିକାରୀ କିମ୍ବା ପ୍ରଶାସନିକ ଅଧିକାରୀ ଆସି ନାହାନ୍ତି। ନୂତନ ସ୍କୁଲ ଗୃହ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସ୍କୁଲ ପରିଚାଳନା କମିଟି ସଭାପତି ଯୁବରାଜ ପ୍ରଧାନୀ, ଗୋବର୍ଦ୍ଧନ ନାଏକ, ନରହରି ସୁନା, ବିମଳ ଚନ୍ଦ୍ର ଦାସ, ଶ୍ରୀକର ଦାସ, କୃଷ୍ଣଚନ୍ଦ୍ର ଦାସ, ଭୂମିସୁତା ନାଗ, ତ୍ରିବେଣୀ ନାଗ, ଭାନୁମତି ବାଗ, ଲକ୍ଷ୍ମୀ ଦୁର୍ଗା, ସୁକରି ସୁନା, ସଂଯୁକ୍ତା ସୁନା, ଉଜାଡ଼ ସିଂ ପ୍ରମୁଖ ସଦସ୍ୟ ଓ ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ଏ ନେଇ କୋକସରା ଗୋଷ୍ଠି ଶିକ୍ଷା ଅଧିକାରୀ ରଶ୍ମିତା ନେତମଙ୍କ ମତାମତ ନେବାରୁ ନୂତନ ସ୍କୁଲ ନିର୍ମାଣ ଅନୁଦାନ ଆମ ହାତରେ ନାହିଁ, ଆମେ ତାଙ୍କ ଦାବିକୁ ଜିଲା ଶିକ୍ଷା ବିଭାଗ ଓ କୋକସରା ବିଡ଼ିଓଙ୍କୁ ଜଣାଇଛୁ ବୋଲି କହିଛନ୍ତି। ତେବେ ସ୍କୁଲ ବନ୍ଦ ଥିବାରୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ଅଭିଭାବକ ଚିନ୍ତାରେ ପଡିଛନ୍ତି।

# ପାଷ୍ଟିକୁଡ଼ିରେ ହେବ ଓଭରବ୍ରିଜ୍


ଓଭର ବ୍ରିଜ ନିର୍ମାଣ ପାଇଁ କ୍ଷେତ୍ର ପରିଦର୍ଶନ କରାଯାଉଛି।

## ଜିଲା ପ୍ରଶାସନର କ୍ଷେତ୍ର ପରିଦର୍ଶନ

କେସିଙ୍ଗା,୯।୧୦(ତୁମେଶ୍ୱର ସାହୁ)
କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ପାଷ୍ଟିକୁଡ଼ିଠାରେ ଓଭର ବ୍ରିଜ ନିର୍ମାଣ ନେଇ ଜିଲା ପ୍ରଶାସନ ପକ୍ଷରୁ କ୍ଷେତ୍ର ପରିଦର୍ଶନ କରାଯାଇଛି। ଜାତୀୟ ରାଜପଥ ୨୬ ଉପରେ ଓଭର ବ୍ରିଜ ନିର୍ମାଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଉପଜିଲାପାଳ ବିଶ୍ୱଜିତ୍ ଦାସ, ସ୍ଥାନୀୟ ତହସିଲଦାର ଯୋଗେଶ୍ୱର ସାହୁ, ବ୍ଲକ ଅଧ୍ୟକ୍ଷ ଚନ୍ଦନ କୁମାର ସେନାପତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦ୍ମନାଭ ପୁରୋହିତ, ପାଷ୍ଟିକୁଡ଼ି ଗ୍ରାମପଞ୍ଚାୟତ ସମିତି ସଭ୍ୟା ସୀତା ଚୌଧୁରୀ, ଜାତୀୟ ରାଜପଥ ବିଭାଗ ଉଚ୍ଚ ପଦାଧିକାରୀଙ୍କ ସମେତ ସରପଞ୍ଚ ଏବଂ ଉକ୍ତ ଗ୍ରାମ ପଞ୍ଚାୟତର ୱାର୍ଡ ସଭ୍ୟ ଓ ଗ୍ରାମର ବୁଦ୍ଧିଜୀବୀମାନେ କ୍ଷେତ୍ର ପରିଦର୍ଶନ କରିଥିଲେ। ଉକ୍ତ ଓଭର ବ୍ରିଜ ନିର୍ମାଣ ସମୟରେ ଦୁଇ ପଟେ ଦୁଇଟି ପୋଲ ନିର୍ମାଣ ପାଇଁ ସମସ୍ତ ଅଧିକାରୀଙ୍କୁ ସ୍ଥାନୀୟ ଲୋକେ ଦୃଷ୍ଟି ଗୋଚର କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଏନ୍‌ଏଚ୍ ବିଭାଗକୁ କିପରି ଲୋକଙ୍କ ହିତ ଏବଂ ସୁବିଧା ହେବ ସେଥି ପ୍ରତି ଧ୍ୟାନ ଦେଇ କାମ କରିବାକୁ କହିଥିଲେ। ପ୍ରକାଶ ଥାଉ କି ଜିଲାର ପ୍ରଥମ ଓଭର ବ୍ରିଜ ପାଇଁ କେନ୍ଦ୍ର ରାଜପଥ ବିଭାଗ ପକ୍ଷରୁ ୬୭.୯୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଜମି ଅଧିଗ୍ରହଣ ସହିତ ଏନଏଚ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ କେବଳ ବ୍ରିଜର ଲମ୍ୱ ୧୬୫ ମିଟର ହେବାକୁ ଥିବା ବେଳେ ସମ୍ପୂର୍ଣ୍ଣ ବ୍ରିଜ ପାଇଁ ରାସ୍ତାର ଲମ୍ୱ ୧.୩୪ କି.ମି. ହେବ ବୋଲି କୁହାଯାଇଛି।

# ପୋଖରୀବନ୍ଧରେ ବିଜେଡିର ଜନସମ୍ପର୍କ ପଦଯାତ୍ରା



ପୋଖରୀବନ୍ଧ ପଞ୍ଚାୟତରେ ବିଜେଡିର ପଦଯାତ୍ରା।

ଲାଞ୍ଜିଗଡ଼,୯।୧୦(ରମେଶ ଚନ୍ଦ୍ର ନାୟକ)
କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ପଞ୍ଚାୟତସ୍ଥିତ ବିନାୟକପୁର ଗାଁଠାରୁ ପୋଖରୀବନ୍ଧ ପର୍ଯ୍ୟନ୍ତ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ବିଧାୟକ ପ୍ରତିନିଧି ପ୍ରଦୀପ ଘଡେଇଙ୍କ ନେତୃତ୍ୱରେ ବିନାୟକପୁର ଗାଁରେ ଅନୁଷ୍ଠିତ ବୈଠକରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶରୀ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ଏବଂ ଲାଞ୍ଜିଗଡ଼ ବ୍ଲକର ଚାଲିଥିବା ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ଉପରେ ସାଧାରଣ ଜନତାଙ୍କୁ ସୂଚନା ପ୍ରଦାନ କରିଥିଲେ। ବିନାୟକପୁର ଗାଁଠାରୁ ପଦଯାତ୍ରା ବାହାରି ଇସାରବାରୁ, ମେଲଘୁଟୁ, ମୁକୁନ୍ଦପୁର, ବେତାଲଖମନ, କାର୍ଲାକୁପା, ଇରକୁଲି, ପୋଖରୀବନ୍ଧ ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପଦଯାତ୍ରାରେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ବ୍ଲକ ଉପାଦକ୍ଷ ସଞ୍ଜୀବ କୁମାର ନାୟକ, ଜିଲା ବିଜେଡି ସମ୍ପାଦକ ଜଗଦୀଶ ବେନିଆଁ, ଲାଞ୍ଜିଗଡ଼ ଜିଲା ଯୋନ-୧ ପରିଷଦ ସଦସ୍ୟା ଅଞ୍ଜଳି ମାଝି, ଯୋନ-୨ ସଦସ୍ୟ ପରୀକ୍ଷିତ ନାଏକ, ଜିଲା ବିଜେଡି ସମ୍ପାଦକ ପାତ୍ର ମାଝି, ବ୍ଲକ ସଭାନେତ୍ରୀ ସୁଜାତା ଘଡେଇ, ବ୍ଲକ ବିଜେଡି ଉପ ସଭାପତି ସୌରଭ ପାତ୍ର, ବ୍ଲକ ଯୁବ ବିଜେଡି ସଭାପତି ଡିଲେସ ନାଗ, ବ୍ଲକ ଯୁବ ବିଜେଡି କର୍ମୀ ହିମାଦ୍ରୀ ପେସନିଆ, ଲାଞ୍ଜିଗଡ଼ ଯୋନ-୧ ମଣ୍ଡଳ ସଭାପତି ଚନ୍ଦ୍ରଶେଖର ମହାପାତ୍ର, ବ୍ଲକ ଏସିସେଲ ସଭାପତି ବୈଦ୍ୟନାଥ ନାଏକ, ପୂର୍ବ ଅଧ୍ୟକ୍ଷ ମନହର ହରପାଲ, ପୂର୍ବ ସରପଞ୍ଚ ଟଙ୍କଧର ମାଝି, ବ୍ଲକ ଯୁବ ଉପ ସଭାପତି ମୁକେଶ ବେହେରା, ବିଜେଡି କର୍ମୀ ତରୁଣ ଦାସ, ମନରଞ୍ଜନ ବିଶି, ବିଶ୍ୱନାଥପୁର ସମିତି ସଭ୍ୟ ଅଜିତ ପ୍ରଧାନୀ, ପୋଖରିବନ୍ଧ ପଞ୍ଚାୟତ ବିଜେଡି ସଭାପତି ଦେବାରଚନ ବେହେରାଙ୍କ ସମେତ ବ୍ଲକ ଅଞ୍ଚଳର ହଜାର ହଜାର ବିଜେଡି କର୍ମୀ ସାମିଲ ହୋଇଥିଲେ।

# ସିନାପାଲିରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ସିନାପାଲି,୯।୧୦(ମନଫୁଲ ମେହେର)
ନୂଆପଡା ଜିଲା ଖଡ଼ିଆଳ ନିର୍ବାଚନୀ ମଣ୍ଡଳୀ ଅନ୍ତର୍ଗତ ସିନାପାଲି ବ୍ଲକରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ସାଧାରଣ ସମ୍ପାଦକ ତଥା ଖଡ଼ିଆଳ ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ଲମ୍ବୋଦର ନିଆଲଙ୍କ ନେତୃତ୍ୱରେ ଖଡ଼ିଆଳ ନିର୍ବାଚନମଣ୍ଡଳୀ ତଥା ଜିଲାର ବହୁ ଦଳୀୟ ପଦାଧିକାରୀ ଓ କର୍ମୀ ସାମିଲ ଥିଲେ। ସିନାପାଲି ଅନ୍ତର୍ଗତ ଗୋଡାଲ ପଞ୍ଚାୟତ ପାଲସାପଡାଠାରୁ ପଦଯାତ୍ରା ବାହାରି ଖଲନା, ଫୁରସୁଣ୍ଡ, ଘୁଚାଗୁଡା, କଇଟପଦର, ଖଇରପଦର, ଫୁଲଚି ଅତିକ୍ରମ କରି ନଙ୍ଗଲାବୋଡ଼ଠାରେ ପହଞ୍ଚି ଥିଲା। ଘୁଚାଗୁଡାଠାରେ ଏକ ସଭାରେ ନବୀନ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଯାଇଥିଲା। ନଙ୍ଗଲବୋଡ଼ଠାରେ ଅନୁଷ୍ଠିତ ସଭାରେ ମଧ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସବୁ କିପରି ଲୋକଙ୍କ ପାଖରେ ପହଞ୍ଚି ପାରୁଛି ଓ ଲୋକେ କିପରି ଉପକୃତ ହେଉଛନ୍ତି ସେ ନେଇ ଲୋକଙ୍କୁ ଅବଗତ କରାଯାଇଥିଲା। ପଦଯାତ୍ରାରେ ନିଆଲଙ୍କ ସମେତ ସିନାପାଲି ବ୍ଲକ ସଭାପତି ଗରୁଡ଼ ବେହେରା, ସମ୍ପାଦକ ଦଇତାରି ମେହେର, ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ପୂର୍ବତନ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାଣ୍ଡେ, ପଶ୍ଚିମ ଓଡିଶା ବିକାଶ ପରିଷଦ ସଭ୍ୟା ମନ୍ଦାକିନୀ ବଗେଲ, ଖଡ଼ିଆଳ ନିର୍ବାଚନ ମଣ୍ଡଳୀ ସଭାପତି ମହେନ୍ଦ୍ର ସୁନାନୀ, ମିଥୁନ ବାଗ, ସଭାନେତ୍ରୀ ସରସ୍ୱତୀ ବାଗ, ଜିଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ଗୁଆଲ, ସେଫାଳି ସଲମା, ସଭାନେତ୍ରୀ ପ୍ରାଞ୍ଜାଳୀ ସିଂ ଦେଓ, ଘୁଚାଗୁଡା ମେହେର, ଅମିତ ସରପଞ୍ଚ ଲକ୍ଷ୍ମୀ ସା ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମୀ ସାମିଲ ଥିଲେ।

# ଯାଦବ ବୁଦ୍ଧିଜୀବୀ ମଞ୍ଚର ପ୍ରତିଷ୍ଠା ଦିବସ, ନୂଆଁଖାଇ ଭେଟ୍‌ଘାଟ୍



ଯାଦବ ବୁଦ୍ଧିଜୀବୀ ମଞ୍ଚର ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥି ଗଣ।

ଭବାନୀପାଟଣା,୯।୧୦(ଉତ୍ତମ କୁମାର ଦାଶ)
କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ଟାଉନ ହଲଠାରେ ରବିବାର ସନ୍ଧ୍ୟାରେ ଯାଦବ ବୁଦ୍ଧିଜୀବୀ ମଞ୍ଚ ଓଡିଶାର ଦ୍ୱିତୀୟ ପ୍ରତିଷ୍ଠା ଦିବସ ଓ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ନାଟ୍ୟଭୂଷଣ ପ୍ରଦୀପ ଡି. ମାଝି ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ଖବରଦାତା ରବି ଦାସ, ବିଶେଷ ଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କୁଳପତି କୁମରବର ଦାସ, ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ପୌରାଧକ୍ଷା ସଂଯୁକ୍ତା ବେହେରା, ଯାଦବ ବୁଦ୍ଧିଜୀବୀ ମଞ୍ଚ ସଭାପତି ଅଧ୍ୟାପକ ଛବିଳ ବଗର୍ତ୍ତି, କାର୍ଯ୍ୟକାରୀ ସଭାପତି ଦିବାକର ପୋଢ଼, କବିରାଜ ଭୋଇ, ପ୍ରାଧ୍ୟାପକ ଶ୍ରବଣ କୁମାର ଗୁପ୍ତ, ଆବାହକ ଧବଳେଶ୍ୱର ବଗ, ଦୁର୍ଗୁ ନିଆଲ, ନଳିନୀ ରଞ୍ଜନ ରାଉତ, କବିରାଜ ଭୋଇ, ରାଜୀବ ସାଗରୀୟା, ରବୀନ୍ଦ୍ର ଲାଲ ଯାଦବ, ଯୁଗଳ ପୋଢ଼, ଅଙ୍କୁର ଯାଦବ, ମଳୟ କୁମାର ଗଉଡ଼, ସୁବାଷ ନାଗ, ଧନେଶ୍ୱର ନିଆଲ, କୀର୍ତ୍ତି ଗଉଡ଼, ସୁରେଶ ଚନ୍ଦନ, ପବିତ୍ର ବାଗ, ରାଜେନ୍ଦ୍ର ବିଶି, ଗିରିଜା ଗହୀର, ସୁଶୀଲ ଗହୀର, ବିଶ୍ୱରଞ୍ଜନ ଧଙ୍ଗଡାମାଝି, ବିପିନ ବାଗ, ଅର୍ଦ୍ଧେନ୍ଦୁ ଦାସ ଯାଦବ, ଦେବବ୍ୟାସ ନାଗ, ଦେବରାଜ ଗହୀର, ଅଶୋକ ଗୌଡ଼ ବରିଷ୍ଠ ଯାଦବ ସଙ୍ଗଠକ, ଟଙ୍କଧର ଦାସ ବରିଷ୍ଠ ଯାଦବ ସଙ୍ଗଠକ ପ୍ରମୁଖ ଯୋଗଦେଇଥିଲେ। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଶିକ୍ଷା, ଶାସନ, ସମ୍ପତ୍ତି ତଥା ସାମାଜିକ ସ୍ୱାଭିମାନୀ ସମ୍ମାନର ଅଧିକାରୀ ହେବା, ଜାତିଗତ ଜନଗଣନା, ସଂଖ୍ୟା ଅନୁସାରେ ସେହି ଜାତିକୁ ସେତିକି ନେତୃତ୍ୱ ପ୍ରଦାନ ତଥା ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ନିଜର ସାମାଜିକ ଚେତନାକୁ ହୃଦୟଙ୍ଗମ କରି ସମାଜ ପାଇଁ ମାନସିକ, ଶାରୀରିକ ଓ ଆର୍ଥିକ ସାହାଯ୍ୟ ନ କରିବା ପର୍ଯ୍ୟନ୍ତ ସମାଜ ପ୍ରତିଷ୍ଠିତ ହେବା ଅସମ୍ଭବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଯାଦବ ବୁଦ୍ଧିଜୀବୀ ମଞ୍ଚ ଓଡିଶା ରାଜ୍ୟ ସଂଯୋଜକ ପୀତବାସ ବେହେରା ଓ ଉମାକାନ୍ତ ବାଗ ମଞ୍ଚ ପରିଚାଳନା କରିଥିଲେ। ମଳୟ କୁମର ଗଉଡ଼ ଧନ୍ୟବାଦ ଦେଇଥିଲେ।

# ଜିଲାପାଳଙ୍କ ଜନଶୁଣାଣି ଶିବିର

କର୍ଲାମୁଣ୍ଡା,୯।୧୦(ପ୍ରଦୀପ କୁମାର ସାହୁ)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପରିସର ରାଜୀବଗାନ୍ଧି ସେବା ଭବନଠାରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ତଥା ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜି.ଙ୍କ ଯୁଗ୍ମ ଅଧକ୍ଷତାରେ ଜନଶୁଣାଣିରେ ୧୭୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ବ୍ଲକ ଅଧ୍ୟକ୍ଷା କୁନି ସାହୁ, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ସୁରେଶ ଚୌଧୁରୀ, ତହସିଲଦାର ମିଲନ କୁମାର ଝାଙ୍କର, ବିଡିଓ ସୁଚରିତାମୁଗ୍ରୀ,


ଜନଶୁଣାଣି ଶିବିରରେ ଜଣେ ବ୍ୟକ୍ତି ଜିଲାପାଳଙ୍କୁ ଦରଖାସ୍ତ କରୁଛନ୍ତି।

ଏଏଓ କୁମାର ଚିରଞ୍ଜିବି, ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ ଲକ୍ଷ୍ମୀ ନାଗଙ୍କ ସମେତ ଜିଲାର ବିଭିନ୍ନ ଅଧିକାରୀ ଓ ବ୍ଲକ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମହାପୁରୁଷଙ୍କ ସ୍ମରଣରେ ଘୃତାହୁତ ସହିତ 'ତିଳାଞ୍ଜଳି'

ଭବାନୀପାଟଣା,୯।୧୦(ଉତ୍ତମ କୁମାର ଦାଶ)
ତ୍ୟାଗ, ତିତୀକ୍ଷା ଓ ବଳିଦାନର ଜୀବନ୍ତ ରୂପ ମହାପୁରୁଷ। ସେମାନଙ୍କ ଆଦର୍ଶରେ ରାଷ୍ଟ୍ର ଅନୁପ୍ରେରିତ। ରବିବାର ପିତୃପକ୍ଷ ଦଶମୀ ତିଥି ଅବସରରେ ଯୁବକବି ପ୍ରତାପ ଚନ୍ଦ୍ର ପଣ୍ଡାଙ୍କ ଉଦ୍ୟମ ତଥା ପରିଚାଳନାକ୍ରମେ 'ତିଳାଞ୍ଜଳି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ବାଲାଜୀ ବିହାରରେ ମହାପୁରୁଷଙ୍କୁ ତିଳତର୍ପଣ ପ୍ରଦାନ କରାଯାଇଛି। ଶିକ୍ଷାବିତ୍ ସନ୍ତୋଷ କୁମାର ପଣ୍ଡା ଓ ଜୟଶ୍ରୀ ପଣ୍ଡା କର୍ତ୍ତା, ପଣ୍ଡିତ ପ୍ରତାପ ଚନ୍ଦ୍ର ପଣ୍ଡା ଯଜ୍ଞ ସଞ୍ଚାଳନ କରିଥିଲେ। ଏହି ଅବସରରେ ଯୁବକବି ଦକ୍ଷ ସାହୁଙ୍କ ସଂଯୋଜନାରେ କବି ବିରଞ୍ଚି ନାରାୟଣ ମୁଣ୍ଡ, ସନ୍ତୋଷ କୁମାର ପଣ୍ଡା, ସୁଶାନ୍ତ କୁମାର ମୁଣ୍ଡ, ସାଗର କୁମାର ବୈଠାରୁ, ପ୍ରତାପ ପଣ୍ଡା, ପ୍ରମୋଦ କୁମାର ଠାକୁର, ସୁଦେଷ୍ଣା ପଣ୍ଡା, ଅନିତା ମୁଣ୍ଡ ପ୍ରମୁଖ ଦେଶପ୍ରେମ କବିତା ଓ ବକ୍ତବ୍ୟ ବାଢିଥିଲେ। କଣ୍ଠଶିଳ୍ପୀ ଲିପ୍ସା ମହାରଣା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ତଥା ଶିଳ୍ପୀ ପ୍ରଭାସ ଚନ୍ଦ୍ର ମିଶ୍ର, ଜୟଶ୍ରୀ ପଣ୍ଡା, ଦକ୍ଷ ସାହୁ, ଅନ୍ନପୂର୍ଣ୍ଣା ପଣ୍ଡା, ଚାନ୍ଦିନୀ ପଣ୍ଡା, ଆଶୁତୋଷ ପୁରୋହିତ, କୈଳାଶ ଚନ୍ଦ୍ର ସାହୁ, କ୍ଷିତିଶ ଚନ୍ଦ୍ର ସାହୁ, ସରୋଜ କୁମାର ଦାସ, ସୋନୁଲାଲ ଅଗ୍ରୱାଲ, କୁଳମଣି ଦୀପ, ସୁଶାନ୍ତ ନିଆଲ ପ୍ରମୁଖ ଉପସ୍ଥିତ ଥିଲେ।


ତିଳାଞ୍ଜଳି କାର୍ଯ୍ୟକ୍ରମରେ ଯୋଗଦେଇଥିବା କବି, ଅତିଥି ।

# ପ୍ରତିଯୋଗିତାରେ ସାଇବର ସଚେତନତା

ନୂଆପଡ଼ା,୯।୧୦(ମକାରୁ ବେମାଲ)
ନୂଆପଡା ଜିଲା ପୋଲିସ ପ୍ରଶାସନ ପକ୍ଷରୁ ସାଇବର ଅପରାଧ ନିୟନ୍ତ୍ରଣ ଉପଲକ୍ଷେ ଦୌଡ ଓ ସାଇକେଲ ରାଲି ପ୍ରତିଯୋଗିତା କରାଇଯାଇଛି। ଜିଲାପାଳ ହେମକାନ୍ତ ସାଏ ଓ ଜିଲା ଆରକ୍ଷୀ ଅଧୀକ୍ଷକ ଜିଆର ରାଘବେନ୍ଦ୍ର ପତାକା ଦେଖାଇ ଉଦଘାଟନ କରିଥିଲେ। ଦୌଡ ସ୍ଥାନୀୟ ମିନିଷ୍ଟାଡିୟମରୁ ବାହାରି ଜିଲା ପୋଲିସ ମୁଖ୍ୟାଳୟ ପର୍ଯ୍ୟନ୍ତ ଯାଇ ପୁଣି ମିନି ଷ୍ଟାଡିୟମ ପର୍ଯ୍ୟନ୍ତ ଆସିଥିଲା। ସେହିପରି ସାଇକେଲ ରାଲି ମିନିଷ୍ଟାଡିୟମରୁ ବାହାରି ରିଜର୍ଭ ପୋଲିସ ମୁଖ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। କୃତୀ ପ୍ରତିଯୋଗିମାନଙ୍କୁ ଆସନ୍ତା ୧୫ରେ ପୁରସ୍କୃତ କରାଯିବ। ସାଇବର ଅପରାଧ ନିୟନ୍ତ୍ରଣ ସଚେତନତା କାର୍ଯ୍ୟକ୍ରମରେ ଆମେ ସବୁ ବର୍ଗର ଲୋକଙ୍କୁ ସାମିଲ କରିବୁ। ଆମ ଲୋକ ସଚେତନ ହେଲେ ସାଇବର ଅପରାଧ ନିଶ୍ଚୟ କମିଯିବ ଓ ନୂଆପଡା ସାଇବର ଅପରାଧ ମୁକ୍ତ ଜିଲାରେ ପରିଣତ ହେବ। ଜିଲାର ସବୁ ବର୍ଗର ଲୋକ ସାମିଲ ହୋଇ ସାଇବର ଅପରାଧ ନିୟନ୍ତ୍ରଣ କାର୍ଯ୍ୟକ୍ରମ ସହଯୋଗ କରନ୍ତୁ ବୋଲି ଜିଲାପାଳ ଆହ୍ୱନ କରିଛନ୍ତି।

**କୋକସରା,(ଦୁଷ୍ମନ୍ତ କୁମାର ପାଟଯୋଶୀ):** କୋକସରା ପୋଲିସ ପକ୍ଷରୁ ଥାନାରେ ଆଇଆଇସି ରୋନିତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ସାଇବର ସଚେତନତା ରଥକୁ ଜବାହାର ଉଚ୍ଚ ବିଦ୍ୟାଳୟ ସ୍କାଉଟ ଛାତ୍ରୀଛାତ୍ର, ସଚେତନ ନାଗରିକମାନେ ସ୍ୱାଗତ କରିଥିଲେ। ଅନୁଷ୍ଠିତ ସଚେତନତା ପଥପ୍ରାନ୍ତ ସଭାରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମୌଷଧି ବାଗ, ସମ୍ମାନିତ ଅତିଥି ଭାବେ ତହସିଲଦାର ଦେବବ୍ରତ କରାଟି, ବ୍ୟାଙ୍କ ମ୍ୟାନେଜର ମନୋଜ କୁମାର ଜେନା, ସାଇବର ସେଲ ଅଫିସର ବି. କେ. ନାୟକ ପ୍ରମୁଖ କେମିତି ଆମେ ସାଇବର ଅପରାଧୀଙ୍କଠାରୁ ନିଜକୁ ସୁରକ୍ଷିତ କରିବା ସେନେଇ ଉପାଦେୟ ପରାମର୍ଶ ଦେଇଥିଲେ। ପୋଲିସ ଅଧିକାରୀ ହେମନ୍ତ ପାତ୍ର, ମନୋରଞ୍ଜନ ଆଚାର୍ଯ୍ୟ, ଭରତ ଅହିର, ଦାମୋଦର ନାଏକ, ଉଷା ହରିଜନ, ମମତା ଶବର, ସନ୍ତୋଷ ନାୟକ ସହଯୋଗ କରିଥିଲେ। କୋକସରା ଡିଗ୍ରୀ ମହାବିଦ୍ୟାଳୟରେ ସାଇବର କ୍ରାଇମ ଉପରେ କୁଇଜ୍ ପ୍ରତିଯୋଗିତାରେ ଯୁକ୍ତ ୨ର ଛାତ୍ର ରୋହିତ ପଟେଲ ପ୍ରଥମ ଓ ଡିଗ୍ରୀ କଲେଜର ଛାତ୍ର ଜିତେନ୍ଦ୍ର କୁମାର ରାଉତ ୨ୟ ଓ ମଧୁସ୍ମିତା କର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ପୁଷ୍ପରାଜ ମେହେର, ସମ୍ମାନିତ ଅତିଥି ଅଧ୍ୟାପକ ଐରି ନାସନ ଚିନ୍ଦା, ସୁବ୍ରତ ବେହେରା, ଅଶ୍ୱିନୀ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଆମପାଣି ଥାନା ବଜାର ପଡ଼ିଆ ନିକଟରେ ସାଇବର ସଚେତନତା ଉପରେ ନାଟକ ଅଭିନୟ କରିଥିଲେ। କାର୍ଯ୍ୟକ୍ରମରେ ଧର୍ମଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ଧିରଜ କୁମାର ଚୋପଦାର, ଆମପାଣି ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ, ଆମପାଣି ସରପଞ୍ଚ ରୁକ୍ମଣୀ ବାଣୁଆ, ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନାଙ୍କ ସମେତ ଆମପାଣି ଅଞ୍ଚଳର ସଚେତନ ନାଗରିକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।


ନୂଆପଡ଼ାରେ ଆୟୋଜିତ ସାଇକେଲ ରାଲିରେ ଜିଲାପାଳ ଓ ଏସ୍‌ପି ସାମିଲ।

## ସଂକ୍ଷେପରେ

### ବୌଦ୍ଧ ନିର୍ବାଚନମଣ୍ଡଳୀ ସଂଯୋଜକ ମୃତ୍ୟୁଞ୍ଜୟ ମିଶ୍ର ସମ୍ବର୍ଦ୍ଧିତ

**ବୌଦ୍ଧ, ୯।୧୦(ଅଜିତ କୁମାର ବାରିକ)**

ବିଜେଡି ପକ୍ଷରୁ ଆଗାମୀ ସାଧାରଣ ନିର୍ବାଚନ ପାଇଁ ବୌଦ୍ଧ ନିର୍ବାଚନ ମଣ୍ଡଳୀର ସଂଯୋଜକ ଦାୟିତ୍ୱ ଜିଲା ବିଜେଡି ଯୁବ ସଭାପତି ତଥା ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କୁ ଦିଆଯିବା ପରେ ସୋମବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ମିଶ୍ରଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ଏନଏସି ଉପାଧ୍ୟକ୍ଷ ସୁବାସିନି ସେଠୀ, କାଉନସିଲର ସ୍ୱର୍ଣ୍ଣଲତା ଦଲେଇ, ସନ୍ତୋଷିନି ନେପାକ, ଦେବାଶିଷ ବିଶି, ଚନ୍ଦ୍ରିକା ବେହେରା, ଯୁବ ଆଇନଜୀବୀ ହରିଶ ମିଶ୍ର, ରାମଲିଳା ନାଟ୍ୟ ସଂସଦ କାର୍ଯ୍ୟକାରୀ ସଭାପତି ଜୟନାରାୟଣ ମହାନ୍ତି, ଯୁବ ବିଜୁ ଜନତା ଦଳ ନଗର ସଭାପତି କୈଳାସ ବେହେରା ପ୍ରମୁଖ ବିଜୁ ଜନତା ଦଳ, ମହିଳା ବିଜୁ ଜନତା ଦଳ, ଛାତ୍ର ବିଜୁ ଜନତାର କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ ।



ବିଜେଡି ପକ୍ଷରୁ ମୃତ୍ୟୁଞ୍ଜୟ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ଫଟାମୁଣ୍ଡା ସ୍କୁଲରେ ସୁରଭି କାର୍ଯ୍ୟକ୍ରମ

**ଘଣ୍ଟାପଡା, ୯।୧୦(ପ୍ରଭାତ କୁମାର ସାହୁ)**

କଣ୍ଟାମାଳ ବ୍ଲକ ଫଟାମୁଣ୍ଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉମା କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉମା କ୍ଲଷ୍ଟର ସଂଯୋଜକ ପୂର୍ଣ୍ଣ ଚନ୍ଦ୍ର ପୋଡ଼ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏଥିରେ ୧୧ଟି ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ନୃତ୍ୟ, ଗୀତ, ବକ୍ତୃତା, ଚିତ୍ରାଙ୍କନ, ହସ୍ତାକ୍ଷର, ରଚନା, କୁଇଜ ଆଦି ୭ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଉମା କ୍ଲଷ୍ଟର ସଂଯୋଜକ ପୋଡ଼ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ଉମା ହାଇସ୍କୁଲ ପ୍ରଧାନ ଶିକ୍ଷକ କଷ୍ଟେଶ୍ୱର ଭୋଇ, ବଂଶୀଧର ମାଝୀ, ମସିଣାଗୋରା ସ୍କୁଲ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ଜାନି, ସ୍କୁଲ ସଭାପତି ରବିରାଜ ଧରୁଆ, ବରଗାଁ ସିଆରସିସି ମଦନ ସାହୁ, ଉମା ସ୍କୁଲ ଶିକ୍ଷୟିତ୍ରୀ ଶୁଭସ୍ମିତା ପାତ୍ର ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଶିକ୍ଷକ ସୁଶାନ୍ତ ବାରିକ ମଞ୍ଚ ପରିଚାଳନା କରିଥିଲେ ଏବଂ ଶାନ୍ତନୁ ସ୍ୱାଇଁ ଧନ୍ୟବାଦ ଦେଇଥିଲେ । ସ୍ମାରକ ସାହୁ, ଦିଗାସନ ସୁନା, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ସୃଜନଶୀଳତାର ବିକାଶ ପାଇଁ ସୁରଭି ପ୍ରକୃଷ୍ଟ ମଞ୍ଚ



ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

### ଶିଶୁ ମହୋତ୍ସବ ସୁରଭି ଓ ମିଲେଟ୍ସ ପ୍ରତିଯୋଗିତା

**ସୋନପୁର, ୯।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ବ୍ଲକ ମଲିକମୁଣ୍ଡା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ମିଲେଟ୍ସ ପ୍ରତିଯୋଗିତା ମଲିକମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟର ଆଞ୍ଚଳିକ ସଂଯୋଜକ ଦୋଳଗୋବିନ୍ଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଲିକମୁଣ୍ଡା ସରପଞ୍ଚ ଜ୍ୟୋସ୍ନାମୟୀ ମେହେର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ସେହିପରି ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ସାମିଲ ହୋଇ ଅନ୍ତର୍ନିହିତ ସୃଜନଶୀଳତାର ବିକାଶ ପାଇଁ ସୁରଭି ଏକ ପ୍ରକୃଷ୍ଟ ମଞ୍ଚ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବରେ ସୋନପୁର ବନପାଳ ଭକ୍ତବନ୍ଧୁ ମିଶ୍ର ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଶିଶୁମାନଙ୍କର ସାମଗ୍ରିକ ବିକାଶରେ ସୁରଭିର ଭୂମିକା ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ମଲ୍ଲିକମୁଣ୍ଡାର ସମିତିସଭ୍ୟ କୁଶଳେଶ୍ୱର ମେହେର ମିଲେଟ୍ସ ମିଶନ ବିଷୟରେ ଆଲୋଚନା କରି କହିଥିଲେ ଖାଦ୍ୟ ଓ ବିକାଶ ପରସ୍ପର ପରିପୂରକ। ଗଡ଼ିଆ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସର୍ବେଶ୍ୱର ମିଶ୍ର କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ୧୦ଟି ବିଦ୍ୟାଳୟର ପ୍ରାୟ ୧୬୦ ଛାତ୍ରୀଛାତ୍ର ଓ ପ୍ରାୟ ୧୫ ଶିକ୍ଷୟିତ୍ରୀ ଶିକ୍ଷକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅଂଶଗ୍ରହଣ କରିଥିବା ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ବୁଡ଼େକ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିତର୍କରେ କଲ୍ୟାଣୀ ଭୋଇ ପ୍ରବନ୍ଧ ଲିଖନରେ ସୋନାଲି ମେହେର, ଚିତ୍ରାଙ୍କନରେ ସଂଯୁକ୍ତା ନାଗ ଓ ସୁସ୍ମିତ ମେହେର, କୁଇଜରେ ଆଲୋକ ଷାଣ୍ଡ ଓ ସୌରି ମେହେର ସୃଜନଶୀଳ ଲିଖନରେ ଶ୍ରୀୟାଞ୍ଜଳୀ କର୍ମୀ ଓ ଆଶିଷ ଭେଷରା ବକ୍ତୃତାରେ ସାହିଲ ମେହେର ଓ ଦୀପ୍ତି ବଗର୍ତ୍ତୀ, ସଙ୍ଗୀତରେ ମିଳି ପଞ୍ଚବିହାର ଓ ଆରତୀ ବଗର୍ତ୍ତି, ଓଡ଼ିଆ ହସ୍ତାକ୍ଷରରେ ଓ ଶ୍ରୁତଲିଖନ ଅନୁପମା କୁମ୍ଭାର, ଦଳଗତ କାର୍ଯ୍ୟକ୍ରମରେ ଗଙ୍ଗାଧର ମେହେର ଉଚ୍ଚ ବିଦ୍ୟାଳୟ ମନୋନୀତ ହୋଇ ବ୍ଲକରେ ହେବାକୁ ଥିବା ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ।

## ଅଙ୍ଗନୱାଡି କେନ୍ଦ୍ରରେ ମିଲେଟ ମଦର ଇଭେଣ୍ଟ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ମହିଳା ଓ ଅତିଥି।

**ବାଉଁଶୁଣୀ, ୯।୧୦(ଦେବାଶୀଷ ନେପାକ)**

ବୌଦ୍ଧ ବ୍ଲକର ବିଶ୍ୱଯୁବ କେନ୍ଦ୍ର ଓ ଓଡ଼ିଶା ମିଲଟେ ମିଶନ ସହାୟତାରେ ବ୍ଲକ ଅନ୍ତର୍ଗତ ବଘିଆପଡ଼ା ପଞ୍ଚାୟତର ଅଙ୍ଗନୱାଡ଼ି କେନ୍ଦ୍ର ପରିସରରେ ମିଲେଟ ମଦର ଇଭେଣ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବୌଦ୍ଧ ବ୍ଲକ ବିଶ୍ୱ ଯୁବ କେନ୍ଦ୍ରର ସହକାରୀ ବ୍ଲକ ସଂଯୋଜକ ସୁଧୀର କୁମାର ନାଏକ ଏବଂ ଅଙ୍ଗନୱାଡି ସୁପରଭାଇଜର ଲିଲି ବେରହା ଯୋଗଦେଇ ଗର୍ଭବତୀ ମା' ଓ ଶିଶୁମାନଙ୍କୁ ମଣ୍ଡିଆରେ ଥିବା ଭିଟାମିନ ସମ୍ପର୍କରେ ବୁଝାଇଥିଲେ। ଏହା ଖାଇବା ଦ୍ୱାରା ରକ୍ତହୀନତା ଦୂର ହେବା ସହିତ ଶରୀର ସୁସ୍ଥ ରହେ। ବିଭିନ୍ନ ଗ୍ରାମର ଅଙ୍ଗନୱାଡି କର୍ମୀ, ୱାର୍ଡ ମେମ୍ବର, ଏସ୍‌ଏଚଜି ସଦସ୍ୟା, ସ୍ତନ୍ୟପାନ କରାଉଥିବା ମା, ଗର୍ଭବତୀ ମହିଳା ଓ ଶିଶୁ ଏବଂ ମହିଳା ଚାଷୀ ଅଂଶଗ୍ରହଣ କରିଥିଲେ। ସହକାରୀ ବ୍ଲକ ସଂଯୋଜକ ସୁଧୀର ରଞ୍ଜନ ନାୟକ ବିଭିନ୍ନ ପ୍ରକାର ମିଲେଟ କ୍ଷୁଦ୍ର ଶସ୍ୟ ଉପରେ ଓ ଅଂଶଗ୍ରହଣକାରୀମାନଙ୍କୁ ପ୍ରତିଦିନ ଖାଉଥିବା ଖାଦ୍ୟଥାଳୀରେ କିଭଳି ଖାଦ୍ୟ ଖାଇବା ପାଇଁ ପରାମର୍ଶ ଦେଇଥିଲେ। ଶେଷରେ ଆଦର୍ଶ କୃଷି ଉତ୍ପାଦକର ସିଆରପି ଧରଣୀଧର ଲୌରିଆ ପଞ୍ଚାୟତରେ କିପରି ଅଧିକ ପରିମାଣରେ ଚାଷ କରାଯିବ ସେ ସମ୍ପର୍କରେ ବୁଝାଇବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଅମରପାଲି, ୯।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହିଳା କଲେଜଠାରେ ସୋମବାର ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ତରଫରୁ ସାଇବର ଠକମାନଙ୍କ ଠାରୁ କିଭଳି ଭାବରେ ରକ୍ଷା ପାଇପାରିବେ ସେଥିପାଇଁ ଏକ ସଚେତନତା ରଥ ସାରା ଓଡ଼ିଶା ପରିକ୍ରମା କରୁଛି। ଏହି କ୍ରମରେ ସଚେତନତା ରଥ ବୀରମହାରାଜପୁର ମହିଳା କଲେଜରେ ପହଞ୍ଚିବା ପରେ ରଥକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବୀରମହାରାଜପୁର ଉପଖଣ୍ଡ ପୋଲିସ ଅଧିକାରୀ ବାସୁଦେବ ଛତ୍ରିଆ, ଥାନା ଅଧିକାରୀ ରାଜେଶ୍ୱରୀ ଭୋଇ, ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଆଶୁତୋଷ ହୋତା ଓ ଅନ୍ୟାନ୍ୟ କର୍ମଚାରୀ ଓ କଲେଜର ସମସ୍ତ ଛାତ୍ରୀ ଏହି ସ୍ୱାଗତ ସମ୍ବର୍ଦ୍ଧନାରେ ସାମିଲ ହୋଇଥିଲେ। ଏହାପରେ ସମସ୍ତଙ୍କୁ ସାଇବର ଅପରାଧ ଉପରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଏହାପରେ ଏକ ସଚେତନତା ସଭା କଲେଜ ଅଧ୍ୟକ୍ଷ ଆଶୁତୋଷ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଖଣ୍ଡ ପୋଲିସ ଅଧିକାରୀ, ବୀରମହାରାଜପୁର ଥାନା ଅଧିକାରୀଙ୍କ ସମେତ ଅଧ୍ୟାପିକା ସନ୍ଧ୍ୟାରାଣୀ ରାଉତ ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ମନୋଜ କୁମାର ପଣ୍ଡା ପରିଚାଳନା କରିଥିବାବେଳେ ଅଧ୍ୟାପିକା ସନ୍ତୋଷିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଶେଷରେ ଏକ କୁଇଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁମନ ମିଶ୍ର ପ୍ରଥମ, ସୌରଭି ସା ଦ୍ୱିତୀୟ ଓ ସୁଭଦ୍ରା ବାଦି ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବୀରମହାରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ମଧ୍ୟ ଏକ ସଚେତନତା କାର୍ଯ୍ୟକ୍ରମରେ ହାଇସ୍କୁଲର ପ୍ରଧାନ ଶିକ୍ଷକ ନିରଞ୍ଜନ ଦାସ ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ଭାରତୀୟ ଷ୍ଟେଟ ବ୍ୟାଙ୍କର ଶାଖା ପରିଚାଳକ ପ୍ରଫୁଲ୍ଲ କୁମାର ପ୍ରଧାନ ଓ ଆଇଟି ଶିକ୍ଷକ ପଞ୍ଚାନନ ମେହେର ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ଶେଷରେ ଅନୁଷ୍ଠିତ କୁଇଜ କାର୍ଯ୍ୟକ୍ରମରେ ଆଦିତ୍ୟ କୁମାର ଗୁଦୁରିଆ, ଧନଞ୍ଜୟ ମେହେର ଓ ତୁସାର କାନ୍ତ ନାଏକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ ।




ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଅତିଥି, ଛାତ୍ରୀଛାତ୍ର।

### ବାଇକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

**ବିନ୍ଧିକା, ୯।୧୦(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନ୍ଧିକା ବ୍ଲକ ଅଧିନସ୍ଥ ଗୁଲୁଣ୍ଡା ମଠ ଛକ ପାଖରେ ସୋମବାର ପୂର୍ବାହ୍ନ ପ୍ରାୟ ୯ଟାରେ ଦୁର୍ଘଟଣା ଘଟିଛି। ବାଇକ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସିଲଟି ଗ୍ରାମର କୁଞ୍ଜ ବିହାରୀ ଦାସ (୪୫)। କୌଣସି କାର୍ଯ୍ୟ ପାଇଁ ସେ ସାଇକେଲ ଯୋଗେ ବିନ୍ଧିକା ପଟକୁ ଆସୁଥିବାବେଳେ ପଛପଟୁ ଏକ ବାଇକ୍ ଧକ୍କା ଦେଇଥିଲା। ରାସ୍ତାରେ ଯିବା ଆସିବା କରୁଥିବା ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର କୁଞ୍ଜଙ୍କୁ ଚିକିତ୍ସା ପାଇଁ ବିନ୍ଧିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ଦେଖିବା ପରେ ମୃତ ଘୋଷଣା କରିଥିଲେ। ଏ ନେଇ ବିନ୍ଧିକା ଥାନାରେ ଏକ ମାମଲା (ନଂ.୨୧୮/୨୩ ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଧକ୍କା ଦେଇଥିବା ବାଇକ ଆରୋହୀ ଆହତ ହୋଇଥିବା କୁହାଯାଉଛି। ପୋଲିସ ବାଇକ୍ ଜବତ କରି ଅଧିକ ତଦନ୍ତ ଜାରି ରଖିଛି।

### ବାଇକ୍‌କୁ ପିଟିଲା ଟ୍ରକ, ବାଇକ୍ ଚାଳକ ମୃତ

**ବୌଦ୍ଧ, ୯।୧୦(ଅଜିତ କୁମାର ବାରିକ)**

ବୌଦ୍ଧ ସଦର ଥାନା ଅନ୍ତର୍ଗତ ମର୍ଜାଦିପୁର ଗ୍ରାମ ନିକଟ ସାଲୁଙ୍କି ପୋଲ ଉପରେ ଏକ ଟ୍ରକ ସହ ବାଇକ୍‌ର ଧକ୍କା ଯୋଗୁ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ସୋମବାର ସନ୍ଧ୍ୟାରେ ଏହି ଦୁର୍ଘଟଣା ଘଟିଛି। ଏହା ସହ ସାଙ୍ଗରେ ବସିଥିବା ଅନ୍ୟଜଣେ ଯୁବକ ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ଦହ୍ୟା ନିକଟସ୍ଥ ବାହାଳୁର ଗ୍ରାମର ବିକେଶ ପ୍ରଧାନ। ଆହତ ଯୁବକ ଜଣକ ହେଲେ ବଚନ ପ୍ରଧାନ। ବୌଦ୍ଧ ପଟୁ ନିଜ ଗ୍ରାମକୁ ଏକ ବାଇକ ଯୋଗେ ଯାଉଥିବା ବେଳେ ୫୭ ନମ୍ବର ଜାତୀୟ ରାଜପଥର ମର୍ଜାଦପୁର ଗ୍ରାମ ନିକଟରେ ସାମନାରୁ ଆସୁଥିବା ଏପି ୩୯ଭି ୨୫୧୯ ନମ୍ବର ବିଶିଷ୍ଟ ଏକ ଟ୍ରକ ଧକ୍କା ଦେଇଥିଲା । ଦୁର୍ଘଟଣାରେ ଗୁରୁତର ଆହତ ଦୁଇ ଯୁବକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଳୟରେ ଡାକ୍ତର ବିକେଶ ପ୍ରଧାନଙ୍କୁ ମୃତ ଘୋଷଣା କରିଥିବା ବେଳେ ଆହତଙ୍କ ଚିକିତ୍ସା କରାଯାଉଛି ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା



ବିଜେଡିର ଜନସମ୍ପର୍କ ପଦଯାତ୍ରାରେ ଦଳୀୟ ନେତା, କର୍ମୀ।

**ବାଘିଆପଡ଼ା, ୯।୧୦(ଶ୍ରୀକାନ୍ତ ସାହୁ)**

ବୌଦ୍ଧ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜହ୍ନାପଙ୍କଠାରୁ ଜଗତି ପର୍ଯ୍ୟନ୍ତ ବିଜେଡି ପକ୍ଷରୁ ଏକ ଜନସମ୍ପର୍କ ପଦଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ଓ ପରିବେଶ, ପଞ୍ଚାୟତରାଜ ଓ ପାନୀୟ ଜଳ ଯୋଗାଣ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ନେତୃତ୍ୱରେ ଏହା ହୋଇଥିଲା। ପ୍ରଥମେ ଜହ୍ନାପଙ୍କ ହନୁମାନ ମନ୍ଦିରରୁ ପୂଜାର୍ଚ୍ଚନା କରାଯାଇ ଜହ୍ନାପଙ୍କ ବସଷ୍ଟାଣ୍ଡ, ନାରାୟଣନଗର, ଚାରିଶମ୍ଭୁ ଦେଇ ଜଗତି ଠାରେ ପଦଯାତ୍ରା ପହଞ୍ଚିଥିଲା। ଏହି ପଦଯାତ୍ରା ପ୍ରଥମେ ନାରାୟଣନଗରଠାରେ ପହଞ୍ଚିବା ପରେ ଗ୍ରାମର ଗଙ୍ଗାଧର ଛକଠାରେ ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅମାତଙ୍କ ସହ ବିଜେଡିର ଜିଲା ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ, ରାଜ୍ୟ ବୟନିକା ସଭାପତି ପ୍ରକାଶ ମେହେର, ୬ନମ୍ବର ଜିଲା ପରିଷଦ ସଦସ୍ୟା କଳ୍ପନାରାଣୀ ସାହୁ ଯୋଗଦାନ କରି ନବୀନ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ ଯୋଜନା ଉପରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହା ପରେ ପଦଯାତ୍ରା ବାହାରି ଜଗତିଠାରେ ପହଞ୍ଚିଥିଲା। ଜଗତିଠାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ତଥା ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ଅଶୋକ କୁମାର ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ବୌଦ୍ଧ ବିଜେଡି କାର୍ଯ୍ୟକାରୀ ସଭାପତି ସୁବୋଧ କୁମାର ପ୍ରଧାନ, ବୌଦ୍ଧ ସମବାୟ ବ୍ୟାଙ୍କ ସଭାପତି ଅରୁଣ ପ୍ରଧାନ, ବୌଦ୍ଧ ଏନଏସି ଚେୟାରମ୍ୟାନ ମୃତ୍ୟୁଞ୍ଜୟ ମିଶ୍ର, ବରିଷ୍ଠ ବିଜେଡ଼ି ନେତା ସୀତାଂଶୁ ଶେଖର ମହାକୁଡ଼, ଜିଲା କୋଷାଧ୍ୟକ୍ଷ ସନ୍ତୋଷ କୁମାର ନାଏକ, ଅକ୍ଷୟ କୁମାର ସ୍ୱାଇଁଙ୍କ ସହ ବହୁ ବିଜେଡି କର୍ମୀ ସାମିଲ ହୋଇଥିଲେ।

## ଗାଁଗାଁରେ ହାତ, ଘରେ ଘରେ କଂଗ୍ରେସ କାର୍ଯ୍ୟକ୍ରମ

**ବୌଦ୍ଧ, ୯।୧୦(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା କଂଗ୍ରେସ ପକ୍ଷରୁ ଜିଲାର ବିଭିନ୍ନ ପଞ୍ଚାୟତରେ ଥିବା ଗ୍ରାମଗୁଡିକର ଘରମାନଙ୍କୁ ଯାଇ କଂଗ୍ରେସ ସରକାର ସମୟରେ ହୋଇଥିବା ସଫଳତା ଓ ରାହୁଲ ଗାନ୍ଧୀଙ୍କ ବାର୍ତ୍ତା ପହଞ୍ଚାଇବା ସହ ବିଜେଡି ଓ ଭାଜପା ସରକାରର ବିଫଳତା ଉପରେ ଲୋକଙ୍କୁ କହିଥିଲେ। ସୋମବାର ବୌଦ୍ଧ ବ୍ଲକର ପଦ୍ମନପୁର ଗ୍ରାମପଞ୍ଚାୟତର ପଦ୍ମନପୁର, ବୁଡୀପଦର, ଦାମୋଦରପୁର, ଟିକିରାସାହି, ମୁକୁନ୍ଦପୁର ଆଦି ଗ୍ରାମରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଚକ୍ରଧର ପ୍ରଧାନ, ଅର୍ଜୁନ ମହାନନ୍ଦିଆ, ରୋହିତାଶ୍ୱ ବେହେରା, ବେଣୁଧର ମେହେର, ଶେଷଦେବ ପ୍ରଧାନ, ଗଣ୍ଡାଧର ସ୍ୱାଇଁ, କମ୍ବୁ ପାଣ୍ଡେ, ଅଭିଳାଷ ସ୍ୱାଇଁ, ବାବୁଲି ପଟନାୟକ, ଜିଲା କଂଗ୍ରେସ ମୁଖପାତ୍ର ଶାନ୍ତନୁ ମହାପାତ୍ର, ଜୟନ୍ତ ପାଣିଗ୍ରାହୀ, ଉପସଭାପତି ସମରେଶ ମିଶ୍ରଙ୍କ ସମେତ ବହୁ ସଂଖ୍ୟାରେ ନେତା ଓ କର୍ମୀ ସାମିଲ ଥିଲେ।




ପଦ୍ମନପୁର ପଞ୍ଚାୟତରେ କଂଗ୍ରେସର କାର୍ଯ୍ୟକ୍ରମରେ ନେତା ଓ କର୍ମୀ।

# ପୃଷ୍ଠପୋଷକତା ପ୍ରତିଭାକୁ ବିକାଶ କରେ

### ବୀରମହାରାଜପୁରର ୧୬ କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ

**ଅମରପାଲି, ୯।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ସମସ୍ତ ୧୬ଟି କ୍ଲଷ୍ଟରରେ ଶିଶୁ ମହୋତ୍ସବ ସୁରଭି ସୋମବାର ଅନୁଷ୍ଠିତ ହୋଇଯାଇଛି। ବହଳପଦର କ୍ଲଷ୍ଟରର ଅମରପାଲି ସରକାରୀ ୟୁପି ସ୍କୁଲରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ସ୍ଥାନୀୟ ସ୍କୁଲର ପ୍ରଧାନ ଶିକ୍ଷକ ଦୁଃଖିଶ୍ୟାମ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ କ୍ଲଷ୍ଟର ୧୧ଟି ସ୍କୁଲର ୧୨୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜୁନିଅର ଓ ସିନିୟର ବର୍ଗରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ତର୍କ, ଚିତ୍ରାଙ୍କନ, ସଙ୍ଗୀତ, ସୃଜନ ଲିଖନ, କୁଇଜ, ନୃତ୍ୟ, ସୁନ୍ଦର ହସ୍ତାକ୍ଷର ଆଦି ପ୍ରତିଯୋଗିତା କରାଯାଇଥିଲା। ପ୍ରଧାନ ଶିକ୍ଷକ ରାମନାରାୟଣ ହୋତା, ରଞ୍ଜନ ପାଣ୍ଡେ, ରଜତ ପ୍ରଧାନ, ବିଶ୍ୱନାଥ ନାଏକ ପ୍ରମୁଖ ବିଚାରକ ଭାବେ ମୂଲ୍ୟାଙ୍କନ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସ୍ଥାନୀୟ ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ଦୁଃଖିଶ୍ୟାମ ଭୋଇ ପୌରହିତ୍ୟ କରିଥିଲେ। ହାଇସ୍କୁଲର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଏବଂ ବହଳପଦର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ପୀତାମ୍ବର ସାହୁ, ସିଆରସିସି କମ୍ବୁ ପଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ପୃଷ୍ଠପୋଷକତା ପ୍ରତିଭାର ବିକାଶ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଅକ୍ଷୟ ରାଏ ସଭା ସଂଯୋଜନା କରିଥିବାବେଳେ ପ୍ରଦୀପ ଜଗଦଲା ଉଦ୍ଦେଶ୍ୟ ଜ୍ଞାପନ, ମଧୁସୂଦନ ମେହେର ଅତିଥି ପରିଚୟ ପ୍ରଦାନ ଓ ପ୍ରାଣବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଶୁଭାଶିଷ ମିଶ୍ର, ତପକିରଣ ସାହୁ, ଯଦୁମଣି ବାଘ ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ୨୪ଜଣ ଛାତ୍ରୀଛାତ୍ର ବ୍ଲକସ୍ତରୀୟ ସୁରଭିକୁ ମନୋନୀତ ହୋଇଛନ୍ତି। ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ବ୍ଲକର ଟାଙ୍ଗରସାହି, ଟେଭାପଦର, ବୁଠୀପଦର, ଖଣ୍ଡହତା, ପିତମହୁଲ, ଡୁଲେଶ୍ୱର, ମେଣ୍ଡମାଳରେ ହୋଇଥିବା ସୁରଭିରେ ଯୋଗଦେଇଥିଲେ। ବିଇଓ ଶାନ୍ତନୁ କୁମ୍ଭକାର ଉଫୁଲା, ଟାଙ୍ଗରସାହି, ଟେଭାପଦର, ପିତମହୁଲ, ସେରଗେଡ଼ା ଓ କେନ୍ଝିରିଆପାଲି ହାଇସ୍କୁଲରେ ହୋଇଥିବା ସୁରଭିରେ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।



ସୁରଭି କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରଙ୍କ ସହିତ ଅତିଥି।

# ବିଜ୍ଞାନ ମେଳା: ୯୩ ପ୍ରକଳ୍ପ ପ୍ରଦର୍ଶିତ

**ସୋନପୁର, ୯।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ବ୍ଲକ ପିପିଲିପାଲିସ୍ଥିତ ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନରେ ବିଜ୍ଞାନ ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରି ନିଜ ନିଜର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ମେଳାରେ ମୋଟ ୯୩ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ବିଚାରକ ଭାବରେ ସୋନପୁର କଲେଜ ପ୍ରାଣୀବିଜ୍ଞାନ ବିଭାଗର ଅଧ୍ୟାପକ ଉମାକାନ୍ତ ନାଗ ଓ ପିପିଲିପାଲି ଓଡିଶା ଆଦର୍ଶ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଦେବସ୍ମିତା ପୂଜାରୀ ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ। ବରିଷ୍ଠ ବିଭାଗରେ ପ୍ରିୟା ବାରିକ୍ ପ୍ରଥମ, ଆୟୁଷ୍ମାନ ପ୍ରଧାନ ଦ୍ୱିତୀୟ ଓ ଆଜାଦ କୁମାର ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି କନିଷ୍ଠ ବିଭାଗରେ ଲୋକେଶ ମେହେର ପ୍ରଥମ, ଶୁଭମ ଜୁଆଡି ଦ୍ୱିତୀୟ ଓ ସ୍ୱୟମ ଶ୍ରୀ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣୀଉତ୍ସବ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ. ରାଧାକାନ୍ତ ଗଡତିଆ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ବର୍ତ୍ତମାନ ଯୁଗରେ ବିଜ୍ଞାନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଉମାକାନ୍ତ ନାଗ ମୁଖ୍ୟବକ୍ତା ଓ ବିଜ୍ଞାନ ପରିଦର୍ଶକ ପର୍ଶୁରାମ ମେହେର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଶିକ୍ଷକ ଚିତ୍ତରଞ୍ଜନ ଭୋଇ ସଭା ସଂଯୋଜନା କରିଥିଲାବେଳେ ନିତ୍ୟାନନ୍ଦ ପ୍ରଧାନ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଲୋକନାଥ ମିସ୍ତ୍ରି, ଶୁଭାଶିଷ ଖେତି, ସୁଶିଲ କୁମାର ଗାଇଗରିଆ ଓ ରାଜେଶ ପାତ୍ରଙ୍କ ସହିତ ଅନ୍ୟ ଶିକ୍ଷକମାନେ ମେଳା ଆୟୋଜନରେ ସହଯୋଗ କରିଥିଲେ। ଶିକ୍ଷକ ବାସୁଦେବ ବିଶି ବିବରଣୀ ପାଠ କରିଥିଲାବେଳେ ଶିକ୍ଷକ ଲୋକନାଥ ଠେଲା ଧନ୍ୟବାଦ ପ୍ରଦାନ କରିଥିଲେ ।




ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନରେ ଅନୁଷ୍ଠିତ ବିଜ୍ଞାନ ମେଳାରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ନଦୀରେ ବୁଡ଼ି ବୃଦ୍ଧ ମୃତ

**ବଡ଼ଗାଁ,୯।୧୦(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ବରପାଲି ଗ୍ରାମର ଜଣେ ବୃଦ୍ଧଙ୍କ ସୋମବାର ନଦୀରେ ବୁଡ଼ି ମୃତ୍ୟୁ ଘଟିଛି। ମୃତକ ହେଲେ ଉତ୍ତମ ଖଡିଆ(୬୦)। ସୂଚନାଅନୁଯାୟୀ, ପୂର୍ବାହ୍ନରେ ଉତ୍ତମ ନଦୀକୁ ଗାଧୋଇବାକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ତାଙ୍କ ପୁଅ ଟୁନୁ ଓ ଗ୍ରାମବାସୀ ନଦୀକୁ ଯାଇ ବହୁ ଖୋଜାଖୋଜି କରିଥିଲେ ହେଁ ତାଙ୍କୁ ପାଇ ନ ଥିଲେ। ଅପରାହ୍ନରେ କିଛି ଯୁବକ ନଦୀରେ ମୃତଦେହ ଭାସୁଥିବା ଦେଖି ଉତ୍ତମଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ମୃତଦେହ ଜବତ କରି ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ୬୯ତମ ବନ୍ୟପ୍ରାଣୀ ଦିବସ

**ବଣାଇଁ,୯।୧୦(ପ୍ରଦୀପ ତ୍ରିପାଠୀ):** ସୁନ୍ଦରଗଡ଼ ବନଖଣ୍ଡ ପକ୍ଷରୁ ଚେତନା କେନ୍ଦ୍ରଠାରେ ଜିଲା ସ୍ତରୀୟ ବନ୍ୟପ୍ରାଣୀ ଦିବସ ପାଳିତ ହୋଇଯାଇଛି। ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାଶେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ବିଧାୟିକା କୁସୁମ ଟେଟେ ଯୋଗଦେଇ ବନ୍ୟ ପ୍ରାଣୀମାନଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ମାନବ ଜାତିର ବିକାଶ ଓ ପ୍ରକୃତିର ସନ୍ତୁଳନ ପାଇଁ ବନ୍ୟପ୍ରାଣୀଙ୍କ ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ଜଙ୍ଗଲ ଓ ଜୀବଜନ୍ତୁ ପ୍ରକୃତିର ଏକ ଅଭିନ୍ନ ଅଙ୍ଗ ବୋଲି ବନଖଣ୍ଡ ଅଧିକାରୀ ପ୍ରକାଶ କରିଥିଲେ। ଏହି ଅବସରରେ ବଣାଇଁ କଲେଜ ଅଧ୍ୟକ୍ଷ ଜେନାମଣି ସାହୁଙ୍କୁ ବଣାଇଁ ବନଖଣ୍ଡରେ ବନ୍ୟପ୍ରାଣୀ ସଂରକ୍ଷଣ, ବୃକ୍ଷ ରୋପଣ, ପରିବେଶର ସୁରକ୍ଷା ନିମନ୍ତେ ଜନସଚେତନତା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଜୁପଟ୍ଟନାୟକ ସମ୍ମାନରେ ସମ୍ମାନିତ କରାଯାଇଥିଲା।

### ବାଲିଶଙ୍କରା ଷ୍ଟାର ଏକାଦଶ ଫୁଟ୍‌ବଲ ଟିମ୍‌କୁ ସମ୍ବର୍ଦ୍ଧନା

**ବାଲିଶଙ୍କରା,୯।୧୦ (ହୃଦାନନ୍ଦ ବାରିକ):** ସୁନ୍ଦରଗଡ଼ ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଷ୍ଟାଡିୟମଠାରେ ୫ଦିନ ଧରି ଚାଲିଥିବା ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବାଲିଶଙ୍କରା ଏକାଦଶ ଟିମ୍ ଚାମ୍ପିୟାନ ହୋଇ ୫୦ ହଜାର ଟଙ୍କା ପୁରସ୍କାର ରାଶି ପାଇଥିଲା। ସୋମବାର ଏହି ଟିମ୍‌କୁ ରାମ ଜାନକୀ ମନ୍ଦିରରୁ ସଂକୀର୍ତ୍ତନ୍ୟ ସହ କଲ୍ୟାଣ ମଣ୍ଡପକୁ ପାଛୋଟି ନେଇ ଫୁଲତୋଡ଼ା ସହ ଉତ୍ତରୀୟ ଦେଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ରାମ ଜାନକୀ ଫୁଟ୍‌ବଲ କମିଟି ଆନୁକୂଲ୍ୟରେ ଏହି ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ଡ. ପ୍ରଫୁଲ୍ଲ ମାଝି , ସମ୍ମାନିତ ଅତିଥି ବ୍ଲକ ଉପାଧ୍ୟକ୍ଷ ପିତାମ୍ବର ଶେଖର ଦେଓ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ମାଝି, ବାଲିଶଙ୍କରା ବିଡିଓ ଜ୍ୟୋର୍ତିମୟୀ ପ୍ରଧାନ, ବାଲିଶଙ୍କରା ସରପଞ୍ଚ ସୁଲୋଚନା ସୁଆରୀ, ସମିତି ସଭ୍ୟ କହ୍ନେଇ ଜୟପୁରିଆ, ଦେବଲାଲ ଲାକଡା, ସୁଗ୍ରୀବ ବାଘ, ବୈରାଗୀ ତନ୍ତୀ, ରେଫରୀ ହେମନ୍ତ କୁମାର ଦାସ, ଫୁଟ୍‌ବଲ କମିଟିର ପୂର୍ବତନ ଖେଳାଳି ଟଙ୍କଧର ପଣ୍ଡା, ସପ୍ନେଶ୍ୱର ବାଘ, ଶୁକ୍ରୁ ଓରାମ, ପ୍ରମୋଦ ମିଞ୍ଜ, ଟିକୁ ତନ୍ତୀ ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ସୁଗ୍ରୀବ ବାଘଙ୍କ ସଂକୀର୍ତ୍ତନ୍ୟ ମଣ୍ଡଳୀର ସଦସ୍ୟାସଦସ୍ୟଙ୍କ ଦ୍ୱାରା ଚାମ୍ପିୟନ ଟିମ୍‌କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଟଙ୍କଧର ପଣ୍ଡା ସଭା ପରିଚାଳନା କରିଥିବାବେଳେ ଦେବଲାଲ ଲାକଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଦୀର୍ଘଦିନ ହେଲା ଜଳୁନି ଷ୍ଟ୍ରିଟ ଲାଇଟ୍

**ବଣାଇଁ,୯।୧୦(ପ୍ରଦୀପ ତ୍ରିପାଠୀ ):** ଦୀର୍ଘଦିନ ଧରି ଷ୍ଟ୍ରୀଟ ଲାଇଟ୍ ଜଳୁ ନ ଥିବାରୁ ବଣାଇଁ ବ୍ଲକ କେନ୍ଦ୍ରିକଳା ଛକଠାରୁ ମଧୁପୁର ଛକ ପର୍ଯ୍ୟନ୍ତ ଅନ୍ଧାର ରହୁଛି। ସନ୍ଧ୍ୟା ହେଲେ ସେହି ରାସ୍ତା ଦେଇ ଯାତାୟତ କରିବାକୁ ଲୋକେ ସୁରକ୍ଷିତ ମଣୁନାହାଁନ୍ତି। ଛାତ୍ରୀଛାତ୍ରମାନେ ସନ୍ଧ୍ୟାରେ ଟିଉସନ ସାରି ଘରକୁ ଫେରିବା ବେଳେ ଅନ୍ଧାରରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ଧାରର ସୁଯୋଗ ନେଇ ସେଠାରେ ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଉଛି। ୩ ବର୍ଷ ହେବ ଅଚଳ ହୋଇ ପଡ଼ିଥିବା ଲାଇଟ୍ ଗୁଡ଼ିକୁ ଗତ ୬ ମାସ ପୂର୍ବରୁ ପଞ୍ଚାୟତ ପକ୍ଷରୁ ମରାମତି କରାଯାଇଥିଲା। ମାତ୍ର ମାସକ ପରେ ଲାଇଟ ଜଳୁନାହିଁ। ରକ୍ଷଣାବେକ୍ଷଣ ଅଭାବ ଯୋଗୁ ଗ୍ରାମବାସୀ ଅସୁବିଧା ଭୋଗୁଛନ୍ତି। ତେବେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



୫-ଟି ସଚିବ ଭି.କେ ପାଣ୍ଡିଆନଙ୍କ ସହ ଆଲୋଚନା କରୁଛନ୍ତି ସୁନ୍ଦରଗଡ ଜିଲା ଗାଙ୍ଗପୁର ଅଞ୍ଚଳ ଅଖିଳ ଭାରତୀୟ ଆଘରିଆ ସମାଜ କର୍ମକର୍ତ୍ତା।

# ମୁଖ୍ୟମନ୍ତ୍ରୀ, ୫-ଟି ସଚିବଙ୍କୁ ଭେଟିଲେ ଗାଙ୍ଗପୁର ଅଘରିଆ ସମାଜ

**ସୁନ୍ଦରଗଡ,୯।୧୦(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲା ଗାଙ୍ଗପୁର ଅଞ୍ଚଳ ଅଖିଳ ଭାରତୀୟ ଆଘରିଆ ସମାଜ ପକ୍ଷରୁ ସୋମବାର ବିଜୁ ଜନତା ଦଳର ସୁନ୍ଦରଗଡ ଜିଲା ପର୍ଯ୍ୟବେକ୍ଷକ ତଥା ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡେଇଙ୍କ ତତ୍ତ୍ୱାବଧାନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ସଚିବ ଭି.କେ ପାଣ୍ଡିଆନଙ୍କ ସହ ନବୀନ ନିବାସଠାରେ ଭେଟି ଆଲୋଚନା କରିଛନ୍ତି। ଏହି ଆଲୋଚନା ବେଳେ ସଦର ବ୍ଲକ ଅନ୍ତର୍ଗତ ଭଷ୍ମା ଠାରେ ଏକ ଆଘରିଆ ଭବନ ନିର୍ମାଣ ପାଇଁ ଆବଶ୍ୟକ ଜମି ଏବଂ ଅର୍ଥ ମଞ୍ଜୁର ପାଇଁ ଏହି ପ୍ରତିନିଧି ମଣ୍ଡଳୀ ଦାବି ଜଣାଇଥିଲେ। ଆଲୋଚନା ସମୟରେ ଖୁବ୍ କମ୍ ସମୟ ମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ଜମି ଏବଂ ଅର୍ଥ ମଞ୍ଜୁର ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଆଲୋଚନା ସମୟରେ ଆଘରିଆ ସମାଜ ପକ୍ଷରୁ ସଦର ବ୍ଲକ କ ଜିଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ନାଏକ, ଦର୍ଲିପାଲି ଗୁଡି ସଭାପତି ଡ. ସୁରେନ୍ଦ୍ର କୁମାର ପଟେଲ, ଅଞ୍ଚଳିକ ସମ୍ପାଦକ ଦେବେନ୍ଦ୍ର ପଟେଲ, ସଦର ଗୁଡି ସଭାପତି ପ୍ରଦୀପ ନାଏକ, ଦେଉଳି ଗୁଡି ସଭାପତି ବେଣୁଧର ଚୌଧୁରୀ, ଭଷ୍ମା ଗୁଡି ସଭାପତି ମଳୟ ଚୌଧୁରୀ, କୁଣ୍ଡୁକେଳା ଗୁଡ଼ି ପକ୍ଷରୁ ଲିଙ୍ଗରାଜ ପଟେଲ, ଭଷ୍ମା ଗୁଡ଼ି କୋଷାଧ୍ୟକ୍ଷ ରମେଶ ଚୌଧୁରୀ, ବିଲେଇଗଡ ଗୁଡ଼ି ପକ୍ଷରୁ ସୁରଜ୍ କୁମାର ପଟେଲ୍ ଏବଂ ଦେଉଳି ଗୁଡ଼ି ସମ୍ପାଦକ ଜଗତ ମୋହନ ପଟେଲ୍ ଉପସ୍ଥିତ ଥିଲେ।

# ଯୌନ ନିର୍ଯାତନା ଅଭିଯୋଗ ହୋଇନି

## ଉଦ୍ଧାର ମା' ଝିଅଙ୍କୁ ଭେଟିଲେ ପରିବାର ଲୋକେ

**ସୁନ୍ଦରଗଡ଼,୯।୧୦(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଇବ୍ ନଦୀ ପୋଲ ଉପରୁ ଶୁକ୍ରବାର ଉଦ୍ଧାର ହୋଇ ସ୍ଥାନୀୟ ଆସ୍ଥା ଗୃହରେ ଥିବା ମା' ଝିଅଙ୍କ ପରିଚୟ ପାଇଛି ପୋଲିସ। ସେମାନଙ୍କ ଘର ଛତିଶଗଡ଼ ଯଶପୁର ଜିଲା ତୁମଲା ଥାନା ଅନ୍ତର୍ଗତ ଖାରିବାହାଲ ଗ୍ରାମରେ ବୋଲି ସଦର ଏସ୍‌ଡିପିଓ ହିମାଂଶୁ ବେହେରା ସୂଚନା ଦେଇଛନ୍ତି। ସୋମବାର ପରିବାର ଲୋକ ଆସି ମା' ଝିଅଙ୍କୁ ଆସ୍ଥା ଗୃହରେ ଭେଟିଛନ୍ତି। ଗତ କିଛି ବର୍ଷ ହେବ ସେମାନଙ୍କ ମାନସିକ ସ୍ଥିତି ଠକ୍ ନ ଥିବା ଓ ସେମାନେ ବୁଧବାର ଘରୁ ବାହାରି ଆଉ ଘରକୁ ଫେରି ନ ଥିବା ଭେଟିବାକୁ ଆସିଥିବା ମହିଳାଙ୍କ ଜଣେ ଝିଅ ଓ ଯାଆ କହିଛନ୍ତି। ତାଙ୍କ ସହ ଯୌନ ନିର୍ଯାତନା ହୋଇଥିବା ନେଇ ବଧିବଦ୍ଧଭାବେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି। ତଥାପି ପୋଲିସ ଉଭୟଙ୍କ ଡାକ୍ତରୀ ମାଇନା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଅନୁରୋଧ କରିବ ବୋଲି ସଦର ଏସ୍‌ଡିପିଓ ବେହେରା କହିଛନ୍ତି। ଡାକ୍ତର ଓ ମନସ୍ତତ୍ତ୍ୱବିତ୍‌ଙ୍କୁ ନେଇ ସେମାନଙ୍କୁ କାଉନସେଲିଂ କରାଯାଉଛି। ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ରହିଛି। ହେଲେ ମାନସିକ ସ୍ତରରେ ସେମାନେ ଠିକ୍ ନ ଥିବା ଜଣାପଡ଼ିଛି। ସ୍ୱାଭାବିକ ଅବସ୍ଥାକୁ ଆସିଲେ ପ୍ରକୃତ ଘଟଣା ଜଣାପଡିବ। ଅପରପକ୍ଷରେ ଏହି ମହିଳାଙ୍କ ୩ ପୁଅ,୩ ଝିଅ ଥିବା ବେଳେ ସ୍ୱାମୀ ନାହାନ୍ତି ବୋଲି ଆସ୍ଥା ଗୃହ ସମ୍ପାଦିକା ସ୍ନେହଲତା ପଟେଲ କହିଛନ୍ତି। ୨ମହିଳାଙ୍କ ମାନସିକ ସ୍ଥିତି ଠିକ ନ ଥିବାରୁ ସେମାନେ କେତେବେଳେ କ'ଣ କହୁଛନ୍ତି ତାଳମେଳ ରହୁନାହିଁ। ସେମାନଙ୍କୁ ଚିହ୍ନଟ ପାଇଁ ରବିବାର ଫଟୋ ଜିଲାର ବିଭିନ୍ନ ଥାନା ଓ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟର ଥାନାକୁ ପଠାଯାଇଥିଲା। ସୂଚନା ଅନୁଯାୟୀ, ଶୁକ୍ରବାର ସୁନ୍ଦରଗଡ ଉପକଣ୍ଠ କଲେଜ ବାଇପାସ ଇବ ନଦୀ ପୋଲ ଉପରେ ୨ ବିବସ୍ତ୍ର ମହିଳା ଚାଲି ଚାଲି ଯାଉଥିଲେ। ଶହ ଶହ ଯାତ୍ରୀ ସେଇ ରାସ୍ତା ଦେଇ ଯାଉଥିଲେ ମଧ୍ୟ କେହି ଜଣେ ଏଭଳି ଲଜ୍ଜିତ ଦୃଶ୍ୟ ପାଇଁ ଦୟା ଦେଖାଇ ନ ଥିଲେ। ନିଜ ଘରୁ ଆଦିବାସୀ ମଞ୍ଚ ଘେରାଉ କାର୍ଯ୍ୟକ୍ରମକୁ ଯାଉଥିବା ବିଧାୟିକା କୁସୁମ ଟେଟେ ଏହି ୨ ମହିଳାଙ୍କୁ ଦେଖି ଗାଡ଼ି ଅଟକାଇଥିଲେ। ଆଦିବାସୀ ନେତାଙ୍କୁ ସମ୍ବର୍ଦ୍ଧିତ କରିବାକୁ ସାଙ୍ଗରେ ନେଉଥିବା ଗାମୁଛାରେ ୨ ମହିଳାଙ୍କୁ ଘୋଡ଼ାଇ ଦେଇଥିଲେ। ପରେ ସଦର ଥାନା ପୋଲିସ ସହାୟତାରେ ସେମାନଙ୍କୁ ଆସ୍ଥା ଗୃହକୁ ପଠାଇଥିଲେ।

# ପ୍ରତାପପୁର ସ୍କୁଲରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ



**କୁଆଁରମୁଣ୍ଡା,୯।୧୦(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ ପ୍ରତାପପୁର ଶିକ୍ଷା କ୍ଲଷ୍ଟର ଅନ୍ତର୍ଗତ ୧୧ଟି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ସୋମବାର ନିକଟସ୍ଥ ପୋଗ୍ରାପୋଷ ପ୍ରକଳ୍ପ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରଙ୍କୁ ନେଇ ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ, ବକ୍ତୃତା ଇତ୍ୟାଦି ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏବିଇଓ ଡୋରୋଥିଆ ଟପ୍ପୋ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା ବିଦ୍ୟାର୍ଥୀଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭା ବିକଶିତ ହୋଇ ଲୋକଲୋଚନକୁ ଆସିଥାଏ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରତାପପୁର ସିଆର୍‌ସିସି ନୀତିଶ ରାଉତଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ବେଳେ ଏଥିରେ କୃଷ୍ଣ ଗଡତିଆ ସ୍କୁଲର ପ୍ରଧାନ ଶିକ୍ଷକ ବିଭୀଷଣ ତନ୍ତୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।

# ୪ କଲେଜ ପରିଦର୍ଶନ କଲେ ଜିଲାପାଳ



**ବଡ଼ଗାଁ,୯।୧୦( ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ଥିବା ୪ଟି କଲେଜକୁ ଯାଇ ଜିଲାପାଳ ପରାଗ ହର୍ଷଦ ଗାଭାଲି ପରିଦର୍ଶନ କରିବା ସହିତ ଅଧିକାରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଛନ୍ତି। ପଞ୍ଚାୟତ ସମିତି ଯୁକ୍ତ୨ କଲେଜ, ଡିଗ୍ରୀ କଲେଜ, ତୁଡାଲଗା ଯୁକ୍ତ ୨ କଲେଜ ଓ ବରଙ୍ଗାକଛାର ସ୍ଥିତ ଯୁକ୍ତ ୨ କଲେଜକୁ ଯାଇ ଅପରାହ୍ନରେ ପହଞ୍ଚିଥିଲେ। କଲେଜ ଗୁଡ଼ିକୁ ମିଳିଥିବା ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାର କାମ କିପରି, କେଉଁଠି ଓ କେଉଁ କାମ କରାଯିବ ସେ ନେଇ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ପିଡି ମନୋଜ ସତ୍ୟବାନ୍ ମହାଜନ, ପିଏ ଆଇଟିଡିଏ ଧୀରେନ୍ଦ୍ର କୁମାର ସେଠୀ, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ବିଡିଓ କ୍ଷମାନିଧି ଭୋଇ, ସହକାରୀ ଯନ୍ତ୍ରୀ ସୁନିଲ ମୁର୍ମୁ ଜିଲାପାଳଙ୍କ ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ।

### ଲକ୍ଷେ ଘର ସମାଜର ନୂଆଁଖାଇ ଭେଟଘାଟ

**ବାଲିଶଙ୍କରା,୯।୧୦(ହୃଦାନନ୍ଦ ବାରିକ):** ବାଲିଶଙ୍କରା କର୍ଲାଘାଟିର ମା' ଜଗତ ଜନନୀ ମନ୍ଦିର ପରିସରରେ ଅଭିନବ ପ୍ରୟାସ ସଂଗଠନ ତରଫରୁ ଲକ୍ଷେ ଘର ସମାଜକୁ ନେଇ ନୂଆଁଖାଇ ଭେଟଘାଟ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଏବିଡିଓ ଚନ୍ଦନ ନିଖଣ୍ଡିଆ, ସମ୍ମାନିତ ଅତିଥି ପଙ୍କଜିନି ନିଖଣ୍ଡିଆ ଯୋଗଦେଇଥିଲେ। ସଂଗଠନ ସଭାପତି ବଚନ ଗରଡିଆ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ସନ୍ତୋଷ ମଗର ପରିଚାଳନା କରିଥିଲେ। ଉପ ସଭାପତି ଦୟାନିଧି ବେସନ ସହଯୋଗ କରିଥିବାବେଳେ ସଂଗଠନର ସଭ୍ୟାସଭ୍ୟ ସୁଧୀର ତାଜନ, ଜଗଦମ୍ବା ତାଜନ, ଶ୍ରବଣ କୁମାର ମହାନନ୍ଦିଆ ଏବଂ ରାଜପୁର ଗ୍ରାମ ସମାଜର ପ୍ରାୟ ୧୫୦ ଲୋକ ଉପସ୍ଥିତ ରହି ବୟସ୍କଙ୍କ ପାଦ ଧୋଇ ମୁଣ୍ଡିଆ ମାରିବା ସହ ଉତ୍ତରୀୟ ଓ ଫୁଲ ଚନ୍ଦନ ଦେଇ ସମ୍ମାନିତ କରିଥିଲେ। ପରେ ସମସ୍ତେ ଏକତ୍ର ବସି ନବାନ୍ନ ଗ୍ରହଣ କରିବା ସହ ପରମ୍ପରା ଅନୁଯାୟୀ ନୂଆଁଖାଇ ଜୁହାର ଭେଟ ଘାଟ ହୋଇଥିଲା।

# ବିଜେଡି ପାଳିଲା ଗୋପବନ୍ଧୁ ଜୟନ୍ତୀ

**ବଣାଇଁ,୯।୧୦(ପ୍ରଦୀପ ତ୍ରିପାଠୀ)**

ବଣାଇଁ ବିଜେଡି ପକ୍ଷରୁ ପୁଣ୍ୟାତ୍ମା ଗୋପବନ୍ଧୁ ଦାଶଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଦେଓଗାଁ ଛକ ସ୍ଥିତ ମହାପୁରୁଷ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ପୂର୍ବକ ଧୂପ ଦୀପ ପ୍ରଜ୍ୱଳନ କରି ଦଳ ପକ୍ଷରୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା। ବିଜେଡି ଜିଲା କାର୍ଯ୍ୟକାରି ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରଣଜିତ କିଷାନ ଯୋଗଦେଇ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସ୍ମୃତି ଚାରଣ କରିବା ସହିତ ତାଙ୍କ ଜୀବନ ଗାଥା ଉପରେ ଆଲୋକପାତ କରିଥିଲେ। ବିଜେଡି ବ୍ଲକ ସଭାପତି ରଘୁନାଥ ସାହୁ, ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ବୀରବିଚିତ୍ର ସେନ ନାୟକ, ସଭ୍ୟା ଜୁଲିଆନି କାଣ୍ଡୀର, ଜିଲା ସମ୍ପାଦକ ସୁନ୍ଦରମଣି ପ୍ରଧାନ, ସଦସ୍ୟ ପ୍ୟାରା ବାର୍ଲା, ନାଏବ ସରପଞ୍ଚ ସନ୍ତୋଷ ନାଏକ, ୱାର୍ଡ ମେମ୍ବର ହେମନ୍ତ ମହାକୁଡ଼, ସୁରେଖା ଦେହୁରୀ, ସେବତୀ କିଷାନ, ଅଜିତ କିଷାନ, ମନ୍ଦାକିନୀ ମହାକୁଡ଼, ସୁମିତ୍ରା ନାୟକ, ବ୍ଲକ ମହିଳା ସଭାପତି ଦମୟନ୍ତୀ ସାଣ୍ଡିଲ, ସିପୁନ ମିଶ୍ର, ପ୍ରଦୀପ କିଷାନ ପ୍ରମୁଖ ଉପସ୍ଥିତ ଥିଲେ।



ଗୋପବନ୍ଧୁ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ବିଜେଡି କର୍ମୀ।

# ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ଯୋଜନାର ଉଦ୍‌ଘାଟନ



ପାନୀୟ ଜଳ ଯୋଗାଣ ଯୋଜନାର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ଓ ଅନ୍ୟମାନେ।

## ବୀରମିତ୍ରପୁର ସହର

**କୁଆଁରମୁଣ୍ଡା,୯।୧୦(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ ଜିଲା ଓଡ଼ିଶା - ଝାଡଖଣ୍ଡ ସୀମାନ୍ତବର୍ତ୍ତୀ ବୀରମିତ୍ରପୁର ସହରରେ ଲୋକଙ୍କୁ ପାଇପ ଯୋଗେ ୨୪ ଘଣ୍ଟିଆ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଲୋକସେବା ଭବନରୁ ଆଭାସୀ ମାଧ୍ୟମରେ ଡ୍ରିଙ୍କ ଫ୍ରମ ଟ୍ୟାପ୍ ଯୋଜନାର ଶୁଭ ଉଦ୍‌ଘାଟନ କରିଛନ୍ତି। ବୀରମିତ୍ରପୁର ପୌରପାଳିକା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ଜିଲଶପାଳ ଡ. ଗାଭାଲି ପରାଗ ହର୍ଷଦ, ବୀରମିତ୍ରପୁର ପୌରାଧ୍ୟକ୍ଷ ସନ୍ଦୀପ ମିଶ୍ର, ଉପାଧ୍ୟକ୍ଷା ନିବେଦିତା ବାଗେଙ୍କ ସମେତ ୧୧ଟି ୱାର୍ଡର କାଉନସିଲରମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ। ଏହି ଯୋଜନାରେ ୧୧ଟି ୱାର୍ଡର ୩୯ ହଜାର ଲୋକେ ୨୪ ଘଣ୍ଟିଆ ପାଇପ ଯୋଗେ ଘରକୁ ପାନୀୟ ଜଳ ଯୋଗାଣର ସୁବିଧା ପାଇପାରିବେ ବୋଲି ମନ୍ତ୍ରୀ ନାୟକ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ସମ୍ପିତ ଦାସଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।

## ରାଜଗାଙ୍ଗପୁରରେ ଡ୍ରିଙ୍କ ଫ୍ରମ୍ ଟ୍ୟାପ୍‌ର ଲୋକାର୍ପଣ

**ରାଜଗାଙ୍ଗପୁର (ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରର ରାଣିବନ୍ଧଠାରେ ୱାଟକୋ ପକ୍ଷରୁ ନିର୍ମିତ ୨୪ ଘଣ୍ଟିଆ ଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ସୋମବାର ଲୋକାର୍ପିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡରେ ଏହାକୁ ଲୋକାର୍ପିତ କରିଥିଲେ। ଏହି ଅବସରରେ ଏକ ଏଲଇଡି ପ୍ରୋଜେକ୍ଟର ଲଗାଯାଇଥିଲା। ଉପସ୍ଥିତ ଅତିଥି ତଥା ସାଧାରଣ ଜନତା ମୁଖ୍ୟମନ୍ତ୍ରୀଙ୍କ ସମ୍ବୋଧନ ଶୁଣିଥିଲେ। ସମ୍ବୋଧନ ପରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝି, ସମ୍ମାନିତ ଅତିଥି ଉପଜିଲାପାଳ ଦାଶରଥି ସରାବୁ, ନଗର ଉନ୍ନୟନ ବିଭାଗ (ଡୁଡା) ନିର୍ଦ୍ଦେଶକ ଲଳିତ ସରେଙ୍ଗ, ରାଜଗାଙ୍ଗପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଗୋବିନ୍ଦ ଡନସନା, ପୌରାଧ୍ୟକ୍ଷ ମାଧୁରୀ ଲୁଗୁନ ପ୍ରମୁଖ ଯୋଗଦେଇ ଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ବକ୍ତବ୍ୟ ରଖିଥିଲେ। ସଭାକାର୍ଯ୍ୟକୁ ଉପନଗରପାଳ ମହମ୍ମଦ ଇରାଫାନ ପରିଚାଳନା କରିଥିଲେ। ସଭାରେ ରାଜଗାଙ୍ଗପୁର ୱାଟକୋ ଯନ୍ତ୍ରୀ ନାରାୟଣ ପ୍ରସାଦ ପ୍ରଧାନ, କଂଗ୍ରେସ ସଭାପତି ଦିପୁ ବିନୋଦ, ସାଂସଦ ପ୍ରତିନିଧି ମଧୁସ୍ମିତା ରାଉତ, ସଞ୍ଜୀବ ବେହୁରା ପ୍ରମୁଖଙ୍କ ସହ ବିଭିନ୍ନ କାଉନସିଲର ଯୋଗଦେଇଥିଲେ। ସୂଚନାଯୋଗ୍ୟ, ସହରର ୨୦ଟି ୱାର୍ଡର ଲୋକେ ଏହି ପ୍ରକଳ୍ପ ଦ୍ୱାରା ଉପକୃତ ହେବେ। ଲୋକାର୍ପଣ କାର୍ଯ୍ୟକ୍ରମକୁ ସାଧାରଣ ଜନତା ଦେଖିବା ପାଇଁ ସହରର ବିଜୁ କଲ୍ୟାଣ ମଣ୍ଡପ, ସୁବାସ ଛକ ତଥା ରବାନି ଛକଠାରେ ଏଲଇଡି ପ୍ରୋଜେକ୍ଟର ଲାଗିଥିଲା।




ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ଲୋକାର୍ପିତ ଅବସରରେ ଜଣେ ବ୍ୟକ୍ତି ପାଣି ପଉଛନ୍ତି।

## ବିଜେଡି ଜିଲା ସଭାପତିଙ୍କୁ ସମ୍ବର୍ଦ୍ଧନା

ରିଆମାଳ, (ନିରଞ୍ଜନ ବେହେରା): ଦେବଗଡ ଜିଲା ରିଆମାଳ ସଦର ମହକୁମାର ନୂତନ ଜଗନ୍ନାଥ ମନ୍ଦିର ପରିସରରେ ନୂତନ ବିଜେଡି ଜିଲା ସଭାପତି ଇଂ. ଚିତରନ ପ୍ରଧାନଙ୍କୁ ମନ୍ଦିର କମିଟି ତରଫରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଆଗାମୀ ଦିନରେ ଜିଲା ସଭାପତି ସମସ୍ତ ବର୍ଗର କାର୍ଯ୍ୟକର୍ତ୍ତାଙ୍କ ସହିତ କାର୍ଯ୍ୟକରି ଦଳକୁ ଆଗକୁ ନେବା ପାଇଁ ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ଦିର କମିଟି ସଦସ୍ୟ ଶିକ୍ଷକ ନାରାୟଣ ବିଶ୍ୱାଳ, ରିଙ୍କୁ ନାୟକ, ବିରେନ କୁମାର ପ୍ରଧାନ, ଜଗା ରାଉତ ପ୍ରମୁଖଙ୍କ ସହିତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବିଜେଡି ପାଳିଲା ଗୋପବନ୍ଧୁ ଜୟନ୍ତୀ

ଦେବଗଡ଼,୯।୧୦
(ଶଶାଙ୍କ ଶେଖର ଝାଙ୍କର )

ଦେବଗଡ ଜିଲା ବିଜୁ ଜନତା ଦଳ କାର୍ଯ୍ୟାଳୟରେ ସୋମବାର ସନ୍ଧ୍ୟାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ସଭା ପାଳିତ ହୋଇଯାଇଛି। ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଜୟନ୍ତୀ ସଭାରେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ଜିଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳୀ ସାମଲ, ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଇଂ. ସୁଜିତ କୁମାର ପ୍ରଧାନ, ତିଲେଇବଣି ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିଭୂତି ଗଙ୍ଗଦେବ, ପୂର୍ବତନ ଜିଲା ପରିଷଦ ସଦସ୍ୟା ପାର୍ବତୀ ସାହୁ, ଜିଲା ମହିଳା ବିଜେଡି ସଭାନେତ୍ରୀ ଅରୁଣି ପ୍ରଧାନ, ରାଜ୍ୟ ମହିଳା ବିଜେଡି ସମ୍ପାଦିକା ଅର୍ଚ୍ଚନା ପ୍ରଧାନ, ଜିଲା ମହିଳା ବିଜେଡି ସମ୍ପାଦିକା ଶକୁନ୍ତଳା ପ୍ରଧାନ, ବରିଷ୍ଠ ଆଇନଜୀବୀ ରଞ୍ଜନ କୁମାର ସାହୁ ଓ କାମାକ୍ଷା ଗଙ୍ଗଦେବ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ସୁଷମା ବେହେରା, ଜିଲା ଯୁବ ବିଜେଡି ସଭାପତି ପ୍ରତାପ ଦେବ, ଜିଲା ଛାତ୍ର ବିଜେଡି ସଭାପତି ଭବାନୀ ଶଙ୍କର ସାହୁ, ବାରକୋଟ ବ୍ଲକ ବିଜେଡି ଭାପତି ହୀରାଲାଲ ସାହୁ, ବରିଷ୍ଠ ସଦସ୍ୟ ଦିଲ୍ଲୀପ କୁମାର ପାତ୍ର, କ୍ଷୀରୋଦ ବେହେରା, ନଗର ଯୁବ ବିଜେଡି ସଭାପତି ଶରତ ମେହେର, ମାନସ କୁମାର ପ୍ରଧାନ, ଅଲେଖ ନାୟକ, ପୂର୍ବତନ ସରପଞ୍ଚ କ୍ଷତ୍ରବାସୀ ପ୍ରଧାନ ଓ ପ୍ରକାଶ କୁମାର ପ୍ରଧାନଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ରହି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ର ଦାନ ଏବଂ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ତାଙ୍କର ସ୍ମୃତିଚାରଣ କରିଥିଲେ। ସଭା ପୂର୍ବରୁ ଦଳର ରାଜ୍ୟ ସମ୍ପାଦକ ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ କର୍ମୀ ସ୍ଥାନୀୟ ଗୋପବନ୍ଧୁ ଛକ ସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ସଚେତନ ହେଲେ ସାଇବର ଅପରାଧ କମିବ



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ପୁରସ୍କୃତ ଛାତ୍ରୀଛାତ୍ର।

ବ୍ରଜରାଜନଗର,୯।୧୦(ବିଜୟ ବରାଡ)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ପକ୍ଷରୁ ସୋମବାର ସାଇବର ସୁରକ୍ଷା ସଚେତନତା ରଥ ପରିକ୍ରମା କରିଛି। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହିଲଟପ କଲୋନୀ ଡିଏଭି ସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଲମ୍ବୋଦର ବୁଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ଜନସାଧାରଣ କିପରି ସାଇବର ଠକେଇର ଶିକାର ହେଉଛନ୍ତି ସେ ବିଷୟରେ କହିବା ସହ ଏଥିରୁ ବର୍ତ୍ତିବା ପାଇଁ ବିଭିନ୍ନ ଉପାୟ ବତାଇଥିଲେ। ଜିଲା ପୋଲିସ ମୁଖ୍ୟାଳୟ ଡିଏସ୍‌ପି ଲଳିତା ଲାକ୍ରା, ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ଥାନା ଅଧିକାରୀ ଧବଳେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଇବ୍ ଭେଲି ଏରିଆ ଡିଏଭି ସ୍କୁଲ ଓ ବ୍ରଜରାଜନଗର ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ରବୀନ୍ଦ୍ର ଭବନଠାରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଇବ୍ ଭେଲି ଏରିଆ ମହାପ୍ରବନ୍ଧକ ଆର୍.ଏସ୍. ଗୁପ୍ତା, ଡିଏଭି ସ୍କୁଲ ଅଧ୍ୟକ୍ଷ ପି.କେ. ନାୟକ ଅତିଥି ଭାବେ ଯୋଗଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ



ବ୍ରଜରାଜନଗରଠାରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତାମାନେ।

ବ୍ରଜରାଜନଗର,୯।୧୦(ବିଜୟ ବରାଡ)

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୬ତମ ଜୟନ୍ତୀ ସୋମବାର ବ୍ରଜରାଜନଗରଠାରେ ପାଳିତ ହୋଇଯାଇଛି। ଗୋପବନ୍ଧୁ ଛକସ୍ଥିତ ଉତ୍କଳମଣୀଙ୍କ ପ୍ରତିମୂର୍ତ୍ତିରେ ବିଭିନ୍ନ ସଂଗଠନ, ରାଜନୈତିକ ଦଳ ଓ ବ୍ୟକ୍ତି ବିଶେଷଙ୍କ ତରଫରୁ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ବରିଷ୍ଠ ନାଗରିକ ରବୀନ୍ଦ୍ର ଦୀକ୍ଷିତ, ଉପନ ଚରଣ ସାହୁ, ପୂର୍ବତନ କାଉନସିଲର ସତ୍ୟାନନ୍ଦ ଦାସ, ବିଜେଡ଼ି ନଗର ସଭାପତି ରାଧାକାନ୍ତ ପ୍ରଧାନ, ନୃପ ତାଣ୍ଡି, ସୁବ୍ରତ ବସ୍ତିଆ, ରଞ୍ଜନ ପଟେଲ, ରାଜୁ ମହାନନ୍ଦ, ଶିବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କ୍ଷୀରୋଦ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଦେବଗଡ଼,୯।୮(ଶଶାଙ୍କ ଶେଖର ଝାଙ୍କର)



ଜିଲାପାଳ ଅଭିଯୋଗ ଶୁଣୁଛନ୍ତି।

ତିଲେଇବଣି ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଦେବଗଡ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ମୋଟ ୨୦ଟି ଅଭିଯୋଗର ଶୁଣାଣି କରିବା ସହ ଏଗୁଡିକର ତୁରନ୍ତ ସମାଧାନ ପାଇଁ ଉପସ୍ଥିତ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ୨୦ଟି ଅଭିଯୋଗ ମଧ୍ୟରେ ୫ଟି ବ୍ୟକ୍ତିଗତ ଏବଂ ୧୫ଟି ସାମୂହିକ ସମସ୍ୟା ଉପରେ ଆଧାରିତ ଥିଲା। ମୁଖ୍ୟତଃ ରାସ୍ତା, ଭତ୍ତା, ରାସନ କାର୍ଡ ଓ ଆବାସ ଗୃହ ଉପରେ ଜନସାଧାରଣ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଶିବିରରେ ଜିଲା ଆରକ୍ଷୀ ଅଧିକ୍ଷକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ବନଖଣ୍ଡ ଅଧିକାରୀ ମଗର ଧାନାଜୀ ରାଓସୋ, ଜିଲା ପରିଷଦର ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଜିଲା ମୁଖ୍ୟ କୃଷି ଅଧିକାରୀ ମନୋରଞ୍ଜନ ମଣ୍ଡଳ, ଉଦ୍ୟାନ ବିଭାଗ ଉପ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ ଓ ତିଲେଇବଣି ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀଣୀ ପ୍ରିୟଦର୍ଶିନୀ ମୀର୍ଦ୍ଧାଙ୍କ ସମେତ ଜିଲାର ପ୍ରାୟ ସମସ୍ତ ବିଭାଗର ଜିଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ମଦ ଜବତ, ଜଣେ ଗିରଫ

ଦେବଗଡ,୯।୧୦(ଶଶାଙ୍କ ଶେଖର ଝାଙ୍କର)

ଦେଶୀ ରନ୍ଧା ମଦ ଚୋରା ଚାଲାଣ ହେଉଥିବା ବେଳେ ଦେବଗଡ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଏହାକୁ ଜବତ କରାଯାଇଛି। ଏଥିରେ ବ୍ୟବହୃତ ଏକ ସ୍କୁଟିକୁ ମଧ୍ୟ ଜବତ କରାଯାଇଛି। ଏଥିସହ ଚୋରା ଚାଲାଣକାରୀ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ମହିଳା ଜଣକ ପୌରାଞ୍ଚଳ ପ୍ରଧାନସାହିର କଇଁତା ମୁଣ୍ଡା(୪୩)। ଅବକାରୀ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କଇଁତା ପ୍ଲାଷ୍ଟିକ ଜାର ଓ ଟି ବୋତଲରେ ୧୨ ଲିଟର ଦେଶୀ ରନ୍ଧାମଦ ଏକ ବ୍ୟାଗରେ ଭର୍ତ୍ତି କରି କଇଁତା ସ୍କୁଟି ଯୋଗେ ଚୋରାଚାଲାଣ କରୁଥିଲେ। ସୂଚନାପାଇ ଅବକାରୀ ଇନ୍ସପେକ୍ଟର ମଧୁସୂଦନ ସାହୁଙ୍କ ନେତୃତ୍ୱରେ ବିଭାଗୀୟ ଏଏସଆଇ ରାଜକିଶୋର ସାହୁ ଓ ଅନ୍ୟ କର୍ମଚାରୀ ଭୋର ୫ ଟାରେ ରଜାମୁଣ୍ଡା ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ତାଙ୍କୁ ଅଟକାଇ ଯାଞ୍ଚ କରିଥିଲେ।

## କଂଗ୍ରେସର ଘରେ ଘରେ ହାତ କାର୍ଯ୍ୟକ୍ରମ

ଦେବଗଡ,୯।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା କଂଗ୍ରେସ କମିଟି ପକ୍ଷରୁ ସୋମବାର ରିଆମାଳ ବ୍ଲକର ଖିଲେଇ, ନୁଆଁଡିହୀ ଓ ଗୁଣ୍ଡିଆପାଲି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଘରେ ଘରେ କଂଗ୍ରେସ ଘରେ ଘରେ ହାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ସେମ୍ ହେମ୍ବ୍ରମଙ୍କ ନେତୃତ୍ୱରେ ବହୁ କଂଗ୍ରେସ ନେତା ଓ କର୍ମୀ ୩ଟି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଜିଲା ପ୍ରତି ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ଉପରେ ଲୋକଙ୍କୁ ବୁଝାଇବା ସହ ଆଗାମୀ ନିର୍ବାଚନରେ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଜନସାଧାରଣଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୧୫ ତାରିଖ ଯାଏଁ ଚାଲିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଲୋକଙ୍କ ସହିତ ନେତାମାନେ ଯୋଡି ହେବା ପାଇଁ ନିର୍ବାଚନ ପୂର୍ବରୁ କଂଗ୍ରେସ ଦଳ ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନ କରିଛି। ଦଳୀୟ ନେତା ଓ କର୍ମୀ ଘରକୁ ଘର ଯାଇ ଲିଫଲେଟ ବାଣ୍ଟିବା ସହ ବିଭିନ୍ନ ସମସ୍ୟାକୁ ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରୁଛନ୍ତି। ସେହିପରି ବିଭିନ୍ନ ଗ୍ରାମବାସୀଙ୍କୁ ଲିଫଲେଟ ବଣ୍ଟନ କରି ଦଳ ପକ୍ଷରୁ ସଚେତନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରିଆମାଳ ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ କୁମାର ସ୍ୱାଇଁ, ଜିଲା ଯୁବ କଂଗ୍ରେସ ସଭାପତି ସଲମାନ ହେନେଜ, ଜିଲା ଛାତ୍ର କଂଗ୍ରେସ ସଭାପତି ଆନନ୍ଦ କୁଲା, ଦେବେନ୍ଦ୍ର ଗଡନାୟକ, ନରୋତମ ବେହେରା, ମଦନ ମୋହନ ସାହ, ଲିଙ୍ଗରାଜ ଭୋଇ ଓ ପଞ୍ଚୁ ଉଦାବରଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ସାମିଲ ଥିଲେ।

## ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟ ପ୍ରସ୍ତୁତି ବୈଠକ





ମଞ୍ଚାସୀନ କ୍ଲବ ସଭାପତି ଓ ଅନ୍ୟମାନେ।

ଦେବଗଡ଼,୯।୧୦ (ଶଶାଙ୍କ ଶେଖର ଝାଙ୍କର)

ବମଣ୍ଡା କପ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବସନ୍ତ ନିବାସ ଠାରେ କ୍ଲବ ସଭାପତି ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୩୩ତମ କ୍ରିକେଟ ଟୁର୍ନାମେଣ୍ଟ ଉପରେ ଆଲୋଚନା ହୋଇଥିଲା। ଏହି ପ୍ରତିଯୋଗିତା ଡିସେମ୍ବର ଶେଷ ସପ୍ତାହରେ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଉପ ସଭାପତି ଅଶୋକ କୁମାର ନନ୍ଦ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଇ. ସୁଜିତ କୁମାର ପ୍ରଧାନ ଟୁର୍ନାମେଣ୍ଟ ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ମୋତିଲାଲ ଶର୍ମା ଆୟ ବ୍ୟୟ ହିସାବପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ନବୀନ କୁମାର ପାଣି, ଉପ ସଭାପତି ସତ୍ୟ ନାରାୟଣ ପାଣି, ପ୍ରଭାତ ପ୍ରଧାନ, ପ୍ରବୀଣ ଆଚାର୍ଯ୍ୟ, ସନ୍ତୋଷ କୁମାର ଦେବତା, ବେଣୁଧର ଗଡ଼ନାୟକ, ପ୍ରଦ୍ୟୁମ୍ନ ଭୁକ୍ତା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୈଠକରେ ବିବେକାନନ୍ଦ ଦାସ, ପ୍ରଫୁଲ୍ଲ ନାୟକ, ସୁଶୀଳ ନାୟକ, ଦିଲ୍ଲୀପ ବେହେରା, ବିଦ୍ୟା ମହାପାତ୍ର, ବସନ୍ତ ବେହେରା, ଅଭୟ ନନ୍ଦ, ଅଶୋକ ଅଗ୍ରୱାଲ, ଭୋଳା ନାଥ ଦାସ, ହରେକୃଷ୍ଣ ସାହ, ଜୟନ୍ତ କୁମାର ସାହୁ, ଅଜିତ ମୋଦୀ, ପ୍ରଶାନ୍ତ ଦେବତା, କ୍ଷୀରୋଦ ବେହେରା, ରାଘବ ମହାରଣା, ବିଶେଶ୍ୱର ଦ୍ୱିବେଦୀ, ଦୁର୍ଯ୍ୟୋଧନ ବିଶ୍ୱାଳ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

# ତ୍ରି ଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ

ଦେବଗଡ଼,୯।୧୦(ଶଶାଙ୍କ ଶେଖର ଝାଙ୍କର)



ମଞ୍ଚାସୀନ ଅତିଥି ବୃନ୍ଦ।

ତିଲେଇବଣି ବ୍ଲକ ଛେପିଳିପାଲି ପଞ୍ଚାୟତ କଦଳୀପାଳ ଗ୍ରାମରେ ବଜରଙ୍ଗୀ କ୍ଲବ ଆନୁକୂଲ୍ୟରେ ଗତ ୭ ତାରିଖଠାରୁ ଆରମ୍ଭ ହୋଇଥିବା ତ୍ରି ଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଆୟୋଜକ ବଜରଙ୍ଗୀ କ୍ଲବ ଓ କୁଣ୍ଡାପିଠା ଫୁଟ୍‌ବଲ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। କୁଣ୍ଡାପିଠା ଫୁଟ୍‌ବଲ ଦଳକୁ ଟାଇବ୍ରେକର ଜରିଆରେ ୫-୪ ଗୋଲରେ ପରାସ୍ତ କରି ଆୟୋଜକ ବଜରଙ୍ଗୀ କ୍ଲବ ଚାମ୍ପିୟନ ହୋଇଥିଲା। ମ୍ୟାଚ ଗୁଡିକୁ ରେଫରୀଭାବେ କେଦାର ମୁଣ୍ଡା, ଜନସନ ସ୍ୱାଇଁ, ସୁଜ୍ଞାନୀ ବେହେରା, ଜୀବନ ସ୍ୱାଇଁ ଓ କିରଣ ପ୍ରଧାନ ପରିଚାଳନା କରିଥିଲେ। ଭାଷ୍ୟକାର ପ୍ରଫୁଲ୍ଲ ସାହୁ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ସଂଧ୍ୟାରେ ବଜରଙ୍ଗୀ କ୍ଲବ ସଭାପତି ବେଣୁଧର ମନହୀରାଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନୀତ ଅତିଥିଭାବେ ଆଇନଜୀବୀ ସିଦ୍ଧେଶ୍ୱର ଗୁରୁ ଓ ଛେପିଳିପାଲି ସରପଞ୍ଚ ଚନ୍ଦନଲାଲ ଶବର ଯୋଗଦେଇ ଚାମ୍ପିୟାନ ବଜରଙ୍ଗୀ କ୍ଲବ ଓ ରନର୍ସ ଅପ୍ କୁଣ୍ଡାପିଠା ଫୁଟ୍‌ବଲ ଦଳକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ବଜରଙ୍ଗୀ କ୍ଲବର ସମ୍ପାଦକ କପିଳା ଶବରଙ୍କ ସମେତ ସମସ୍ତ ସଦସ୍ୟ ଏବଂ ଗ୍ରାମବାସୀ ସକ୍ରିୟ ସହଯୋଗ କରିଥିଲେ।

## କପଡ଼ା ଦୋକାନରୁ ଚୋରି, ଯୁବକ ଗିରଫ

ଦେବଗଡ, ୯।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଟାଉନ ହଲ ସମ୍ମୁଖରେ ଥିବା ଏକ ଅସ୍ଥାୟୀ କପଡା ଦୋକାନରୁ ଚୋରି ଅଭିଯୋଗରେ ଆଦର୍ଶ ଥାନା ପୋଲିସ ଜାଙ୍ଗଲିକୁଦର ଗ୍ରାମର ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜାଙ୍ଗଲିକୁଦର ଗ୍ରାମର ରିଙ୍କୁ ନାୟକ। ଶନି ମନ୍ଦିର ନିକଟରେ ତାଙ୍କର ଏକ ଚା' ଦୋକାନ ରହିଥିବା ପୋଲିସ କହିଛି । ସୂଚନା ଅନୁଯାୟୀ ଦେବଗଡ ପୌରାଞ୍ଚଳ ଲାଲୁସାହିର ଭାଗବତ ପ୍ରସାଦ ୩ ନମ୍ବର ୱାର୍ଡ ମଠସାହିରେ ଏକ ଭଡାଘରେ ରହନ୍ତି। ଗଣେଶ ପୂଜା ଅବସରରେ ସ୍ଥାନୀୟ ଟାଉନ ହଲ ସମ୍ମୁଖରେ ସେ ଏକ ଅସ୍ଥାୟୀ କପଡା ଦୋକାନ ଖୋଲିଥିଲେ। ରାତିରେ ଦୋକାନ ବନ୍ଦ ହେଲା ପରେ ଭାଗବତ ଦୋକାନ ଭିତରେ ହିଁ ଶୋଇ ପଡନ୍ତି । ମାତ୍ର ଗତ ୭ ତାରିଖ ରାତିରେ ଅସୁସ୍ଥତା କାରଣରୁ ଦୋକାନ ବନ୍ଦ କରି ଘରକୁ ପଳାଇଥିଲେ । ଏହାର ସୁଯୋଗ ନେଇ କେହି ବିଳମ୍ବିତ ରାତିରେ ଉକ୍ତ ଅସ୍ଥାୟୀ ଦୋକାନ ପଛପଟେ ପଶି ୩୫ ହଜାର ୨୦୦ ଟଙ୍କାର ଲେଡିଜ କୁର୍ତି, ଶାର୍ଟ, ଟ୍ରାଉଜର ଆଦି ପୋଷାକ ଚୋରି କରି ନେଇଥିଲେ। ୮ ତାରିଖ ସକାଳେ ଦୋକାନରୁ ଚୋରି ହୋଇଥିବା ଜାଣିବା ପରେ ଭାଗବତ ସେହି ରାତ୍ରିରେ ଘରକୁ ନଯାଇ ଦୋକାନରେ ଶୋଇଥିଲେ। ବିଳମ୍ବିତ ରାତି ପ୍ରାୟ ୧ଟାରେ ରିଙ୍କୁ ଦୋକାନରେ ପଶି ୮ଟି ପାପୋଚ ଚୋରି କରି ନେଉଥିବା ବେଳେ ଭାଗବତଙ୍କ ନିଦ ଭାଙ୍ଗି ଯାଇଥିଲା ଏବଂ ସେ ଚୋରକୁ କାବୁ କରି ନେଇଥିଲେ । ଭାଗବତ ଏନେଇ ଦେବଗଡ ଥାନା ପୋଲିସ ଜଣାଇବା ସହ ରିଙ୍କୁ ନାୟକଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ । ଆଦର୍ଶ ଥାନା ପୋଲିସ ଏକ ମାମଲା ରୁଜୁ କରିବା ସହ ରିଙ୍କୁ ପାଖରୁ ୮ଟି ପାପୋଚ ଉଦ୍ଧାର କରିବା ସହ ତାଙ୍କୁ ଗିରଫ କରିଛି ।

## ଆନ୍ଦୋଳନ ପାଇଁ ଜିଲା ମିଳିତ ଅମଲା ମଞ୍ଚର ପ୍ରସ୍ତୁତି ବୈଠକ

ଦେବଗଡ଼,୯।୧୦(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ଟାଉନ ହାଇସ୍କୁଲଠାରେ ଦେବଗଡ ଜିଲା ମିଳିତ ଅମଲା ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅମଲା ମଞ୍ଚର ଆବାହକ କମଳାପତି ସାହୁଙ୍କ ଆବାହକତ୍ୱ ଓ ସଭାପତି ଗିରିଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଜିଲାର ବହୁ ସଂଖ୍ୟକ ଅମଲା ଯୋଗଦେଇ ସେମାନଙ୍କ ବିଭିନ୍ନ ସମସ୍ୟା ଓ ଦାବି ଉପରେ ଆଲୋଚନା କରିଥିଲେ। ଉକ୍ତ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ପୂର୍ବରୁ ଆନ୍ଦୋଳନ ଚାଲିଥିଲା। ସରକାରଙ୍କ ପ୍ରତିଶ୍ରୁତି ପରେ ଏହି ଆନ୍ଦୋଳନକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଥିଲା। ମାତ୍ର ଇତି ମଧ୍ୟରେ ୩ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ଦାବି ପୂରଣ ହୋଇ ନ ଥିବାରୁ ଅମଲା ମଞ୍ଚର ସଦସ୍ୟାସଦସ୍ୟ ମାନେ ଏହି ବୈଠକରେ କ୍ଷୋଭ ପ୍ରକାଶ କରିବା ସହ ଆଗାମୀ ଦିନରେ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବାକୁ ସର୍ବ ସମ୍ମତି କ୍ରମେ ମତ ଉପସ୍ଥାପନ କରିଥିଲେ। ଜିଲା ଅମଲା ମଞ୍ଚ ସଭାପତି ସାହୁ ଓ ମୁଖ୍ୟ ଉପଦେଷ୍ଟା ପ୍ରଶାନ୍ତ କୁମାର ପ୍ରଧାନ ଆଗାମୀ ୧୧ ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସ୍ତରୀୟ ବୈଠକରେ ଏହି ପ୍ରସ୍ତାବ ଉପସ୍ଥାପନ କରିବାକୁ ଉକ୍ତ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଅନ୍ୟତମ ଉପଦେଷ୍ଟା ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ବିଭୂତୀ ଭୂଷଣ ସାହୁ, ଜିଲା ମିଳିତ ଅମଲା ମଞ୍ଚର ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ପ୍ରଧାନ ଓ ଜିଲା ରାଜସ୍ୱ ଅମଲା ସଂଘ ସାଧାରଣ ସମ୍ପାଦକ ଅଜୟ ଖଡିଆ ପ୍ରମୁଖ ମଞ୍ଚାସୀନ ଥିଲେ।

## ରାହାସ ଯାତ୍ରା ପ୍ରସ୍ତୁତି: ନୂତନ କର୍ମକର୍ତ୍ତା ଚୟନ

ଦେବଗଡ଼,୯।୧୦(ଶଶାଙ୍କ ଶେଖର ଝାଙ୍କର)

ରାହାସ ଯାତ୍ରା ପାଇଁ ଦେବଗଡ ପୌରାଞ୍ଚଳ ୧ ନମ୍ବର ୱାର୍ଡ ଭିତିରିଆସାହି ଗୋପୀକିଶୋର ଆସୋସିଏଶନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିସହ ନୂତନ କର୍ମକର୍ତ୍ତା ମନୋନୟନ ମଧ୍ୟ ଅନୁଷ୍ଠିତ ହୋଇଛି। ଆସୋସିଏଶନର ଉପଦେଷ୍ଟା ବିରେନ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ରହି ଗତବର୍ଷ ରାହାସ ଯାତ୍ରାର ଆୟବ୍ୟୟ ସମ୍ବନ୍ଧିତ ହିସାବ ଉପସ୍ଥାପନ କରିବା ସହ ଚଳିତ ବର୍ଷ ଏହି ଯାତ୍ରାକୁ କିଭଳି ଅଧିକ ଆକର୍ଷଣୀୟ ଏବଂ ଯାକଜମକର ସହିତ ଆୟୋଜନ କରାଯିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଆୟୋଜକ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ବିବେକାନନ୍ଦ ଦାସ, ଉପସଭାପତି ଭାବେ ସୁଶାନ୍ତ କୁମାର ନାୟକ, ସମ୍ପାଦକ ବିକାଶ ନାୟକ,ସହ ସମ୍ପାଦକ ବାଦଲ ଦାସ, କୋଷାଧ୍ୟକ୍ଷ ସିକୁନ ନାୟକ, ସହ କୋଷାଧ୍ୟକ୍ଷ ଆଲୋକ କୁମାର ପାତ୍ର, ସାଂସ୍କୃତିକ ସମ୍ପାଦକ ପ୍ରଭାତ କୁମାର ସାହ, ସହ ସାଂସ୍କୃତିକ ସମ୍ପାଦକ ମୋହନ ଦେହୁରୀ, ପୂଜାମଣ୍ଡପ ସମ୍ପାଦକ ଭାବେ ଅହିଂସା ନାୟକ ଓ କୀର୍ତ୍ତନ ସମ୍ପାଦକ ଭାବେ ଲିଟନ ନାୟକଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ବିରେନ କୁମାର ନାୟକ, କିଶୋର କୁମାର ଦାସ, ସୁବାସ ଚନ୍ଦ୍ର ଭୋଇ, ଉଦୀପ୍ତ ନାୟକ ଓ ଅଜିତ ମୋଦିଙ୍କୁ ମନୋନୀତ କରାଯାଇଥିଲା।



ବୈଠକରେ ଉପସ୍ଥିତ ଗୋପୀକିଶୋର ଆସୋସିଏଶନର ସଦସ୍ୟ ।

# ରାଜ୍ୟସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ

### ବିଜୟଲକ୍ଷ୍ମୀ ଫୁଟ୍‌ବଲ କ୍ଲବ ଚାମ୍ପିୟନ

ଦେବଗଡ଼,୯।୧୦( ଶଶାଙ୍କ ଶେଖର ଝାଙ୍କର)





ବାରକୋଟ ବ୍ଲକ ବଲଣ୍ଡା ପଞ୍ଚାୟତ ଗୋପପୁର ଗ୍ରାମରେ ରାଧାକୃଷ୍ଣ କ୍ଲବ ଆନୁକୂଲ୍ୟରେ ଗତ ୪ ତାରିଖ ଠାରୁ ଆରମ୍ଭ ହୋଇଥିବା ପଞ୍ଚ ଦିବସୀୟ ରାଜ୍ୟ ସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଝରାକଣ୍ଟେଲ ବିଜୟଲକ୍ଷ୍ମୀ ଫୁଟ୍‌ବଲ କ୍ଲବ ଓ ମଞ୍ଜେଶ୍ୱର ସିଟି ଫୁଟ୍‌ବଲ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମଞ୍ଜେଶ୍ୱର ସିଟି ଫୁଟ୍‌ବଲ କ୍ଲବକୁ ପରାସ୍ତ କରି ବିଜୟଲକ୍ଷ୍ମୀ ଫୁଟ୍‌ବଲ କ୍ଲବ ଚାମ୍ପିୟନ ହୋଇଥିଲା। ମ୍ୟାଚ ଗୁଡିକୁ ରେଫରୀ ଭାବେ ଅନୁଗୁଳ ଜିଲାର ଈଶ୍ୱର ବେହେରା ଓ ଭୋଲେଶ୍ୱର ଗାଗରାଇ, ଭୁବନେଶ୍ୱରର ଆଲୋକ ଦେହୁରୀ, ମୟୂରଭଞ୍ଜ ଜିଲାର ଧନେଶ୍ୱର ପାତ୍ର, ବରଗଡର ନିରଞ୍ଜନ ମହାକୁର, କନ୍ଧମାଳର ସୁଜିତ ରାଜହଂସ ପ୍ରମୁଖ ପରିଚାଳନା କରିଥିଲେ। ଫକୀର ମୋହନ ଦଳବେହେରା, ଅଭୟ ନାୟକ, ଧରଣୀଧର ପ୍ରଧାନ ଓ ଗୁଲୁ ସାହୁ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ସଂଧ୍ୟାରେ ଆୟୋଜକ ରାଧାକୃଷ୍ଣ କ୍ଲବ ସଭାପତି ରିଙ୍କୁ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସରପଞ୍ଚ ମହାସଂଘର ମୁଖ୍ୟ ପରାମର୍ଶଦାତା ତଥା ଦେବଗଡ ଜିଲା ସରପଞ୍ଚ ସଂଘର ସଭାପତି ସତ୍ୟ ନାରାୟଣ ପାଣି, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସହସ୍ୟା ଗିତାଞ୍ଜଳୀ ପାଣି ଓ ମୁଖ୍ୟବକ୍ତା ଭାବେ ସାମୁଏଲ ସୋଏ ଯୋଗଦେଇ ଚାମ୍ପିୟନ ବିଜୟଲକ୍ଷ୍ମୀ ଫୁଟ୍‌ବଲ କ୍ଲବକୁ ଟ୍ରଫି ସହ ନଗଦ ୭୦ ହଜାର ଟଙ୍କା ଓ ରନର୍ସ ଅପ ମଞ୍ଜେଶ୍ୱର ସିଟି ଫୁଟ୍‌ବଲ କ୍ଲବକୁ ଟ୍ରଫି ସହ ନଗଦ ୬୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ଭାବେ କ୍ଷେତ୍ରବାସୀ ଦଳବେହେରା ଓ ଅର୍ଜୁନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତା ଆୟୋଜନରେ ହିମାଂଶୁ ସାହୁ, ବସନ୍ତ ସାହୁ ,ବିରେନ ସାହୁ, ଯୋଗେଶ ସାହୁ, ଭୋଳେଶ୍ୱର ସାହୁ, ଧରଣୀଧର ସାହୁ, ମହେଶ୍ୱର ସାହୁ ଓ ଗହ୍ଣା ମହାନ୍ତ, ଦିଲ୍ଲୀପ ସାହୁଙ୍କ ସମେତ ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ଆୟୋଜକ ରାଧାକୃଷ୍ଣ କ୍ଲବର ସମ୍ପାଦକ ଶିବାନୀ ଶଙ୍କର ପାଣି ଧନ୍ୟବାଦ ଅର୍ପଣ କରିଥିଲେ ।



ଛେଣ୍ଡ କଲୋନୀ ସ୍ଥିତ ଗୋପବନ୍ଧୁ ପାଠାଗାର ପରିସରରେ ଗୋପବନ୍ଧୁ ପାଠାଗାରର ବିଂଶତମ ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

# ଭାଷାକୁ ଆହରଣ କଲେ ସମୃଦ୍ଧ ହୁଏ

## ଗୋପବନ୍ଧୁ ପାଠାଗାରର ବାର୍ଷିକୋତ୍ସବ ପାଳିତ

ରାଉରକେଲା,୯।୧୦(ଦିନେଶ ମିଶ୍ର)

ଛେଣ୍ଡ କଲୋନୀ ସ୍ଥିତ ଗୋପବନ୍ଧୁ ପାଠାଗାର ପରିସରରେ ରାଉରକେଲାର ଅଗ୍ରଣୀ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ଗୋପବନ୍ଧୁ ପାଠାଗାରର ବିଂଶତମ ବାର୍ଷିକୋତ୍ସବ ସୋମବାର ମହାସମାରୋହରେ ପାଳିତ ହୋଇଛି। ଉତ୍ସବର ପ୍ରଥମ ଦିନରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅମୀୟ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଆର୍‌ଏସ୍‌ପି ଜନସମ୍ପର୍କ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଅର୍ଚ୍ଚନା ଶତପଥୀ, ଅବସରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଭାରତ ଭୂଷଣ ମହାନ୍ତି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଶିକ୍ଷାବିତ୍ ଦାସ ବେନହୁର ମୁଖ୍ୟବକ୍ତା ଭାବେ ଯୋଗଦେଇ ଉତ୍ସବର ଆଭିମୁଖ୍ୟ ଉପରେ ମତପ୍ରକାଶ କରିଥିଲେ। ସଭାପତି ନବଘନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କବି ରାଜୀବ ପାଣି ମଞ୍ଚ ପରିଚାଳନା କରିଥିଲେ। ପାଠାଗାର ସାଧାରଣ ସମ୍ପାଦକ ହରିହର ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ।

ଭାଷା ହେଉଛି ଏକ ନଦୀ ଯାହାର ବହୁ ଶାଖା ପ୍ରଶାଖା ଥାଏ । ବିଭିନ୍ନ ସ୍ରୋତରୁ ଅନ୍ୟ ଭାଷାକୁ ଆହରଣ କରି ଏହା ସମୃଦ୍ଧ ହୋଇଥାଏ । ଭୌଗୋଳିକ ପରିବେଶର ପରିବର୍ତ୍ତନରେ ଭାଷା ବଦଳିଥାଏ ମାତ୍ର ଅକ୍ଷର ହେଉଛି ବ୍ରହ୍ମ। ଏହାର ସ୍ୱରୂପ ବଦଳିଲେ ମଧ୍ୟ ଏହା ଚିରସ୍ଥାୟୀ ବୋଲି ମୁଖ୍ୟ ବକ୍ତା ଦାସ ବେନହୁର ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ପାଠାଗାରର ମୁଖପତ୍ର 'ପ୍ରବାହ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଙ୍ଗୀତଜ୍ଞ ସୁଶାନ୍ତ ପାଣି ଓ ସହଯୋଗୀ ଇନ୍ଦ୍ରାଣୀ ସରକାର, ପ୍ରଦୀପ ପଣ୍ଡା ଭକ୍ତି ସଙ୍ଗୀତ ପରିବେଷଣ କରିଥିବାବେଳେ ବାଦ୍ୟଯନ୍ତ୍ରରେ ଗୌରାଙ୍ଗ ଛୋଟରାୟ, ସୌମ୍ୟ ଶୁଭମ ସାହୁ, ମନବୋଧ ମିଶ୍ର ସହଯୋଗ କରିଥିଲେ। ପାଠାଗାରର ବରିଷ୍ଠ ସଦସ୍ୟ ବିଭୂତି ଭୂଷଣ ଦାସ, ଲକ୍ଷ୍ମଣ ନାଥ ଦାସ, ଅତୁଲ୍ୟ ମହାକୁଡ, ହରିହର ନାୟକ, କୈଳାସ ଚନ୍ଦ୍ର ସାମଲ, ବିଶ୍ୱନାଥ ଜେନା, ଆଶୋକ କୁମାର ଶୁକ୍ଳ, ରାଜକୁମାର ମହାନ୍ତି, ସୁରେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ଗିରିଜା ଶଙ୍କର ଗୋସ୍ୱାମୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଇବର ସଚେତନତା କାର୍ଯ୍ୟକ୍ରମ

ସୁନ୍ଦରଗଡ,୯।୧୦(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ଼ ଜିଲା ପୋଲିସ ବିଭାଗ ତରଫରୁ ସୋମବାର ତଲସରା ଥାନା ତରଫରୁ ବାଲିଶଙ୍କରା ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥାନା ଅଧିକାରୀ ପୁଷ୍ପେନ୍ଦୁ ସାଗରଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ଦାସ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ସାଇବର ପୋଲିସ ଅଧିକାରୀ ପି.କେ ସାହୁ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବେଲି ସାଜଦା ଖାଲଖୋ, ତଲସରା ଏସ୍‌ଆଇ ସୁପ୍ରଭା ସୁଦର୍ଶିନୀ ବେହେରା, କେଶବ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ କିପରି ସାଇବର ଠକଙ୍କ ଠକାମିର ଶିକାର ନ ହେବେ ସେ ବିଷୟରେ ଆଲୋକପାତ କରିଥିଲେ। ଏନେଇ ପୋଲିସ ତରଫରୁ ଏକ ନାଟକ ପରିବେଷଣ କରାଯାଇଥିଲା। ସେହିପରି କିଞ୍ଜିରକେଲା ଥାନା ତରଫରୁ ଥାନା ଅଧିକାରୀ ଅଜୟ କୁମାର ଜେନାଙ୍କ ନେତୃତ୍ୱରେ ଏହି ସଚେତନତା ରଥକୁ ଗ୍ରାମର ମହିଳା ପୁରୁଷମାନେ ସଂକୀର୍ତ୍ତନ୍ୟ ମାଧ୍ୟମରେ ସ୍ୱାଗତ କରିଥିଲେ। ପରେ କିଞ୍ଜିରକେଲା କଲେଜ ପରିସରରେ ସଚେତନ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ମଧ୍ୟ ଜିଲା ଅତିରିକ୍ତ ଏସ୍ପି ପି.କେ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ଯୁକ୍ତ୩ କଲେଜର ଅଧ୍ୟକ୍ଷ ଗୁରୁଚରଣ ମିଶ୍ର, ଯୁକ୍ତ ୨ କଲେଜ ଅଧ୍ୟକ୍ଷ ଦିଲୀପ କୁମାର ନାଏକ, ଉପାଧ୍ୟକ୍ଷା ନୀଳାବତୀ ଦାଶ, ଥାନା ଏସ୍‌ଆଇ ପ୍ରତ୍ୟୁଷ ଆଶୁତୋଷ ପ୍ରଧାନ, ସ୍ଥାନୀୟ ସରପଞ୍ଚ ବେନେଦିକା ଟପ୍ପୋ, ବନିସନ ନାଏକ, ଚିନ୍ତାମଣି ମେହେର, ପ୍ରସନ୍ନ ଟପ୍ପୋ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ର ତଥା ଜନସାଧାରଣଙ୍କୁ ସଚେତନ କରାଇଥିଲେ।



# 'ହତ୍ୟା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ'

## ଯୁବକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଘଟଣା

ଜୁନାଗଡ଼,୯।୧୦(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୟପାଟଣା ଗାନ୍ଧୀଗ୍ରାମ ପଡାର ଗୋବିନ୍ଦବଲ୍ଲଭ ନାଏକ (୨୮)ଙ୍କ ମୃତ୍ୟୁ ଦୁର୍ଘଟଣାରେ ନୁହେଁ ବଂର ହତ୍ୟା କରାଯାଇଥିବା ପରିବାର ବର୍ଗ ଓ ଗ୍ରାମବାସୀ ଅଭିଯୋଗ ଆଣିଥିଲେ। ଏହାକୁ ନେଇ ପରିବାର ବର୍ଗ ଓ ଗ୍ରାମବାସୀ ଜୟପାଟଣା-ମୋଟେର ମୁଖ୍ୟ ରାସ୍ତାକୁ ଶନିବାର ଅପରାହ୍ନରୁ ରବିବାର ବିଳମ୍ବିତ ରାତି ଯାଏ ଅବରୋଧ କରିଥିଲେ। ପୋଲିସ ଓ ପ୍ରଶାସନର ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିଲା। ଗୋବିନ୍ଦଙ୍କ ମହିଚଲା ନିକଟରେ ଗତ ୬ ତାରିଖ ରାତିରେ ବାଇକ୍ ଦୁର୍ଘଟଣା ହୋଇଥିଲେ। ଏହି ସମୟରେ ତାଙ୍କୁ ମାଡ ମରାଯାଇଥିବା ଓ ଏଥିରେ ସ୍ଥାନୀୟ ପୂର୍ବତନ ସରପଞ୍ଚ ଅଜୟ ବେହେରାଙ୍କ ହାତ ରହିଥିବା ନେଇ ପରିବାରବର୍ଗ ଅଭିଯୋଗ ଆଣିଥିଲେ। ଏପରି କି ଗୋବିନ୍ଦଙ୍କ ବାଇକ୍ ଧକ୍କାରେ ମହିଚଲା ଗ୍ରାମର ଭାରତ ମାଝି ଓ ଚୈତନ୍ୟ ମାଝି ମଧ୍ୟ ଆହତ ହୋଇଥିଲେ। ଏହି ଘଟଣା ନେଇ ସୋମବାର ମଧ୍ୟାହ୍ନରେ ମହିଚଲାସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ପୂର୍ବତନ ସରପଞ୍ଚ ଅଜୟ ବେହେରା ଏକ ଖବରଦାତା ସମ୍ମିଳନୀରେ ଗୋବିନ୍ଦଙ୍କ ମୃତ୍ୟୁ ଘଟଣାରେ ତାଙ୍କର କୌଣିସ ସମ୍ପୃକ୍ତ ନ ଥିବା କହିଥିଲେ। ଯେଉଁ ସମୟରେ ଗୋବିନ୍ଦଙ୍କ ଦୁର୍ଘଟଣା ହୋଇଥିଲା ସେ ଘଟଣାସ୍ଥଳରେ ନ ଥିଲେ। ତାଙ୍କ ଆଇଙ୍କ ମୃତ୍ୟୁ ହୋଇଥିବାରୁ ସେ ଶ୍ମଶାନକୁ ଯାଇଥିଲେ ବୋଲି କହିଥିଲେ। ଯଦି ମୃତକଙ୍କ ପରିବାର ଏହା ହତ୍ୟା ବୋଲି ଭାବୁଛନ୍ତି। ତାହାହେଲେ ପୋଲିସ ଏହି ଘଟଣାର ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି। ଖବରଦାତା ସମ୍ମିଳନୀରେ ତାଙ୍କ ସହ ମୃତ ଗୋବିନ୍ଦଙ୍କ ବାଇକ୍‌ରେ ଆହତ ଗ୍ରାମର ଭାରତ ମାଝି ଓ ଚୈତନ୍ୟ ମାଝି ମଧ୍ୟ ଉପସ୍ଥିତ ଥିଲେ। ଏ ନେଇ ଜୁନାଗଡ଼ ଥାନାରେ ଦୁର୍ଘଟଣା ଜନିତ ଏକ ମାମଲା (ନଂ.୩୭୦/୨୩) ରୁଜୁ ହୋଇଛି।

# ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦର ନୂଆଁଖାଇ ଭେଟ୍‌ଘାଟ୍



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଉରକେଲା,୯।୧୦(ସଙ୍ଗୀତା ଜେନା)

ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ପକ୍ଷରୁ ସ୍ଥାନୀୟ ସିଭିକ ସେଣ୍ଟରଠାରେ ଗଣପର୍ବ ନୂଆଁଖାଇ ଭେଟ୍‌ଘାଟ୍ ମହାସମାରୋହରେ ପାଳିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ସମ୍ବଲପୁରୀ ନୃତ୍ୟ ଗୀତ ସହ ବିଭିନ୍ନ ମନୋରଞ୍ଜନମୂଳକ କାର୍ଯ୍ୟ କରାଯାଇଥିଲା। ପରିଷଦର ପ୍ରତିଷ୍ଠାତ ସଦସ୍ୟ ନୀଳମଣି ପ୍ରଧାନ, ପୁଷ୍ପଲତା ପତି, ଯଜ୍ଞେଶ୍ୱର ମିଶ୍ର, ଡ. ଗଜେନ୍ଦ୍ର ମେହେର ପ୍ରମୁଖ ମା' ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରିଥିଲେ। ମୁଖ୍ୟ ଅତିଥି ଭାବେ ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ, ମୁଖ୍ୟ ବକ୍ତା ଭାବେ ପଦ୍ମଶ୍ରୀ ହଳଧର ନାଗ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଡ. ପ୍ରଭାତ ମଲିକଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଉପେକ୍ଷିତ ନାୟକ' ଉନ୍ମୋଚିତ ହୋଇଥିଲା। ଅଜୟ ମିଶ୍ର ଓ ଟିମ୍ ସମ୍ବଲପୁରୀ ନୃତ୍ୟ ପରବେଷଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଶ୍ରମ ମନ୍ତ୍ରୀ ସାରଦା ନାୟକ, ସମ୍ମାନିତ ଅତିଥି ଭାବେ ଆରଏସପି ଡିଆଇସି ଅତନୁ ଭୌମିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସଙ୍ଗୀତ ନିର୍ଦ୍ଦେଶକ ଦୁର୍ଗା ମାଧବ ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ପରିଷଦର ସଭାପତି ସ୍ୱରୂପ ପାଣିଗ୍ରାହୀ ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ପ୍ରକାଶ ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଡ. କିଶୋରୀ ଦାସ ଓ ଭଗବାନ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। କୁଞ୍ଜବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀକାନ୍ତ ଷଡଙ୍ଗୀ ମଞ୍ଚ ପରିଚାଳନା କରିଥିଲେ।

# ୧୫ ଅଭିଯୋଗର ତତ୍‌କ୍ଷଣାତ ସମାଧାନ

ସୁନ୍ଦରଗଡ଼/ହେମଗିର, ୯।୧୦
(ଜୟନାରାୟଣ ମେଣ୍ଟୁଲି, ଚୈତନ ପଟେଲ)

ହେମଗିର ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣାଣି କରିଥିଲେ। ମୋଟ ୯୯ଟି ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ୪୨ ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ୫୭ ସାମୂହିକ ସମସ୍ୟା ରହିଥିଲା। ୧୫ଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ଯେଉଁଥିରେ କି ୩ଟି ମୁଖ୍ୟ ମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ଆବେଦନ ରହିଥିଲା। ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟତଃ ପାନୀୟ ଜଳ ସମସ୍ୟା, ରାସ୍ତା ଘାଟ ମରାମତି, ରାସନ୍ କାର୍ଡ, ମଧୁ ବାବୁ ପେନସନ ଯୋଜନା ଆଦି ରହିଥିଲା। ଅଭିଯୋଗ ଶୁଣାଣି ସମୟରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଧୀରେନ୍ଦ୍ର ସେଠୀ, ହେମଗିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜଗଦୀଶ ମହାନନ୍ଦ ତଥା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ଅତିରିକ୍ତ ଜିଲାପାଳ, ଆରକ୍ଷୀ ଅଧିକ୍ଷକ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ସରକାରୀ ମହିଳା କଲେଜରେ ବିଜୟ ଉତ୍ସବ

ସୁନ୍ଦରଗଡ,୯।୧୦( ଜୟନାରାୟଣ ମେଣ୍ଟୁଲି)



ଭାରତୀୟ ସ୍ୱର୍ଣ୍ଣ ବିଜେତା ପୁରୁଷ ହକିଦଳକୁ ଶୁଭେଚ୍ଛା ଜଣାଇ ସୁନ୍ଦରଗଡ ସରକାରୀ ମହିଳା କଲେଜରେ ସୋମବାର ବିଜୟ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଛାତ୍ରୀ ତଥା ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଭାରତୀୟ ପୁରୁଷ ହକି ଦଳକୁ ଶୁଭେଚ୍ଛା ଜଣାଇ ଆଗାମୀ ପ୍ୟାରିସ ଅଲମ୍ପିକ୍ସରେ ସଫଳତା ପାଇଁ କାମନା କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସମାରୋହରେ ଅଧ୍ୟକ୍ଷା ଡ.କୁମୁଦିନୀ ରାଉତରାୟ ଅଧ୍ୟକ୍ଷତା କରି ପୁରୁଷ ହକି ଦଳ ଚତୁର୍ଥ ଏସୀୟ ଗେମ୍ସ ଟାଇଟଲ ହାସଲ କରିଛି। ଏହା ଆମ ପାଇଁ ଗୌରବର ବିଷୟ ବୋଲି କହିଥିଲେ। ଏସିଆ କପ ଫାଇନାଲରେ ଜାପାନକୁ ୫-୧ରେ ପରାସ୍ତ କରି ଭାରତ ଆଗାମୀ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଏକ ସୁରକ୍ଷିତ ସ୍ଥାନ ହାସଲ କରିପାରିଛି। ୧୯୨୮ ରୁ ୧୯୫୬ ପର୍ଯ୍ୟନ୍ତ ଭାରତ ବିଶ୍ୱରେ ହକିର ଅଗ୍ରଣୀ ଥିଲା। ଅଲିମ୍ପିକ୍ସରେ ଲଗାତାର ୬ ଟି ଟାଇଟଲ୍ ଜିତିଛି। ଆଜି ସୁଦ୍ଧା ଭାରତ୨୧ଟି ଅଲମ୍ପିକସ ଖେଳିଛି ବୋଲି ସେ କହିଥିଲେ। ସମଗ୍ର ବିଶ୍ୱରେ ହକିର ପଦୋନ୍ନତି ପାଇଁ ଓଡିଶାର ଅବଦାନକୁ ସ୍ୱୀକୃତି ଦିଆଯାଇଛି ବୋଲି ଅଧ୍ୟକ୍ଷା ରାଉତରାୟ କହିଥିଲେ। ସହକାରୀ ପ୍ରଫେସର ଅଜିତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମାରୋହରେ ସମସ୍ତ ଛାତ୍ରୀ ,ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଉପସ୍ଥିତ ରହି ଭାରତୀୟ ପୁରୁଷ ହକି ଦଳକୁ ଶୁଭେଚ୍ଛା ଜଣାଇଥିଲେ।

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, गढ़वा**

पत्रांक– दिनांक–

**शुद्धि पत्र**

एदत् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, गढ़वा के ई–निविदा आमंत्रण संख्या– **12/2023-24/RWD/GARHWA,** दिनांक– 29.09.2023, PR No.- **307977** द्वारा प्रकाशित निविदा की तिथि में अपरिहार्य कारणवश निम्नरूपेण परिवर्तन किया जाता है।

2. वेबसाईट में निविदा प्रकाशन की तिथि :– 07.10.2023
3. ई–निविदा प्राप्ति की अंतिम तिथि एवं समय :– 13.10.2023 अपराह्न 5.00 बजे तक।
4. (क) मुख्य अभियंता कार्यालय, ग्रामीण कार्य विभाग, अभियंत्रण भवन, कचहरी, राँची अथवा (ख) जिला नियंत्रण कक्ष, राँची अथवा (ग) जिला नियंत्रण कक्ष, गढ़वा में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समय :– 14.10.2023 अपराह्न 3.30 बजे तक।
5. निविदा शुल्क एवं अग्रधन की राशि स्पीड पोस्ट के माध्यम से भी मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन– 834001 को भेजा जा सकता है। यह निविदाकार की जिम्मेवारी होगी कि स्पीड पोस्ट के माध्यम से भेजा जाने वाला निविदा शुल्क एवं अग्रधन की राशि निर्धारित तिथि एवं समय (14.10.2023 अपराह्न 3.30 बजे तक) से पूर्व प्राप्त हो जाय। अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा।
6. निविदा खोलने की तिथि एवं समय :– 16.10.2023 अपराह्न 3.30 बजे।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है। अन्य शर्तें यथावत रहेगें।

कार्यपालक अभियंता,
ग्रामीण कार्य विभाग, कार्य प्रमण्डल, गढ़वा।

PR.NO.308666 Rural Development(23-24):D

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, राँची**

**ई-अल्पकालीन पुर्ननिविदा आमंत्रण सूचना**
(PR-306066 (REO) 23-24(D))

पत्रांक:– दिनांक–

ई–निविदा संख्या:– 06/2023-24/RWD /RANCHI

| क्रम सं0 | आईडेन्टी फिकेशन संख्या/ पैकेज संख्या | कार्य का नाम | प्राक्कलित राशि (रूपये में) | | कार्य समाप्ति की तिथि/ अवधि | टेण्डर कॉल नं0 |
|---|---|---|---|---|---|---|
| | | | अंक में | अक्षर में | | |
| 1 | RWD/EE/ RANCHI/ 06/2023-24 | खरवा टोली से प्रेम नगर भाया कुम्बाटोली तक पथ निर्माण कार्य (लं0–2.100 कि0मी0)। | 22132700.00 | दो करोड़ एक्कीस लाख बत्तीस हजार सात सौ रूपये मात्र। | 12 माह | प्रथम |
| 2 | RWD/EE/ RANCHI/ 07/2023-24 | नगड़ी बान्धेया पथ से बालालौंग भाया पिस्का तक पथ निर्माण कार्य(लं0–3.800 कि0मी0)। | 34483100.00 | तीन करोड़ चौवालीस लाख तिरासी हजार एक सौ रूपये मात्र। | 15 माह | प्रथम |
| 3 | RWD/EE/ RANCHI/ 08/2023-24 | पंचायत लालगुटवा ग्राम नयासराय कुटे में आर0ई0ओ0 रोड से धुपरा उराँव, केदारनाथ गोस्वामी के घर होते हुए नरेश बैठा के घर तक पथ निर्माण कार्य (लं0–1.600 कि0मी0)। | 14103300.00 | एक करोड़ एकतालीस लाख तीन हजार तीन सौ रूपये मात्र। | 12 माह | प्रथम |
| 4 | RWD/EE/ RANCHI/ 09/2023-24 | पंचायत सिमलिया कटहर टोली में मुण्डा मसना रिंग रोड से महाबीर मुण्डा के घर होते हुए पंचायत सचिवालय तक पथ निर्माण कार्य (लं0–1.500 कि0मी0)। | 12966200.00 | एक करोड़ उनतीस लाख छियासठ हजार दो सौ रूपये मात्र। | 12 माह | प्रथम |
| 5 | RWD/EE/ RANCHI/ 10/2023-24 | पंचायत सुण्डिल ग्राम नवासोसो में आर0ई0ओ0 रोड सामुदायिक भवन से रोड नं0–1 श्रीराम नगर के विभिन्न गलियों में पथ निर्माण कार्य (लं0–1.190 कि0मी0)। | 10367200.00 | एक करोड़ तीन लाख सरसठ हजार दो सौ रूपये मात्र। | 12 माह | प्रथम |
| 6 | RWD/EE/ RANCHI/ 11/2023-24 | पंचायत सपारोम में रिंग रोड लालगुटवा तालाब से सपारोम गाँव में बिनोद कच्छप के घर तक पथ निर्माण कार्य (लं0–1.100 कि0मी0)। | 10489000.00 | एक करोड़ चार लाख नवासी हजार रूपये मात्र। | 12 माह | प्रथम |
| 7 | RWD/EE/ RANCHI/ 12/2023-24 | पंचायत साहेर के डोकाटोली सथियारिन चौक से मेला टिकरा रोड होते हुए साहेर मुख्य पथ तक पथ निर्माण कार्य (लं0–2.430 कि0मी0)। | 17090600.00 | एक करोड़ सत्तर लाख नब्बे हजार छः सौ रूपये मात्र। | 12 माह | प्रथम |
| 8 | RWD/EE/ RANCHI/ 13/2023-24 | पंचायत फुटकलटोली में आर0ई0ओ0 रोड से कमलेश नगर के विभिन्न गलियों का पथ निर्माण कार्य (लं0–1.060 कि0मी0)। | 11148900.00 | एक करोड़ ग्यारह लाख अड़तालीस हजार नौ सौ रूपये मात्र। | 12 माह | प्रथम |

1. वेबसाईट में निविदा प्रकाशन की तिथि:–11.10.2023
2. ई–निविदा प्राप्ति की अंतिम तिथि एवं समय:–25.10.2023 अपराह्न 5.00 बजे तक।
3. (क) मुख्य अभियंता कार्यालय, ग्रामीण कार्य विभाग, झारखण्ड राँची अभियंत्रण भवन, कचहरी, राँची अथवा (ख) जिला नियंत्रण कक्ष, राँची में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समय:–26.10.2023 अपराह्न 3.30 बजे तक।
4. निविदा शुल्क एवं अग्रधन की राशि स्पीड पोस्ट के माध्यम से भी मुख्य अभियंता कार्यालय, ग्रामीण कार्य विभाग 102 द्वितीय तल्ला, अभियंत्रण भवन, कचहरी चौक, राँची झारखण्ड–834001 को भेजा जा सकता है। यह निविदाकार की जिम्मेवारी होगी कि स्पीड पोस्ट के माध्यम से भेजा जाने वाला निविदा शुल्क एवं अग्रधन की राशि निर्धारित तिथि एवं समय (26.10. 2023 अपराह्न 3:30 बजे तक) से पूर्व प्राप्त हो जाय। अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा।
5. निविदा खोलने की तिथि एवं समय:– 27.10.2023 अपराह्न 3.30 बजे।
6. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमण्डल, राँची।
7. ई–निविदा प्रकोष्ठ का दूरभाष सं0– 0651–2360137
8. निविदा शुल्क झारखण्ड राज्य में अवस्थित भारतीय स्टेट बैंक/राष्ट्रीयकृत बैंक/अनुसूचित बैंक द्वारा निर्गत बैंक ड्राफ्ट के रूप में जो कार्यपालक अभियंता, ग्रामीण कार्य विभाग, कार्य प्रमण्डल, राँची के पक्ष में भुगतेय होगा जो लौटाया नहीं जायेगा।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमण्डल, राँची

PR 308674 REO (23-24)_D

# ଜାତୀୟ ରାଜପଥ ନିର୍ମାଣ ବିଳମ୍ବକୁ ନେଇ ରାସ୍ତାରୋକୋ



ଡୁଙ୍ଗୁରିପାଲି ୨୬ନଂ. ଜାତୀୟ ରାଜପଥ ଚେରୁପାଲିରୁ –ଚିନାଜୁରୀ ୧୪ କିଲୋମିଟରର ନିର୍ମାଣ କାମ ମନ୍ଥର ଗତିରେ ଚାଲିଥିବାରୁ ଅଞ୍ଚଳବାସୀ ରାସ୍ତାରୋକୋ ଆନ୍ଦୋଳନ କରିଛନ୍ତି।

**ଡୁଙ୍ଗୁରିପାଲି, ୯।୧୦(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ୨୬ନଂ ଜାତୀୟ ରାଜପଥ ଚେରୁପାଲିରୁ –ଚିନାଜୁରୀ ୧୪ କିଲୋମିଟରର ନିର୍ମାଣ କାମ ମନ୍ଥର ଗତିରେ ଚାଲିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅଞ୍ଚଳବାସୀ ରାସ୍ତାରୋକୋ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସୂଚନା ଅନୁସାରେ ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି –ଚିନାଜୁରୀ ଜାତୀୟ ରାଜପଥ ଗତ ୫ମାସ ହେଲା ବିପର୍ଯ୍ୟସ୍ତ ଅବସ୍ଥାରେ ପଡିରହିଛି। ଏନେଇ ଡୁଙ୍ଗୁରିପାଲି ଅଞ୍ଚଳବାସୀ ଜିଲା ପ୍ରଶାସନ, ଜିଲାପାଳ ତଥା ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ ରାସ୍ତା ନିର୍ମାଣରେ କୌଣସି ଉନ୍ନତି ହୋଇନାହିଁ। ରାସ୍ତାର ବିଭିନ୍ନ ସ୍ଥାନରେ ବିରାଟ ଖାଲ, ଗର୍ତ୍ତ ସୃଷ୍ଟି ହେବା ଦ୍ୱାରା ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହେବାରେ ଲାଗିଛି। ଏନେଇ ଡୁଙ୍ଗୁରିପାଲି ଅଞ୍ଚଳବାସୀ ଗତ ୪ ତାରିଖରେ ଥାନା ଅଧିକାରୀ ସତ୍ୟନାରାୟଣ ପଧାନଙ୍କ ଜରିଆରେ ସୁବର୍ଣ୍ଣପୁର ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଅବଗତି ଓ ବିହିତ ପଦକ୍ଷେପ ସକାଶେ ଜଣାଇଥିଲେ। ୯ତାରିଖ ରାସ୍ତାରୋକୋ ଆନ୍ଦୋଳନ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସୋମବାର ଡୁଙ୍ଗୁରିପାଲି କ୍ରିୟାନୁଷ୍ଠାନ କମିଟିର ଗୋପାଳ ବାରିକ, ବିପ୍ରଚରଣ ସାହୁ, ମୃତ୍ୟୁଞ୍ଜୟ ମିଶ୍ରଙ୍କ ନେତୃତ୍ୱରେ ସକାଳ ୬ଟା ଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରାସ୍ତାରୋକୋ ଆନ୍ଦୋଳନ ଜାରି ରହିଥିଲା। ଏଥିରେ ଡୁଙ୍ଗୁରିପାଲି ସହରର ବସଷ୍ଟାଣ୍ଡ ଚାରିଛକ, ରାସ୍ତାର ସହଳା କେନାଲ ଛକ, ଏଫସିଆଇ ଛକରେ ରାସ୍ତାରୋକୋ ଆନ୍ଦୋଳନ ଜାରି ରହିଥିଲା। ଡୁଙ୍ଗୁରିପାଲି ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ତଥା ୨୬ଟି ଗ୍ରାମପଞ୍ଚାୟତର ଜନସାଧାରଣ ସମର୍ଥନ କରି ରାସ୍ତାରୋକୋ ଆନ୍ଦୋଳନରେ ସାମିଲ ହୋଇଥିଲେ। ଯାନବାହନ ଯାତାୟତ ସମ୍ପୂର୍ଣ୍ଣ ଭାବରେ ବନ୍ଦ ରହିଥିଲା। ଜିଲା ପ୍ରଶାସନ ତଥା ଜିଲାପାଳ କିମ୍ବା ବିଭାଗୀୟ ଅଧିକାରୀ ଘଟଣାସ୍ଥଳକୁ ଆସି ନ ଥିଲେ। ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧା ମାଜିଷ୍ଟ୍ରେଟ ଦାୟିତ୍ୱରେ ଘଟଣାସ୍ଥଳରେ ଉପସ୍ଥିତ ରହିଥିଲେ। ଜିଲା ପ୍ରଶାସନ କୌଣସି ପ୍ରକାର ଦୃଷ୍ଟି ଦେଇ ନ ଥିବାରୁ ଆନ୍ଦୋଳନ ତୀବ୍ରତର ହେବାରେ ଲାଗିଛି। ସନ୍ଧ୍ୟା ୬ଟା ପରେ ଯାନବାହାନ ଯାତାୟତ ହୋଇଥିଲା। ମଙ୍ଗଳବାର ପୁଣି ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରାସ୍ତାରୋକୋ ଆନ୍ଦୋଳନ ଜାରି ରହିବ। ସ୍କୁଲ, କଲେଜ, ଶିକ୍ଷାନୁଷ୍ଠାନ, ଡାକ୍ତରଖାନା ବ୍ୟତୀତ ବ୍ଲକ କାର୍ଯ୍ୟାଳୟ, ବ୍ୟାଙ୍କ କାର୍ଯ୍ୟାଳୟ, ବିଭିନ୍ନ ସରକାରୀ ଅଫିସ, ଦୋକାନ ବ୍ୟବସାୟ, ଯାନବାହନ ଯାତାୟତ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନିଷ୍ପତ୍ତି ନେଇଥିବା ଜଣାଯାଇଛି। ବନ୍ଦ ଡାକରା ଶାନ୍ତିପୂର୍ଣ୍ଣ ଭାବରେ ହୋଇଛି। ଶାନ୍ତିଶୃଙ୍ଖଳା ରକ୍ଷା ନେଇ ଡୁଙ୍ଗୁରିପାଲି ଥାନା ଅଧିକାରୀ ସତ୍ୟନାରାୟଣ ପଧାନ, ଏସଆଇ ଟଙ୍କଧର ଛତ୍ରିଆ, ଏଏସଆଇ ମୋହନ ବରିହାଙ୍କ ସହ ସମସ୍ତ ପୋଲିସ କର୍ମଚାରୀ ଓ ଫୋର୍ସ ମୁତୟନ ହୋଇଥିଲେ।

**ମରଣଯନ୍ତା ପାଲଟିଛି ଚେରୁପାଲି -ଚିନାଜୁରୀ ଜାତୀୟ ରାଜପଥ**

# ଆଗାମୀ ନିର୍ବାଚନରେ ରାଜ୍ୟରେ ଭାଜପା ସରକାର

**ବଲାଙ୍ଗୀର ଗସ୍ତରେ ମନମୋହନ ସାମଲଙ୍କ ଦୃଢ଼ୋକ୍ତି**

**ଟିଟିଲାଗଡ଼, ୯।୧୦ (ଶରତ ମିଶ୍ର) :** ରାଜ୍ୟରେ ବର୍ତ୍ତମାନ ପ୍ରଶାସନିକ ଶାସନ ଚାଲିଛି। ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତା ଶୂନ୍ୟ। ଗଣତନ୍ତ୍ର ଧ୍ୱଂସ ହୋଇଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସରକାର ୯ ବର୍ଷ ଶାସନ କାଳରେ ଓଡିଶାକୁ ୧୮ ଲକ୍ଷ ୮୩ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି। ହେଲେ ବିକାଶ ଶୂନ୍ୟ ବୋଲି ସ୍ଥାନୀୟ ଗୋବିନ୍ଦ ବାଟିକା ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଟିଟିଲାଗଡ ଗସ୍ତରେ ଆସିଥିବା ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଅଭିଯୋଗ କରିଛନ୍ତି। ଆଗାମୀ ନିର୍ବାଚନରେ ସାଧାରଣ ଜନତା ଏହାର ସଠିକ ଜବାବ ରଖିବେ। ରାଜ୍ୟରେ ପ୍ରଥମ ଥର ପାଇଁ ଭାଜପା ସରକାର ଗଢିବ ବୋଲି ମନମୋହନ କହିଥିଲେ। ସଚିବଙ୍କ ହେଲିକପ୍ଟର ଭଡା କିଏ ଦେଲା, କେତେ ଦେଲା ସେ ନେଇ ଆଗକୁ ଆହୁରି ସ୍ପଷ୍ଟ ହେବ ବୋଲି ସଭାରେ ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଥିଲେ। ଅନ୍ୟପକ୍ଷରେ ୨୦୨୪ ନିର୍ବାଚନରେ ଟିଟିଲାଗଡ ବିଧାନସଭା ନିର୍ବାଚନ ମଣ୍ଡଳୀରେ କିଏ ନେତୃତ୍ୱ ନେବ ସେ ନେଇ ସଭାପତିଙ୍କ ଆଗରେ ନେତାମାନେ ଶକ୍ତି ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଥିଲା। ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଦାଶ ଶତାଧିକ କର୍ମକର୍ତ୍ତାଙ୍କ ଗହଣରେ ସଭା ମଞ୍ଚରେ ପହଞ୍ଚିଥିଲେ। ଟିକେଟ ଆଶାୟୀ ନବିନ ଜୈନ ବାଇକ ଶୋଭାଯାତ୍ରାରେ, ମୁକେଶ ଜୈନ ଏବଂ ମହେନ୍ଦ୍ର ଠାକୁର ଖୋଲା ଜିପରେ ଶୋଭାଯାତ୍ରା କରୁଥିବା ରାଜ୍ୟ ସଭାପତି ସାମଲ, ଏମ୍‌ପି ସଙ୍ଗୀତା ସିଂଦେଓ ଏବଂ ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ନିକଟରେ ଛିଡା ହୋଇଥିବା ଦେଖିବାକୁ ମିଳିଥିଲା। ପୌରାଧ୍ୟକ୍ଷା ମମତା ଜୈନ, ସରୋଜ କର, ଦୀନବନ୍ଧୁ ବେହେରା, ଶ୍ରୀବତ୍ସ ବେହେରା, ରାଜ୍ୟ ଯୁବ ମୋର୍ଚ୍ଚା ସଂଯୋଜକ ନରସିଂ ସିଂ, ଅଶୋକ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ।



ରାଜ୍ୟ ସଭାପତି ମନମୋହନ ସାମଲ ଖୋଲା ଜିପରେ ସହର ପରିକ୍ରମା କରୁଛନ୍ତି।

# ବାଲି ଚୋରା ଚାଲାଣ: ୧୯ ହଜାର ଜରିମାନା ଆଦାୟ

**ବାଉଁଶୁଣୀ, ୯।୧୦(ଦେବାଶୀଷ ନେପାକ)**

ବୌଦ୍ଧ ତହସିଲ ଅନ୍ତର୍ଗତ ବାଉଁଶୁଣୀ ରାଜସ୍ୱ ନୀରିକ୍ଷକଙ୍କ ଦ୍ୱାରା ସୋମବାର ସନ୍ଧ୍ୟା ସମୟରେ ବେଆଇନ ବାଲି ଚାଲାଣ ଉପରେ ଚଢାଉ କରାଯାଇଛି। ବାଲି ଚାଲାଣ କରୁଥିବା ଦୁଇ ଟ୍ରାକ୍ଟରକୁ ଅଟକ ରଖାଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବାଉଁଶୁଣୀ ବାଘ ନଦୀରୁ ବେଆଇନ ବାଲି ଚୋରା ଚାଲାଣ କରୁଥିବା ଦୁଇ ଟ୍ରାକ୍ଟରକୁ ଅଟକାଇ ବାଉଁଶୁଣୀ ରାଜସ୍ୱ ନିରୀକ୍ଷକ ସୋନାଲି ମୋନିକା ବିଶି ୧୯ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ଜରିମାନା ପଇଠ ପରେ ଉଭୟ ଟ୍ରାକ୍ଟରକୁ ଛାଡି ଦିଆଯାଇଥବା ସୂଚନା ମିଳିଛି। ବାରମ୍ବାର ବାଉଁଶୁଣୀ ଅଞ୍ଚଳରେ ବେଆଇନ ଭାବରେ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଏଠାରେ କହିବା କଥା ବାଉଁଶୁଣୀରେ ଦୁଇ ମାସ ହେଲାଣି ନୂତନ ରାଜସ୍ୱ ନିରୀକ୍ଷକ ଯୋଗ ଦେଲେଣି ହେଲେ ଆଜି ପର୍ଯ୍ୟନ୍ତ ଗୋଟିଏ ବି ବେଆଇନ ବାଲି ଗାଡ଼ିକୁ ଫାଇନ ଆଦାୟ ହୋଇନାହିଁ। ହେଲେ ଆଜି ତହସିଲଦାରଙ୍କ ଦୃଷ୍ଟି ରେ ଆସିବା ପରେ ରାଜସ୍ୱ ନୀରିକ୍ଷକଙ୍କୁ ଧରିବାକୁ ନିର୍ଦେଶ ଦେଇଥିଲେ। ଏହା ପରେ ଚଢ଼ାଉ ହୋଇଥିଲା।

# ବୈଦିକ ଜାଗରଣ ଶୋଭାଯାତ୍ରା, ବେଦ ପ୍ରବଚନ ସମ୍ପନ୍ନ

**ବରଗଡ଼,୯।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସ୍ୱୟଂସିଦ୍ଧା ଭବନରେ ସ୍ଥାନୀୟ ବେଦ ପ୍ରଚାର ସମିତି ଆନୁକୂଲ୍ୟରେ ଗତ ୪ ତାରିଖରୁ ଆୟୋଜିତ ବେଦ ପ୍ରବଚନ, ବୈଦିକ ଜାଗରଣ ଶୋଭାଯାତ୍ରା ରବିବାର ଉଦଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବୈଦିକ ବିଦ୍ୱାନ ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟହ ବୈଦିକ ଯଜ୍ଞ ଓ ସତ୍ୟାର୍ଥ ପ୍ରକାଶର ଧାରାବାହିକ ପ୍ରବଚନ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରତିଦିନ ଶତାଧିକ ଆର୍ଯ୍ୟ ଓ ଧର୍ମପ୍ରେମୀ ସଜ୍ଜନ ମଣ୍ଡଳୀ ଯୋଗ ଦେଇଥିଲେ। ଏହି ଅବସରରେ ସାମ୍ପ୍ରତିକ ସମାଜରେ ବେଦ ଉପନିଷଦ ତଥା ବୈଦିକ ଚିନ୍ତାଧାରାକୁ ଜନମାନସରେ ଜାଗ୍ରତ କରାଇବା ଉଦ୍ଦେଶ୍ୟରେ ବରଗଡ଼ ସହରରେ ଏକ ବୈଦିକ ଜାଗରଣ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ନଗର ପରିକ୍ରମା କରାଯାଇଥିଲା। ଚଳିତବର୍ଷ ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଜନ୍ମ ଦ୍ୱିଶତବାର୍ଷିକୀ ଉପଲକ୍ଷେ ଆସନ୍ତା ଡ଼ିସେମ୍ବର ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜ ତରଫରୁ ବରଗଡ଼ରେ ବୈଦିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ ବୋଲି ବରଗଡ଼ ଟାଉନ ଆର୍ଯ୍ୟ ସମାଜ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



ବରଗଡ଼ରେ ବୈଦିକ ଜାଗରଣ ଶୋଭାଯାତ୍ରା ଚାଲିଛି।

# ଚୋରଙ୍କ ଟାର୍ଗେଟ୍‌ରେ ଅବକାରୀ ରେଞ୍ଜ ଅଫିସ

- ମାଲଖାନା ଭିତରୁ ଚୋରି ହେଉଛି ଗଞ୍ଜେଇ, ମଦ
- ପୂର୍ବରୁ ଚୋରି ହୋଇଥିବା ବାଇକ୍ ଏଯାଏ ମିଳିନି

**ସୋନପୁର,୯।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ଚୋରଙ୍କ ଟାର୍ଗେଟ୍‌ରେ ଅବକାରୀ ବିଭାଗର ସୋନପୁର ରେଞ୍ଜ ଅଫିସ୍। ଏହି ଅଫିସ୍‌ରେ କର୍ମଚାରୀ ରହୁ ନ ଥିବାରୁ ଚୋରଙ୍କ ନଜର ଏହା ଉପରେ ପଡିଛି। କାର୍ଯ୍ୟାଳୟଟି ଏବେ ଅସୁରକ୍ଷିତ ହୋଇପଡିଛି। ବିଭାଗ ପକ୍ଷରୁ ଗଞ୍ଜେଇ, ମଦ ଓ ଚୋରା କାରବାରରେ ବ୍ୟବହୃତ ଯାନବାହାନଗୁଡିକୁ ସମୟ ସମୟରେ ଜବତ କରାଯାଉଛି। ମାତ୍ର ଜବତ ସାମଗ୍ରୀ ଗୁଡିକୁ ସୁରକ୍ଷା ଦେଇ ପାରୁନାହାନ୍ତି ଅବକାରୀ ବିଭାଗର ଅଧିକାରୀ, କର୍ମଚାରୀ। ଜବତ ମାଦକ ଦ୍ରବ୍ୟ ଓ ଯାନ ଗୁଡିକୁ ଚୋରମାନେ ଚୋରାଇ ନେବାରେ ସକ୍ଷମ ହେଉଛନ୍ତି। ଏଭଳି ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ସୋନପୁର ସହର ପଟାଭାଡି ସ୍ଥିତ ଅବକାରୀ ବିଭାଗର ସୋନପୁର ରେଞ୍ଜ ଅଫିସର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ୪୩ କିଲୋ ୬୦୦ ଗ୍ରାମ ଗଞ୍ଜେଇ, ସିଲ୍ ଥିବା ୧୫ ବୋତଲ କିଙ୍ଗ ଫିସର ବିଅର ଓ ୧୪ ବୋତଲ ନମ୍ବର ୱାନ୍ ହ୍ୱିସ୍‌କି ଚୋରି କରିଥିବା ନେଇ ଅଭିଯୋଗ ହୋଇଛି। ମୋଟ ୪ଲକ୍ଷ ୪୦ ହଜାର ୨୪୫ ଟଙ୍କାର ମଦ ଓ ଗଞ୍ଜେଇ ଚୋରି ହୋଇଥିବା ଅବକାରୀ ବିଭାଗର ଏସ୍‌ଆଇ ପିଣ୍ଟୁ ସାହୁ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ୨୪୨/୨୩ ମୂଳେ ମାମଲା ରୁଜୁ ହୋଇଛି। ଚୋରାଚାଲାଣ ଓ ବେଆଇନ କାରବାର ସମୟରେ ଅବକାରୀ ବିଭାଗ ପକ୍ଷରୁ ଅଭିଯୁକ୍ତଙ୍କ ନିକଟରୁ ଉକ୍ତ ମଦ ଓ ଗଞ୍ଜେଇ ଜବତ ହୋଇ କାର୍ଯ୍ୟାଳୟର ମାଲଖାନାରେ ତାଲା ପକାଇ ରଖା ଯାଇଥିଲା। ସୁରକ୍ଷା ବ୍ୟବସ୍ଥା ଭିତରେ ଥିବା ମାଦକଦ୍ରବ୍ୟ ଚୋରି ହେବା ଅବକାରୀ ବିଭାଗର ପାରିବା ପଣିଆକୁ ପଦାରେ ପକାଇଛି। କିଛି ବର୍ଷ ପୂର୍ବରୁ ଏହି ଅଫିସ ପରିସରରୁ ଏକ ବାଇକ୍ ଚୋରି ହୋଇଥିଲା। ଗଞ୍ଜେଇ ଚୋରାଚାଲାଣ ସମୟରେ ଅଭିଯୁକ୍ତଙ୍କ ନିକଟରୁ ଉକ୍ତ ବାଇକ୍ ଜବତ ହୋଇଥିଲା। ବିଭାଗୀୟ ଅଧିକାରୀ ସୋନପୁର ଥାନାରେ ଲିଖିତ ଅଭିଯାଗ କରିଥିଲେ। ଏ ପର୍ଯ୍ୟନ୍ତ ଉକ୍ତ ଚୋରି ବାଇକ୍ ଉଦ୍ଧାର ହୋଇପାରିନି। କର୍ମଚାରୀ ଅଭାବ ଆଳରେ ଅବକାରୀ ବିଭାଗର ଏହି ଅଫିସରେ ଅଧିକାଂଶ ସମୟରେ ତାଲା ପଡିଥାଏ। ଚୋରମାନଙ୍କୁ ଏହା ବେଶ ସୁହାଉ ଥିବା ସାଧାରଣରେ ଚର୍ଚ୍ଚା ହେଉଛି।

# ଏସିଆ ଖେଳରେ ହକି ସଫଳତା କାର୍ଯ୍ୟକ୍ରମ

**ବରଗଡ଼,୯।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା କମଗାଁ ଯୁକ୍ତ ୨ ମହାବିଦ୍ୟାଳୟରେ ଭାରତୀୟ ହକିର ଚଳିତ ବର୍ଷ ଏସିଆ ଖେଳରେ ସଫଳତା ପାଇଁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ପ୍ରାଧ୍ୟାପକ ରବି ନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଯୋଗଦାନ କରିଥିଲେ। ଅଧ୍ୟାପକ ଅମୀୟ କୁମାର ପଟେଲ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଅରବିନ୍ଦ ଦାସ, ଅଧ୍ୟାପିକା ଅନୁପମା ପଣ୍ଡା, ଡ. ଦୀପିକା କୁମାରୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦାନ କରି ହକି ଖେଳର ଅତୀତ ସ୍ମରଣୀୟ ମୁହୂର୍ତ୍ତଗୁଡିକର ସ୍ମୃତିଚାରଣ କରିଥିଲେ। ଭାରତୀୟ ହକିର ଗୌରବ ବୃଦ୍ଧିରେ ଓଡିଶାର ଅବଦାନ ସ୍ୱତନ୍ତ୍ର ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ଏହି ଅବସରରେ ଖେଳୁଆଡ଼ ମନୋଭାବ ନେଇ ଉତ୍ତମ ଶିକ୍ଷା ଗ୍ରହଣ କରିବାକୁ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରାଯାଇଥିଲା। ଅଧ୍ୟାପିକା ଚୁନି ବେହେରା ଓଡିଶାର ହକି ତାରକାଙ୍କ ଫଟୋ ପ୍ରଦର୍ଶନ କରିଥିଲେ। ଅଧ୍ୟାପକ ବୈକୁଣ୍ଠ ସାହୁ ଓ ଉମାଶଙ୍କର ପ୍ରଧାନ ସହଯୋଗ କରିଥିଲେ। ଅଧ୍ୟାପିକା ଦୀପିକା ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଦାବିପତ୍ର

**ବିନିକା, ୯।୧୦ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ଗୋଷ୍ଠୀ ଶିକ୍ଷାକେନ୍ଦ୍ରରେ ସୋମବାର ମିଳିତ ପ୍ରାଥମିକ ଶିକ୍ଷକସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ଦଫା ଦାବିପତ୍ର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବସନ୍ତ ଭୋଇଙ୍କୁ ପ୍ରଦାନ କରାଯାଇଛି। ମିଳିତ ପ୍ରାଥମିକ ଶିକ୍ଷକସଂଘର ସଭାପତି ଶଶାଙ୍କ ଶେଖର ପଣ୍ଡାଙ୍କ ନେତୃତ୍ୱରେ ଦାବିପତ୍ର ଦିଆଯାଇଥିଲା। ଗଣଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ଶିକ୍ଷକ, ଶିକ୍ଷା ସହାୟକଙ୍କୁ ନେସନାଲ ଇନକ୍ରିମେଣ୍ଟ ପ୍ରଦାନ କରି କାର୍ଯ୍ୟକାଳ ନିୟମିତ କରିବା, କ୍ରୀଡା ଶିକ୍ଷକଙ୍କୁ ନିୟମିତ କରିବା ପ୍ରଭୃତି ଦାବି ଉଲ୍ଲେଖ କରିଛନ୍ତି।



ମିଳିତ ପ୍ରାଥମିକ ଶିକ୍ଷକସଂଘର କର୍ମକର୍ତ୍ତା।


## कार्यपालक अभियंता का कार्यालय
### ग्रामीण कार्य विभाग, कार्य प्रमण्डल, गढ़वा

पत्रांक– दिनांक–

**शुद्धि पत्र**

एदत् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, गढ़वा के ई–निविदा आमंत्रण संख्या– **12/2023-24/RWD/GARHWA,** दिनांक– 29.09.2023, PR No.- **307977** द्वारा प्रकाशित निविदा की तिथि में अपरिहार्य कारणवश निम्नरूपेण परिवर्तन किया जाता है।

2. वेबसाईट में निविदा प्रकाशन की तिथि :– 07.10.2023
3. ई–निविदा प्राप्ति की अंतिम तिथि एवं समय :– 13.10.2023 अपराह्न 5.00 बजे तक।
4. (क) मुख्य अभियंता कार्यालय, ग्रामीण कार्य विभाग, अभियंत्रण भवन, कचहरी, राँची अथवा (ख) जिला नियंत्रण कक्ष, राँची अथवा (ग) जिला नियंत्रण कक्ष, गढ़वा में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समय :– 14.10.2023 अपराह्न 3.30 बजे तक।
5. निविदा शुल्क एवं अग्रधन की राशि स्पीड पोस्ट के माध्यम से भी मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन– 834001 को भेजा जा सकता है। यह निविदाकार की जिम्मेवारी होगी कि स्पीड पोस्ट के माध्यम से भेजा जाने वाला निविदा शुल्क एवं अग्रधन की राशि निर्धारित तिथि एवं समय (14.10.2023 अपराह्न 3.30 बजे तक) से पूर्व प्राप्त हो जाय। अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा।
6. निविदा खोलने की तिथि एवं समय :– 16.10.2023 अपराह्न 3.30 बजे।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है। अन्य शर्तें यथावत रहेगें।

कार्यपालक अभियंता,
ग्रामीण कार्य विभाग, कार्य प्रमण्डल, गढ़वा।

**PR.NO.308666 Rural Development(23-24):D**



## कार्यपालक अभियंता का कार्यालय
### ग्रामीण कार्य विभाग, कार्य प्रमण्डल, राँची

**ई-अल्पकालीन पुर्ननिविदा आमंत्रण सूचना**
(PR-306066 (REO) 23-24(D))

पत्रांकः– दिनांक–

ई–निविदा संख्याः– 06/2023-24/RWD /RANCHI

| क्रम सं0 | आईडेन्टी फिकेशन संख्या/ पैकेज संख्या | कार्य का नाम | प्राक्कलित राशि (रूपये में) | | कार्य समाप्ति की तिथि/ अवधि | टेण्डर कॉल नं0 |
|---|---|---|---|---|---|---|
| | | | अंक में | अक्षर में | | |
| 1 | RWD/EE/ RANCHI/ 06/2023-24 | खरवा टोली से प्रेम नगर भाया कुम्बाटोली तक पथ निर्माण कार्य (लं0–2.100 कि0मी0)। | 22132700.00 | दो करोड़ एक्कीस लाख बत्तीस हजार सात सौ रूपये मात्र। | 12 माह | प्रथम |
| 2 | RWD/EE/ RANCHI/ 07/2023-24 | नगड़ी बान्धेया पथ से बालालौंग भाया पिस्का तक पथ निर्माण कार्य(लं0–3.800 कि0मी0)। | 34483100.00 | तीन करोड़ चौवालीस लाख तिरासी हजार एक सौ रूपये मात्र। | 15 माह | प्रथम |
| 3 | RWD/EE/ RANCHI/ 08/2023-24 | पंचायत लालगुटवा ग्राम नयासराय कुटे में आर0ई0ओ0 रोड से धुपरा उराँव, केदारनाथ गोस्वामी के घर होते हुए नरेश बैठा के घर तक पथ निर्माण कार्य (लं0–1.600 कि0मी0)। | 14103300.00 | एक करोड़ एकतालीस लाख तीन हजार तीन सौ रूपये मात्र। | 12 माह | प्रथम |
| 4 | RWD/EE/ RANCHI/ 09/2023-24 | पंचायत सिमलिया कटहर टोली में मुण्डा मसना रिंग रोड से महाबीर मुण्डा के घर होते हुए पंचायत सचिवालय तक पथ निर्माण कार्य (लं0–1.500 कि0मी0)। | 12966200.00 | एक करोड़ उनतीस लाख छियासठ हजार दो सौ रूपये मात्र। | 12 माह | प्रथम |
| 5 | RWD/EE/ RANCHI/ 10/2023-24 | पंचायत सुण्डिल ग्राम नवासोसो में आर0ई0ओ0 रोड सामुदायिक भवन से रोड नं0–1 श्रीराम नगर के विभिन्न गलियों में पथ निर्माण कार्य (लं0–1.190 कि0मी0)। | 10367200.00 | एक करोड़ तीन लाख सरसठ हजार दो सौ रूपये मात्र। | 12 माह | प्रथम |
| 6 | RWD/EE/ RANCHI/ 11/2023-24 | पंचायत सपारोम में रिंग रोड लालगुटवा तालाब से सपारोम गाँव में बिनोद कच्छप के घर तक पथ निर्माण कार्य (लं0–1.100 कि0मी0)। | 10489000.00 | एक करोड़ चार लाख नवासी हजार रूपये मात्र। | 12 माह | प्रथम |
| 7 | RWD/EE/ RANCHI/ 12/2023-24 | पंचायत साहेर के डोकाटोली सथियारिन चौक से मेला टिकरा रोड होते हुए साहेर मुख्य पथ तक पथ निर्माण कार्य (लं0–2.430 कि0मी0)। | 17090600.00 | एक करोड़ सत्तर लाख नब्बे हजार छः सौ रूपये मात्र। | 12 माह | प्रथम |
| 8 | RWD/EE/ RANCHI/ 13/2023-24 | पंचायत फुटकलटोली में आर0ई0ओ0 रोड से कमलेश नगर के विभिन्न गलियों का पथ निर्माण कार्य (लं0–1.060 कि0मी0)। | 11148900.00 | एक करोड़ ग्यारह लाख अड़तालीस हजार नौ सौ रूपये मात्र। | 12 माह | प्रथम |

1. वेबसाईट में निविदा प्रकाशन की तिथिः–11.10.2023
2. ई–निविदा प्राप्ति की अंतिम तिथि एवं समयः–25.10.2023 अपराह्न 5.00 बजे तक।
3. (क) मुख्य अभियंता कार्यालय, ग्रामीण कार्य विभाग, झारखण्ड राँची अभियंत्रण भवन, कचहरी, राँची अथवा (ख) जिला नियंत्रण कक्ष, राँची में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समयः–26.10.2023 अपराह्न 3.30 बजे तक।
4. निविदा शुल्क एवं अग्रधन की राशि स्पीड पोस्ट के माध्यम से भी मुख्य अभियंता कार्यालय, ग्रामीण कार्य विभाग 102 द्वितीय तल्ला, अभियंत्रण भवन, कचहरी चौक, राँची झारखण्ड–834001 को भेजा जा सकता है। यह निविदाकार की जिम्मेवारी होगी कि स्पीड पोस्ट के माध्यम से भेजा जाने वाला निविदा शुल्क एवं अग्रधन की राशि निर्धारित तिथि एवं समय (26.10.2023 अपराह्न 3:30 बजे तक) से पूर्व प्राप्त हो जाय। अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा।
5. निविदा खोलने की तिथि एवं समयः– 27.10.2023 अपराह्न 3.30 बजे।
6. निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण कार्य विभाग, कार्य प्रमण्डल, राँची।
7. ई–निविदा प्रकोष्ठ का दूरभाष सं0– 0651–2360137
8. निविदा शुल्क झारखण्ड राज्य में अवस्थित भारतीय स्टेट बैंक/राष्ट्रीयकृत बैंक/अनुसूचित बैंक द्वारा निर्गत बैंक ड्राफ्ट के रूप में जो कार्यपालक अभियंता, ग्रामीण कार्य विभाग, कार्य प्रमण्डल, राँची के पक्ष में भुगतेय होगा जो लौटाया नहीं जायेगा।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमण्डल, राँची

PR 308674 REO (23-24)_D



ଆଜିଠାରୁ ୨ ଦିନିଆ ହାଇ ଲାଇଫ ଏକ୍‌ଜିବିଶନ ଭୁବନେଶ୍ୱରର ମେ ଫେୟାର କନ୍‌ଭେନଶନଠାରେ ଆୟୋଜିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ୧୦୦ରୁ ଅଧିକ ଟପ୍ ଡିଜାଇନର ସେମାନଙ୍କର ଫ୍ୟାଶନ, ଷ୍ଟାଇଲ, ଡେକର ଏବଂ ଲକ୍‌ଜ୍ୟୁରି ଭଳି ସାମଗ୍ରୀ ପ୍ରଦର୍ଶିତ ସହ ବିକ୍ରୟ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୩ ଅକ୍ଟୋବର ୧୦ ଓ ୧୧ ତାରିଖ ଏହି ପ୍ରଦର୍ଶନୀ ସକାଳ ୧୦ରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ଜାରି ରହିବ।

# ଖସିଲା ଶେୟାର ବଜାର କାରବାର

**ଭୁବନେଶ୍ୱର,୯।୧୦**

ବିଗତ କିଛି ସପ୍ତାହ ହେଲା ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୮୩ (୪୮୩.୨୪) ପଏଣ୍ଟ ଖସି ୬୫,୫୧୨ (୬୫,୫୧୨.୩୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୪୧ (୧୪୧.୧୫) ପଏଣ୍ଟ ହ୍ରାସ ଘଟି ୧୯,୫୧୨ (୧୯,୫୧୨.୩୫) ଅଙ୍କରେ କାରବାର ବନ୍ଦ କରିଥିଲା।

# ଜେସିବି ଇଣ୍ଡିଆ ସହ ମଫିଲ୍‌ର ଚୁକ୍ତି




**ଭୁବନେଶ୍ୱର,୯।୧୦**

ଦେଶର ଅଗ୍ରଣୀ ଘରୋଇ ଆର୍ଥିକ ସଂସ୍ଥା ମଣପୁରମ ଫାଇନାନ୍ସ ଇଣ୍ଡିଆ ଲିମିଟେଡ (ଏମ୍‌ଏଏଫ୍‌ଆଇଏଲ୍ ବା ମଫିଲ) ଏବଂ ନିର୍ମାଣ ଉପାଦାନ ନିର୍ମାତା ଜେସିବି ଇଣ୍ଡିଆ ଲିମିଟେଡ ମଧ୍ୟରେ ଏକ ଦ୍ୱିପାକ୍ଷିକ ଚୁକ୍ତି ବା ବୁଝାମଣା ପତ୍ର (ଏମ୍‌ଓୟୁ) ନିକଟରେ ସ୍ୱାକ୍ଷରିତ ହୋଇଯାଇଛି। ବିଶେଷକରି ଉକ୍ତ ବୁଝାମଣା ଅନୁସାରେ ଉଭୟ କମ୍ପାନୀର କାରବାର ବୃଦ୍ଧି ସହ ସାରା ଦେଶରେ ଗ୍ରାହକ ସନ୍ତୁଷ୍ଟିକୁ ଗୁରୁତ୍ୱ ଦିଆଯିବ ବୋଲି କୁହାଯାଇଛି। ଏହି ପରିପ୍ରେକ୍ଷୀରେ ମଣପୁରମ ଫାଇନାନ୍ସର ମୁଖ୍ୟ (ଭେଇକିଲ ଆଣ୍ଡ ଇକ୍ୟୁପମେଣ୍ଟ ଫାଇନାନ୍ସ) କମଲ ପରମାର ଏବଂ ଜେସିବି ଇଣ୍ଡିଆର ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ଉକ୍ତ ଏମ୍‌ଓୟୁ ସ୍ୱାକ୍ଷର ହୋଇଥିଲା। ଏ ସମ୍ପର୍କରେ ମଣପୁରମ ଫାଇନାନ୍ସର ଏମ୍‌ଡି ତଥା ସିଇଓ ଭି.ପି. ନନ୍ଦନକୁମାର କହିଛନ୍ତି, ଜେସିବି ଇଣ୍ଡିଆ ସହ ଏମ୍‌ଓୟୁ ସ୍ୱାକ୍ଷର କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ଚୁକ୍ତି ଉଭୟ ସଂସ୍ଥାର କାରବାର ବୃଦ୍ଧିରେ ବେଶ୍ ସହାୟକ ହେବ। ସେହିଭଳି ଗ୍ରାହକ ଚାହିଦା ଓ ଆବଶ୍ୟକତା ପୂରଣ ଦିଗରେ ଉଭୟ କମ୍ପାନୀ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

# କୋଟାକ୍‌ର ‘ଶିଖୋ ପୈସା କି ଭାଷା’

**ଭୁବନେଶ୍ୱର,୯।୧୦**

କୋଟାକ୍ ମ୍ୟୁଚୁଆଲ ଫଣ୍ଡର ନିବେଶକ ଶିକ୍ଷା ତଥା ସଚେତନତା ପ୍ରୟାସ ‘ଶିଖୋ ପୈସା କି ଭାଷା’ କାର୍ଯ୍ୟକ୍ରମ ନିକଟରେ ରାଉରକେଲାସ୍ଥିତ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ)ର ମିଳିତ ସହଭାଗିତାରେ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଆର୍ଥିକ ଶିକ୍ଷାର ଅଭିବୃଦ୍ଧି ପାଇଁ ଶିକ୍ଷକମାନଙ୍କ ବୁଝାମଣାକୁ ସଶକ୍ତୀକରଣ କରିବା ଉଦ୍ଦେଶ୍ୟରେ ବ୍ୟାପକ ଶିକ୍ଷା ଏବଂ ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରି ଆର୍ଥିକ ସାକ୍ଷରତା ପଥକୁ ବିକଶିତ କରିବାକୁ ସ୍ଥିର ହୋଇଛି, ଯାହାଦ୍ୱାରା ଏହା ଏକ ସମ୍ଭାବ୍ୟ ପ୍ରଗତିଶୀଳ ଭବିଷ୍ୟତ ଦିଗରେ ଭାରତର ବିକାଶ ଯାତ୍ରାରେ ସହାୟକ ହୋଇପାରିବ। ଏହି ପଦକ୍ଷେପ ମାଧ୍ୟମରେ ଓଡ଼ିଶାର ୮୨୫ରୁ ଅଧିକ ସିବିଏସଇ ଶିକ୍ଷକ ଏବଂ ରାଉରକେଲାର ୭୫ରୁ ଅଧିକ ଶିକ୍ଷକଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ବିଷୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ରଖାଯାଇଛି। ସେମାନଙ୍କ ମଧ୍ୟରେ ୫୦% ମହିଳାଙ୍କୁ ଅନ୍ତର୍ଭୁକ୍ତ କରାଯିବାର ଆଶା ରଖାଯାଇଛି। ଯାହାଦ୍ୱାରା ଇକ୍ୟୁଟେବୁଲ ଅଭିବୃଦ୍ଧି ଏବଂ ବିକାଶର ଧାରା ସମ୍ପନ୍ନ ହୋଇପାରିବ। ଏହି ପଦକ୍ଷେପର ଏକ ଅଂଶ ଭାବରେ କୋଟାକ୍ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ସେଣ୍ଟର ଫର ଇନଭେଷ୍ଟମେଣ୍ଟ ଏଜୁକେଶନ ଆଣ୍ଡ ଲର୍ନିଂ (ସିଆଇଇଏଲ)ରୁ ୫୦୦ରୁ ଅଧିକ ଦକ୍ଷ ପ୍ରଶିକ୍ଷକଙ୍କୁ ଅଣାଯାଇଛି। ସେମାନେ ପ୍ରଭାବଶାଳୀ ଅଧିବେଶନଗୁଡିକର ନେତୃତ୍ୱ ନେଉଛନ୍ତି ଏବଂ କାର୍ଯ୍ୟକ୍ରମରେ ଗୁଣବତ୍ତା ତଥା ପ୍ରାସଙ୍ଗିକତା ପ୍ରତି ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଏ ସମ୍ପର୍କରେ କୋଟାକ ମ୍ୟୁଚୁଆଲ ଫଣ୍ଡର ମୁଖ୍ୟ (ଡିଜିଟାଲ ବିଜନେସ, ମାର୍କେଟିଂ ଆଣ୍ଡ ଆନାଲିଟିକ୍ସ) କିଞ୍ଜଲ ଶାହା କହିଛନ୍ତି, ନିବେଶକ ଶିକ୍ଷା ତଥା ସଚେତନତା ‘ଶିଖୋ ପୈସା କି ଭାଷା’ କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ଆର୍ଥିକ ସଶକ୍ତୀକରଣ ପାଇଁ ଗଭୀର ଭାବେ ପ୍ରତିଶ୍ରୁତିବଦ୍ଧ। ଏପରିକି ଆମର ବିଶ୍ୱାସ ଶିକ୍ଷକମାନେ ଦେଶର ଭାଗ୍ୟ ଏବଂ ନୂତନ ପିଢ଼ି ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ବିଶେଷ କରି ସିବିଏସଇ ସହିତ ଆମର ସହଭାଗିତା ଲୋକଙ୍କ ମଧ୍ୟରେ ଓ ଶିକ୍ଷକଙ୍କ ମାଧ୍ୟମରେ ଆର୍ଥିକ ସାକ୍ଷରତା ଏବଂ ନିବେଶ ସମ୍ପର୍କରେ ବିଶେଷ ସଚେତନତା ସୃଷ୍ଟି କରାଯାଇପାରିବ।

# ରିଲାଏନ୍ସ ଜୁଏଲ୍‌ସର ନୂତନ କଲେକ୍ସନ

**ଭୁବନେଶ୍ୱର,୯।୧୦ (ଅଭୟ ଦାଶ)**



Reliance Jewels
BE THE MOMENT

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ରିଲାଏନ୍ସ ଜୁଏଲ୍‌ସର ନୂତନ କଲେକ୍ସନ ‘ସ୍ୱର୍ଣ୍ଣ ବଙ୍ଗ’ ଜୁଏଲେରି ସମ୍ଭାରକୁ ସର୍ବଭାରତୀୟ ସ୍ତରରେ ଉନ୍ମୋଚନ କରାଯାଇଛି। ‘ସ୍ୱର୍ଣ୍ଣ ବଙ୍ଗ’ କଲେକ୍ସନ ବଙ୍ଗଳାର କବିତା ସୌନ୍ଦର୍ଯ୍ୟ ଓ କଳାତ୍ମକ ଐତିହ୍ୟ ଦ୍ୱାରା ଅନୁପ୍ରେରିତ ହୋଇଛି। ଉକ୍ତ ସମ୍ଭାରରେ ସମ୍ପୃକ୍ତ ଅଞ୍ଚଳର ଟେରାକୋଟା, ମନ୍ଦିର ସୌନ୍ଦର୍ଯ୍ୟ, ଶାନ୍ତିନିକେତନର ସୁନ୍ଦରତା ଓ ଦୁର୍ଗାପୂଜାର ଉତ୍ସବକୁ ବିଶେଷ ଭାବେ ପ୍ରକାଶିତ କରାଯାଇଛି। ରିଲାଏନ୍ସ ଜୁଏଲ୍‌ସ ଦ୍ୱାରା ଭାରତର ବିଭିନ୍ନ ଅଞ୍ଚଳରୁ ପ୍ରେରଣା ନେଇ ଅଳଙ୍କାର କଲେକ୍ସନ ପ୍ରସ୍ତୁତ କରାଯାଇଥାଏ। ସେହିଭଳି ତାରକା ଖଚିତ ସନ୍ଧ୍ୟାରେ ‘ସ୍ୱର୍ଣ୍ଣ ବଙ୍ଗ’ କଲେକ୍ସନ ସମ୍ଭାରକୁ ବଲିଉଡ୍ ଅଭିନେତ୍ରୀ କରିଶ୍ମା କପୁର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ସହ ଉନ୍ମୋଚନ ଏବଂ ସୋ-ଷ୍ଟପର ଭାବେ ର୍‍ୟାମ୍ପରେ ଉକ୍ତ କଲେକ୍ସନକୁ ପ୍ରଦର୍ଶନ କରିଛନ୍ତି।

ଏ ସମ୍ପର୍କରେ ରିଲାଏନ୍ସ ଜୁଏଲ୍‌ସ ସିଇଓ ସୁନୀଲ୍ ନାୟକ କହିଛନ୍ତି, ବଙ୍ଗଳାର ପୁରାତନ କଳାତ୍ମକ ଇତିହାସ ରହିଛି ଓ ଏହା ଭାରତର କଳା ଓ କାରିଗରି ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଥାଏ। ଏହା ହେଉଛି ଆମ ସିରିଜର ୮ମ କଲେକ୍ସନ, ଯାହାକି ଭାରତର ବିଭିନ୍ନ ଅଞ୍ଚଳ ଦ୍ୱାରା ଅନୁପ୍ରେରିତ ହୋଇଥାଏ ଓ ଆମ ଦେଶର ସମୃଦ୍ଧ ସଂସ୍କୃତି ଓ ପରମ୍ପରାକୁ ପାଳନ କରିବା ପାଇଁ ଆମର ପ୍ରତିଶ୍ରୁତିବଦ୍ଧତାର ଏହା ଏକ ପରିଚାୟକ। ସ୍ୱର୍ଣ୍ଣ ବଙ୍ଗ କଲେକ୍ସନ ଏହାର ଟାଇମଲେସ୍ ଡିଜାଇନ, ଉତ୍କୃଷ୍ଟ କାରିଗରିକୁ ନିଶ୍ଚିତ ଭାବରେ ଗ୍ରାହକମାନେ ପସନ୍ଦ କରିବେ।

ସେହିପରି ବଲିଉଡ ଅଭିନେତ୍ରୀ କରିଶ୍ମା କପୁର କହିଥିଲେ, ମୋ ପାଖରେ ଥିବା ଡାଏମଣ୍ଡ ସୋ-ଷ୍ଟପର ସେଟରେ ବାସ୍ତବିକ କଳାକୃତିର ଉଦାହରଣ ରହିଛି, ଏଥିରେ ପଶ୍ଚିମବଙ୍ଗର କଳାକୃତିକୁ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଛି। ସୂଚନାଯୋଗ୍ୟ, ଥାଞ୍ଜାଭୁର କଲେକ୍ସନ (ଥାଞ୍ଜାଭୁର), ମହାଳୟା କଲେକ୍ସନ (ମହାରାଷ୍ଟ୍ର), ରନ୍ନକର କଲେକ୍ସନ (କଚ୍ଛ), କାଶ୍ୟମ କଲେକ୍ସନ (ବନାରସ), ଉତ୍କଳ କଲେକ୍ସନ (ଓଡ଼ିଶା), ଅତୁଲ୍ୟ କଲେକ୍ସନ (ରାଜସ୍ଥାନ), ଅପୂର୍ବମ୍ କଲେକ୍ସନ (ହାମ୍ପି) ଏବଂ ସ୍ୱର୍ଣ୍ଣ ବଙ୍ଗ କଲେକ୍ସନ (ବଙ୍ଗଳା)ର ଇତିହାସ ସହିତ ସମ୍ପୃକ୍ତ ଅଞ୍ଚଳର କଳାତ୍ମକ ବୈଶିଷ୍ଟ୍ୟକୁ ବର୍ଣ୍ଣନା କରିଥାଏ । ରିଲାଏନ୍ସ ଜୁଏଲ୍‌ସର ୮ମ ଉଲ୍ଲେଖନୀୟ ସିରିଜ୍, ଯେଉଁଥିରେ ଭାରତର ବିଭିନ୍ନ ଅଞ୍ଚଳର ପରମ୍ପରା, ସ୍ଥାପତ୍ୟ ଓ କାରିଗରିକୁ ଉକ୍ତ କଲେକ୍ସନରେ ଉପସ୍ଥାପିତ କରାଯାଇଛି।

# ୟୁକୋ ବ୍ୟାଙ୍କ ପକ୍ଷରୁ ହିନ୍ଦୀ ପକ୍ଷ

**ଭୁବନେଶ୍ୱର,୯।୧୦**

ୟୁକୋ ବ୍ୟାଙ୍କର ବାଲେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ହିନ୍ଦୀ ପକ୍ଷ-୨୦୨୩ ସମାରୋହ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଲେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ମୁଖ୍ୟ ଦେବବ୍ରତ ମହାନ୍ତି ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରତ୍ୟେକ ଭାରତୀୟ ଭାଷାକୁ ସମ୍ମାନ କରିବା ସହ ରାଜଭାଷା ହିନ୍ଦୀକୁ ସମସ୍ତେ ଆପଣେଇବା ଉଚିତ ବୋଲି କହିଥିଲେ। ଏହି ଭାଷା ପ୍ରତ୍ୟେକ ଭାରତୀୟଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବ ବୋଲି ସେ କହିଥିଲେ। ସରକାରୀ ସ୍କୁଲଗୁଡ଼ିକରେ ଓଡ଼ିଆ ମାଧ୍ୟମରେ ପଢୁଥିବା ବିଦ୍ୟାର୍ଥୀମାନଙ୍କୁ ହିନ୍ଦୀର ଜ୍ଞାନ ପ୍ରଦାନ କରାଯିବା ଆବଶ୍ୟକ ତଥା ସେମାନଙ୍କ ମଧ୍ୟରେ ରଚନା, ତର୍କ ଓ ସମୂହ ଚର୍ଚ୍ଚା ଆଦି ପ୍ରତିଯୋଗିତା ହିନ୍ଦୀ ଭାଷାରେ କରାଯିବା ଉଚିତ ବୋଲି ମହାନ୍ତି ପ୍ରକାଶ କରିଥିଲେ। ନିଜର ଦୈନନ୍ଦିନ କାର୍ଯ୍ୟରେ ହିନ୍ଦୀ ଭାଷାର ପ୍ରୟୋଗ ଅଧିକରୁ ଅଧିକ କରାଯିବା ଉଚିତ ବୋଲି ସେ କହିଥିଲେ। ଏହି ଅବସରରେ ବାଲେଶ୍ୱର ଅଞ୍ଚଳ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ ତଥା ଉପ-ଅଞ୍ଚଳ ମୁଖ୍ୟ ସୁଦୀପ ଧର ହିନ୍ଦୀ ଦିବସ ୨୦୨୩ ପାଇଁ ଗୃହ ମନ୍ତ୍ରୀଙ୍କ ଦ୍ୱାରା ପଠାଯାଇଥିବା ସନ୍ଦେଶ ପଠନ କରିଥିଲେ। ମୁଖ୍ୟ ପ୍ରବନ୍ଧକ ପ୍ରଦୀପ କୁମାର ୟୁକୋ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱନୀ କୁମାରଙ୍କ ସନ୍ଦେଶ ପଠନ କରି ସମସ୍ତଙ୍କୁ ଅବଗତ କରାଇଥିଲେ। ରାଜଭାଷାର ବରିଷ୍ଠ ପ୍ରବନ୍ଧକ ଡ. ସୁନୀଲ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଫୁର୍‌ସତ୍

# ‘ମାନସିକ ସ୍ୱାସ୍ଥ୍ୟ ହିଁ ବିଶ୍ୱ ମାନବାଧିକାର’

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ



ସୁସ୍ଥ ମଣିଷଟିଏ କହିଲେ ଉଭୟ ଶାରୀରିକ ଓ ମାନସିକ ସୁସ୍ଥତାକୁ ବୁଝାଏ। ମାତ୍ର ସୁନ୍ଦର ସ୍ୱାସ୍ଥ୍ୟ ନିମନ୍ତେ ଲୋକମାନେ ମୁଖ୍ୟତଃ ଶରୀର ଉପରେ ହିଁ ବେଶି ଧ୍ୟାନ ଦେଇଥାନ୍ତି। ମାନସିକ ସୁସ୍ଥତା ଓ ମାନସିକ ରୋଗ ସମ୍ବନ୍ଧରେ ଆମ ଦେଶର ଲୋକମାନଙ୍କ ମଧ୍ୟରେ ସଚେତନତାର ଘୋର ଅଭାବ ରହିଛି। ଉତ୍ତମ ମାନସିକ ସ୍ୱାସ୍ଥ୍ୟ ମଣିଷର କେତେକ ବିଶେଷ ଗୁଣର ସମାହାର। ସେଗୁଡ଼ିକ ହେଲା ଜୀବନରେ ପରିବର୍ତ୍ତନକୁ ବିନା ଭୟରେ ସାମ୍ନା କରିବା, ଅନ୍ୟକୁ ଭଲ ପାଇବା ଓ ଅନ୍ୟମାନଙ୍କ ଭଲ ପାଇବା ପାଇଁ ନିଜକୁ ପ୍ରସ୍ତୁତ ରଖିବା, ହାରିଯିବାର ଚିନ୍ତାରେ ସବୁବେଳେ ବ୍ୟସ୍ତ ନ ରହି ସବୁ କାମରେ ଉଦ୍ୟମ କରିବାର କ୍ଷମତା ରଖିବା, ସମାଜରେ ନିଜର ସ୍ଥିତି, ପାରିପାର୍ଶ୍ୱ ଓ ବାସ୍ତବତା ସମ୍ପର୍କରେ ଆବଶ୍ୟକ ଜ୍ଞାନ ରଖିବା, ନିଜ ଭୁଲ୍ ବୁଝିବାର ସତ୍‌ସାହସ ରଖିବା, ବନ୍ଧୁ ଓ ପଡ଼ୋଶୀମାନଙ୍କ ସହ ସାବଲୀଳ ସମ୍ପର୍କ ରଖିବା ଏବଂ ନିଜର ସିଦ୍ଧାନ୍ତ ନିଜେ ନେଇପାରିବାର କ୍ଷମତା ରଖିବା ଇତ୍ୟାଦି ।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ସାମ୍ପ୍ରତିକ ସର୍ବେକ୍ଷଣରୁ ଜଣାପଡ଼ିଛି, ସାରା ବିଶ୍ୱରେ ପ୍ରାୟ ୪୫ କୋଟି ଲୋକ ବିଭିନ୍ନ ମାନସିକ ସମସ୍ୟା ଦ୍ୱାରା ଆକ୍ରାନ୍ତ। ଭାରତବର୍ଷରେ ମାନସିକ ରୋଗୀଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଆମ ଦେଶରେ ପ୍ରାୟ ୨୦ ପ୍ରତିଶତ ଲୋକ ବିଭିନ୍ନ ମାନସିକ ସମସ୍ୟା ଦ୍ୱାରା ଆକ୍ରାନ୍ତ। ଅଧିକାଂଶ ମାନସିକ ସମସ୍ୟା ୨୦ବର୍ଷ ବୟସ ପୂର୍ବରୁ ହିଁ ଆରମ୍ଭ ହୋଇଥାଏ। ମାତ୍ର ବିଡ଼ମ୍ବନାର କଥା ଯେ ଭାରତରେ ମାନସିକ ରୋଗ ବିଶେଷଜ୍ଞ ଡାକ୍ତରଙ୍କର ଘୋର ଅଭାବ ରହିଛି। ଆମ ଦେଶ ଲୋକମାନଙ୍କ ମଧ୍ୟରେ ଦେଖାଯାଉଥିବା ପ୍ରମୁଖ ମାନସିକ ରୋଗଗୁଡ଼ିକ ହେଲା ଅବସାଦ, ସ୍କିଜୋଫ୍ରେନିଆ, ଆଙ୍ଗଜାଇଟି ଓ ବାଇପୋଲାର ରୋଗ ଆଦି। ଏଥିମଧ୍ୟରୁ ଅବସାଦ ରୋଗ ସର୍ବାଧିକ ମାତ୍ରାରେ ଦେଖାଯାଇଥାଏ। କିନ୍ତୁ ସ୍କିଜୋଫ୍ରେନିଆ ରୋଗ ସବୁଠାରୁ ଗୁରୁତର ମାନସିକ ରୋଗ। ଏହିସବୁ ମାନସିକ ରୋଗ ଯୋଗୁ ବର୍ତ୍ତମାନ ଆତ୍ମହତ୍ୟାର ସଂଖ୍ୟା ମଧ୍ୟ ଦ୍ରୁତଗତିରେ ବଢ଼ିବାରେ ଲାଗିଛି।

ମାନସିକ ରୋଗଗୁଡ଼ିକ ସମ୍ପର୍କରେ ଲୋକମାନଙ୍କ ମଧ୍ୟରେ ଅନେକ ଭୁଲ୍ ଧାରଣା ରହିଛି। ଲୋକମାନେ ଭାବନ୍ତି ମାନସିକ ରୋଗର ଚିକିତ୍ସା ସମ୍ଭବ ନୁହେଁ ଏବଂ ଏହା କେବେ ଭଲ ହୋଇପାରିବ ନାହିଁ। ଅନ୍ୟ କେତେକେ ଭାବନ୍ତି, ମାନସିକ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହେଉଥିବା ଔଷଧଗୁଡ଼ିକ ସେବନକଲେ ଏହା ଉପରେ ନିର୍ଭରଶୀଳତା ବଢ଼ିଯାଏ। ଏଗୁଡ଼ିକୁ ସାରା ଜୀବନ ଖାଇବାକୁ ପଡ଼େ ଏବଂ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଉପରେ ଖରାପ ପ୍ରଭାବ ପଡ଼ିଥାଏ। ମାତ୍ର ଏ ସବୁ ଭୁଲ୍ ଧାରଣା। ସମସ୍ତ ମାନସିକ ରୋଗର ଚିକିତ୍ସା ସମ୍ପୂର୍ଣ୍ଣ ସମ୍ଭବ। ଏଥି ନିମନ୍ତେ ମାନସିକ ରୋଗ ବିଶେଷଜ୍ଞଙ୍କୁ ପରାମର୍ଶକରି ଚିକିତ୍ସା କରିବା ଜରୁରୀ। କେତେକ ନିର୍ଦ୍ଦିଷ୍ଟ ମାନସିକ ରୋଗ ଛଡ଼ା ଅନ୍ୟ କୌଣସି ରୋଗରେ ସାରା ଜୀବନ ଔଷଧ ଖାଇବାକୁ ପଡ଼େ ନାହିଁ।

ପ୍ରାରମ୍ଭିକ ଅବସ୍ଥାରେ ଲୋକେ ମାନସିକ ରୋଗଗୁଡ଼ିକର ଲକ୍ଷଣକୁ ଚିହ୍ନିବାରେ ସାଧାରଣତଃ ବିଳମ୍ବ କରିଥାଆନ୍ତି। କେତେଜଣ ଲୋକ ମାନସିକ ସମସ୍ୟାଗୁଡ଼ିକୁ କୌଣସି ରୋଗର ଲକ୍ଷଣ ବୋଲି ନ ମାନି, ଆମ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ଯୋଗୁ ରୋଗୀକୁ ଗୁଣିଆ ପାଖକୁ ନେଇ ଅଯଥା ସମୟ ନଷ୍ଟ କରାଯାଇଥାଏ। ଏସବୁ ଦ୍ୱାରା ରୋଗର ପ୍ରକୋପ ବଢ଼େ ଓ ଡେରିରେ ଚିକିତ୍ସା ଆରମ୍ଭକଲେ ବେଶି ଦିନ ଔଷଧ ସେବନ କରିବାକୁ ପଡ଼ିଥାଏ କିମ୍ବା ରୋଗ ସମ୍ପୂର୍ଣ୍ଣ ଭାବେ ଠିକ୍ ହେବା ସମ୍ଭାବନା କମି ଯାଇଥାଏ। ବିଭିନ୍ନ ମାନସିକ ସମସ୍ୟାର ଚିକିତ୍ସା ନିମନ୍ତେ ଉଦ୍ଦିଷ୍ଟ ଔଷଧର ଏକ ନିର୍ଦ୍ଦିଷ୍ଟ କୋର୍ସ ରହିଥାଏ, ଯାହା କି ସାଧାରଣତଃ ରୋଗର ତୀବ୍ରତା ଉପରେ ନିର୍ଭର କରିଥାଏ। ଏହି କୋର୍ସ ଅନୁସାରେ ଔଷଧ ଖାଇଲେ ଆଉ ରୋଗର ଲକ୍ଷଣ ଦେଖାଯାଇ ନ ଥାଏ। ରୋଗର ତୀବ୍ରତା କମିଲେ ଔଷଧଗୁଡ଼ିକର ମାତ୍ରା ମଧ୍ୟ ଧୀରେ ଧୀରେ କମାଇ ଦିଆଯାଏ। ମାନସିକ ରୋଗ ବିଶେଷଜ୍ଞଙ୍କ ବିନା ପରାମର୍ଶରେ ଔଷଧ ବନ୍ଦ କରିଦେଲେ ରୋଗ ପୁନର୍ବାର ଦେଖାଯିବା ଆଶଙ୍କା ରହିଥାଏ। ବର୍ତ୍ତମାନର ଆଧୁନିକ ଚିକିତ୍ସା ଯୁଗରେ ମାନସିକ ରୋଗଗୁଡ଼ିକର ଚିକିତ୍ସା ପାଇଁ ବ୍ୟବହାର କରାଯାଉଥିବା ଔଷଧଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଓ ଏ ଗୁଡ଼ିକର କୌଣସି ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଆମ ସମାଜରେ ଲୋକମାନଙ୍କ ମଧ୍ୟରେ ଧାରଣା ଅଛି ଯେ ବିବାହ ଦ୍ୱାରା ବିଭିନ୍ନ ମାନସିକ ରୋଗ ଠିକ୍ ହୋଇଯାଏ। ମାତ୍ର ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ୍। ବିବାହ ପୂର୍ବରୁ ରୋଗର ଅବସ୍ଥା ତଥା ଔଷଧ ପ୍ରକ୍ରିୟା ସମ୍ପର୍କରେ ରୋଗୀ ଓ ତା’ର ଜୀବନସାଥୀ ଡାକ୍ତରଙ୍କଠାରୁ ପରାମର୍ଶ ନେବା ଉଚିତ।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓ ବିଶ୍ୱ ମାନସିକ ସଂଘର ମିଳିତ ଆନୁକୂଲ୍ୟରେ ପ୍ରତି ବର୍ଷ ଅକ୍ଟୋବର ୧୦କୁ ‘ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ’ ଭାବରେ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହି ଦିବସର ଥିମ୍ ହେଉଛି ‘ମାନସିକ ସ୍ୱାସ୍ଥ୍ୟ ହିଁ ବିଶ୍ୱ ମାନବାଧିକାର’ (Mental Health is a Universal Human Right)। ଏହି ଦିବସ ପାଳନର ପ୍ରମୁଖ ଲକ୍ଷ୍ୟ ହେଲା ବିଭିନ୍ନ ମାନସିକ ରୋଗର କାରଣ, ଲକ୍ଷଣ ଓ ନିରାକରଣ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟିକରିବା। କୌଣସି ମାନସିକ ରୋଗର ଲକ୍ଷଣ ଦେଖାଦେଲେ ତାକୁ ଆଦୌ ଅବହେଳା କରନ୍ତୁ ନାହିଁ। ବିନା ସଙ୍କୋଚରେ ମାନସିକ ରୋଗ ବିଶେଷଜ୍ଞଙ୍କୁ ପରାମର୍ଶ କରନ୍ତୁ ଓ ଉଚିତ ଚିକିତ୍ସା ଗ୍ରହଣ କରନ୍ତୁ।

**-ଡା. ସତ୍ୟକାମ ମହାପାତ୍ର ,**
ମାନସିକ ରୋଗ ବିଶେଷଜ୍ଞ, କଟକ
ମୋ : ୮୮୯୫୨୯୩୯୯୭

# ଦେବରକୋଣ୍ଡାଙ୍କ ସହ ରଶ୍ମିକାଙ୍କ ଡେଟିଂ ଚର୍ଚ୍ଚା



ରଶ୍ମିକା ମାନ୍ଦାନା

**ମୁମ୍ବାଇ**

ସାଉଥ୍ ଇଣ୍ଡଷ୍ଟ୍ରିର ଅଭିନେତ୍ରୀ ରଶ୍ମିକା ମାନ୍ଦାନାଙ୍କ ସହ ଅଭିନେତା ବିଜୟ ଦେବରକୋଣ୍ଡାଙ୍କ ଡେଟିଂ ଖବର ବହୁ ଚର୍ଚ୍ଚାରେ ରହିଛି। ଉଭୟ ନିଜ ସମ୍ପର୍କକୁ ନେଇ ଦୀର୍ଘ ସମୟ ଧରି ଲାଇମଲାଇଟରେ ରହିଆସିଛନ୍ତି। ଦୁହେଁ ନିଜ ସମ୍ପର୍କକୁ ନେଇ ଚୁପ ରହିଥିବାବେଳେ ନିକଟରେ ତାଙ୍କର କିଛି ଫଟୋ ସାମ୍ନାକୁ ଆସିଛି। କୁହାଯାଉଛି କି, ସେମାନେ ତୁର୍କୀରେ ଛୁଟି କାଟୁଛନ୍ତି। କିଛି ସମୟ ଆଗରୁ ରଶ୍ମିକା ତୁର୍କୀରୁ ତାଙ୍କ ଛୁଟିଦିନର ଏକ ଫଟୋ ସୋସିଆଲ ମିଡିଆରେ ଶେୟାର କରିଥିଲେ। ପରେ ବିଜୟଙ୍କ ଫଟୋ ସାମ୍ନାକୁ ଆସିଥିଲା। ଏଥିରୁ ଦୁହେଁ ତୁର୍କୀରେ ଏକାଠି ଥିବା ଜଣାପଡ଼ିଥିଲା। ହେଲେ ଏଥିରେ ଦୁହେଁ ଚୁପ ରହିଛନ୍ତି। ତେବେ କିଛି ସମୟ ପୂର୍ବରୁ ଉଭୟଙ୍କ ବ୍ରେକଅପ ହୋଇଥିବା ମଧ୍ୟ ଖବର ସାମ୍ନାକୁ ଆସିଥିଲା। ତେବେ ରଶ୍ମିକା ୨୦୧୬ରେ କନ୍ନଡ ଫିଲ୍ମ ଜରିଆରେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଅନେକଙ୍କ ପସନ୍ଦିତା ହୋଇପାରିଛନ୍ତି। ଶେଷଥର ପାଇଁ ସେ ସିନେମା ‘ମିଶନ ମଞ୍ଜୁ’ରେ ନଜରକୁ ଆସିଥିଲେ। ଏଥିସହ ତାଙ୍କ ହାତରେ ଏବେ ଆଉ ୩ଟି ଫିଲ୍ମ ରହିଛି। ତାହାର ଶୁଟିଂରେ ସେ ବ୍ୟସ୍ତ ରହିଛନ୍ତି।

# ୧୮୫ କିଲୋ ଓଜନର ରୁଟି



**ଜୟପୁର:** ରାଜସ୍ଥାନର ଭିଲୱାଡା ସହରର କୈଳାସ ସୋନି ତାଙ୍କ ଜନ୍ମଦିନରେ ଏପରି ଏକ ରୁଟି ପ୍ରସ୍ତୁତ କରିଛନ୍ତି, ଯାହା ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସାମିଲ ହୋଇଛି। ସେ ୧୮୫ କିଲୋ ଓଜନର ଏକ ବଡ଼ ରୁଟି ତିଆରି କରିଛନ୍ତି। ପୂର୍ବରୁ ଜାମନଗରର ଜଣେ ବ୍ୟକ୍ତି ୧୪୫ କିଲୋ ଓଜନର ଏକ ରୁଟି ପ୍ରସ୍ତୁତ କରି ଏହି ରେକର୍ଡ କରିଥିଲେ। କୈଳାସ ନିଜ ସହରର ନାମ ରଖିବାକୁ ସେ ବିଶ୍ୱର ସବୁଠୁ ବଡ଼ ରୁଟି ତିଆରି କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ବିଭିନ୍ନ ରାଜ୍ୟରୁ ୨୧ ଜଣ କାରିଗର ନିଯୁକ୍ତ ହୋଇଥିଲେ। ରୁଟି ପାଇଁ ୧୭୧ କିଲୋ ଅଟା ଏବଂ ମଇଦା, ୧୫ କିଲୋ ଦେଶୀ ଘିଅ, ୫୦ ଲିଟର ପାଣିର ବ୍ୟବହୃତ ହୋଇଥିଲା।ସକାଳୁ ରୁଟିକୁ ତିଆରି ଆରମ୍ଭ ହୋଇ ଅପରାହ୍ଣ ୫ଟା ୩୦ ସମୟରେ ତାହା ସରିଥିଲା। ହରି ସେବା ଉଦାସୀନ ଆଶ୍ରମରେ ରୁଟି ପ୍ରସ୍ତୁତ ହେବା ପରେ ଏଠାକୁ ଆସିଥିବା ଭକ୍ତଙ୍କୁ ଏକ ତରକାରି ସହିତ ରୁଟିକୁ ପ୍ରସାଦ ରୂପରେ ବଣ୍ଟାଯାଇଥିଲା।

# ଥିଲେ ଭଉଣୀ, ଏବେ ଭାଇ-ଭଉଣୀ

**ୱାଶିଂଟନ**



ସୁଚିତା ଏବଂ ସବିତା ନାଇଡୁ ଦୁହେଁ ଜନ୍ମରୁ ଯାଆଁଳା ଭଉଣୀ ଥିଲେ, ହେଲେ ବଡ଼ ହେବା ସହ ସେମାନଙ୍କ ମଧ୍ୟରେ ସମ୍ପର୍କ ବଦଳିଗଲା। ଏବେ ସେମାନେ ଭାଇ-ଭଉଣୀ। ଦୁହିଁଙ୍କ ମଧ୍ୟରୁ ସବିତା ହେଉଛନ୍ତି ଟ୍ରାନ୍ସଜେଣ୍ଡର। ସେ ନିଜକୁ ପୁରୁଷ ବୋଲି କୁହନ୍ତି। ସୁଚିତା ମିସ୍ ଇଂଲଣ୍ଡ ପ୍ରତିଯୋଗିତାରେ ପ୍ରତିଯୋଗୀ ଅଛନ୍ତି। ରିପୋର୍ଟ ମୁତାବକ, ସବିତା ଏବେ ସାବ୍ ନାମରେ ପରିଚିତ। ସାବ୍ କହିଛନ୍ତି, ଭଉଣୀ ସୁଚିତାଙ୍କୁ ଛୋଟବେଳୁ ବାର୍ବି, ମେକ୍‌ଅପରେ ପସନ୍ଦ ଥିବାବେଳେ ତାଙ୍କୁ କାର୍, ଫୁଟବଲ୍, ଆକ୍ସନ ହିରୋ ପସନ୍ଦ ଥିଲା। ଛୋଟବେଳେ ମା’-ବାପା ସାବ୍‌ଙ୍କୁ ଟମ୍-ବୟ ଡାକୁଥିଲେ। ହେଲେ ଏବେ ସେ ପୁରୁଷଙ୍କ ଭଳି ରହୁଛନ୍ତି। ସେ ନିଜ ଚୁଟି ଛୋଟ କରିଦେଇଛନ୍ତି ଏବଂ ପୁଅଙ୍କ ଭଳି ପୋଷାକ ପିନ୍ଧୁଛନ୍ତି। ସୁଚିତା ଗତ ମାସ ପ୍ରାରମ୍ଭରେ ମିସ୍ ଇଂଲଣ୍ଡର ‘ମେକଅପ ଫ୍ରି’ରେ ଫାଇନାଲିଷ୍ଟ ଥିଲେ। ସେ ଜଣେ ବ୍ୟୁଟି କୁଇନ ହେବା ସହ ଏପରି ଏକ ମଞ୍ଚ ଚାହୁଁଛନ୍ତି, ଯେଉଁଠାରେ ଭେଦଭାବ କରାଯାଉଥିବା ଲୋକଙ୍କ ବାବଦରେ ସେ କହିପାରିବେ। ସୁଚିତା ଏବଂ ସବିତାଙ୍କ ମା’ବାପା ୨୩ ବର୍ଷ ପୂର୍ବେ ମାଲେସିଆରୁ ବ୍ରିଟେନ ଆସିଥିଲେ। ୨୦୦୨ରେ ଉତ୍ତର ଲଣ୍ଡନର ହମଷ୍ଟେଡ୍‌ରେ ସୁଚିତା ଏବଂ ସବିତାଙ୍କ ମା’ ଗଣିତ ଶିକ୍ଷୟିତ୍ରୀ, ବାପା ଜଣେ ବାରିଷ୍ଟର ଥିଲେ। ସବିତା ଏବଂ ସୁଚିତାଙ୍କ ୨ ବଡ଼ ଭଉଣୀ ମଧ୍ୟ ଅଛନ୍ତି। ସାବ୍‌ଙ୍କୁ ଯେତେବେଳେ ୮ ବର୍ଷ ହୋଇଥିଲା ସେତେବେଳେ ଦୁଇ ଭଉଣୀ ବାହାଘର ଖେଳ ଖେଳୁଥିଲେ। ସେଥିରେ ସେ ନିଜକୁ ପୁଅ ବୋଲି ମାନୁଥିଲେ। ତାଙ୍କ ମନରେ ପୁଅ ପାଇଁ ନୁହେଁ ଝିଅ ଲାଗି ଭାବନା ଜାଗ୍ରତ ହେଉଥିବା ଜାଣିବାକୁ ପାଇଲେ। ୨୦୧୭ରେ ଦୁହେଁ ଏ ବାବଦରେ ଘର ଲୋକଙ୍କ ସହିତ କଥା ହେଲେ। ଘର ଲୋକ ତାଙ୍କୁ ସର୍ଜରି କରିବା କଥା ପଚାରିଥିଲେ। ହେଲେ ସେ ଏପର୍ଯ୍ୟନ୍ତ ସର୍ଜରି କରାଇ ନାହାନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଆରାଧ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାଜ୍ୟ ସଭାପତିଙ୍କ ସମ୍ମୁଖରେ ଦୁଇଗୋଷ୍ଠୀ ମାରପିଟ୍

**ବଲାଙ୍ଗୀର, ୯।୧୦ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଭାଜପାରେ ଦୀର୍ଘଦିନ ହେଲା କୁହୁଳୁ ଥିବା ଗୋଷ୍ଠୀ ବିବାଦ ସୋମବାର ଅପରାହ୍ନରେ ସାଂଘାତିକ ରୂପ ନେଇଛି। ରାଲି ଚାଲିଥିବା ବେଳେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କ ସମ୍ମୁଖରେ ଦୁଇ ଗୋଷ୍ଠୀର ବରିଷ୍ଠ ନେତା ଏବଂ ଆଗାମୀ ନିର୍ବାଚନ ପାଇଁ ଦଳୀୟ ଟିକଟ ଦାବିଦାରଙ୍କ ଭିତରେ ପ୍ରବଳ ମାରପିଟ୍, ଧସ୍ତାଧସ୍ତି ଏବଂ ଗଣ୍ଡଗୋଳ ଘଟିଥିଲା। ଏହି ମାରପିଟ୍ ବେଳେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଏବଂ ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି ଉପସ୍ଥିତ ଥିଲେ। ବଲାଙ୍ଗୀର ସହର ଆରଟିଓ ଛକରେ ଏହି ଘଟଣା ଘଟିଛି।

ବଲାଙ୍ଗୀର ଜିଲା ଗସ୍ତରେ ଆସିଥିବା ରାଜ୍ୟ ସଭାପତି ସାମଲ ଅପରାହ୍ନରେ ସହର ଉପକଣ୍ଠ ବିଜାଖମନ ନର୍ସରିଠାରେ ଆୟୋଜିତ କର୍ମୀ ସମାବେଶରେ ଯୋଗ ଦେଇଥିଲେ। ସେଠାରୁ ଏକ ଖୋଲାଜିପ୍‌ରେ ବାଇକ୍ ରାଲିରେ ସହର ଅଭିମୁଖେ ଆସିଥିଲେ। ରାଜ୍ୟ ସଭାପତି ସାମଲ, ଜିଲା ସଭାପତି ଶିବାଜୀ ମହାନ୍ତି ଏବଂ ୨୦୨୪ ନିର୍ବାଚନ ପାଇଁ ବଲାଙ୍ଗୀର ବିଧାନସଭା ପାଇଁ ଦଳୀୟ ଟିକଟ ଆଶାୟୀ ଗୋପାଲଜୀ ପାଣିଗ୍ରାହୀ ଏକ ଖୋଲାଜିପ୍‌ରେ ଆସୁଥିଲେ। ଆରଟିଓ ଛକରେ ୨୦୧୯ ନିର୍ବାଚନରେ ବଲାଙ୍ଗୀର ବିଧାନସଭା ପ୍ରାର୍ଥୀ ହୋଇଥିବା ଅନନ୍ତ ଦାଶ ଏବଂ କିଛିବର୍ଷ ହେଲା ଜିଲାରେ ସମାନ୍ତରାଳ ଦଳୀୟ ସଙ୍ଗଠନ ଗଢୁଥିବା ରାଜ୍ୟ ବାହାରର ନେତା ବଳରାମ ସିଂ ଯାଦବଙ୍କ ଗୋଷ୍ଠୀ ରାଜ୍ୟ ସଭାପତି ସାମଲଙ୍କ ଖୋଲା ଜିପ୍‌କୁ ଅଟକାଇ ଫୁଲମାଳ ଦେବାକୁ ଚେଷ୍ଟା କରିଥିଲେ। ଜିପ୍ ପଛପଟରୁ ଚଢ଼ି ରାଜ୍ୟ ସଭାପତି ସାମଲଙ୍କୁ ଫୁଲ ମାଳ ଦେବାକୁ ଚେଷ୍ଟା କଲାବେଳେ ଦାଶ ଓ ପାଣିଗ୍ରାହୀଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଏଥିରେ ଦାଶ ଜିପ୍ ଉପରକୁ ଚଢ଼ି ପାରି ନ ଥିବାବେଳେ ପାଣିଗ୍ରାହୀ ଜିପରୁ ମୁଣ୍ଡ ତଳକୁ କରି ଖସି ପଡିଥିଲେ। ଏହି ଘଟଣା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉଭୟ ଗୋଷ୍ଠୀର କର୍ମୀ ଏବଂ ନେତାଙ୍କ ମଧ୍ୟରେ ମାରପିଟ୍ ଆରମ୍ଭ ହୋଇଥିଲା। ଭାଇରାଲ ହୋଇଥିବା ଭିଡିଓରେ ମାରପିଟ୍ ଏଭଳି ସାଂଘାତିକ ରୂପ ନେଇଥିଲା ଯେ ଗତ ନିର୍ବାଚନର ବିଧାୟକ ପ୍ରାର୍ଥୀ ଦାଶଙ୍କ ପୋଷାକ ଚିରି ସେ ଅର୍ଦ୍ଧବିବସ୍ତ୍ର ହୋଇଯାଇଥିଲେ। ତାଙ୍କୁ ନିସ୍ତୁକ ମାଡ ମରାଯାଉଥିବା ଭିଡିଓ ଭାଇରାଲ ହୋଇଛି। ମାରପିଟ ଦୃଶ୍ୟରେ ଭୟଭୀତ ହୋଇ ରାସ୍ତାରେ ଯାଉଥିବା ଲୋକେ ପଳାୟନ କରିଥିଲେ। କିଛିସମୟ ଧରି ଗାଡି ମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରାଜ୍ୟ ସଭାପତି ସାମଲ, ଜିଲା ସଭାପତି ମହାନ୍ତି ଏବଂ ଏମ୍‌ପି ସିଂଦେଓ ଘଟଣାସ୍ଥଳ ଛାଡି ସର୍କିଟ ହାଉସକୁ ଚାଲିଯାଇଥିଲେ। ପୋଲିସ ଉପସ୍ଥିତିରେ ଏହି ଗୋଷ୍ଠୀ ସଂଘର୍ଷ ଘଟିଯାଇଥିଲା। ଏହି ଘଟଣା ପରେ ଭାଜପା ନେତା ପାଣିଗ୍ରାହୀ ଟାଉନ୍ ଥାନାକୁ ଆସି ତାଙ୍କୁ ଜୀବନରେ ମାରିଦେବା ଉଦ୍ୟମ କରାଯାଇଥିବା ଅଭିଯୋଗ କରିଥିଲେ। ସେ ବଳରାମ ସିଂ ଯାଦବ ଏବଂ ତାଙ୍କ ସମର୍ଥକଙ୍କ ନାଁରେ ଅଭିଯୋଗ କରିଛନ୍ତି। ମାରଣାସ୍ତ୍ର ଧରି ଜିପ୍ ଉପରୁ ତାଙ୍କୁ ଟାଣି ଆଣିବାରୁ ସେ ତଳେ ପଡିଯାଇଥିଲେ ଏବଂ ତାଙ୍କ ତଣ୍ଟିକୁ ସେଠାରେ ମାଡିଦେଇ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏନେଇ ଟାଉନ୍ ଥାନାରେ ଧାରା ୩୦୭ ଓ ୧୪୯ରେ ଏକ ମାମଲା (୫୪୦/୨୩) ରୁଜୁ କରାଯାଇଛି। ତେବେ ସେ ଅନନ୍ତ ଦାଶଙ୍କ ନାଁ ଅଭିଯୋଗପତ୍ରରେ ଉଲ୍ଲେଖ କରିନାହାନ୍ତି। ଶ୍ରୀକାନ୍ତ ଜାଲ ନାମକ ଜଣେ ଭାଜପା କର୍ମୀ ମଧ୍ୟ ଟାଉନ୍ ଥାନାରେ ତାଙ୍କ ଗୋଡ ଭାଙ୍ଗିଯାଇଥିବା ଅଭିଯୋଗ କରିଛନ୍ତି। ଖବରଲେଖା ହେବା ପର୍ଯ୍ୟନ୍ତ(ରାତି ୯ଟା) ପ୍ରତିପକ୍ଷ ଗୋଷ୍ଠୀରୁ କୌଣସି ସଦସ୍ୟ ଥାନାରେ ଅଭିଯୋଗ କରିନାହାନ୍ତି। ଘଟଣାକୁ ନେଇ ରାଜ୍ୟ ସଭାପତି ସାମଲ, ଜିଲା ସଭାପତି ମହାନ୍ତି କି ଏମ୍‌ପି ସିଂଦେଓ ମୁହଁ ଖୋଲିନାହାନ୍ତି। ମଙ୍ଗଳବାର ସର୍କିଟ ହାଉସଠାରେ ଏକ ଖବରଦାତା ସମ୍ମିଳନୀ ରଖାଯାଇଛି। ୨୦୨୪ ନିର୍ବାଚନ ପୂର୍ବରୁ ବଲାଙ୍ଗୀରରେ ଭାଜପାର ଗୋଷ୍ଠୀ ବିବାଦ ଚର୍ଚ୍ଚାର ବିଷୟ ହୋଇଛି।



ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କ ରାଲିରେ ଦୁଇ ଭାଜପା ନେତା ମାରପିଟ୍ ହେଉଛନ୍ତି। ଅନନ୍ତ ଦାଶଙ୍କ ପୋଷାକ ଚିରିଯାଇଛି।

### ବଲାଙ୍ଗୀର ରାସ୍ତାରେ ଭାଜପା ଗୋଷ୍ଠୀ ବିବାଦ

# ତାଞ୍ଜାନିଆ ରାଷ୍ଟ୍ରପତିଙ୍କୁ ସାକ୍ଷାତ୍ କଲେ ଧର୍ମେନ୍ଦ୍ର



**ଭୁବନେଶ୍ୱର, ୯।୧୦(ସୁନିତ୍ ମିଶ୍ର)**

ଭାରତ ଗସ୍ତରେ ଆସିଥିବା ତାଞ୍ଜାନିଆର ରାଷ୍ଟ୍ରପତି ସାମିୟା ସୁଲୁହୁ ହସନଙ୍କୁ ସୋମବାର ନୂଆଦିଲ୍ଲୀଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାକ୍ଷାତ୍ କରିଛନ୍ତି। ଦୁଇ ଦେଶ ମଧ୍ୟରେ 'ରଣନୈତିକ ଭାଗୀଦାରି'କୁ ଆହୁରି ସୁଦୃଢ଼ କରିଥିବାରୁ ଧର୍ମେନ୍ଦ୍ର ତାଞ୍ଜାନିଆ ରାଷ୍ଟ୍ରପତିଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ ଟୁଇଟ୍ କରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଞ୍ଜାନିଆ ରାଷ୍ଟ୍ରପତିଙ୍କ ନେତୃତ୍ୱରେ ଉଭୟ ଦେଶ ମଧ୍ୟରେ ଦୀର୍ଘଦିନ ଧରି ରହିଥିବା ବନ୍ଧୁତାକୁ ନୂଆ ଉତ୍ସାହ ଦେବା ସହ ଉଜ୍ଜୀବିତ କରିଛି। ତାଞ୍ଜାନିଆର ଜାଞ୍ଜିବରଠାରେ ଆଇଆଇଟି ମାଡ୍ରାସ କ୍ୟାମ୍ପସ ସ୍ଥାପନ କରିବା ପାଇଁ ଅନୁମତି ଦେଇଥିବାରୁ ଧର୍ମେନ୍ଦ୍ର ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହାବ୍ୟତୀତ ତାଞ୍ଜାନିଆର ଶିକ୍ଷା ଏବଂ ଦକ୍ଷତା ପ୍ରାଥମିକତାକୁ ଆଗକୁ ବଢ଼ାଇବା ପାଇଁ ତାଞ୍ଜାନିଆ ସହିତ ଘନିଷ୍ଠ ଭାବେ କାର୍ଯ୍ୟ କରିବାକୁ ଭାରତର ଥିବା ଆଗ୍ରହ ନେଇ ଧର୍ମେନ୍ଦ୍ର ଅବଗତ କରାଇଛନ୍ତି।

# ବିହାର, ରାଜସ୍ଥାନ ଭଳି ଓଡ଼ିଶାରେ ଜାତିଭିତ୍ତିକ ଜନଗଣନା କରିବାକୁ କଂଗ୍ରେସର ଦାବି

**ଭୁବନେଶ୍ୱର, ୯।୧୦(ସୁନିତ୍ ମିଶ୍ର):** ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ବିହାର ଓ ରାଜସ୍ଥାନ ଭଳି ଓଡ଼ିଶାରେ ଜାତିଭିତ୍ତିକ ଜନଗଣନା କରିବାକୁ ଦାବି କରିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୋମବାର ଶରତ କହିଛନ୍ତି ଯେ, ଯେତେବେଳେ ବିହାର ସରକାର ଜାତିଭିତ୍ତିକ ଜନଗଣନା କରିସାରିଛନ୍ତି ଏବଂ ଗତ ଶନିବାର ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ତାଙ୍କ ରାଜ୍ୟରେ ଜାତିଭିତ୍ତିକ ଜନଗଣନା ଶେଷ ହେଉଛି ବୋଲି ପ୍ରକାଶ କରିଛନ୍ତି, ତେବେ ଓଡ଼ିଶାରେ କେବେ କରାଯିବ ବୋଲି ଶରତ ପ୍ରଶ୍ନ କରିଛନ୍ତି। ଶରତ ଆହୁରି କହିଛନ୍ତି ଯେ, ଆମ ଜନସଂଖ୍ୟାରେ ସମ୍ପୂର୍ଣ୍ଣ ସାମାଜିକ ଓ ଅର୍ଥନୈତିକ ଚିତ୍ରର ସ୍ୱଚ୍ଛତା ପାଇବା ଲାଗି କଂଗ୍ରେସ ଦୀର୍ଘଦିନରୁ ଦାବି କରିଆସୁଛି। ହେଲେ ରାଜ୍ୟରେ ଏହି ପ୍ରସଙ୍ଗରେ କେବଳ କଥାବାର୍ତ୍ତାରେ ସବୁକିଛି ଚୁପ୍ ହୋଇଯାଇଛି। ଯଦି ରାଜ୍ୟରେ ଜାତିଭିତ୍ତିକ ଜନଗଣନା କରିବାରେ କୌଣସି ଆଗ୍ରହ ଦେଖଯିବନି ତେବେ ୨୦୨୪ରେ କଂଗ୍ରେସ ଶାସନକୁ ଆସିଲେ ରାଜ୍ୟରେ ତୁରନ୍ତ ଜାତିଭିତ୍ତିକ ଜନଗଣନା କରିବ ବୋଲି ଶରତ କହିଛନ୍ତି।

# ଦୀର୍ଘଦିନ ଶାସନରେ ରହିବା ସତ୍ତ୍ୱେ କାହିଁକି ଜାତିଗତ ଜନଗଣନା କଲାନି କଂଗ୍ରେସ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୯।୧୦(ସୁନିତ୍ ମିଶ୍ର):** ଜାତିଗତ ଜନଗଣନା ଆଳରେ ସୋମବାର କଂଗ୍ରେସ ସମାଜକୁ ବିଭାଜିତ କରି ରାଜନୈତିକ ରୁଟି ସେକିବା ପାଇଁ ଚେଷ୍ଟା କରିଛି। ସ୍ୱାଧୀନତା ପରଠାରୁ ୟୁପିଏ-୨ ପର୍ଯ୍ୟନ୍ତ କଂଗ୍ରେସ ଜାତିଗତ ଜନଗଣନାକୁ ତୀବ୍ର ବିରୋଧ କରିଥିଲା ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି। ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି ଯେ, ରାହୁଲ ଗାନ୍ଧୀ ପ୍ରଥମେ ସ୍ପଷ୍ଟ କରନ୍ତୁ କଂଗ୍ରେସ ଦଶନ୍ଧି ଦଶନ୍ଧି ଧରି ଶାସନରେ ରହିବା ସତ୍ତ୍ୱେ କାହିଁକି ଜାତିଗତ ଜନଗଣନା କଲା ନାହିଁ। ଜାତିଗତ ଜନଗଣନାର ସାମ୍ବିଧାନିକ ଅଧିକାର କେବଳ କେନ୍ଦ୍ର ସରକାରଙ୍କ ହାତରେ ନ୍ୟସ୍ତ ରହିଛି। ଜାତିଗତ ଜନଗଣନା ଉପରେ ରାହୁଲ କେବଳ ବିଭ୍ରାନ୍ତିକର କଥା କହୁଛନ୍ତି। ତାଙ୍କ ନେତା ରାଜୀବ ଗାନ୍ଧୀ ମଣ୍ଡଳ କମିଶନ ଅନ୍ତର୍ଗତ କେନ୍ଦ୍ର ସରକାରଙ୍କ ଚାକିରିରେ ପଛୁଆ ବର୍ଗଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣକୁ ବିରୋଧ କରିଥିଲେ, ଏହା ସତ ନୁହେଁ କି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ ରାହୁଲ ଗାନ୍ଧୀଙ୍କ ନାଟକ ସେହି ରାଜନୈତିକ ଭୁଲ୍‌କୁ ଲୁଚାଇବା ପାଇଁ ଏକ ପ୍ରୟାସ ବୋଲି ସେ କହିଛନ୍ତି।

### ବାଲିମେଳା ଏନ୍‌ଏସି

# ୨୦ ଭାଜପା ନେତାଙ୍କ ସମୂହ ଇସ୍ତଫା

**ମାଲକାନଗିରି, ୯।୧୦(ନୃସିଂହ ଚରଣ ମହାନ୍ତି)**

ଆସନ୍ତା ୧୨ତାରିଖରେ ଲକ୍ଷ୍ମୀ ବସ୍ ଉଦ୍‌ଘାଟନ ପାଇଁ ମୁଖ୍ୟମନ୍ତ୍ରୀ ମାଲକାନଗିରି ଆସୁଥିବା ବେଳେ ବାଲିମେଳା ଏନ୍‌ଏସିର ୨୦ ଜଣ ଆଗଧାଡ଼ିର ଭାଜପା ନେତା ସୋମବାର ସମୂହ ଇସ୍ତଫା ଦେଇଛନ୍ତି। ମାଲକାନଗିରି ଜିଲା ଭାଜପା ଉପସଭାପତି ଚିତ୍ରସେନ ସ୍ୱାଇଁ, ବାଲିମେଳା ନଗର ଉପସଭାପତି ବିଜୟ କ୍ରିଷ୍ଣା ଦାସ, ସାଧାରଣ ସମ୍ପାଦକ ସୀମାଞ୍ଚଳ ପ୍ରଧାନ, କୃଷକ ମୋର୍ଚ୍ଚା ସଭାପତି ତ୍ରିନାଥ ସାହୁ, ଏସ୍‌ଟି ମୋର୍ଚ୍ଚା ସଭାପତି ପୂର୍ଣ୍ଣଚନ୍ଦ୍ର ଚାଲାଣଙ୍କ ସମେତ ସାଧାରଣ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ପୁରୁଷୋତ୍ତମ ମୁଦୁଲି, ରମେଶ କୁମାର ଯାନୀ, ସୁଦର୍ଶନ ଡାକୁଆ, ସାଇ କୁମାର ପାତ୍ର, ଆଶୁ କନଜେରିଆ, ରାମ ଖରା, ସୋନୁ ନାଗ, ସୁରେନ୍ଦ୍ର ସୋଡି, ଅମୂଲ୍ୟ ମାଛ, ଉତ୍କଳ ଚରଣ ମୁଦୁଲି, କୁନୁ ପାଙ୍ଗି, ବଳରାମ ସ୍ୱାଇଁ, ରଞ୍ଜିତ ବେହେରା ଓ ରାହୁଲ ବାଘ ପ୍ରମୁଖ ଭାରତୀୟ ଜନତା ପାର୍ଟି ରାଜ୍ୟ ସଭାପତିଙ୍କୁ ଇସ୍ତଫାପତ୍ର ପ୍ରେରଣ କରିଥିବା କହିଛନ୍ତି।

ବାଲିମେଳା ନଗର ଭାଜପା ଉପସଭାପତି ବିଜୟ କହିଛନ୍ତି, ଦୀର୍ଘ ୧୩ ବର୍ଷ ଧରି ସାଂଗଠନିକ କାର୍ଯ୍ୟ କରୁଥିବା ବେଳେ କୌଣସି ଜନସାଧାରଣଙ୍କୁ ଆମେ ସାହାଯ୍ୟ କରିପାରିଲୁ ନାହିଁ। ଭାଜପାର ମିଥ୍ୟା ପ୍ରତିଶ୍ରୁତି ଦ୍ୱାରା ଲୋକେ ଦୂରେଇ ଯାଉଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମ ମାଲକାନଗିରି ଜିଲାକୁ ଯାହା କହିଛନ୍ତି ତାହା ଦେଇଛନ୍ତି, ଆଗାମୀ ଦିନରେ ମଧ୍ୟ ଲକ୍ଷ୍ମୀ ଯୋଜନାରେ ଗ୍ରାମରୁ ସହର ପର୍ଯ୍ୟନ୍ତ ବସ୍ ସେବା ଯୋଗାଇବେ। ସାଧାରଣ ଗରିବ ଜନତାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ବଡ଼ ସହାୟକ ହୋଇପାରିବ। ଏସବୁ ଲୋକାଭିମୁଖୀ କାମ ଦେଖି ମୁଁ ମୋ ସହ ବହୁ ଭାଜପା ନେତା ସମୂହ ଇସ୍ତଫା ଦେଲୁ।


ଭାଜପା ନେତାମାନେ ଇସ୍ତଫାପତ୍ର ଦେଖାଉଛନ୍ତି।


MARUTI GROUP OF INSTITUTION
BARGARH, ODISHA
MARUTI PHARMACY COLLEGE
COURSES : D. PHARMA (2 Yrs.)
: B. PHARMA (4 Yrs.)
MARUTI INSTITUTE OF PARAMEDICAL & ALLIED SCIENCE
COURSES : DIPLOMA IN MEDICAL LABORATORY
: TECHNICIAN (DMLT) - 2 Yrs.
Consultancy required contact:
7605930501, 9438066954
Eligibility for Admission for all +2 Science Pass

BADRIPRASAD
Group of Institutions
B.Sc Nursing
Eligibility : +2 Science PCB with 45% Genral, 40% ST/SC
PB BSc Nursing
Eligibility : GNM Pass with onmrc Registration
GNM
Eligibility : Candidates must have +2 passed in Any stream.
ANM
Eligibility : Candidates must have +2 passed in Any stream.
BADRIPRASAD Institute of Medical Science SAMBALPUR
9937380097, 9238400140, 8908119285
AT- DEBAIPALI, MAJHIPALI CHOWK, PO - SASON, DIST-SAMBALPUR, PIN-768200
BADRIPRASAD College of Nursing BARGARH
7504241329, 7978356289, 9668822600
At - Ambapali, Ward No. 17, Po/PS/ Dist - Bargarh, PIN - 768028

CLASSIFIED DISPLAY
MORE SPACE • SAME PRICE
TARIFF
GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500 | 2,000 | 6,000 | 12,000 | 12,000 | 25,000 | 20,000 | 40,000 |

BIJAYA FINANCE
Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ । ସୁଧ ୨%
Mob:7656825212
7656825011


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# Classified Everyday
0674-2580101, 2549949


REAL ESTATE
SALE

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର- 500/-, ନଖରା SC/Gen plot-300/-. 7978663279. D-75231

Kantabada Chhak Sparsh Hospital ପାଖରେ stithiban plot Electricity ସହିତ ମିଳୁଅଛି। Contact: 8917697736, 9439101373. D-1428

Duplex sale at Bhubaneswar @ 57 lakhs only. Contact: 9777433701. D-75232

Available resale plot at Hanspal, Rudrapur Surrounded quality building purchase gated Society at Nakhara/ Pahala, 9439363944. D-75230

**3212sqft.Gharabadi residential plot with boundary wall sale nearby "PHULNAKHARA CHHAKA". 9438279244.** D-1464

ଭୁବନେଶ୍ୱର ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ ସ୍ଥିତିବାନ ବାସୋପଯୋଗୀ ପ୍ଲଟ୍ ସୁଲଭ ମୂଲ୍ୟରେ ବିକ୍ରିହେବ। (General/ SC) plot available. Contact: 9938066403/ 9438315973. D-1457

ମୋର ଘରବାଡ଼ି ଜମି ହଂସପାଳ ବାଲିଅନ୍ତାରେ ବିକ୍ରି କରିବାକୁ ଚାହୁଁଛି। (Bank Loan available) Excuse broker- 6370469894. D-75229

କଟକ - ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grand Bazar, NH16** ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି ବାସୋପଯୋଗୀ ପ୍ଲଟ୍ ଶସ୍ତାରେ କିଣନ୍ତୁ, ଗୃହନିର୍ମାଣ କରନ୍ତୁ- **9658562429.** D-75224

ଭୁବନେଶ୍ୱର ଗଙ୍ଗପଡ଼ା **HP** ପେଟ୍ରୋଲ୍‌ପମ୍ପ ନିକଟରେ **sqft.-899/-, Adyanta College** ପାଖରେ **750/- boundary, road,** ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରିହେବ। **9861319999, 9658891108.** D-75220

ଭୁବନେଶ୍ୱର ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ ଏବଂ ଗଙ୍ଗପଡା ପାଖରେ ସ୍ଥିତିବାନ୍ possession plot କିଣି ଘର କରନ୍ତୁ। Contact: 9777067303. D-1513

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

3 stored Villa with terrace garden, Penthouse 2 parking 8000 sqft. super buildup 6.5 cr. Palasuni close to national Highway. Contact No.- 9437922289. D-1456




Newly open spa positively Health benefits with expert therapist. 9040286886. D-75152

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75046

**Full body massage by expert therapist positively health benefits. 9938843929.** D-75153

Newly open Spa positively Health benefit with expert. Contact: 7749976301. D-1469

**Relax, Refresh your body, Mind at Saikrupa Spa with best therapies. 8984068077.** D-1502

BUSINESS

**Padhy pest Controllers Bumper Offer for anti-termite treatment with 5years warranty @ 3.50per sqft. from 16.10.23 to 21.10.23. Contact: 9515883819.** D-75154

AFFIDAVIT

I, Basanta Kumar Behera, At-Rajkishorepada, Dist./PO/PS- Angul, my daughter is Arpita Behera and her mother name is Minati Priyadarsini Sahoo as per Aadhar Card record. But my daughter's School record her mother's name has been wrongly Minati Priyadarsini Sahu I, correction of my daughter's mother's name is School record from Minati Priyadarsini Sahu to Minati Priyadarsini Sahoo. D-1526

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱ.ଛାୟା ରାଉଳ
ଆବିର୍ଭାବ: ୦୫।୦୫।୧୯୬୨
ତିରୋଧାନ: ୧୦।୧୦।୨୦୨୨
ଆପଣଙ୍କ ଭଲପାଇବା, ସ୍ନେହ, ଶ୍ରଦ୍ଧା ଆମ ପାଇଁ ସବୁଦିନ ଆଦର୍ଶ ହୋଇରହିଥାଉ। ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଈଶ୍ୱରଙ୍କ ନିକଟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଦେଇ ତୁମ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
**ଶୋକସନ୍ତପ୍ତ:** କଳ୍ପନା, ନମିତା, ପାଲୁନ୍, ବନ୍ଧୁ ଓ ପରିବାରବର୍ଗ।
ଧ-୧୫୨୩

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ଇନ୍ଦୁମତି ମହାପାତ୍ର
ବାରାପୁର, ରମ୍ଭିଳା
ଆବିର୍ଭାବ: ୨୯।୦୯।୧୯୨୬
ତିରୋଧାନ: ୩୦।୦୯।୨୦୨୩
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:** ପୁତ୍ର, ପୁତ୍ରବୋଧୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ପରିବାରବର୍ଗ, ବନ୍ଧୁ ବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ-୧୫୨୪


**ପାଠକଙ୍କ ପାଇଁ ସୂଚନା** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ରାଗରେ କୁହନ୍ତୁନି ଏହି କଥା

ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ବେଳେ ବେଳେ ବିଭିନ୍ନ କଥାରୁ ମତାନ୍ତର ଏବଂ ରାଗରୁଷା ହୋଇଥାଏ। ହେଲେ ଆପଣ ଜାଣନ୍ତିକି, ରାଗରେ ହଠାତ୍ ପାଟିରୁ କେବେ ଏମିତି କିଛି କଥା ବାହାରି ଆସେ ଯାହାକି ସମ୍ପର୍କରେ ତିକ୍ତତା ସୃଷ୍ଟି କରିଥାଏ। ତେଣୁ ସମ୍ପର୍କ ଅତୁଟ ରଖିବା ଲାଗି ରାଗରେ ନିଜ ପାର୍ଟନରଙ୍କୁ କେଉଁ କଥା କହିବା ଆଦୌ ଠିକ୍ ନୁହେଁ ଜାଣି ରଖନ୍ତୁ ସେ ସମ୍ପର୍କରେ...

■ କେବେ କେବେ ବିଭିନ୍ନ କଥାକୁ ନେଇ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥାଏ। ଆଉ ରାଗରେ ପାଟିରୁ ଏମିତି କିଛି ଭୁଲ୍ କଥା ବାହାରିଆସେ ଯାହାକି ପରବର୍ତ୍ତୀ ସମୟରେ ସମ୍ପର୍କ ଖରାପ କରିଥାଏ। ତେଣୁ ଯେବେ ମନରେ ରାଗ ଥିବ ସେତେବେଳେ 'ତୁମକୁ ବିବାହକରି ଭୁଲ୍ କରିଦେଲି' ଏକଥା ଆଦୌ କୁହନ୍ତୁ ନାହିଁ। କାରଣ ଏହା ପାର୍ଟନରଙ୍କ ମନକୁ କଷ୍ଟ ଦେଇଥାଏ।

■ ସେହିପରି ରାଗିବା ବେଳେ ଅନେକେ ଦୂରେଇ ରୁହନ୍ତୁ।

■ ସ୍ୱାମୀ-ସ୍ତ୍ରୀ ଝଗଡ଼ାରେ ଜଣେ ଜଣେ ନିଜ ପାର୍ଟନରଙ୍କୁ 'କାସ୍, ତୁମକୁ ନ ବାହାହୋଇ ଆଉ କାହାକୁ ବାହାହୋଇଥାନ୍ତି, ଖୁସିରେ ରହିଥାନ୍ତି' ଭଳି କଥା କହିବାକୁ ବି ପଛାନ୍ତି ନାହିଁ। ହେଲେ ସାମାନ୍ୟ ଭାବୁଥିବା ଏହି ପଦେ କଥା ବି ଭବିଷ୍ୟତରେ ବିବାହ ବିଚ୍ଛେଦର କାରଣ ସାଜିପାରେ।

■ ଜଣେ ଜଣେ ବୈବାହିକ



ନିଜ ପାର୍ଟନରଙ୍କୁ 'ମୁଁ ତୁମକୁ ଭଲ ପାଏ ନାହିଁ, ଘୃଣା କରେ' ଆଦି ଭଳି କଟୁ କଥା କହିଦିଅନ୍ତି। ହେଲେ ରାଗ ଶାନ୍ତ ହେବା ପରେ ବି ପାର୍ଟନରଙ୍କ ମନକୁ ଏହି କଥା ବାରମ୍ବାର ଆଘାତ ପହଞ୍ଚାଇଥାଏ। ଫଳରେ ସମ୍ପର୍କର ଦୃଢ଼ତା ଧୀରେ ଧୀରେ କମିଯାଏ। ତେଣୁ ଏଭଳି କଥା କହିବାଠାରୁ

ସମ୍ପର୍କରେ ଉପୁଜୁଥିବା ସମସ୍ତ ଅସୁବିଧା ପାଇଁ ନିଜ ପାର୍ଟନରଙ୍କୁ ଦାୟୀ କରନ୍ତି। ଆଉ ତାଙ୍କର ଏହି କଥା ପାର୍ଟନରଙ୍କ ମନକୁ ଅଧିକ ପ୍ରଭାବିତ କରିବା ସହ ସମ୍ପର୍କକୁ ଦୁର୍ବଳ କରିଦିଏ। ତେଣୁ ନିଜ ଦାମ୍ପତ୍ୟ ଜୀବନ ସୁଖମୟ କରିବା ଲାଗି ରାଗ ବେଳେ ନୀରବ ରୁହନ୍ତୁ।

# ପେଟ ମାଡ଼ି ଶୋଉଥିଲେ



ଅନେକ ମହିଳା ପେଟ ମାଡ଼ି ଶୋଇବାକୁ ଭଲ ପାଆନ୍ତି। ହେଲେ ଆପଣ ଜାଣନ୍ତି କି ପେଟ ମାଡ଼ି ଶୋଇବା ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିପାରେ...

- ପେଟମାଡ଼ି ଶୋଇବା ଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇପାରେ ନାହିଁ। ତା'ଛଡ଼ା ମାଂସପେଶୀଗୁଡ଼ିକ ଚାପିହୋଇ ରହିବା ସହ ବଡି ପୋଜିଶନ ଠିକ୍ ଭାବେ ନ ରହିବା ଯୋଗୁ ଅନେକ ସମୟରେ ମସଲ କ୍ରାମ୍ପ୍ ହେବା ସହ ଖୁବ୍ ଯନ୍ତ୍ରଣା ଅନୁଭୂତ ହୋଇଥାଏ।

- ଏପରି ଶୋଇବା ଦ୍ୱାରା ପେଟ ଚାପିହୋଇ ରହେ। ଫଳରେ ଖାଦ୍ୟ ଭଲ ଭାବେ ହଜମ ହେବାରେ କଷ୍ଟ ହୋଇଥାଏ। ବାରମ୍ବାର ଏପରି ହେଲେ ଧୀରେ ଧୀରେ ଗ୍ୟାସ୍, ବଦହଜମି ଭଳି ଅନେକ ସମସ୍ୟା ସୃଷ୍ଟି ହୋଇଥାଏ।

- ଏପରି ଶୋଇଲେ ମେରୁଦଣ୍ଡରେ ଚାପ ପଡ଼ିଥାଏ। ଫଳରେ କିଛିଦିନ ପରେ ଧୀରେ ଧୀରେ ପିଠି ଯନ୍ତ୍ରଣା ସମସ୍ୟା ଆରମ୍ଭ ହୋଇଥାଏ। ଏପରି ଶୋଇବା ଅଭ୍ୟାସରେ ଯଥା ସମୟରେ ପରିବର୍ତ୍ତନ ନ ଆଣିଲେ ବେକରୁ ଅଣ୍ଟା ପର୍ଯ୍ୟନ୍ତ ଯନ୍ତ୍ରଣା ଜଟିଳ ହେବା ଆଶଙ୍କା ବୃଦ୍ଧି ପାଇଥାଏ।

- ଏପରି ଶୋଇବା ଦ୍ୱାରା ହୃତ୍‌ପିଣ୍ଡରୁ ମସ୍ତିଷ୍କକୁ ଭଲ ଭାବେ ରକ୍ତ ସଞ୍ଚାଳନ ହେବାରେ ବାଧା ଉପୁଜିଥାଏ। ଫଳରେ ମୁଣ୍ଡ ବିନ୍ଧା ହୋଇଥାଏ।

- କେବଳ ଏତିକି ନୁହେଁ, ଏହାଦ୍ୱାରା ମୁହଁ ଚାପିହୋଇ ରହୁଥିବାରୁ ମୁହଁକୁ ପର୍ଯ୍ୟାପ୍ତ ପରିମାଣରେ ଅମ୍ଳଜାନ ମିଳିପାରେ ନାହିଁ। ଫଳସ୍ୱରୂପ ବ୍ରଣ, ଦାଗ ଭଳି ସମସ୍ୟା ସହ ଅଳ୍ପ ବୟସରୁ ଏଜ୍‌ଲାଇନ ଏବଂ ରିଙ୍କିଲ୍ ମାର୍କ ଦେଖାଦେଇଥାଏ।



# ଫେଷ୍ଟିଭ୍ ସେଲ୍

ଆରମ୍ଭ ହୋଇଗଲାଣି ପାର୍ବଣ ଋତୁ। ମାର୍କେଟ୍‌କୁ ବାହାରିବା ମାତ୍ରେ ଛୋଟ ବଡ଼ ଦୋକାନରୁ ଶପିଂ ମଲ୍ ପର୍ଯ୍ୟନ୍ତ ସବୁଠି ଦେଖିବାକୁ ମିଳୁଛି ଫେଷ୍ଟିଭ୍ ସେଲ୍। କେବଳ ଏତିକି ନୁହେଁ, ନାମୀଦାମୀ ଅନ୍‌ଲାଇନ ଶପିଂ ସାଇଟ୍‌ଗୁଡ଼ିକରେ ମଧ୍ୟ ସେଲ୍‌ରେ ପ୍ରତିଟି ଆଇଟମରେ ମିଳୁଛି ସ୍ପେଶାଲ ଅଫର, ଯାହାକି ସଭିଙ୍କୁ ବିଶେଷକରି ମହିଳାଙ୍କୁ କରୁଛି ଅଧିକ ଆକୃଷ୍ଟ...

**ଘ**ର ପାଇଁ ଆବଶ୍ୟକ ସାମଗ୍ରୀଠାରୁ ଆରମ୍ଭକରି ପିଲାଠୁ ବଡ଼ ପରିବାରର ସବୁ ସଦସ୍ୟଙ୍କ ପାଇଁ ପୋଷାକ ହେଉ ଅବା ନିଜର ଡ୍ରେସ୍, କସ୍‌ମେଟିକ୍ସ ଏବଂ ଅନ୍ୟାନ୍ୟ ସାମଗ୍ରୀ କିଣିବା ଲାଗି ମହିଳାମାନେ ସର୍ବଦା ଆଗଭର। ଏମିତିରେ ଯଦି ସେମାନଙ୍କୁ ମିଳିଯାଏ କିଛି ସ୍ପେଶାଲ ଅଫର ବା ଡିସ୍‌କାଉଣ୍ଟ ତେବେ ଶପିଂରେ ଯେମିତି ଅଧିକ ମଜା ଆସିଯାଏ। ଆଉ ଏହି ସୁବିଧା ପାଇବା ଲାଗି ଅଧିକାଂଶ ମହିଳା ଚାତକ ପରି ଚାହିଁ ରହିଥାନ୍ତି ଫେଷ୍ଟିଭ୍ ସେଲ୍‌କୁ। ତେବେ ଏହି ସମୟରେ ବର୍ଷର ଅନ୍ୟ ଦିନ ଅପେକ୍ଷା ବିଭିନ୍ନ ସାମଗ୍ରୀ ଉପରେ ବିଶେଷ ରିହାତି ମିଳୁଥିବାରୁ ଅନେକେ ଅଫର ହାତଛଡ଼ା ନ ହୋଇଯିବା ଲୋଭରେ କାଳ ବିଳମ୍ବ ନ କରି ଶୀଘ୍ର ଅଧିକ ସାମଗ୍ରୀ କିଣିନିଅନ୍ତି। ହେଲେ କେବେ କେବେ ଏଥିପାଇଁ ଆବଶ୍ୟକରୁ ଅଧିକ ଖର୍ଚ୍ଚ ହୋଇଯାଉଥିବା ବେଳେ ଆଉ କେବେ ଠକାମିର ବି ଶିକାର ହେବାକୁ ପଡ଼ିଥାଏ। ତେଣୁ ଫେଷ୍ଟିଭ୍ ସେଲ୍ ବେଳେ ଶପିଂ କରୁଥିଲେ କେତେକ ଦିଗ ପ୍ରତି ସଜାଗ ରହିବା ଆବଶ୍ୟକ...

**ଶପିଂ ପ୍ଲାନ୍ କରନ୍ତୁ:** ଯଦି ଫେଷ୍ଟିଭ୍ ସେଲ୍ ବେଳେ ଘରକରଣା ସାମଗ୍ରୀ, ଡ୍ରେସ୍, ଇଲେକ୍ଟ୍ରୋନିକ୍ସ ଆଦି ଭଳି ବିଭିନ୍ନ ଆଇଟମ୍‌ରେ ଭଲ ଡିସ୍‌କାଉଣ୍ଟ ମିଳୁଥିବାରୁ ଅଧିକାଂଶ ମହିଳା ଏହି ସମୟରେ ଶପିଂ କରିବାକୁ ଚାହିଁ ରହିଥାନ୍ତି। ଯଦି ଆପଣ ବି ଏପରି କରୁଛନ୍ତି ତେବେ ପ୍ରଥମେ ନିଜର ତଥା ପରିବାରର ଆବଶ୍ୟକତାକୁ ଆଖି ଆଗରେ ରଖି କ'ଣ ସବୁ କିଣିବେ ପ୍ଲାନ୍ କରନ୍ତୁ।

**ବଜେଟ ସେଟ୍ କରନ୍ତୁ:** ଆପଣ ପ୍ରଥମେ କେତେ ଟଙ୍କାର ଶପିଂ କରିବେ ଏକ ବଜେଟ ସେଟ୍ କରନ୍ତୁ। ସେତିକି ଟଙ୍କାରେ କ'ଣ କ'ଣ କିଣିବେ ସେଥିପାଇଁ ଏକ ଲିଷ୍ଟ ପ୍ରସ୍ତୁତ କରନ୍ତୁ। ନଚେତ୍ କମ୍ ଟଙ୍କା ଲୋଭରେ କିଣୁ କିଣୁ କେତେବେଳେ ଆବଶ୍ୟକରୁ ବହୁ ଅଧିକ ଖର୍ଚ୍ଚ ହୋଇଯିବ ଜଣାପଡ଼ିବ ନାହିଁ । ତେଣୁ ବଜେଟ ଅନୁଯାୟୀ ଶପିଂ କରନ୍ତୁ ଏବଂ ଯଦି ଟଙ୍କା କମ୍ ପଡ଼େ ତେବେ ଅତି ଆବଶ୍ୟକ ନ ଥିଲେ କେଉଁ ସାମଗ୍ରୀ କାଟିବେ ବିଚାର କରନ୍ତୁ।

## ମନେରଖନ୍ତୁ

- ବିଭିନ୍ନ ସାମଗ୍ରୀରେ ଲାଷ୍ଟ ଡେଟ୍, ଲିମିଟେଡ୍ ଡିସ୍‌କାଉଣ୍ଟ ଅଫର, ବିଭିନ୍ନ ସାମଗ୍ରୀ ଉପରେ କିଛି ନିର୍ଦ୍ଦିଷ୍ଟ ପ୍ରତିଶତ ରିହାତି, ବାଏ ୱାନ୍ ଗେଟ୍ ୱାନ୍ ଫ୍ରି, ଲକି ଡ୍ର କୁପନ୍ ଭଳି ଅଫର ଦିଆଯାଉଛି। ଏହାକୁ ଦେଖି ଅନେକ ମହିଳା ଆଗ ପଛ ବିଚାର ନ କରି କିଣି ନିଅନ୍ତି ଏବଂ ପରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ତେଣୁ ସେଲ୍‌ରେ କିଛି ବି ସାମଗ୍ରୀ କିଣିବା ବେଳେ ପ୍ରଥମେ ଟର୍ମ ଆଣ୍ଡ କଣ୍ଡିଶନ ସମ୍ପର୍କରେ ପ୍ରଥମେ ଭଲ ଭାବେ ବୁଝିନିଅନ୍ତୁ।
- ସେହିପରି ଅନେକ ମହିଳା ଅଫର ହାତଛଡ଼ା ନ ହୋଇଯିବା ଲୋଭରେ ଶୀଘ୍ର ଜିନିଷ କିଣିନିଅନ୍ତି। ହେଲେ କୌଣସି ବି ସାମଗ୍ରୀ କିଣିବା ବେଳେ ତରବର ଭାବେ ନିଷ୍ପତ୍ତି ନ ନେଇ ପ୍ରଥମେ ବିଚାରକରନ୍ତୁ। ଅନ୍ୟ ଦୋକାନରେ କିମ୍ବା ଅନ୍‌ଲାଇନରେ ଉକ୍ତ ସାମଗ୍ରୀର ଦାମ୍ କେତେ ଦେଖିବା ପରେ କିଣିପାରିବେ।
- ସେଲ୍‌ରେ ବିଶେଷ କରି ଅନ୍‌ଲାଇନ ଶପିଂ ସାଇଟ୍‌ରେ କିଛି ଜିନିଷ କିଣୁଥିଲେ ଯେପରି ଠକାମିର ଶିକାର ନ ହୁଅନ୍ତି ସେଥିପାଇଁ ସତର୍କ ରହିବା ଦରକାର। ପ୍ରଥମେ ଜିନିଷ ପସନ୍ଦ ନ ହେଲେ ବଦଳାଇବାର ସୁବିଧା ଅଛିକି ନାହିଁ ଜାଣନ୍ତୁ। କାରଣ ସେଲ୍ ସମୟରେ ମିଳୁଥିବା ଅଧିକାଂଶ ସାମଗ୍ରୀରେ ଏକ୍ସଚେଞ୍ଜ ଅଫର ନ ଥାଏ। ତେଣୁ ପ୍ରଥମେ ଏହା ସମ୍ପର୍କରେ ଜାଣିବା ପରେ ସାମଗ୍ରୀ କିଣନ୍ତୁ ନଚେତ୍ ପରବର୍ତ୍ତୀ ସମୟରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।
- ଅନେକ ଶପିଂ ମଲ୍‌ରେ ପୂଜା ପାଇଁ ଲକି ଡ୍ର ସିଷ୍ଟମ ରଖାଯାଇଥାଏ। ଉଦାହରଣ ସ୍ୱରୂପ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଶପିଂରେ ଗୋଟିଏ କାର୍ଡ ୨ ହଜାରରେ ୨ଟି , ୫ହଜାରରେ ୫ଟି କାର୍ଡ ମିଳିଥାଏ। ଏଥିରୁ କାର୍, ବାଇକ୍, ଇଲେକ୍ଟ୍ରୋନିକ୍ ସାମଗ୍ରୀ ଭଳି ବିଭିନ୍ନ ଆକର୍ଷଣୀୟ ପ୍ରାଇଜ୍ ଥିବାରୁ ଅନେକେ ଜିତିବା ଲୋଭରେ ଆବଶ୍ୟକ ନ ଥିବା ଜିନିଷ ବି କିଣିଥାନ୍ତି। ହେଲେ ଏହାଦ୍ୱାରା ଯେ ସେମାନେ ଅଯଥା ଟଙ୍କା ନଷ୍ଟ କରୁଛନ୍ତି ଭୁଲିଯାଆନ୍ତି।

## ଏମାନେ କ'ଣ କରନ୍ତି



**ରୋଜାଲିନ୍ ସେନାପତି**(କର୍ମଜୀବୀ, ଜଟଣୀ, ଖୋର୍ଦ୍ଧା)- ଶପିଂ କରିବାକୁ ନେଇ ମୋ ଭିତରେ ସବୁ ବେଳେ କ୍ରେଜ୍ ଭରି ରହିଥାଏ। ବିଶେଷକରି ଫେଷ୍ଟିଭ୍ ସିଜନ୍ ସେଲ୍ ଷ୍ଟାର୍ଟ ହେଲେ ଶପିଂ ମଲ୍‌ରୁ ହେଉ ଅବା ଅନ୍‌ଲାଇନରେ ବଛା ବଛା ଅଫର ଦେଖି ଭଲ ଜିନିଷ କିଣିଥାଏ। ହେଲେ କମ୍ ଟଙ୍କାରେ ମିଳିଯିବା ଲୋଭରେ ମନ ଇଚ୍ଛା ନ କିଣି କ'ଣ ସବୁ ଦରକାର ପ୍ରଥମେ ଲିଷ୍ଟ କରେ ଏବଂ ବଜେଟକୁ ଆଖି ଆଗରେ ରଖି କିଣିଥାଏ।



**ପୂଜାରାଣୀ ରଥ**(କର୍ମଜୀବୀ, ଭୁବନେଶ୍ୱର)- ଦଶହରା ସମୟ ଆସିଗଲେ ଚାରିଆଡେ ଉତ୍ସବମୁଖର ହୋଇଉଠେ। ପୂଜାବେଳେ ବୁଲି ବୁଲି ମା'ଙ୍କ ମୂର୍ତ୍ତି ଦର୍ଶନ କରିବା ସହ ମାର୍କେଟ୍‌କୁ ଆସିଥିବା ଲାଟେଷ୍ଟ କଲେକ୍ସନ ଶପିଂ କରିବାର ଚାର୍ମ ଅଲଗା। ତେବେ ଏହି ସମୟରେ ଫେଷ୍ଟିଭ୍ ସେଲ୍ ଚାଲୁଥିବାରୁ ବିଭିନ୍ନ ସାମଗ୍ରୀରେ ସ୍ପେଶାଲ୍ ଡିସ୍‌କାଉଣ୍ଟ ମିଳିଥାଏ। ତେଣୁ ଶପିଂ କରିବାର ଆଗ୍ରହ ବଢ଼ିଯାଏ। ଏସମୟରେ ବିଶେଷ କରି ଡ୍ରେସ୍ ଏବଂ ଇଲେକ୍ଟ୍ରୋନିକ୍ସ ଜିନିଷ କିଣିଥାଏ। ତେବେ ଡିସ୍‌କାଉଣ୍ଟ ନିଶାରେ ଯେପରି ଠକାମିର ଶିକାର ନ ହୁଏ ସେଥିପାଇଁ ପ୍ରଥମେ ଟର୍ମ ଆଣ୍ଡ କଣ୍ଡିଶନ୍ସ ପଢ଼ିଦିଏ କିମ୍ବା ସେଲ୍ସ ପର୍ସନଙ୍କ ଠାରୁ ଭଲ ଭାବେ ବୁଝିନିଏ।







ସୌନ୍ଦର୍ଯ୍ୟ

# ନାଚୁରାଲ ବ୍ଲଶ୍ ପାଇଁ ବିଟ୍

ବିଟ୍‌ରେ ଥିବା ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ଉପାଦାନ ତ୍ୱଚା ପାଇଁ ଖୁବ୍ ଉପକାରୀ। ଏହାକୁ ବ୍ୟବହାରକରି କିପରି ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧି କରିପାରିବେ ଜାଣିରଖନ୍ତୁ ଟିପ୍ସ...



- ଯଦି ଓଠରେ ହାଇପର ପିଗ୍‌ମେଣ୍ଟେଶନ ହୋଇ କଳା ପଡ଼ିଯାଉଛି ଏବଂ ଏହାକୁ ନେଇ ଆପଣ ଚିନ୍ତାରେ ଅଛନ୍ତି,ତେବେ ବିଟ୍ ଜୁସ୍‌କୁ ଓଠରେ ଲଗାନ୍ତୁ। ଖଣ୍ଡେ ବିଟ୍‌ରେ ଅଳ୍ପ ଚିନି ନେଇ ଓଠରେ ଧୀରେ ଧୀରେ ଘଷନ୍ତୁ। ଏହାଦ୍ୱାରା ଓଠ ଏକ୍ସଫୋଲିଏଟ୍ ହେବ ଏବଂ ନରମ ରହିବ। ପ୍ରତିଦିନ ଏପରି କରିବା ଦ୍ୱାରା ଧୀରେ ଧୀରେ ଓଠ ଲାଲ୍ ହେବ।
- ୨ ଚାମଚ ବିଟ୍ ଜୁସ୍ ସହ ୧ ଚାମଚ କ୍ଷୀର, ଅଧା ଚାମଚ ମହୁ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ ମିନିଟ୍ ପରେ ଧୋଇଦିଅନ୍ତୁ। ଏହା ସ୍କିନ୍‌କୁ ହାଇଡ୍ରେଟ୍ ରଖିବା ସହ ମଶ୍ଚରାଇଜ୍ ରଖିବାରେ ସାହାଯ୍ୟ କରିଥାଏ।
- ଏକ ବିଟ୍‌କୁ ଭଲ ଭାବେ ଚୋପା ଛଡ଼ାଇ ଗ୍ରାଇଣ୍ଡକରି ଚିପୁଡ଼ି ରସ ବାହାର କରନ୍ତୁ। ୧ ଚାମଚ ରସ ସହ ଲେମ୍ବୁରସ ୧ ଚାମଚ ନେଇ ଭଲ ଭାବେ ମିଶାଇ ଦିଅନ୍ତୁ। ମୁହଁକୁ ଧୋଇ ଟାୱେଲରେ ପୋଛନ୍ତୁ। ଏକ ସୂତା କପଡ଼ା ସାହାଯ୍ୟରେ ମୁହଁରେ ଲଗାନ୍ତୁ। ୧୦ ମିନିଟ୍ ପର୍ଯ୍ୟନ୍ତ ରଖିବା ପରେ ନଖ ଉଷୁମ ପାଣିରେ ମୁହଁ ଧୋଇଦିଅନ୍ତୁ। ସପ୍ତାହରେ ଥରେ କିମ୍ବା ଦୁଇଥର ଏହି ପ୍ୟାକ୍ ଲଗାଇଲେ ମୁହଁର ଗ୍ଲୋ ବଢ଼ିବା ସହ ନ୍ୟାଚୁରାଲ ବ୍ଲଶ୍ ମଧ୍ୟ ଆସିବ।
- ଅଧା ବିଟ୍ ନେଇ ସେଥିରେ ୧ଚାମଚ ଗୋଲାପ ଜଳ ନେଇ ଗ୍ରାଇଣ୍ଡ କରିଦିଅନ୍ତୁ। ଏକ କପଡ଼ା କିମ୍ବା ଛଣାରେ ଛାଣି ଜୁସ୍ ଅଲଗା କରିଦିଅନ୍ତୁ। ଉକ୍ତ ଜୁସ୍‌ରେ ୧ ଚାମଚ ଦହି ମିଶାନ୍ତୁ। ଏହି ପ୍ୟାକ୍‌କୁ ମୁହଁରେ ୧୫-୨୦ ମିନିଟ୍ ରଖିବା ପରେ ପାଣିରେ ଧୋଇଦିଅନ୍ତୁ। ଏହା ତ୍ୱଚାକୁ ଦାଗ, ସନ୍‌ଟ୍ୟାନ୍ ଭଳି ବିଭିନ୍ନ ସମସ୍ୟାରୁ ଦୂରେଇ ରଖିବାରେ ସାହାଯ୍ୟ କରେ।



ଖାଦ୍ୟରୁଚି

# ଚିଲି ସୋୟାବିନ୍

**ଆବଶ୍ୟକ ସାମଗ୍ରୀ:** ୫୦ଗ୍ରାମ୍ ସୋୟାବିନ୍, ଛୋଟ ଛୋଟ କଟାହୋଇଥିବା ଗୋଟିଏ ବଡ଼ ପିଆଜ, ଛୋଟ ଛୋଟ କଟା କଞ୍ଚାଲଙ୍କା ୪ଟି, ମଧ୍ୟମ ଆକାରରେ କଟାହୋଇଥିବା ଗୋଟିଏ କ୍ୟାପ୍ସିକମ୍, ଛୋଟ କଟାହୋଇଥିବା ଗୋଟିଏ ମଧ୍ୟମ ଆକାରର ଗାଜର, ତେଲ ୧୦୦ ଗ୍ରାମ, ଜିରା ୧ ଚାମଚ, ଅଦା ରସୁଣ ପେଷ୍ଟ ୨ ଚାମଚ, କର୍ନ ଫ୍ଲୋର ୧/୨ ଚାମଚ, ୧/୪ ଚାମଚ ଗୋଲମରିଚ ଗୁଣ୍ଡ, ଲୁଣ ସ୍ୱାଦାନୁସାରେ, ସୋୟା ସସ୍ ୨ ଚାମଚ, ଟମାଟୋ ସସ୍ ୨ ଚାମଚ, ଚିଲି ସସ୍ ୩ ଚାମଚ, ଭିନେଗାର୍ ୨ ଚାମଚ, ଧନିଆପତ୍ର।

**ପ୍ରସ୍ତୁତି ପ୍ରଣାଳୀ:** କଡ଼େଇରେ ପାଣି ଗରମକରି ସେଥିରେ ଅଳ୍ପ ଲୁଣ ପକାଇ ସୋୟାବିନ୍ ଫୁଟାଇ ଦିଅନ୍ତୁ। ପରେ ଏହାକୁ ଥଣ୍ଡାକରି ଛାଣି ଦିଅନ୍ତୁ। ସେଥିରେ ଅଦାରସୁଣ ପେଷ୍ଟ, ଗୋଲମରିଚ ଗୁଣ୍ଡ, ଟମାଟୋ ସସ୍, ସୋୟା ସସ୍, କର୍ନଫ୍ଲୋର୍ ଏବଂ ଆବଶ୍ୟକ ମାତ୍ରାରେ ଲୁଣ ଓ ପାଣି ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ତେଲ ଗରମକରି ଏହାକୁ ଛାଣି ଦିଅନ୍ତୁ। ଚୁଲାରେ ଆଉ ଏକ ପ୍ୟାନ୍ ବସାଇ ସେଥିରେ ଅଳ୍ପ ତେଲ ଗରମକରି ଜିରା ପକାନ୍ତୁ। ସେଥିରେ କଟା ପିଆଜ, ଗାଜର ପକାଇ ଭାଜନ୍ତୁ। ଅଳ୍ପ ଭାଜି ହୋଇଗଲେ କ୍ୟାପ୍ସିକମ୍ ଏବଂ ଅଳ୍ପ ଲୁଣ ପକାଇ ଭାଜନ୍ତୁ। ବର୍ତ୍ତମାନ ସୋୟା ସସ୍, ଟମାଟୋ ସସ୍, ଭିନେଗାର ପକାଇ ଗୋଳନ୍ତୁ। ସେଥିରେ ଛଣା ହୋଇଥିବା ସୋୟାବିନ୍ ପକାଇ ଭଲ ଭାବେ ମିଶାନ୍ତୁ ଏବଂ ୨ ମିନିଟ୍ ଘୋଡ଼ାଇ ରଖନ୍ତୁ। ଶେଷରେ କଟା ଧନିଆପତ୍ର ପକାଇ ଚୁଲା ବନ୍ଦ କରିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଚିଲି ସୋୟାବିନ୍। ଏହାକୁ ନାନ୍, ରୁଟି, ପରଟା, ପୁରି ସହ ଖାଇପାରିବେ।



# ନ୍ୟୁଜିଲାଣ୍ଡର ଦ୍ୱିତୀୟ ବିଜୟ

**ହାଇଦ୍ରାବାଦ, ୯।୧୦**

ୱିଲ୍ ୟଙ୍ଗ୍, ରାଚିନ ରବୀନ୍ଦ୍ର ଓ ଅଧିନାୟକ ଟମ୍ ଲଥାମଙ୍କ ଅର୍ଦ୍ଧଶତକ ଏବଂ ମିଚେଲ ସାଣ୍ଟନରଙ୍କ ଅଲ୍‌ରାଉଣ୍ଡ ସଫଳତା ବଳରେ ନ୍ୟୁଜିଲାଣ୍ଡ ଚଳିତ ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି । ଉଦ୍‌ଘାଟନୀ ମ୍ୟାଚରେ ଇଂଲଣ୍ଡକୁ ୯ ଉଇକେଟରେ ହରାଇଥିବା ଏହି ଦଳ ସୋମବାର ନେଦରଲାଣ୍ଡସ୍‌କୁ ୯୯ ରନରେ ପରାସ୍ତ କରିଛି। ନ୍ୟୁଜିଲାଣ୍ଡ ୫୦ ଓଭରରେ ୭ ଉଇକେଟ ହରାଇ ୩୨୨ ରନର ବୃହତ୍ ସ୍କୋର ଛିଡ଼ା କରିଥିଲା। ଜବାବରେ ନେଦରଲାଣ୍ଡସ୍ ୪୬.୩ ଓଭରରେ ୨୨୩ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ସାଣ୍ଟନର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ବିଜୟ ସହ ୪ ପଏଣ୍ଟ ପାଇ ନ୍ୟୁଜିଲାଣ୍ଡ ଟେବୁଲର ଶୀର୍ଷରେ ନିଜର ସ୍ଥାନ ଦୃଢ଼ କରିଛି। ଅନ୍ୟପକ୍ଷରେ ନେଦରଲାଣ୍ଡସ୍ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡର ଟପ୍ ଓ ମିଡିଲ ଅର୍ଡର ବ୍ୟାଟରମାନେ ଭଲ ଖେଳିଥିଲେ। ଶେଷ ଭାଗରେ ସାଣ୍ଟନର ମଧ ବିସ୍ଫୋରକ ବ୍ୟାଟିଂ କରି ୧୭ ବଲ୍‌ରୁ ୩୬ (୩ ଚୌକା, ୨ ଛକା) ରନ କରିବାରୁ ଦଳ ୩୦୦ ରନ ଅତିକ୍ରମ କରିଥିଲା। ଦଳ ପକ୍ଷରୁ ୱିଲ ୟଙ୍ଗ ସର୍ବାଧିକ ୭୦, ରାଚିନ ୫୧, ଅଧିନାୟକ ଟମ୍ ଲଥାମ ୫୩, ଡାରିଲ ମିଚେଲ ୪୮ ଓ ଡେଭନ କନୱେ ୩୨ ରନ କରିଥିଲେ। ପ୍ରଥମ, ଦ୍ୱିତୀୟ ଓ ଚତୁର୍ଥ ଉଇକେଟରେ ଅର୍ଦ୍ଧଶତକୀୟ ଭାଗୀଦାରି ଯୋଗୁ ନ୍ୟୁଜିଲାଣ୍ଡ ବଡ଼ ସ୍କୋର ଆଡ଼କୁ ମୁହାଁଇଥିଲା। ନେଦରଲାଣ୍ଡସ୍ ପକ୍ଷରୁ ଆର୍ଯ୍ୟନ ଦତ୍ତ, ଭାନ୍ ମେକେରେନ ଓ ଭାନ୍ ଡର ମେରୱେ ୨ଟି ଲେଖାଏ ଏବଂ ବାସ୍ ଡି ଲିଡ୍ ଗୋଟିଏ ଉଇକେଟ ନେଇଥିଲେ। ବଡ଼ ସ୍କୋରକୁ ଚେଜ୍ କରିବାର ଚାପ ନେଦରଲାଣ୍ଡସ୍ ଇନିଂର ଆରମ୍ଭରୁ ଅନୁଭୂତ ହୋଇଥିଲା। କେବଳ କଲିନ ଆକରମାନଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବ୍ୟାଟର ଦିଗହରା ବ୍ୟାଟିଂ କରିଥିଲା। ଫଳରେ ନିୟମିତ ବ୍ୟବଧାନରେ ଉଇକେଟ ପଡ଼ି ଚାଲିଥିଲା। ଆକରମାନ ସର୍ବାଧିକ ୬୯ ଓ ଅଧିନାୟକ ସ୍କଟ ଏଡୱାର୍ଡ୍ସ ୩୦ ରନର ଯୋଗଦାନ ଦେଇଥିଲେ। ନ୍ୟୁଜିଲାଣ୍ଡ ବୋଲରଙ୍କ ମଧ୍ୟରେ ମିଚେଲ ୫୯ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିବାବେଳେ ମ୍ୟାଟ୍ ହେନରିଙ୍କୁ ୩ ଓ ରାଚିନ ରବୀନ୍ଦ୍ରଙ୍କୁ ଗୋଟିଏ ଉଇକେଟ ମିଳିଥିଲା।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ମିଚେଲ୍ ସାଣ୍ଟନର।

### ସଂକ୍ଷିପ୍ତ ସ୍କୋର

ନ୍ୟୁଜିଲାଣ୍ଡ ୫୦ ଓଭରରେ ୩୨୨/୭ (ୱିଲ ୟଙ୍ଗ-୭୦, ରାଚିନ ରବୀନ୍ଦ୍ର-୫୧, ଟମ୍ ଲଥାମ -୫୩, ଡାରିଲ ମିଚେଲ-୪୮, ଆର୍ଯ୍ୟନ ଦତ୍ତ-୨/୬୨, ଭାନ୍ ମେକେରେନ-୨/୫୯, ଭାନ୍ ଡର ମେରୱେ-୨/୫୬, ବାସ୍ ଡି ଲିଡ-୧/୬୪)। ନେଦରଲାଣ୍ଡସ୍ ୪୬.୩ ଓଭରରେ ୨୨୩/ଅଲ୍‌ଆଉଟ (କଲିନ ଆକରମାନ-୬୯, ମିଚେଲ ସାଣ୍ଟନର-୫/୫୯, ମ୍ୟାଟ୍ ହେନରି-୩/୪୦, ରଚିନ ରବୀନ୍ଦ୍ର-୧/୪୬)।



ଦ୍ୱିତୀୟ ଉଇକେଟ ଭାଗୀଦାରି ଅବସରରେ ରାଚିନ ରବୀନ୍ଦ୍ର ଓ ୱିଲ ୟଙ୍ଗ୍।

## ← ପଏଣ୍ଟ ଟେବୁଲ →

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ନ୍ୟୁଜିଲାଣ୍ଡ | ୨ | ୨ | ୦ | ୪ | +୧.୯୫୮ |
| ଦକ୍ଷିଣ ଆଫ୍ରିକା | ୧ | ୧ | ୦ | ୨ | +୨.୦୪୦ |
| ପାକିସ୍ତାନ | ୧ | ୧ | ୦ | ୨ | +୧.୬୨୦ |
| ବାଂଲାଦେଶ | ୧ | ୧ | ୦ | ୨ | +୧.୪୩୮ |
| ଭାରତ | ୧ | ୧ | ୦ | ୨ | +୦.୮୮୩ |
| ଅଷ୍ଟ୍ରେଲିଆ | ୧ | ୦ | ୧ | ୦ | -୦.୮୮୩ |
| ଆଫଗାନିସ୍ତାନ | ୧ | ୦ | ୧ | ୦ | -୧.୪୩୮ |
| ନେଦରଲାଣ୍ଡସ୍ | ୨ | ୦ | ୨ | ୦ | -୧.୮୦୦ |
| ଶ୍ରୀଲଙ୍କା | ୧ | ୦ | ୧ | ୦ | -୨.୦୪୦ |
| ଇଂଲଣ୍ଡ | ୧ | ୦ | ୧ | ୦ | -୨.୧୪୯ |

# ପାକିସ୍ତାନ ଉପସ୍ଥାପିକା ଫେରିଗଲେ

**ନୂଆଦିଲ୍ଲୀ, ୯।୧୦ (ପି.ଟି.)**

ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍‌ର ପ୍ରସାରଣ କରିବା ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଡିଜିଟାଲ ଟିମ୍‌ର ଅଂଶବିଶେଷ ଥିବା ଜଣେ ପାକିସ୍ତାନୀ ଉପସ୍ଥାପିକା ଜୈନାବ ଆବାସ ସୋମବାର ଭାରତ ଛାଡ଼ି ନିଜ ଦେଶକୁ ଫେରିଯାଇଛନ୍ତି। ଅତୀତର ତାଙ୍କ ଭାରତ ବିରୋଧୀ ପୋଷ୍ଟକୁ ନେଇ ସୋସିଆଲ ମିଡିଆରେ ତାଙ୍କୁ ତୀବ୍ର ପ୍ରତିକ୍ରିୟାର ସାମ୍ନା କରିବାକୁ ପଡ଼ିଥିଲା। ଏହି ଖବର ପ୍ରକାଶ ପାଇବା ପରେ ସୋସିଆଲ ମିଡିଆରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିବା ବେଳେ ଆଇସିସି କହିଛି, ଜୈନାବ ବ୍ୟକ୍ତିଗତ କାରଣରୁ ଘରବାହୁଡ଼ା କରିଛନ୍ତି। ତାଙ୍କୁ ପ୍ରତ୍ୟର୍ପଣ କରାଯାଇ ନାହିଁ। ଖବର ଅନୁସାରେ ଜୈନାବ ହାଇଦ୍ରାବାଦରେ ପାକିସ୍ତାନର ବିଶ୍ୱକପ୍ ମ୍ୟାଚ କଭର ପାଇଁ ଆସିଥିଲେ। ଏହି ୩୫ ବର୍ଷୀୟା ଉପସ୍ଥାପିକା ଅକ୍ଟୋବର ୬ରେ ହାଇଦ୍ରାବାଦସ୍ଥିତ ରାଜୀବଗାନ୍ଧୀ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ପାକିସ୍ତାନର ନେଦରଲାଣ୍ଡସ୍ ବିପକ୍ଷ ବିଶ୍ୱକପ୍ ଓପନ ବେଳେ ଉପସ୍ଥିତ ଥିଲେ। ଉପସ୍ଥାପିକା ଜଣକ ଗତ ସପ୍ତାହରେ ହାଇଦ୍ରାବାଦରେ ପହଞ୍ଚି ଥିଲେ। ସେ ବେଙ୍ଗାଲୁରୁ, ଚେନ୍ନାଇ ଓ ଅହମଦାବାଦ ଗସ୍ତ କରିଥାନ୍ତେ, ଯେଉଁଠାରେ ପାକିସ୍ତାନ ମ୍ୟାଚ ଖେଳିବାର କାର୍ଯ୍ୟକ୍ରମ ରହିଛି। ଅକ୍ଟୋବର ୫ରୁ ନଭେମ୍ବର ୧୯ ପର୍ଯ୍ୟନ୍ତ ହେବାକୁଥିବା ବିଶ୍ୱକପ୍ ପାଇଁ ପୂର୍ବତନ ପାକିସ୍ତାନ ଖେଳାଳି ରମିଜ ରାଜା ଓ ୱାକାର ୟୁନିସ କମେଣ୍ଟ୍ରି ପ୍ୟାନେଲରେ ସ୍ଥାନ ପାଇଛନ୍ତି। ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିବା ଲାଗି ପାକିସ୍ତାନ କ୍ରିକେଟ ଦଳ ୭ ବର୍ଷ ପରେ ସେପ୍ଟେମ୍ବର ୨୭ରେ ଭାରତ ପହଞ୍ଚିଥିଲା। ବିମାନ ବନ୍ଦରରେ ସେମାନଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।



ଜୈନାବ ଆବାସ

## ଦିନିକିଆ ବିଶ୍ୱକପ

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଇଂଲଣ୍ଡ ବନାମ ବାଂଲାଦେଶ**

ସ୍ଥାନ: ଧର୍ମଶାଳା, ସମୟ: ପୂର୍ବାହ୍ନ ୧୦ଟା ୩୦

**ପାକିସ୍ତାନ ବନାମ ଶ୍ରୀଲଙ୍କା**

ସ୍ଥାନ: ହାଇଦ୍ରାବାଦ, ସମୟ: ଅପରାହ୍ନ ୨ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ



ହାଇଦ୍ରାବାଦରେ ସୋମବାର ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍ ଅବସରରେ ଜଣେ ନେଦରଲାଣ୍ଡସ୍ ସମର୍ଥକ।

# ଅଷ୍ଟ୍ରେଲିଆକୁ ଆକ୍ରମଣାତ୍ମକ ଖେଳିବାର ଥିଲା: ଫିଞ୍ଚ୍

**ଚେନ୍ନାଇ, ୯।୧୦ (ପି.ଟି.)**

ଭାରତର ବିଶ୍ୱ ଶ୍ରେଣୀୟ ସ୍ପିନରଙ୍କ ବିପକ୍ଷରେ ଅଷ୍ଟ୍ରେଲୀୟ ବ୍ୟାଟରମାନଙ୍କ ଆକ୍ରମଣାତ୍ମକ ଖେଳର ଅଭାବ ପରିଲକ୍ଷିତ ହୋଇଥିଲା। ଏହି କାରଣରୁ ଦଳକୁ ପରାଜୟ ବରଣ କରିବାକୁ ପଡ଼ିଲା ବୋଲି ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ଆରୋନ ଫିଞ୍ଚ୍ ପ୍ରକାଶ କରିଛନ୍ତି। ରବିବାର ସ୍ପିନକୁ ସୁହାଉଥିବା ପିଚ୍‌ରେ ଖେଳାଯାଇଥିବା ମ୍ୟାଚରେ ଭାରତୀୟ ସ୍ପିନରମାନେ ୬ ଉଇକେଟ ଅକ୍ତିଆର କରିବାରୁ ଅଷ୍ଟ୍ରେଲିଆ ସ୍କୋର ୧୯୯ରେ ସୀମିତ ହୋଇଯାଇଥିଲା। ଫଳରେ ଦଳ ୬ ଉଇକେଟରେ ମ୍ୟାଚ ହାରିଯାଇଥିଲା। ଫିଞ୍ଚ କହିଛନ୍ତି, ଅଷ୍ଟ୍ରେଲୀୟମାନଙ୍କୁ ସେମାନଙ୍କ ମାନସିକତାରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମରେ ସେମାନେ ଅଧିକ ସତର୍କତା ଅବଲମ୍ବନ କରି ଖେଳିବାରୁ ଭାରତୀୟ ସ୍ପିନରମାନେ ଆଧିପତ୍ୟ ବିସ୍ତାର କରିବାକୁ ସୁଯୋଗ ପାଇଲେ। ସ୍ପିନକୁ ସୁହାଉଥିବା ଏକ ପିଚ୍‌ରେ ଯଦି ଜାଡେଜା, କୁଲଦୀପ ଓ ଅଶ୍ୱିନଙ୍କ ଭଳି ଦକ୍ଷ ଓ ଚତୁର ବୋଲରଙ୍କୁ ଯଦି ସେମାନଙ୍କ ଇଚ୍ଛା ଅନୁସାରେ ବୋଲିଂ କରିବା ଲାଗି ସୁଯୋଗ ଦିଆଯାଏ ତେବେ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠିବା କଷ୍ଟକର ହୋଇପଡ଼ିବ। ଜାଡେଜା ଅଷ୍ଟ୍ରେଲିଆକୁ ଅନେକ ଥର ଅଡୁଆରେ ପକାଇଛନ୍ତି। ରବିବାର ଅଷ୍ଟ୍ରେଲିଆ ମାତ୍ର ୨ ରନରେ ଭାରତର ୩ ଉଇକେଟ ପତନ ଘଟାଇ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲା ବୋଲି ମନେ ହୋଇଥିଲା। ମାତ୍ର ବିରାଟ କୋହଲି (୮୫ରନ)ଙ୍କ କ୍ୟାଚ ହାତଛଡ଼ା କରିବା ସେମାନଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। କୋହଲି ମାତ୍ର ୧୨ ରନ କରି ଖେଳୁଥିବା ବେଳେ ପେସ୍ ବୋଲର ଜୋସ୍ ହାଜେଲଉଡ୍‌ଙ୍କ ବଲ୍‌ରେ ମିଚେଲ ମାର୍ଶଙ୍କ ଦ୍ୱାରା କ୍ୟାଚ୍‌ଆଉଟ ସୁଯୋଗ ସୃଷ୍ଟି ହୋଇଥିଲା। ଅଷ୍ଟ୍ରେଲିଆ ଯଥେଷ୍ଟ ସୁଯୋଗ ସୃଷ୍ଟି କରିଥିଲା। ବିରାଟଙ୍କ ଉଇକେଟ ନେଇ ପାରିଥିଲେ ମ୍ୟାଚର ଗତିପଥ ସମ୍ପୂର୍ଣ୍ଣ ବଦଳି ଯାଇଥାନ୍ତା।

# ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ଇଂଲଣ୍ଡ

**ଧର୍ମଶାଳା, ୯।୧୦(ପି.ଟି.)**

ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ନିକଟରୁ ପରାଜିତ ହେବା ପରେ ଇଂଲଣ୍ଡ ଦୃଢ଼ ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ରହିଛି। ଧର୍ମଶାଳାରେ ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡ ଏହାର ଦ୍ୱିତୀୟ ମ୍ୟାଚ୍‌ରେ ବାଂଲାଦେଶକୁ ଭେଟିବ। ନ୍ୟୁଜିଲାଣ୍ଡ ବିପକ୍ଷ ଅପ୍ରତ୍ୟାଶିତ ପରାଜୟ ଇଂଲଣ୍ଡ ପାଇଁ ସତର୍କ ଘଣ୍ଟି ଥିଲା। ଇଂଲଣ୍ଡ ବାଜ୍‌ବଲ୍ କ୍ରିକେଟ ଖେଳୁଥିବା ବେଳେ ନ୍ୟୁଜିଲାଣ୍ଡ ପକ୍ଷରୁ ରାଚିନ୍ ରବୀନ୍ଦ୍ର ଓ ଡେଭନ୍ କନ୍‌ୱେ ଦ୍ରୁତ ବ୍ୟାଟିଂ କରି ସମସ୍ତଙ୍କୁ ଚକିତ କରିଥିଲେ। ୨୮୨ ରନ୍ ସ୍କୋର ହୋଇଥିବା ବେଳେ ଇଂଲଣ୍ଡର ବୋଲର ମାନେ ୩୭ ଓଭରରେ ଏହି ରନ୍ ବ୍ୟୟ କରିଥିଲେ। ଇଂଲଣ୍ଡ ପକ୍ଷରୁ ଜୋ ରୁଟ୍, ଜନି ବେୟାରଷ୍ଟୋ ଓ ଅଧିନାୟକ ଜୋସ୍ ବଟଲର ଭଲ ବ୍ୟାଟିଂ କରିଥିଲେ। ଏହି ଖେଳାଳିଙ୍କୁ ବାଦ ଦେଲେ ଅନ୍ୟ ସମସ୍ତ ବ୍ୟାଟର ବିଫଳ ହୋଇଥିଲେ। ତେବେ ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡର ବୋଲିଂ ଅତ୍ୟନ୍ତ ସାଧାରଣ ସାବ୍ୟସ୍ତ ହୋଇଥିଲା। କ୍ରିସ୍ ଓକ୍ସ, ମାର୍କ ଉଡ୍ ଓ ସାମ୍ କୁରାନ ପ୍ରଭାବହୀନ ରହିଥିଲେ। ଇଂଲଣ୍ଡର ଏହି ଦୁର୍ବଳତାର ଫାଇଦା ଉଠାଇବାକୁ ପ୍ରୟାସ କରିବ ବାଂଲାଦେଶ।

ଉଭୟ ଦଳ ଧର୍ମଶାଳାରେ ପ୍ରଥମ ଥର ଖେଳୁଥିବା ବେଳେ ଏଠାରେ ସ୍ପିନରଙ୍କ ସାମାନ୍ୟ ଅଧିକ ସହାୟତା ମିଳିଥାଏ। ବାଂଲାଦେଶ ଏହାର ଫାଇଦା ଉଠାଇ ଇଂଲଣ୍ଡକୁ ଅସୁବିଧାରେ ପକାଇବାକୁ ଚାହିଁବ। ପ୍ରଥମ ମ୍ୟାଚ୍ ପରେ ଆଫଗାନିସ୍ତାନ କୋଚ୍ ଜୋନାଥନ୍ ଟ୍ରଟ୍ ଏହି ଷ୍ଟାଡିୟମର ଆଉଟଫିଲ୍ଡକୁ ନେଇ ପ୍ରଶ୍ନ ଉଠାଇଥିଲେ। ଫିଲ୍ଡିଂ କରୁଥିବା ସମୟରେ ଏକାଧିକ ଆଫଗାନ ଖେଳାଳି ଆହତ ହୋଇଥିଲେ। ତେଣୁ ଇଂଲଣ୍ଡ ଓ ବାଂଲାଦେଶର ଖେଳାଳିଙ୍କୁ କ୍ଷେତ୍ରରକ୍ଷଣ ସମୟରେ ସତର୍କତା ଅବଲମ୍ବନ କରିବାକୁ ହେବ। ଉଭୟ ଦଳ ନିକଟରେ କ୍ୱାଲିଟି ଖେଳାଳି ରହିଥିବା ବେଳେ ସ୍ପିନ୍ ବିଭାଗରେ ବାଂଲାଦେଶ ସାମାନ୍ୟ ଶକ୍ତିଶାଳୀ ମନେ ହେଉଛି। ଇଂଲଣ୍ଡ ପକ୍ଷରୁ ଆଦିଲ ରଶିଦ୍ ପ୍ରଥମ ମ୍ୟାଚରେ ଟାଇଟ୍ ବୋଲିଂ କରିଥିଲେ ମଧ ଉଇକେଟ ଶୂନ୍ୟ ରହିଥିଲେ। ଏହା ବ୍ୟତୀତ ପାର୍ଟ ଟାଇମର ଭାବରେ ଦଳ ନିକଟରେ ମୋଇନ୍ ଅଲୀ ଓ ଲିଆମ୍ ଲିଭିଙ୍ଗଷ୍ଟୋନଙ୍କ ଉପରେ ମଧ ନଜର ରହିବ। ତେବେ ବାଂଲାଦେଶ ନିକଟରେ ସାକିବ୍ ଅଲ ହସନଙ୍କ ସହିତ ମେହିଦୀ ହସନ ମିରାଜ ଓ ହସନ ମହମୁଦଙ୍କ ପରି ସ୍ପିନର ରହିଛନ୍ତି। ସେହିଭଳି ବ୍ୟାଟିଂରେ ମିରାଜ ଓ ନଜମୁଲ ହୋସେନ୍ ଶନ୍ତୋ ମଧ ଚମତ୍କାର ଫର୍ମରେ ରହିଛନ୍ତି। ଏହି ମ୍ୟାଚ୍ ପାଇଁ ଇଂଲଣ୍ଡ ଫେଭରିଟ୍ ରହିଥିଲେ ହେଁ ଅତୀତରେ ବାଂଲାଦେଶ ଅନେକ ଶକ୍ତିଶାଳୀ ଦଳଙ୍କୁ ପରାସ୍ତ କରିବାର ରେକର୍ଡ ରଖିଛି।



ଧର୍ମଶାଳା ଷ୍ଟାଡିୟମ୍‌ରେ ଫୁଟବଲ ଖେଳି ଇଂଲଣ୍ଡ ଦଳର ଅଭ୍ୟାସ।

# ଦିଲ୍ଲୀରେ ଭାରତୀୟ କ୍ରିକେଟ ଦଳ

**ନୂଆଦିଲ୍ଲୀ, ୯।୧୦ (ପି.ଟି.)**

ଭାରତୀୟ କ୍ରିକେଟ ଦଳ ସୋମବାର ନୂଆଦିଲ୍ଲୀରେ ପହଞ୍ଚିଛି। ଦଳ ଏଠାରେ ଚଳିତ ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଏହାର ଦ୍ୱିତୀୟ ମ୍ୟାଚ ଅକ୍ଟୋବର ୧୧ରେ ଖେଳିବ। ଗତ ରବିବାର ଚେନ୍ନାଇଠାରେ ଭାରତ ଏହାର ପ୍ରଥମ ମ୍ୟାଚ ଖେଳିଥିଲା। ଅଷ୍ଟ୍ରେଲିଆ ବିପକ୍ଷ ଏହି ମ୍ୟାଚରେ ପ୍ରାରମ୍ଭିକ ବିପର୍ଯ୍ୟୟ ପରେ ଦଳ ଶେଷରେ ୬ ଉଇକେଟରେ ବିଜୟ ଲାଭ କରିଥିଲା। ଦଳ ସହିତ ଓପନର ଶୁବମନ ଗିଲ୍ ଆସି ନାହାନ୍ତି। ସେ ଏପର୍ଯ୍ୟନ୍ତ ସୁସ୍ଥ ହୋଇ ନାହାନ୍ତି। ବର୍ତ୍ତମାନ ସେ ଚେନ୍ନାଇରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଡାକ୍ତରୀ ଦଳର ତତ୍ତ୍ୱାବଧାନରେ ଅଛନ୍ତି। ଗିଲ୍ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍ ମଧ ଖେଳି ନ ଥିଲେ। ସୋମବାର ଗସ୍ତ ଦିବସ ଥିବାରୁ କାର୍ଯ୍ୟକ୍ରମରେ ଟ୍ରେନିଂ ସେସନ ରଖାଯାଇ ନାହିଁ। ରୋହିତ ଶର୍ମାଙ୍କ ଦଳ ମଙ୍ଗଳବାର ସନ୍ଧ୍ୟାରେ ଫିରୋଜଶାହ କୋଟ୍‌ଲା ପଡ଼ିଆରେ ନେଟ୍ସ କରିବ। ଅନ୍ୟପକ୍ଷରେ ଧର୍ମଶାଳାରେ ଓପନିଂ ମ୍ୟାଚରେ ବାଂଲାଦେଶଠାରୁ ପରାଜିତ ହୋଇଥିବା ଆଫଗାନିସ୍ତାନ ସୋମବାର ସନ୍ଧ୍ୟାରେ ଟ୍ରେନିଂ ନେବ।



ନୂଆଦିଲ୍ଲୀରେ ପହଞ୍ଚିବା ପରେ ଲୋକେଶ ରାହୁଲ ଓ ବିରାଟ କୋହଲି।

# ଜଙ୍ଗଲରୁ ଶିଶୁକନ୍ୟା ଉଦ୍ଧାର

**ଠାକୁରମୁଣ୍ଡା,୯।୧୦**
**(ତାରାକାନ୍ତ ପଟ୍ଟନାୟକ)**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଚମ୍ପାଝର ପଞ୍ଚାୟତ ଅନ୍ତର୍ଗତ ଜମୁଖଞ୍ଜାରୀ ଗ୍ରାମ ନିକଟ ଘାଉଗଡ଼ିଆ ନାଳ ପୋଲ ନିକଟ ଜଙ୍ଗଲରୁ ୨୫-୩୦ ଦିନର ଏକ ଶିଶୁ କନ୍ୟା ଉଦ୍ଧାର ହୋଇଛି। ପରିଚୟ ମିଳି ନ ଥିବା ବେଳେ ଚିକିତ୍ସା ପାଇଁ ଶିଶୁକନ୍ୟାକୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ସୋମବାର ଅପରାହ୍ନ ୩ଟାରେ ମହିଳାମାନେ



ଆଶା କର୍ମୀ କମଳା ମହାନ୍ତଙ୍କ କୋଳରେ ଉଦ୍ଧାର ଶିଶୁକନ୍ୟା।

ଜଙ୍ଗଲକୁ ଶାଳ ପତ୍ର ତୋଳିବାକୁ ଯାଇଥିବା ବେଳେ ଶିଶୁର କାନ୍ଦଶୁଣି ସାଙ୍ଗରେ ନେଇ ଆସିଥିଲେ। ପରେ ସ୍ଥାନୀୟ ସରପଞ୍ଚ ବିକ୍ରମ ପିଙ୍ଗୁଆ ଏବଂ ଆଶା କର୍ମୀ କମଳା ମହାନ୍ତ ଶିଶୁକନ୍ୟାକୁ ବାଇକ୍ ଯୋଗେ ଆଣି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଉକ୍ତ ଶିଶୁକନ୍ୟାକୁ କେହି ଦୀର୍ଘ ସମୟ ପୂର୍ବରୁ ଜଙ୍ଗଲରେ ଛାଡ଼ି ଚାଲିଯାଇଥିବାରୁ ସେ କାନ୍ଦି କାନ୍ଦି ସାମାନ୍ୟ ଅସୁସ୍ଥ ହୋଇ ପଡ଼ିଥିଲା। ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଡାକ୍ତର ଗୌରବ କୁମାର ସର୍ଦ୍ଦାର କହିଛନ୍ତି। ତେବେ ପରିଚୟ ନ ମିଳିଲେ ଶିଶୁ ସହାୟତା କେନ୍ଦ୍ରକୁ ପଠାଯିବ ବୋଲି ଡାକ୍ତର ସର୍ଦ୍ଦାର କହିଛନ୍ତି।

# ୫,୪୦୦ ବୋତଲ କଫ୍ ସିରପ ଜବତ

- ୨ ମାଷ୍ଟର ମାଇଣ୍ଡଙ୍କ ସମେତ ୩୨ ଗିରଫ
- ୨ ମୋଟରସାଇକେଲ, ନଗଦ ୧୨ ହଜାର ଜବତ

**ସମ୍ବଲପୁର,୯।୧୦(ବି.ଶଙ୍କର)**

ସମ୍ବଲପୁର ଜିଲା ପୋଲିସ ସୋମବାର ଏକସମୟରେ ବିଭିନ୍ନ ଥାନା ଅଞ୍ଚଳରେ ଚଢ଼ାଉ କରି ୨ଜଣ ମାଷ୍ଟର ମାଇଣ୍ଡଙ୍କ ସମେତ ମୋଟ ୩୨ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୫ ହଜାର ୪୦୦ ବୋତଲ ବେଆଇନ କଫ୍ ସିରପ ଜବତ କରାଯାଇଛି। ସନ୍ଧ୍ୟାରେ ଏସ୍‌ଡିପିଓ ଅଫିସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମ୍ବଲପୁର ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ଏହି ସୂଚନା ଦେଇଛନ୍ତି।

ସେ ଆହୁରି କହିଥିଲେ, ସୋମବାର ପ୍ରାତଃରେ ଧନୁପାଲି ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ସହରକୁ ବହୁ ପରିମାଣର କଫ୍ ସିରଫ ଆସିଥିବା ସୂଚନା ପାଇଥିଲା। ଏହାପରେ ସିଟି ଷ୍ଟେଶନ ପଛପାଖ ଝାଙ୍କରପଡ଼ାରେ ପୋଲିସ ଟିମ୍ ଚଢ଼ାଉ କରିଥିଲା। ସେଠାରେ ଏକ ଦୋକାନରେ ୬ ଜଣ କଫ୍ ସିରପ ବିକ୍ରି ନେଇ କଥାବାର୍ତ୍ତା କରୁଥିଲେ। ଏହି ସମୟରେ ପୋଲିସ ଯୋଜନାବଦ୍ଧ ଭାବେ ସେମାନଙ୍କୁ ଘେରିଯାଇଥିଲା। ଫଳରେ ସେମାନେ ପଳାୟନ କରିବାକୁ ସୁଯୋଗ ପାଇ ନ ଥିଲେ। ସେଠାରୁ ୬ଜଣଙ୍କୁ ପୋଲିସ ଗିରଫ କରିବା ସହ ସେମାନଙ୍କଠାରୁ ଏକ ଡାଏରି, ୫ ହଜାର ୪୦୦ ବୋତଲ କଫ୍ ସିରପ ଓ ନଗଦ ୧୨ ହଜାର ଟଙ୍କା, ୨ ମୋଟରସାଇକେଲ (ଓଡି୧୫ଟି-୮୭୫୮ ଓ ଓଡି୧୫ଡବ୍ଲ୍ୟୁ-୮୨୪୬) ଜବତ



ଜବତ କଫ୍ ସିରପ।

କରିଛି। ତେବେ ଜବତ ହୋଇଥିବା ଡାଏରିର ତଥ୍ୟ ଆଧାରରେ ପୋଲିସ ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ସହରରେ ବେଆଇନ କଫ୍ ସିରପ କାରବାର କରୁଥିବା ୨ ମାଷ୍ଟରମାଇଣ୍ଡଙ୍କ ସମେତ ମୋଟ ୩୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନାମରେ ଧନୁପାଲି ଥାନାରେ କେସ୍ ନମ୍ବର ୩୩୦, ୟୁ/ଏସ ୨୧(ସି)/୨୯ ଏନ୍‌ଡିପିସି ଆକ୍ଟରେ ମାମଲା ରୁଜୁ ହୋଇଛି। ଗିରଫ ୨ ମାଷ୍ଟର ମାଇଣ୍ଡ ହେଉଛନ୍ତି ଧନୁପାଲି ଥାନା ମୋତିଝରନର ଏସ୍.କେ. ରିୟାଉଦ୍ଦିନ (୨୦) ଓ ଧନୁପାଲି ଗୋପାଳଜୀ ମନ୍ଦିର ନିକଟରେ ରହୁଥିବା ଆଶିଷ ପାଣିଗ୍ରାହୀ (୩୪)। ସେହିପରି ଅନ୍ୟ ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଧନୁପାଲି ଥାନା ଅଞ୍ଚଳର ୧୨ଜଣ ରହିଥିବାବେଳେ କ୍ଷେତରାଜପୁରର ୮, ଅଇଁଠାପାଲିର ୪ ଓ ଟାଉନ ଥାନାର ୬ଜଣ ରହିଛନ୍ତି ବୋଲି ଏସ୍‌ଡିପିଓ ସାହୁ କହିଛନ୍ତି। ସୂଚନାଯୋଗ୍ୟ ଯେ, ପାର୍ବଣ ପୂର୍ବରୁ ସହରରେ କଫ୍ ସିରପ ବିକ୍ରି କରିବାକୁ ଅଭିଯୁକ୍ତମାନେ ଯୋଜନା କରିଥିଲେ। କିନ୍ତୁ ପୋଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ସେମାନଙ୍କ ଯୋଜନାକୁ ପଣ୍ଡ କରି ଦେଇଛି। ଖବରଦାତା ସମ୍ମିଳନୀରେ ଧନୁପାଲି ଥାନାଧିକାରୀ ରାଜେନ୍ଦ୍ର ବିଶ୍ୱାଳ, ଅଇଠାପାଲି ଥାନାଧିକାରୀ ସନୟ ନାୟକ ଓ ଟାଉନ ଥାନାଧିକାରୀ ବୁଲୁ ସ୍ୱାଇଁ ଉପସ୍ଥିତ ଥିଲେ।

# ମଞ୍ଚାରେ ଚାଷୀଙ୍କ ତଣ୍ଟିକାଟି ହତ୍ୟା



ହତ୍ୟାକାଣ୍ଡ ପରେ ଶୋକାକୁଳ ପରିବାର ସଦସ୍ୟ।

**ଅନୁଗୋଳ,୯।୧୦**
**(ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଓଲାବିର ଗାଁରେ ରବିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଫସଲ ଜଗି ମଞ୍ଚାରେ ଶୋଇଥିବା ଚାଷୀ ବିଶ୍ୱନାଥ ବର୍ଗିଆ(୫୦)ଙ୍କ ତଣ୍ଟି କାଟି ହତ୍ୟା କରାଯାଇଛି। ଖବରପାଇ ପୁରୁଣାକୋଟ ପୋଲିସ ସୋମବାର ସକାଳେ ଗାଁରେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ କରିଛି। ଏ ନେଇ ମୃତକଙ୍କ ସ୍ତ୍ରୀ ପ୍ରମିଳା ବର୍ଗିଆ ଲିଖିତ ଅଭିଯୋଗ କରିବା ପରେ ଥାନାରେ ନଂ. ୯୩/୨୩ରେ ମାମଲା ରୁଜୁ କରାଯାଇଛି। ତେବେ ଏ ନେଇ ପୋଲିସ ମୁହଁ ଖୋଲୁ ନ ଥିବାରୁ ଘଟଣା ଉପରୁ ପରଦା ହଟିପାରି ନାହିଁ।

ପ୍ରମିଳା ଅଭିଯୋଗରେ ଦର୍ଶାଇଛନ୍ତି, ଘର ନିକଟରେ ହୋଇଥିବା କନ୍ଦମୂଳ ଫସଲ ଜଗିବାକୁ ବିଶ୍ୱନାଥ ରବିବାର ରାତି ୭ଟାରେ ମଞ୍ଚାରେ ଶୋଇଥିଲେ। ରାତିରେ କେହି ଦୁର୍ବୃତ୍ତ ତାଙ୍କ ବେକକୁ ଧାରୁଆ ଅସ୍ତ୍ରରେ କାଟି ଦେଇଥିଲେ। ବିଶ୍ୱନାଥ ଯନ୍ତ୍ରଣାରେ ଚିତ୍କାର କରିବା ସହ ତଣ୍ଟିରେ ଗାମୁଛା ବାନ୍ଧି ଘର ପାଖକୁ ଦୌଡି ଆସିଥିଲେ। ହେଲେ ଘଟଣା ସମ୍ପର୍କରେ କେହି କିଛି ବୁଝିବା ବେଳକୁ ବିଶ୍ୱନାଥ ସେହିଠାରେ ଟଳି ପଡିଥିଲେ। ତାଙ୍କୁ କିଏ ଓ କାହିଁକି ଆକ୍ରମଣ କରିଛି ତାହା ପରିବାର ଲୋକେ ଜାଣିପାରୁ ନାହାନ୍ତି। ଅନ୍ୟପକ୍ଷରେ ପୋଲିସ ପହଞ୍ଚି ତଦନ୍ତ କରିଥିଲେ ହେଁ ସେଭଳି କିଛି ପ୍ରମାଣ ପାଇ ନ ଥିବା ଜଣାପଡ଼ିଛି। ପୋଲିସ ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣା ସମ୍ପର୍କରେ ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମହାଲିକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ମତାମତ ମିଳିପାରି ନାହିଁ।

## ଶିକ୍ଷକଙ୍କ ମାଡ଼ରେ ଛାତ୍ର ମୃତ୍ୟୁ ଘଟଣା

# ତନାଘନା କଲା ପୋଲିସ, ଶିକ୍ଷାବିଭାଗ

## ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା

**ବାଲେଶ୍ୱର,୯।୧୦**
**(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଖନ୍ତାପଡ଼ା ଥାନା ଅଧୀନ ବଂଶୀଧର ବିଦ୍ୟାପୀଠ, କୁଲିଗାଁରେ ହିନ୍ଦୀ ଶିକ୍ଷକଙ୍କ ମାଡ଼ରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହେବା ଅଭିଯୋଗ ପରେ ପୋଲିସ ଓ ଶିକ୍ଷାବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ମୃତ ଛାତ୍ରଙ୍କ ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ଖନ୍ତାପଡ଼ା ପୋଲିସ ଏକ ମାମଲା (ନଂ.୪୨/୨୩) ରୁଜୁ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ ବିରଞ୍ଚି ସାହୁ ପ୍ରକାଶ କରିଛନ୍ତି। ଜିଲା ଶିକ୍ଷା ଅଧିକାରିଣୀ ପ୍ରତିଭାମଞ୍ଜରୀ ଦାସଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ



ବିଦ୍ୟାଳୟରେ ଶିକ୍ଷା ବିଭାଗ ଅଧିକାରୀମାନେ ତଦନ୍ତ କରୁଛନ୍ତି।

ଜିଲା ଶିକ୍ଷାଧିକାରୀ ଧରଣୀଧର ପାତ୍ର ଏବଂ ରେମୁଣା ବ୍ଲକ ଶିକ୍ଷାଧିକାରୀ କାଳନ୍ଦୀ ସୋରେନ ସୋମବାର ଉକ୍ତ ବିଦ୍ୟାଳୟରେ ପହଞ୍ଚି ଘଟଣା ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ମହାପାତ୍ର, ହିନ୍ଦୀ ଶିକ୍ଷକ ମନୋରଞ୍ଜନ ମଲ୍ଲିକ, କର୍ମଚାରୀ ଏବଂ ଛାତ୍ରୀଛାତ୍ରଙ୍କୁ ଘଟଣା ସମ୍ପର୍କରେ ପଚରାଉଚୁରା କରିଛନ୍ତି। ଏନେଇ ଏକ ରିପୋର୍ଟ ପ୍ରସ୍ତୁତ କରି ଜିଲା ଶିକ୍ଷାଧିକାରିଣୀଙ୍କୁ ପ୍ରଦାନ କରାଯିବ ବୋଲି ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପାତ୍ର କହିଛନ୍ତି।

ଉକ୍ତ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର କୃଷ୍ଣନନ୍ଦପୁର ଗ୍ରାମର ଗୋବିନ୍ଦ ଚନ୍ଦ୍ର ଦାସଙ୍କ ପୁତ୍ର ସୁମନ (୧୫) ଗତ ଶନିବାର ଦଶମ ଶ୍ରେଣୀ ଅର୍ଦ୍ଧବାର୍ଷିକ ପରୀକ୍ଷା ଦେବା ପରେ ତାଙ୍କ ସାଙ୍ଗ ସୂର୍ଯ୍ୟକାନ୍ତଙ୍କ ସାଇକେଲ ନ କହି ଘରକୁ ନେଇ ପଳାଇଥିଲେ। ଘରୁ ଫେରିବା ପରେ ସାଇକେଲ ନେବାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ଓ ମାରପିଟ୍ ହୋଇଥିଲା। ଏହା ଦେଖି ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ମଲ୍ଲିକ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅଫିସକୁ ଡକାଇ ମାରପିଟ୍‌ର କାରଣ ବୁଝିବା ସହ ସୁମନଙ୍କୁ ମାଡ଼ ମାରିଥିଲେ। ବିଦ୍ୟାଳୟ ଛୁଟି ପରେ ସୁମନ ଘରକୁ ଫେରି କାହାରିକୁ କିଛି ନ କହି ଶୋଇ ପଡ଼ିଥିଲେ। ରାତିରେ ତାଙ୍କର ଛାତିରେ ଅତ୍ୟଧିକ ଯନ୍ତ୍ରଣା ହେବାରୁ ଘର ଲୋକ ତାଙ୍କୁ ପ୍ରଥମେ ଖନ୍ତାପଡ଼ା ଡାକ୍ତରଖାନା ଓ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଚିକିତ୍ସା କରିଥିଲେ। ରବିବାର ସକାଳ ୯ଟାରେ ସୁମନଙ୍କ ମୃତ୍ୟୁ ହୋଇଥିବା ଡାକ୍ତର କହିଥିଲେ। ଏନେଇ ଥାନାରେ ପରିବାର ଲୋକେ ଶିକ୍ଷକଙ୍କ ମାଡ଼ରେ ସୁମନଙ୍କ ମୃତ୍ୟୁ ହୋଇଥିବା ନେଇ ଅଭିଯୋଗରେ ଦର୍ଶାଇଥିଲେ। ବ୍ୟବଚ୍ଛେଦ ପରେ ସୁମନଙ୍କ ମୃତଦେହ ଧରି ପରିବାର ଲୋକେ ଗାଁକୁ ଫେରିଥିଲେ।

ଏନେଇ ଜିଲା ଶିକ୍ଷାଧିକାରିଣୀ ଦାସ କହିଛନ୍ତି, ଉକ୍ତ ଘଟଣାକୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ବିଦ୍ୟାଳୟକୁ ତଦନ୍ତ ପାଇଁ ପଠାଯାଇଛି। ସେମାନଙ୍କଠାରୁ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ପାରାଦୀପ ରିଫାଇନେରି କାର୍ଯ୍ୟକାରୀ ନିର୍ଦ୍ଦେଶକ ହେଲେ କୌଶିକ ବାସୁ

**ପାରାଦୀପ,୯।୧୦(ଶରତ ରାଉତ)**



ପାରାଦୀପ ରିଫାଇନେରି କାର୍ଯ୍ୟକାରୀ ନିର୍ଦ୍ଦେଶକ (ଇଡି) ଭାବେ କୌଶିକ ବାସୁ ସୋମବାର ଦାୟିତ୍ୱ ନେଇଛନ୍ତି। ତାଙ୍କୁ ରିଫାଇନେରିର ବରିଷ୍ଠ ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ସ୍ୱାଗତ କରିଥିଲେ। ଏହି ଅବସରରେ ଇଡି ବାସୁ ରିଫାଇନେରି ଟାଉନଶିପରେ ଥିବା ଶିଶୁ ଉଦ୍ୟାନରେ ନୂତନ ଭାବେ ନିର୍ମିତ ଗୋପବନ୍ଧୁ ଦାସଙ୍କ ଅର୍ଦ୍ଧଅବୟବ ପ୍ରତିମୂର୍ତ୍ତିକୁ ଉନ୍ମୋଚିତ କରିଥିଲେ। ବାସୁ ୧୯୯୨ରେ ଆଇଓସିଏଲ୍‌ରେ ଚାକିରି ଆରମ୍ଭ କରିଥିଲେ। ୩୧ ବର୍ଷ ମଧ୍ୟରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ସଫଳତାର ସହ ଦାୟିତ୍ୱ ନିର୍ବାହ କରିଥିବା ସୂଚନା ମିଳିଛି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୦/୨୦୨୩ Bhubaneswar, Tuesday, October 10/ 2023

# ଓଡ଼ିଶାର ଅମନଦୀପ, ସୁନୀଲ, ସୁନୀତ ସାମିଲ



ସୁଲତାନ ଜୋହର କପ୍ ପାଇଁ ମନୋନୀତ ଭାରତୀୟ ହକି ଦଳ।

## ସୁଲତାନ ଜୋହର କପ୍ ହକି ପାଇଁ ଭାରତୀୟ ଦଳ ଘୋଷିତ

**ବେଙ୍ଗାଲୁରୁ, ୯।୧୦**

ସୁଲତାନ ଜୋହର କପ୍ ଜୁନିୟର ହକି ଟୁର୍ନାମେଣ୍ଟର ୧୧ଶ ସଂସ୍କରଣ ମାଲେସିଆର ଜୋହରଠାରେ ଚଳିତ ମାସ ୨୭ରୁ ନଭେମ୍ବର ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପୂର୍ବରୁ ଏହି ପ୍ରତିଯୋଗିତାରେ ୬ଟି ଲେଖାଏ ଦଳ ଖେଳୁଥିବାବେଳେ ଏଥର ଏହା ୮ ଦଳ ବିଶିଷ୍ଟ ହେବ। ଜୁନିୟର ସ୍ତରର ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ସୋମବାର ୨୦ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ଅମନଦୀପ ଲାକ୍ରା ସୁନୀଲ ଜୋଜୋ, ସୁନୀତ ଲାକ୍ରା ସାମିଲ ହୋଇଛନ୍ତି। ଉତ୍ତମ ସିଂଙ୍କୁ ଭାରତୀୟ ଦଳର ଅଧିନାୟକ ଓ ରାଜିନ୍ଦର ସିଂଙ୍କୁ ଉପ ଅଧିନାୟକ କରାଯାଇଛି। ଭାରତ ପୁଲ୍ 'ବି'ରେ ମାଲେସିଆ, ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ସହିତ ସ୍ଥାନ ପାଇଛି। ପୁଲ୍ 'ଏ'ରେ ଜର୍ମାନୀ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଓ ଗ୍ରେଟ ବ୍ରିଟେନ ଦଳ ରହିଛନ୍ତି। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ୨ଟି ଲେଖାଏ ଦଳ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଆଗାମୀ ପ୍ରତିଯୋଗିତାରେ ଭାରତୀୟ ଦଳର ଉତ୍ତମ ପ୍ରଦର୍ଶନକୁ ନେଇ କୋଚ୍ ସି.ଆର. କୁମାର ବେଶ୍ ଆଶାବାଦୀ ଅଛନ୍ତି। ଅଧିନାୟକ ଉତ୍ତମ ସିଂ କହିଛନ୍ତି ଯେ, ପ୍ରତିଯୋଗିତା ପାଇଁ ସମସ୍ତ ଖେଳାଳି ଟ୍ରେନିଂ ସମୟରେ କଠିନ ପରିଶ୍ରମ କରିଛନ୍ତି। ମ୍ୟାଚବେଳେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଅପେକ୍ଷାରେ ଅଛନ୍ତି। ଆଗକୁ ଜୁନିୟର ହକି ବିଶ୍ୱକପ ଆସୁଥିବାରୁ ଏଥରର ସୁଲତାନ ଜୋହର କପ୍ ସବୁ ଦଳ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

**ଭାରତୀୟ ଦଳ**

ଗୋଲକିପର୍ସ: ମୋହିତ ଏଚ୍.ଏସ୍., ରଣବିଜୟ ସିଂ ଯାଦବ। ଡିଫେଣ୍ଡର୍ସ: ଅମନଦୀପ ଲାକ୍ରା, ରୋହିତ, ସୁନୀଲ ଜୋଜୋ, ସୁଖବିନ୍ଦର, ଅମିର ଅଲୀ, ଯୋଗେମ୍ବର ରାଓ୍ୱତ। ମିଡ୍‌ଫିଲ୍ଡର୍ସ: ବିଷ୍ଣୁକାନ୍ତ ସିଂ, ପୁଭନ୍ନା ସି.ବି., ରାଜିନ୍ଦର ସିଂ, ସୁନୀତ ଲାକ୍ରା, ଅବଦୁଲ ଆହଦ। ଫରୱାର୍ଡ୍ସ: ଉତ୍ତମ ସିଂ, ଅରୁଣ ସାହାଣି, ଆଦିତ୍ୟ ଲାଲାଗେ, ଅଙ୍ଗଦ ବୀର ସିଂ, ଗୁରଜୋତ ସିଂ, ସତୀଶ ବି.।

## ଖୋର୍ଦ୍ଧା ଜିଲା ଚେସ୍ ୧୪ରୁ

**ଭୁବନେଶ୍ୱର, ୯।୧୦ (ତପନ ସ୍ୱାଇଁ)**

ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଚେସ୍ ଚାମ୍ପିୟନଶିପ୍ ଚଳିତ ମାସ ୧୪ ଓ ୧୫ ତାରିଖ ଦୁଇଦିନ ଧରି କିଟ୍ ବିଶ୍ୱବିଦ୍ୟାଳୟର ବିଶ୍ୱନାଥନ୍ ଆନନ୍ଦ ଅନ୍ତର୍ଜାତୀୟ ଚେସ୍ ହଲ୍‌ରେ ଅନୁଷ୍ଠିତ ହେବ। ୭ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ କେବଳ ଖୋର୍ଦ୍ଧା ଜିଲାର ଚେସ୍ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଚାମ୍ପିୟନଶିପର ୩୭ ବିଜେତାଙ୍କ ପାଇଁ ମୋଟ ୧୪ ହଜାର ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଏହା ମଧ୍ୟରେ ଶୀର୍ଷ ୧୫ ଖେଳାଳିଙ୍କ ସମେତ ଶ୍ରେଷ୍ଠ ୨ ଜଣ ଲେଖାଏ ମହିଳା, ଭେଟେରାନ, ମାନସିକ ଅନଗ୍ରସର ଏବଂ ୫, ୬, ୭, ୮, ୯, ୧୦, ୧୧ ଓ ୧୩ ବର୍ଷରୁ କମ୍ ବର୍ଗର ଖେଳାଳି ସାମିଲ। ପୁରସ୍କାର ଆକାରରେ ମୋଟ ୮୩ଟି ଟ୍ରଫି ପ୍ରଦାନ କରାଯିବ। ଚାମ୍ପିୟନଙ୍କୁ ଟ୍ରଫି ସହ ୭୦୦୦ ଓ ରନରଅପ୍‌ଙ୍କୁ ୫୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ। ପ୍ରତିଯୋଗିତା ପାଇଁ ୪୦୦ ଟଙ୍କାର ଏଣ୍ଟ୍ରି ଫି' ଧାର୍ଯ୍ୟ କରାଯାଇଛି ବୋଲି ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଅଂଶଗ୍ରହଣ ପାଇଁ ଆଗ୍ରହୀ ଖେଳାଳିମାନେ ଶୁଭାଶିଷ ଏବଂ ଆସୋସିଏଶନର ଯୁଗ୍ମ ସମ୍ପାଦକ ସରୋଜ ବେହେରାଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

## ସ୍ପିନ୍ ଖେଳିବାକୁ ନେଇ ଚିନ୍ତାରେ ପାକିସ୍ତାନ

**ହାଇଦ୍ରାବାଦ,୯।୧୦(ପି.ଟି.):** ଦିନିକିଆ ବିଶ୍ୱକପ୍‌ରେ ନେଦରଲାଣ୍ଡ ବିପକ୍ଷ ମ୍ୟାଚରେ ବିଜୟୀ ହୋଇଥିଲେ ମଧ୍ୟ ଏହାର ବ୍ୟାଟିଂ ଦୁର୍ବଳତା ପଦାରେ ପଡିଥିଲା। ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍ ପୂର୍ବରୁ ସ୍ପିନ ଖେଳିବାକୁ ନେଇ ଚିନ୍ତାରେ ରହିଛି ଦଳ। ନେଦରଲାଣ୍ଡର ଅନଭିଜ୍ଞ ସ୍ପିନର ଯେଉଁଭଳି ଭାବରେ ପାକିସ୍ତାନ ବ୍ୟାଟରଙ୍କୁ ଅସୁବିଧାରେ ପକାଇଥିଲେ ଏହାକୁ ଦୃଷ୍ଟିରେ ରଖିଲେ ଶ୍ରୀଲଙ୍କା ଦୃଢ଼ ସ୍ଥିତିରେ ନଜର ଆସୁଛି। ସାଧାରଣତଃ ପାକିସ୍ତାନ ଦଳ ସ୍ପିନ୍‌କୁ ଭଲ ଖେଳିଥାଏ। ମାତ୍ର ବାବର ଆଜମଙ୍କ ଦଳ କ୍ୱାଲିଟି ସ୍ପିନ ଆକ୍ରମଣ ବିପକ୍ଷରେ ସଂଘର୍ଷ କରୁଥିବାର ଦେଖିବାକୁ ମିଳୁଛି। ଶ୍ରୀଲଙ୍କା ସ୍ପିନର ଦିଲ୍ଲୀରେ ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚରେ ସାମାନ୍ୟ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଅନ୍ୟପକ୍ଷରେ ପାକିସ୍ତାନ ବିଗତ ୧୦ ଦିନ ହେବ ହାଇଦ୍ରାବାଦରେ ଅବସ୍ଥାନ କରୁଛି। ଉଭୟ ଅଭ୍ୟାସ ମ୍ୟାଚ୍ ସହିତ ନେଦରଲାଣ୍ଡ ବିପକ୍ଷ ମ୍ୟାଚ୍ ମଧ୍ୟ ଦଳ ରାଜୀବ ଗାନ୍ଧୀ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ଖେଳି ସାରିଛି।

## ଆଫଗାନିସ୍ତାନ ମ୍ୟାଚ୍‌ରୁ ବାଦ୍‌ପଡ଼ିଲେ ଗିଲ୍

**ନୂଆଦିଲ୍ଲୀ,୯।୧୦**

ଭାରତୀୟ କ୍ରିକେଟ ଦଳର ଓପନିଙ୍ଗ ବ୍ୟାଟର ଶୁବମନ ଗିଲ୍ ବିଶ୍ୱକପର ଦ୍ୱିତୀୟ ମ୍ୟାଚ୍‌ରୁ ବାଦ ପଡିଛନ୍ତି। ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଗିଲ୍ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ମ୍ୟାଚ୍‌ରୁ ମଧ୍ୟ ବାଦ ପଡିଥିଲେ। ୧୧ ତାରିଖରେ ଆଫଗାନିସ୍ତାନ ବିପକ୍ଷ ମ୍ୟାଚ ଖେଳିବା ପାଇଁ ଭାରତୀୟ ଦଳ ଦିଲ୍ଲୀରେ ପହଞ୍ଚିଥିବା ବେଳେ ଗିଲ୍ ଚେନ୍ନାଇରେ ରହିଛନ୍ତି। ଫଳରେ ସେ ଦ୍ୱିତୀୟ ବିଶ୍ୱକପ ମ୍ୟାଚ୍ ମିସ୍ କରିବା ସ୍ପଷ୍ଟ ହୋଇଛି। ବର୍ତ୍ତମାନ ଗିଲ୍ ଚେନ୍ନାଇରେ ବିସିସିଆଇର ମେଡିକାଲ୍ ଟିମ୍ ତତ୍ତ୍ୱାବଧାନରେ ଚିକିତ୍ସିତ ହେଉଛନ୍ତି। ୧୪ ତାରିଖରେ ହେବାକୁ ଥିବା ପାକିସ୍ତାନ ବିପକ୍ଷ ମ୍ୟାଚ୍ ପୂର୍ବରୁ ଗିଲ୍ ଫିଟ୍ ହେବା ନେଇ ଅନୁମାନ କରାଯାଉଛି। ୨୦୨୩ରେ ଗିଲ୍ ଭାରତ ପାଇଁ ୧୨୩୦ ରନ୍ ସ୍କୋର କରିଥିବା ବେଳେ ତାଙ୍କର ଆଭରେଜ୍ ୭୨ ରହିଛି।

## ଭର୍ଷ୍ଟାପେନ୍‌ଙ୍କ ୧୪ତମ ବିଜୟ



ଟ୍ରଫି ସହ ମାକ୍ସ ଭର୍ଷ୍ଟାପେନ୍।

**ଲୋସେଲ୍(କାତାର), ୯।୧୦(ଏପି)**

ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ପୁଣି ଫର୍ମୁଲା ୱାନ ଚାମ୍ପିୟନ ହୋଇଛନ୍ତି। ରବିବାର ସେ କାତାର ଗ୍ରାଁପ୍ରି ଜିତିଛନ୍ତି। ୨୦୨୩ ସିଜନରେ ଏହା ହେଉଛି ତାଙ୍କର ୧୪ତମ ଗ୍ରାଁପ୍ରି ବିଜୟ। ଶନିବାର ଅନୁଷ୍ଠିତ ସ୍ପ୍ରିଣ୍ଟ ରେସ୍‌ରେ ସେ ତାଙ୍କର ତୃତୀୟ ଟାଇଟଲ ହାସଲ କରିସାରିଥିଲେ। ରେଡ୍‌ବୁଲ ଡ୍ରାଇଭର ପୋଲ୍ ପୋଜିଶନରୁ ରେସ୍ ଆରମ୍ଭ କରିଥିଲେ। ପ୍ରଥମ କର୍ନରରେ ମର୍ସିଡିଜ୍‌ର ଦୁଇ ଡ୍ରାଇଭର ଲୁଇସ୍ ହାମିଲଟନ ଓ ଜର୍ଜ ରସେଲଙ୍କ ମଧ୍ୟରେ ସଂଘର୍ଷ ଘଟିବା ପରେ ଭର୍ଷ୍ଟାପେନ୍‌ଙ୍କ ପାଇଁ ବିଜୟ ପଥ ସହଜ ହୋଇଯାଇଥିଲା। ମ୍ୟାକଲରେନର ଓସ୍କାର ପିଆଷ୍ଟ୍ରି ଓ ଲାଣ୍ଡୋ ନୋରିସ ଯଥାକ୍ରମେ ପଛକୁ ପଛ ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଦୁଇ ସପ୍ତାହ ପୂର୍ବେ ଜାପାନିଜ ଗ୍ରାଁପ୍ରିରେ କ୍ୟାରିୟରର ପ୍ରଥମ ପୋଡିୟମ ଫିନିଶ କରିଥିବା ଅଷ୍ଟ୍ରେଲିଆର ସ୍ୱଳ୍ପ ବୟସ୍କ ଡ୍ରାଇଭର ପିଆଷ୍ଟ୍ରି ଏଠାରେ ମଧ୍ୟ ଭଲ ପ୍ରଦର୍ଶନ କରାଇଥିଲେ। ଶନିବାର ସେ କାତାର ସ୍ପ୍ରିଣ୍ଟ ରେସ୍‌ରେ ବିଜୟ ଲାଭ କରିଥିଲେ, ଯେଉଁଥିରେ ଭର୍ଷ୍ଟାପେନ୍ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ମଧ୍ୟ ଚଳିତ ସିଜନର ଟାଇଟଲ ବିଜୟୀ ହୋଇଥିଲେ। ଚଳିତ ସିଜନରେ ଆଉ ଦୁଇଟି ରେସ୍ ୟୁନାଇଟେଡ୍ ଷ୍ଟେଟ୍ସ ଗ୍ରାଁ ପ୍ରି (ଅକ୍ଟୋବର ୨୦-୨୨) ଓ ମେକ୍ସିକାନ ଗ୍ରାଁ ପ୍ରି (ଅକ୍ଟୋବର ୨୭-୨୯) ବାକି ରହିଛି।

# ଏସିଆଡ୍‌ରେ ଭାରତର ପ୍ରଥମ

**ଚାଇନାର ହାଙ୍ଗଝୋରେ ସମାପ୍ତ ହୋଇଛି ଏସିଆନ୍ ଗେମ୍ସ ୨୦୨୩। ଭାରତ ଏହାର ସର୍ବଶ୍ରେଷ୍ଠ ପ୍ରଦର୍ଶନ ସହିତ ପ୍ରଥମ ଥର ପଦକ ସଂଖ୍ୟାରେ ଶତକ ଅତିକ୍ରମ କରିଛି। ୨୮ ସ୍ୱର୍ଣ୍ଣ, ୩୮ ରୌପ୍ୟ ଓ ୪୧ ବ୍ରୋଞ୍ଜ ସହିତ ଭାରତ ସମୁଦାୟ ୧୦୭ ପଦକ ହାସଲ କରି ଚତୁର୍ଥ ସ୍ଥାନରେ ରହିଥିଲା। ଏହା ସହିତ ଏମିତି ଅନେକ ଇଭେଣ୍ଟ ଥିଲା ଯେଉଁଥିରେ ଭାରତୀୟ କ୍ରୀଡାବିତ୍ ମାନେ ପ୍ରଥମ ଥର ପଦକ ହାସଲ କରିବାର ରେକର୍ଡ କରିଥିଲେ। ଗତ ଏସିଆଡ୍‌ର ଏମିତି କିଛି ପ୍ରଥମକୁ ନେଇ ଉପସ୍ଥାପନା....**

**ଆଥଲେଟିକ୍ସ:**

**ଅବିନାଶ ସାବଲେ:** ଭାରତୀୟ ସେନାରେ କାର୍ଯ୍ୟରତ ଅବିନାଶ ସାବଲେ ୩୦୦୦ ମିଟର ଷ୍ଟିପଲଚେଜରେ ପ୍ରଥମ ଭାରତୀୟ ପୁରୁଷ ଖେଳାଳି ଭାବରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଜାତୀୟ ରେକର୍ଡଧାରୀ ଏହି ୨୯ ବର୍ଷୀୟ ଖେଳାଳି ଜଣଙ୍କ ୮:୧୯.୫୦ ସେକେଣ୍ଡର ଟାଇମିଂ ସହିତ ପ୍ରଥମ ସ୍ଥାନରେ ରହିଥିଲେ। ଏହା ସହି ପୂର୍ବରୁ ରହିଥିବା ୮:୨୨.୭୯ ସେକେଣ୍ଡର ଗେମ୍ସ ରେକର୍ଡ ମଧ୍ୟ ଭାଙ୍ଗିବାରେ ସେ ସଫଳ ହୋଇଥିଲେ।

**ପାରୁଲ ଚୌଧାରୀ:** ପାରୁଲ ଚୌଧାରୀ ଚମତ୍କାର ପ୍ରଦର୍ଶନ ସହିତ ପ୍ରଥମ ଭାରତୀୟ ମହିଳା ଖେଳାଳି ଭାବରେ ୫୦୦୦ ମିଟର ଦୌଡରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ପୂର୍ବରୁ ୩ ହଜାର ମିଟର ଷ୍ଟିପଲଚେଜରେ ରୌପ୍ୟ ପଦକ ହାସଲ କରି ସାରିଥିଲେ ପାରୁଲ। ୨୮ ବର୍ଷୀୟା ପାରୁଲ ରେସ୍‌ରେ ପଛୁଆ ରହିଥିଲେ ମଧ୍ୟ ଅନ୍ତିମ ୪୦ ମିନିଟରେ ଚମତ୍କାର ସ୍ପ୍ରିଣ୍ଟ କରି ପ୍ରଥମ ସ୍ଥାନରେ ଫିନିଶ୍ କରିଥିଲେ। ଏହି ରେସ୍‌ରେ ପାରୁଲ୍ ୧୫:୧୪.୭୫ ସେକେଣ୍ଡର ଟାଇମିଂ ହାସଲ କରିଥିଲେ।

**ଅନୁ ରାଣୀ:** ମହିଳା ଜାଭେଲିନ୍ ଥ୍ରୋୟର ଅନୁ ରାଣୀ ପ୍ରଥମ ଖେଳାଳି ଭାବରେ ଏକ ଏସିଆନ୍ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୧୪ରେ ବ୍ରୋଞ୍ଜ ପଦକ ଜିତିଥିବା ଅନୁ ଚମତ୍କାର ପ୍ରଦର୍ଶନ କରିବା ସହିତ ୬୨.୯୨ ମିଟର ସହିତ ମହିଳା ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

**ବ୍ୟାଡ୍‌ମିଣ୍ଟନ:** ବ୍ୟାଡମିଣ୍ଟନରେ ଭାରତ ଚଳିତ ସଂସ୍କରଣରେ ୩ଟି ପଦକ ହାସଲ କରିଥିଲା। ଏଚ୍.ଏସ୍. ପ୍ରଣୟ ପୁରୁଷ ସିଙ୍ଗଲ୍ସରେ ଓ ଚିରାଗ ସେଟ୍ଟୀ-ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ପଦକ ହାସଲ କରି ଇତିହାସ ରଚିଥିଲେ। ୪୧ ବର୍ଷ ପରେ ପ୍ରଣୟ ଏକ ରୌପ୍ୟ ପଦକ ଓ ଚିରାଗ ସେଟ୍ଟୀ-ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହା ସହିତ ୧୯୮୬ ପରେ ୩୭ ବର୍ଷ ପରେ ଭାରତୀୟ ପୁରୁଷ ଦଳ ଏକ ରୌପ୍ୟ ପଦକ ବିଜୟୀ ହୋଇଥିଲା।

**ଟେବୁଲ ଟେନିସ୍:** ଟେବୁଲ ଟେନିସ୍‌ରେ ଭାରତୀୟ ମହିଳା ଡବଲ୍ସ ଯୋଡି ଐତିହାସିକ ପଦକ ଜିତିଥିଲେ। ସୁତୀର୍ଥା ମୁଖାର୍ଜୀ ଓ ଆହିକା ମୁଖାର୍ଜୀ ଭାରତ ପାଇଁ ଟେବୁଲ ଟେନିସ୍‌ର ମହିଳା ଇଭେଣ୍ଟରେ ପ୍ରଥମ ପଦକ ଜିତିଲେ।

**ଶୁଟିଂ:** ଭାରତୀୟ ଶୁଟରମାନେ ଏସିଆନ୍ ଗେମ୍ସରେ ସମୁଦାୟ ୨୨ ପଦକ ଜିତିବାରେ ସମର୍ଥ ହୋଇଥିଲେ। ପ୍ରଥମ ଥର ଭାରତୀୟ ମହିଳା ସ୍କିଟ୍ ଟିମ୍ ଏକ ରୌପ୍ୟ ପଦକ ହାସଲ କରିଥିଲା। ମନୀଷା ରଜକ, ରାଜେଶ୍ୱରୀ କୁମାରୀ ଓ ପ୍ରୀତି ରଜକଙ୍କ ଦଳ ଏହି ପଦକ ବିଜୟୀ ହୋଇଥିଲା। ଅନନ୍ତଜିତ୍ ସିଂ ନାରୁକା ପ୍ରଥମ ଭାରତୀୟ ଖେଳାଳି ଭାବେ ସ୍କିଟ୍ ବ୍ୟକ୍ତିଗତ ବର୍ଗରେ ଏକ ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଥିଲା। ଯୁବ ଭାରତୀୟ ଖେଳାଳି ସିଫ୍ଟ କୌର ସାମ୍ରା ୫୦ ମିଟର ରାଇଫଲ୍ ଥ୍ରୀ ପୋଜିସନରେ ବିଶ୍ୱ ରେକର୍ଡ ସ୍କୋର ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

**କାନୋଇଂ:** ଭାରତର ଅର୍ଜୁନ୍ ସିଂ ଜାଟ୍ ଓ ସୁନୀଲ ସିଂ ସଲାମ ପୁରୁଷ ଡବଲ୍ସ ୧୦୦୦ ମିଟର ଇଭେଣ୍ଟରେ ଐତିହାସିକ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଶେଷ ଥର ପାଇଁ ୧୯୯୪ରେ ସିଜି ସଦାନନ୍ଦନ ଓ ଜନି ରୋମ୍ମେଲ ଭାରତ ପାଇଁ ସମାନ ଇଭେଣ୍ଟରେ ଏକ ପଦକ ବିଜୟୀ ହୋଇଥିଲେ।

**ଆର୍ଚେରି:** ଆର୍ଚେରୀର କମ୍ପାଉଣ୍ଡ ଇଭେଣ୍ଟରେ ଭାରତୀୟ ଖେଳାଳି ମାନେ ସ୍ୱର୍ଣ୍ଣପଦକ ପୋଛି ନେଇଥିବା ବେଳେ ଅଲିମ୍ପିକ୍ସ ଇଭେଣ୍ଟ ରିକର୍ଭରେ ୧୩ ବର୍ଷର ବ୍ୟବଧାନରେ ପୁରୁଷ ଦଳ ରୌପ୍ୟ ଓ ମହିଳା ଦଳ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ତେବେ ବ୍ୟକ୍ତିଗତ ଇଭେଣ୍ଟରେ ଭାରତୀୟ ଆର୍ଚରଙ୍କୁ ନିରାଶ ହେବାକୁ ପଡିଥିଲା।

**ଇକ୍ୱିଷ୍ଟ୍ରିଆନ୍:** ଇକ୍ୱିଷ୍ଟ୍ରିଆନ୍ ବା ଅଶ୍ୱଚାଳନାର ଡ୍ରେସେଜ୍ ଟିମ୍ ଇଭେଣ୍ଟରେ ଭାରତ ସ୍ୱର୍ଣ୍ଣ ପଦକ ଜିତିଥିଲା। ୪୧ ବର୍ଷରେ ସୁଦୀପ୍ତି ହାଜେଲା, ଦିବ୍ୟାକ୍ରିତି ସିଂ, ବିପୁଲ ହ୍ରିଦୟ ଛେଡାଓ ଅନୁଶ ଅଗ୍ରୱାଲାଙ୍କ ଦଳ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଡ୍ରେସେଜ ବ୍ୟକ୍ତିଗତ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିଲେ ଅନୁଷ ଅଗ୍ରୱାଲା।

**ସେଲିଂ:** ଭାରତୀୟ ସେଲର ବିଷ୍ଣୁ ସର୍ବାନନ ଆଇଏଲ୍‌ସିଏ-୭ ଇଭେଣ୍ଟରେ ଦେଶ ପାଇଁ ପ୍ରଥମ ବ୍ରୋଞ୍ଜପଦକ ବିଜୟୀ ହୋଇଥିଲେ।

**ସିପକ୍‌ଟାକ୍ରା:** ସିପକ୍‌ଟାକ୍ରା ଇଭେଣ୍ଟରେ ଭାରତ ଏହାର ପ୍ରଥମ ପଦକ ହାଙ୍ଗଝୋରେ ଜିତିଥିଲା। ରେଗୁ ଇଭେଣ୍ଟରେ ମହିଳା ଦଳ ଏହି ସଫଳତା ହାସଲ କରିଥିଲା।

**ଗଲ୍ଫ:** ଭାରତୀୟ ମହିଳା ଗଲ୍ଫର ଅଦିତି ଅଶୋକ ପ୍ରଥମ ମହିଳା ଖେଳାଳି ଭାବରେ ଏକ ରୌପ୍ୟ ପଦକ ଜିତିଥିଲେ। ସ୍ୱର୍ଣ୍ଣ ଦୌଡରେ ଆଗୁଆ ରହିଥିଲେ ମଧ୍ୟ ଶେଷ ଆଡକୁ ଚାପର ଶିକାର ହୋଇ ଅଦିତି ଅଳ୍ପକେ ସ୍ୱର୍ଣ୍ଣରୁ ବଞ୍ଚିତ ହୋଇଥିଲେ।



ପାରୁଲ ଚୌଧାରୀ






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୦/୨୦୨୩ Bhubaneswar, Tuesday, October 10/ 2023

# ଓଡ଼ିଶାର ଅମନଦୀପ, ସୁନୀଲ, ସୁନୀତ ସାମିଲ



ସୁଲତାନ ଜୋହର କପ୍ ପାଇଁ ମନୋନୀତ ଭାରତୀୟ ହକି ଦଳ।

## ସୁଲତାନ ଜୋହର କପ୍ ହକି ପାଇଁ ଭାରତୀୟ ଦଳ ଘୋଷିତ

**ବେଙ୍ଗାଲୁରୁ, ୯।୧୦**

ସୁଲତାନ ଜୋହର କପ୍ ଜୁନିୟର ହକି ଟୁର୍ନାମେଣ୍ଟର ୧୧ଶ ସଂସ୍କରଣ ମାଲେସିଆର ଜୋହରଠାରେ ଚଳିତ ମାସ ୨୭ରୁ ନଭେମ୍ବର ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପୂର୍ବରୁ ଏହି ପ୍ରତିଯୋଗିତାରେ ୬ଟି ଲେଖାଏ ଦଳ ଖେଳୁଥିବାବେଳେ ଏଥର ଏହା ୮ ଦଳ ବିଶିଷ୍ଟ ହେବ। ଜୁନିୟର ସ୍ତରର ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ସୋମବାର ୨୦ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ଅମନଦୀପ ଲାକ୍ରା ସୁନୀଲ ଜୋଜୋ, ସୁନୀତ ଲାକ୍ରା ସାମିଲ ହୋଇଛନ୍ତି। ଉତ୍ତମ ସିଂଙ୍କୁ ଭାରତୀୟ ଦଳର ଅଧିନାୟକ ଓ ରାଜିନ୍ଦର ସିଂଙ୍କୁ ଉପ ଅଧିନାୟକ କରାଯାଇଛି। ଭାରତ ପୁଲ୍ 'ବି'ରେ ମାଲେସିଆ, ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ସହିତ ସ୍ଥାନ ପାଇଛି। ପୁଲ୍ 'ଏ'ରେ ଜର୍ମାନୀ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଓ ଗ୍ରେଟ ବ୍ରିଟେନ ଦଳ ରହିଛନ୍ତି। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ୨ଟି ଲେଖାଏ ଦଳ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଆଗାମୀ ପ୍ରତିଯୋଗିତାରେ ଭାରତୀୟ ଦଳର ଉତ୍ତମ ପ୍ରଦର୍ଶନକୁ ନେଇ କୋଚ୍ ସି.ଆର. କୁମାର ବେଶ୍ ଆଶାବାଦୀ ଅଛନ୍ତି। ଅଧିନାୟକ ଉତ୍ତମ ସିଂ କହିଛନ୍ତି ଯେ, ପ୍ରତିଯୋଗିତା ପାଇଁ ସମସ୍ତ ଖେଳାଳି ଟ୍ରେନିଂ ସମୟରେ କଠିନ ପରିଶ୍ରମ କରିଛନ୍ତି। ମ୍ୟାଚବେଳେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଅପେକ୍ଷାରେ ଅଛନ୍ତି। ଆଗକୁ ଜୁନିୟର ହକି ବିଶ୍ୱକପ ଆସୁଥିବାରୁ ଏଥରର ସୁଲତାନ ଜୋହର କପ୍ ସବୁ ଦଳ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

**ଭାରତୀୟ ଦଳ**

ଗୋଲକିପର୍ସ: ମୋହିତ ଏଚ୍.ଏସ୍., ରଣବିଜୟ ସିଂ ଯାଦବ। ଡିଫେଣ୍ଡର୍ସ: ଅମନଦୀପ ଲାକ୍ରା, ରୋହିତ, ସୁନୀଲ ଜୋଜୋ, ସୁଖବିନ୍ଦର, ଅମିର ଅଲୀ, ଯୋଗେମ୍ବର ରାଓ୍ୱତ। ମିଡ୍‌ଫିଲ୍ଡର୍ସ: ବିଷ୍ଣୁକାନ୍ତ ସିଂ, ପୁଭନ୍ନା ସି.ବି., ରାଜିନ୍ଦର ସିଂ, ସୁନୀତ ଲାକ୍ରା, ଅବଦୁଲ ଆହଦ। ଫରୱାର୍ଡ୍ସ: ଉତ୍ତମ ସିଂ, ଅରୁଣ ସାହାଣି, ଆଦିତ୍ୟ ଲାଲାଗେ, ଅଙ୍ଗଦ ବୀର ସିଂ, ଗୁରଜୋତ ସିଂ, ସତୀଶ ବି.।

# ଏସିଆଡ୍‌ରେ ଭାରତର ପ୍ରଥମ

**ଚାଇନାର ହାଙ୍ଗଝୋରେ ସମାପ୍ତ ହୋଇଛି ଏସିଆନ୍ ଗେମ୍ସ ୨୦୨୩। ଭାରତ ଏହାର ସର୍ବଶ୍ରେଷ୍ଠ ପ୍ରଦର୍ଶନ ସହିତ ପ୍ରଥମ ଥର ପଦକ ସଂଖ୍ୟାରେ ଶତକ ଅତିକ୍ରମ କରିଛି। ୨୮ ସ୍ୱର୍ଣ୍ଣ, ୩୮ ରୌପ୍ୟ ଓ ୪୧ ବ୍ରୋଞ୍ଜ ସହିତ ଭାରତ ସମୁଦାୟ ୧୦୭ ପଦକ ହାସଲ କରି ଚତୁର୍ଥ ସ୍ଥାନରେ ରହିଥିଲା। ଏହା ସହିତ ଏମିତି ଅନେକ ଇଭେଣ୍ଟ ଥିଲା ଯେଉଁଥିରେ ଭାରତୀୟ କ୍ରୀଡାବିତ୍ ମାନେ ପ୍ରଥମ ଥର ପଦକ ହାସଲ କରିବାର ରେକର୍ଡ କରିଥିଲେ। ଗତ ଏସିଆଡ୍‌ର ଏମିତି କିଛି ପ୍ରଥମକୁ ନେଇ ଉପସ୍ଥାପନା....**

**ଆଥଲେଟିକ୍ସ:**

**ଅବିନାଶ ସାବଲେ:** ଭାରତୀୟ ସେନାରେ କାର୍ଯ୍ୟରତ ଅବିନାଶ ସାବଲେ ୩୦୦୦ ମିଟର ଷ୍ଟିପଲଚେଜରେ ପ୍ରଥମ ଭାରତୀୟ ପୁରୁଷ ଖେଳାଳି ଭାବରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଜାତୀୟ ରେକର୍ଡଧାରୀ ଏହି ୨୯ ବର୍ଷୀୟ ଖେଳାଳି ଜଣଙ୍କ ୮:୧୯.୫୦ ସେକେଣ୍ଡର ଟାଇମିଂ ସହିତ ପ୍ରଥମ ସ୍ଥାନରେ ରହିଥିଲେ। ଏହା ସହି ପୂର୍ବରୁ ରହିଥିବା ୮:୨୨.୭୯ ସେକେଣ୍ଡର ଗେମ୍ସ ରେକର୍ଡ ମଧ୍ୟ ଭାଙ୍ଗିବାରେ ସେ ସଫଳ ହୋଇଥିଲେ।

**ପାରୁଲ ଚୌଧାରୀ:** ପାରୁଲ ଚୌଧାରୀ ଚମତ୍କାର ପ୍ରଦର୍ଶନ ସହିତ ପ୍ରଥମ ଭାରତୀୟ ମହିଳା ଖେଳାଳି ଭାବରେ ୫୦୦୦ ମିଟର ଦୌଡରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ପୂର୍ବରୁ ୩ ହଜାର ମିଟର ଷ୍ଟିପଲଚେଜରେ ରୌପ୍ୟ ପଦକ ହାସଲ କରି ସାରିଥିଲେ ପାରୁଲ। ୨୮ ବର୍ଷୀୟା ପାରୁଲ ରେସ୍‌ରେ ପଛୁଆ ରହିଥିଲେ ମଧ୍ୟ ଅନ୍ତିମ ୪୦ ମିନିଟରେ ଚମତ୍କାର ସ୍ପ୍ରିଣ୍ଟ କରି ପ୍ରଥମ ସ୍ଥାନରେ ଫିନିଶ୍ କରିଥିଲେ। ଏହି ରେସ୍‌ରେ ପାରୁଲ୍ ୧୫:୧୪.୭୫ ସେକେଣ୍ଡର ଟାଇମିଂ ହାସଲ କରିଥିଲେ।

**ଅନୁ ରାଣୀ:** ମହିଳା ଜାଭେଲିନ୍ ଥ୍ରୋୟର ଅନୁ ରାଣୀ ପ୍ରଥମ ଖେଳାଳି ଭାବରେ ଏକ ଏସିଆନ୍ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୧୪ରେ ବ୍ରୋଞ୍ଜ ପଦକ ଜିତିଥିବା ଅନୁ ଚମତ୍କାର ପ୍ରଦର୍ଶନ କରିବା ସହିତ ୬୨.୯୨ ମିଟର ସହିତ ମହିଳା ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

**ବ୍ୟାଡ୍‌ମିଣ୍ଟନ:** ବ୍ୟାଡମିଣ୍ଟନରେ ଭାରତ ଚଳିତ ସଂସ୍କରଣରେ ୩ଟି ପଦକ ହାସଲ କରିଥିଲା। ଏଚ୍.ଏସ୍. ପ୍ରଣୟ ପୁରୁଷ ସିଙ୍ଗଲ୍ସରେ ଓ ଚିରାଗ ସେଟ୍ଟୀ-ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ପଦକ ହାସଲ କରି ଇତିହାସ ରଚିଥିଲେ। ୪୧ ବର୍ଷ ପରେ ପ୍ରଣୟ ଏକ ରୌପ୍ୟ ପଦକ ଓ ଚିରାଗ ସେଟ୍ଟୀ-ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହା ସହିତ ୧୯୮୬ ପରେ ୩୭ ବର୍ଷ ପରେ ଭାରତୀୟ ପୁରୁଷ ଦଳ ଏକ ରୌପ୍ୟ ପଦକ ବିଜୟୀ ହୋଇଥିଲା।

**ଟେବୁଲ ଟେନିସ୍:** ଟେବୁଲ ଟେନିସ୍‌ରେ ଭାରତୀୟ ମହିଳା ଡବଲ୍ସ ଯୋଡି ଐତିହାସିକ ପଦକ ଜିତିଥିଲେ। ସୁତୀର୍ଥା ମୁଖାର୍ଜୀ ଓ ଆହିକା ମୁଖାର୍ଜୀ ଭାରତ ପାଇଁ ଟେବୁଲ ଟେନିସ୍‌ର ମହିଳା ଇଭେଣ୍ଟରେ ପ୍ରଥମ ପଦକ ଜିତିଲେ।

**ଶୁଟିଂ:** ଭାରତୀୟ ଶୁଟର ମାନେ ଏସିଆନ୍ ଗେମ୍ସରେ ସମୁଦାୟ ୨୨ ପଦକ ଜିତିବାରେ ସମର୍ଥ ହୋଇଥିଲେ। ପ୍ରଥମ ଥର ଭାରତୀୟ ମହିଳା ସ୍କିଟ୍ ଟିମ୍ ଏକ ରୌପ୍ୟ ପଦକ ହାସଲ କରିଥିଲା। ମନୀଷା ରଜକ, ରାଜେଶ୍ୱରୀ କୁମାରୀ ଓ ପ୍ରୀତି ରଜକଙ୍କ ଦଳ ଏହି ପଦକ ବିଜୟୀ ହୋଇଥିଲା। ଅନନ୍ତଜିତ୍ ସିଂ ନାରୁକା ପ୍ରଥମ ଭାରତୀୟ ଖେଳାଳି ଭାବେ ସ୍କିଟ୍ ବ୍ୟକ୍ତିଗତ ବର୍ଗରେ ଏକ ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଥିଲା। ଯୁବ ଭାରତୀୟ ଖେଳାଳି ସିଫ୍ଟ କୌର ସାମ୍ରା ୫୦ ମିଟର ରାଇଫଲ୍ ଥ୍ରୀ ପୋଜିସନରେ ବିଶ୍ୱ ରେକର୍ଡ ସ୍କୋର ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।



ପାରୁଲ ଚୌଧାରୀ

**କାନୋଇଂ:** ଭାରତର ଅର୍ଜୁନ୍ ସିଂ ଜାଟ୍ ଓ ସୁନୀଲ ସିଂ ସଲାମ ପୁରୁଷ ଡବଲ୍ସ ୧୦୦୦ ମିଟର ଇଭେଣ୍ଟରେ ଐତିହାସିକ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଶେଷ ଥର ପାଇଁ ୧୯୯୪ରେ ସିଜି ସଦାନନ୍ଦନ ଓ ଜନି ରୋମ୍ମେଲ ଭାରତ ପାଇଁ ସମାନ ଇଭେଣ୍ଟରେ ଏକ ପଦକ ବିଜୟୀ ହୋଇଥିଲେ।

**ଆର୍ଚେରି:** ଆର୍ଚେରୀର କମ୍ପାଉଣ୍ଡ ଇଭେଣ୍ଟରେ ଭାରତୀୟ ଖେଳାଳି ମାନେ ସ୍ୱର୍ଣ୍ଣ ପଦକ ପୋଛି ନେଇଥିବା ବେଳେ ଅଲିମ୍ପିକ୍ସ ଇଭେଣ୍ଟ ରିକର୍ଭରେ ୧୩ ବର୍ଷର ବ୍ୟବଧାନରେ ପୁରୁଷ ଦଳ ରୌପ୍ୟ ଓ ମହିଳା ଦଳ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ତେବେ ବ୍ୟକ୍ତିଗତ ଇଭେଣ୍ଟରେ ଭାରତୀୟ ଆର୍ଚରଙ୍କୁ ନିରାଶ ହେବାକୁ ପଡିଥିଲା।

**ଇକ୍ୱେଷ୍ଟ୍ରିଆନ୍:** ଇକ୍ୱେଷ୍ଟ୍ରିଆନ୍ ବା ଅଶ୍ୱଚାଳନାର ଡ୍ରେସେଜ୍ ଟିମ୍ ଇଭେଣ୍ଟରେ ଭାରତ ସ୍ୱର୍ଣ୍ଣ ପଦକ ଜିତିଥିଲା। ୪୧ ବର୍ଷରେ ସୁଦୀପ୍ତି ହାଜେଲା, ଦିବ୍ୟାକ୍ରିତି ସିଂ, ବିପୁଲ ହ୍ରିଦୟ ଛେଡାଓ ଅନୁଶ ଅଗ୍ରଓ୍ୱାଲାଙ୍କ ଦଳ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଡ୍ରେସେଜ ବ୍ୟକ୍ତିଗତ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିଲେ ଅନୁଷ ଅଗ୍ରଓ୍ୱାଲା।

**ସେଲିଂ:** ଭାରତୀୟ ସେଲର ବିଷ୍ଣୁ ସର୍ବାନନ ଆଇଏଲସିଏ-୭ ଇଭେଣ୍ଟରେ ଦେଶ ପାଇଁ ପ୍ରଥମ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ।

**ସିପକ୍‌ଟାକ୍ର:** ସିପକ୍‌ଟାକ୍ର ଇଭେଣ୍ଟରେ ଭାରତ ଏହାର ପ୍ରଥମ ପଦକ ହାଙ୍ଗଝୋରେ ଜିତିଥିଲା। ରେଗୁ ଇଭେଣ୍ଟରେ ମହିଳା ଦଳ ଏହି ସଫଳତା ହାସଲ କରିଥିଲା।

**ଗଲ୍ଫ:** ଭାରତୀୟ ମହିଳା ଗଲ୍ଫର ଅଦିତି ଅଶୋକ ପ୍ରଥମ ମହିଳା ଖେଳାଳି ଭାବରେ ଏକ ରୌପ୍ୟ ପଦକ ଜିତିଥିଲେ। ସ୍ୱର୍ଣ୍ଣ ଦୌଡରେ ଆଗୁଆ ରହିଥିଲେ ମଧ୍ୟ ଶେଷ ଆଡକୁ ଚାପର ଶିକାର ହୋଇ ଅଦିତି ଅଳ୍ପକେ ସ୍ୱର୍ଣ୍ଣରୁ ବଞ୍ଚିତ ହୋଇଥିଲେ।

# ଖୋର୍ଦ୍ଧା ଜିଲା ଚେସ୍ ୧୪ରୁ

**ଭୁବନେଶ୍ୱର, ୯।୧୦ (ତପନ ସ୍ୱାଇଁ)**

ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଚେସ୍ ଚାମ୍ପିୟନଶିପ୍ ଚଳିତ ମାସ ୧୪ ଓ ୧୫ ତାରିଖ ଦୁଇଦିନ ଧରି କିଟ୍ ବିଶ୍ୱବିଦ୍ୟାଳୟର ବିଶ୍ୱନାଥନ୍ ଆନନ୍ଦ ଅନ୍ତର୍ଜାତୀୟ ଚେସ୍ ହଲ୍‌ରେ ଅନୁଷ୍ଠିତ ହେବ। ୭ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ କେବଳ ଖୋର୍ଦ୍ଧା ଜିଲାର ଚେସ୍ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଚାମ୍ପିୟନଶିପର ୩୭ ବିଜେତାଙ୍କ ପାଇଁ ମୋଟ ୧୪ ହଜାର ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଏହା ମଧ୍ୟରେ ଶୀର୍ଷ ୧୫ ଖେଳାଳିଙ୍କ ସମେତ ଶ୍ରେଷ୍ଠ ୨ ଜଣ ଲେଖାଏ ମହିଳା, ଭେଟେରାନ, ମାନସିକ ଅନଗ୍ରସର ଏବଂ ୫, ୬, ୭, ୮, ୯, ୧୦, ୧୧ ଓ ୧୩ ବର୍ଷରୁ କମ୍ ବର୍ଗର ଖେଳାଳି ସାମିଲ। ପୁରସ୍କାର ଆକାରରେ ମୋଟ ୮୩ଟି ଟ୍ରଫି ପ୍ରଦାନ କରାଯିବ। ଚାମ୍ପିୟନଙ୍କୁ ଟ୍ରଫି ସହ ୭୦୦୦ ଓ ରନରଅପ୍‌ଙ୍କୁ ୫୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ। ପ୍ରତିଯୋଗିତା ପାଇଁ ୪୦୦ ଟଙ୍କାର ଏଣ୍ଟ୍ରି ଫି' ଧାର୍ଯ୍ୟ କରାଯାଇଛି ବୋଲି ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଅଂଶଗ୍ରହଣ ପାଇଁ ଆଗ୍ରହୀ ଖେଳାଳିମାନେ ଶୁଭାଶିଷ ଏବଂ ଆସୋସିଏଶନର ଯୁଗ୍ମ ସମ୍ପାଦକ ସରୋଜ ବେହେରାଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

# ସ୍ପିନ୍ ଖେଳିବାକୁ ନେଇ ଚିନ୍ତାରେ ପାକିସ୍ତାନ

**ହାଇଦ୍ରାବାଦ,୯।୧୦(ପି.ଟି.):** ଦିନିକିଆ ବିଶ୍ୱକପ୍‌ରେ ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚରେ ବିଜୟୀ ହୋଇଥିଲେ ମଧ୍ୟ ଏହାର ବ୍ୟାଟିଂ ଦୁର୍ବଳତା ପଦାରେ ପଡିଥିଲା। ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍ ପୂର୍ବରୁ ସ୍ପିନ ଖେଳିବାକୁ ନେଇ ଚିନ୍ତାରେ ରହିଛି ଦଳ। ନେଦରଲାଣ୍ଡ୍ସର ଅନଭିଜ୍ଞ ସ୍ପିନର ଯେଉଁଭଳି ଭାବରେ ପାକିସ୍ତାନ ବ୍ୟାଟରଙ୍କୁ ଅସୁବିଧାରେ ପକାଇଥିଲେ ଏହାକୁ ଦୃଷ୍ଟିରେ ରଖିଲେ ଶ୍ରୀଲଙ୍କା ଦୃଢ଼ ସ୍ଥିତିରେ ନଜର ଆସୁଛି। ସାଧାରଣତଃ ପାକିସ୍ତାନ ଦଳ ସ୍ପିନ୍‌କୁ ଭଲ ଖେଳିଥାଏ। ମାତ୍ର ବାବର ଆଜମଙ୍କ ଦଳ କ୍ୱାଲିଟି ସ୍ପିନ ଆକ୍ରମଣ ବିପକ୍ଷରେ ସଂଘର୍ଷ କରୁଥିବାର ଦେଖିବାକୁ ମିଳୁଛି। ଶ୍ରୀଲଙ୍କା ସ୍ପିନର ଦିଲ୍ଲୀରେ ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚରେ ସାମାନ୍ୟ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଅନ୍ୟପକ୍ଷରେ ପାକିସ୍ତାନ ବିଗତ ୧୦ ଦିନ ହେବ ହାଇଦ୍ରାବାଦରେ ଅବସ୍ଥାନ କରୁଛି। ଉଭୟ ଅଭ୍ୟାସ ମ୍ୟାଚ୍ ସହିତ ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚ୍ ମଧ୍ୟ ଦଳ ରାଜୀବ ଗାନ୍ଧୀ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ଖେଳି ସାରିଛି।

# ଆଫଗାନିସ୍ତାନ ମ୍ୟାଚ୍‌ରୁ ବାଦ୍‌ପଡ଼ିଲେ ଗିଲ୍

**ନୂଆଦିଲ୍ଲୀ,୯।୧୦**

ଭାରତୀୟ କ୍ରିକେଟ ଦଳର ଓପନିଙ୍ଗ ବ୍ୟାଟର ଶୁବମନ ଗିଲ୍ ବିଶ୍ୱକପର ଦ୍ୱିତୀୟ ମ୍ୟାଚ୍‌ରୁ ବାଦ ପଡିଛନ୍ତି। ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଗିଲ୍ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ମ୍ୟାଚ୍‌ରୁ ମଧ୍ୟ ବାଦ ପଡିଥିଲେ। ୧୧ ତାରିଖରେ ଆଫଗାନିସ୍ତାନ ବିପକ୍ଷ ମ୍ୟାଚ ଖେଳିବା ପାଇଁ ଭାରତୀୟ ଦଳ ଦିଲ୍ଲୀରେ ପହଞ୍ଚିଥିବା ବେଳେ ଗିଲ୍ ଚେନ୍ନାଇରେ ରହିଛନ୍ତି। ଫଳରେ ସେ ଦ୍ୱିତୀୟ ବିଶ୍ୱକପ ମ୍ୟାଚ୍ ମିସ୍ କରିବା ସ୍ପଷ୍ଟ ହୋଇଛି। ବର୍ତ୍ତମାନ ଗିଲ୍ ଚେନ୍ନାଇରେ ବିସିସିଆଇର ମେଡିକାଲ୍ ଟିମ୍ ତତ୍ତ୍ୱାବଧାନରେ ଚିକିତ୍ସିତ ହେଉଛନ୍ତି। ୧୪ ତାରିଖରେ ହେବାକୁ ଥିବା ପାକିସ୍ତାନ ବିପକ୍ଷ ମ୍ୟାଚ୍ ପୂର୍ବରୁ ଗିଲ୍ ଫିଟ୍ ହେବା ନେଇ ଅନୁମାନ କରାଯାଉଛି। ୨୦୨୩ରେ ଗିଲ୍ ଭାରତ ପାଇଁ ୧୨୩୦ ରନ୍ ସ୍କୋର କରିଥିବା ବେଳେ ତାଙ୍କର ଆଭରେଜ୍ ୭୨ ରହିଛି।

# ଭର୍ଷ୍ଟାପେନ୍‌ଙ୍କ ୧୪ତମ ବିଜୟ



ଟ୍ରଫି ସହ ମାକ୍ସ ଭର୍ଷ୍ଟାପେନ୍।

**ଲୋସେଲ(କାତାର), ୯।୧୦(ଏପି)**

ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ପୁଣି ଫର୍ମୁଲା ୱାନ ଚାମ୍ପିୟନ ହୋଇଛନ୍ତି। ରବିବାର ସେ କାତାର ଗ୍ରାଁପ୍ରି ଜିତିଛନ୍ତି। ୨୦୨୩ ସିଜନରେ ଏହା ହେଉଛି ତାଙ୍କର ୧୪ତମ ଗ୍ରାଁପ୍ରି ବିଜୟ। ଶନିବାର ଅନୁଷ୍ଠିତ ସ୍ପ୍ରିଣ୍ଟ ରେସ୍‌ରେ ସେ ତାଙ୍କର ତୃତୀୟ ଟାଇଟଲ ହାସଲ କରିସାରିଥିଲେ। ରେଡ୍‌ବୁଲ ଡ୍ରାଇଭର ପୋଲ୍ ପୋଜିଶନରୁ ରେସ୍ ଆରମ୍ଭ କରିଥିଲେ। ପ୍ରଥମ କର୍ନରରେ ମର୍ସିଡିଜ୍‌ର ଦୁଇ ଡ୍ରାଇଭର ଲୁଇସ୍ ହାମିଲଟନ ଓ ଜର୍ଜ ରସେଲଙ୍କ ମଧ୍ୟରେ ସଂଘର୍ଷ ଘଟିବା ପରେ ଭର୍ଷ୍ଟାପେନ୍‌ଙ୍କ ପାଇଁ ବିଜୟ ପଥ ସହଜ ହୋଇଯାଇଥିଲା। ମ୍ୟାକଲରେନର ଓସ୍କାର ପିଆଷ୍ଟ୍ରି ଓ ଲାଣ୍ଡୋ ନୋରିସ ଯଥାକ୍ରମେ ପଛକୁ ପଛ ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଦୁଇ ସପ୍ତାହ ପୂର୍ବେ ଜାପାନିଜ ଗ୍ରାଁପ୍ରିରେ କ୍ୟାରିୟରର ପ୍ରଥମ ପୋଡିୟମ ଫିନିଶ କରିଥିବା ଅଷ୍ଟ୍ରେଲିଆର ସ୍ୱଳ୍ପ ବୟସ୍କ ଡ୍ରାଇଭର ପିଆଷ୍ଟ୍ରି ଏଠାରେ ମଧ୍ୟ ଭଲ ପ୍ରଦର୍ଶନ କରାଇଥିଲେ। ଶନିବାର ସେ କାତାର ସ୍ପ୍ରିଣ୍ଟ ରେସ୍‌ରେ ବିଜୟ ଲାଭ କରିଥିଲେ, ଯେଉଁଥିରେ ଭର୍ଷ୍ଟାପେନ୍ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ମଧ୍ୟ ଚଳିତ ସିଜନର ଟାଇଟଲ ବିଜୟୀ ହୋଇଥିଲେ। ଚଳିତ ସିଜନରେ ଆଉ ଦୁଇଟି ରେସ୍ ୟୁନାଇଟେଡ୍ ଷ୍ଟେଟ୍ସ ଗ୍ରାଁ ପ୍ରି (ଅକ୍ଟୋବର ୨୦-୨୨) ଓ ମେକ୍ସିକାନ ଗ୍ରାଁ ପ୍ରି (ଅକ୍ଟୋବର ୨୭-୨୯) ବାକି ରହିଛି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ